RNI NO- ODIMUL/2021/81299 Postal Regd. No: DKL-033/2023-25 ISSN-2583-6978

Volume-4 Issue-11 NOVMBER-2024 Rs.- 50

ସମୀକ୍ଷା ସମୃଦ୍ଧ

# ଅଗ୍ନିରୂପା

ଆମ ଜାତିର ଉଚ୍ଛ୍ୱାସ

Agniroopa



# ଅଗ୍ନିରୂପା

## ଜରୁରୀ ସୂଚନା

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି; ତ୍ରିଭାଷୀ (ଓଡ଼ିଆ, ହିନ୍ଦୀ, ଇଂରାଜୀ) ମାସିକ ସାହିତ୍ୟ ପତ୍ରିକା 'ଅଗ୍ନିରୂପା' , ISSN - 2583-6978, ଏବଂ RNI NO- ODIMUL/2021/81299 ଆଗାମୀ ମଇ ସଂଖ୍ୟାଠାରୁ କେବଳ ପ୍ରବନ୍ଧ ଏବଂ ସମାଲୋଚନାକୈନ୍ଦ୍ରିକ (Peer Reviewed Journal) ପିୟର ରିଭ୍ୟୁଡ୍ ପତ୍ରିକା ଭାବରେ ପ୍ରକାଶ କରିବାକୁ ମନସ୍ଥ କରିଛୁ । ଏଥିପାଇଁ ଆମର ସମ୍ପାଦନା ମଣ୍ଡଳୀ ଏବଂ ଉପଦେଷ୍ଟାମଣ୍ଡଳୀ ସହିତ ପରାମର୍ଶ କରାଯାଇଛି । ତେଣୁ ଓଡ଼ିଆ ସାହିତ୍ୟରେ, ବିଶେଷ କରି ସମାଲୋଚନା ଲିଖନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଉତ୍ତୁଙ୍ଗ ପ୍ରତିଭାମାନଙ୍କୁ ବୋର୍ଡ ଅଫ୍ ପିୟର୍ ର ସଦସ୍ୟ ଭାବରେ ଗ୍ରହଣ କରିବା ପାଇଁ ଆମେ ଆହ୍ୱାନ କରୁଛୁ । ଯଥାଶୀଘ୍ର ଆବେଦନ କରିବାକୁ ଆପଣମାନଙ୍କୁ ବିନମ୍ର ଅନୁରୋଧ ।

ସମ୍ପାଦକ

ଅଗ୍ନିରୂପା , ମାସିକ ବହୁଭାଷୀ ସାହିତ୍ୟ ପତ୍ରିକା

୮୩୩୯୯୨୩୩୫୪
୯୪୩୮୨୫୫୭୮୮ ହ୍ୱାଟ୍ସଆପ୍ ନମ୍ବର କିମ୍ବା
arun.samaja@gmail.com ରେ ପଠାନ୍ତୁ ।

SCAN TO HELP

ଧନ୍ୟବାଦ




**ନଭେମ୍ବର, ୨୦୨୪**

**ଚତୁର୍ଥ ବର୍ଷ, ସଂଖ୍ୟା ୧୧**



**ସମ୍ପାଦକ**

ଅରୁଣ କୁମାର ପ୍ରଧାନ

**ସହ ସମ୍ପାଦିକା**

ପ୍ରଜ୍ଞା ମହାନ୍ତି

ସୁଜାତା ଗିରି

**ସମ୍ପାଦନା ମଣ୍ଡଳୀ**

ଡ. ସୁମନ୍ତ ନାଏକ
ଡ. ପ୍ରତୀଚୀ ନନ୍ଦ
ଜ୍ୟୋତ୍ସ୍ନାରାଣୀ କର
ଡ. ପ୍ରିୟଙ୍କା ମହାନ୍ତି
ରିଚାଟ୍ ମୀରା ସାହୁ



**ଠିକଣା:**

**ଶ୍ରୀ ଅରୁଣ କୁମାର ପ୍ରଧାନ**
ଡେରା, ତାଳଚେର, ଅନୁଗୋଳ, ଓଡ଼ିଶା- ୭୫୯୧୦୩
ମୋ: ୯୪୩୮୨୫୫୭୮୮



ମୂଲ୍ୟ: ୩୦୦/-



**ସମୀକ୍ଷକ ମଣ୍ଡଳୀ**

ଅବସରପ୍ରାପ୍ତ ପ୍ରଫେସର କଇଳାଶ ପଟ୍ଟନାୟକ
ପ୍ରଫେସର ବବ୍ରୁବାହନ ମହାପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଡ. ବେଣୁଧର ପାଢ଼ୀ
ଅବସରପ୍ରାପ୍ତ ସହକାରୀ ପ୍ରଫେସର ରୁଦ୍ରାଣୀ ମହାନ୍ତି
ସହକାରୀ ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା
ସହକାରୀ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ
ସହକାରୀ ପ୍ରଫେସର ଡ. ସମୀର ଭୋଇ



**AGNIROOPA**

Monthly Multilingual Referred
Peer Review Magazine

Founder, Editor

Arun Kumar Pradhan (Journalist)

Published by: Arun Kumar Pradhan

Printed at M/S Shree Press. Angul



Arun Kumar Pradhan

Dera, Talcher, Angul,

Odisha- 759103

Mob: 9438255788,8339923354

Email id: arun.samaja@gmail.com



Price :Rs.300/-

# ସୂଚୀପତ୍ର


| | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକଙ୍କ କଲମରୁ... | ଅରୁଣ ପ୍ରଧାନ | ୦୩ |
| ୨. | ବଳରାମ ଦାସଙ୍କ ଲକ୍ଷ୍ମୀପୂରାଣ ଅବଲମ୍ବନରେ  ନାରୀ ପ୍ରତିବାଦର ଭିନ୍ନ ସ୍ୱର | ବିଦ୍ୟୁତ ଲତା ପ୍ରଧାନ | ୦୪ |
| ୩. | ବିସ୍ଥାପିତ ମଣିଷର ମରମ କଥା: କୁମାର ହସନଙ୍କ ବୁଡି ଅଞ୍ଚଳ | ଗବେଷକ ପ୍ରଭାସ ଚନ୍ଦ୍ର ଟୋଲଟିଆ | ୧୫ |
| ୪. | କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଗଳ୍ପରେ ଗ୍ରାମ୍ୟ ଜୀବନର ଚିତ୍ର | ଗବେଷକ ଅଭିମନ୍ୟୁ ସାହୁ | ୨୧ |
| ୫. | କୃପାସାଗର ସାହୁଙ୍କ ଶେଷ ଶରତରେ ଚିଲିକାର ଅବକ୍ଷୟ ରୂପ | ଗବେଷିକା ଗୋଦାବରୀ ବାରିକ | ୨୬ |
| ୬. | ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପରେ ମାନବେତର ଚରିତ୍ର | ସୁନୀଲ ସେଠୀ | ୩୦ |
| ୭. | ଓଡ଼ିଆ ଉପନ୍ୟାସ ପ୍ରେକ୍ଷାପଟରେ ଅସ୍ମିତାର ପଦଧ୍ୱନି | ଡକ୍ଟର ଅମରେଶ ସେନାପତି | ୩୪ |
| ୮. | ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ "ଘୋଡ଼ାନାଚ" | ମେଘମାଳା ଦାସ | ୩୭ |
| ୯. | ମୋନାଲିସା ମିଶ୍ରଙ୍କ 'କେତେଦୂର କୃଷ୍ଣଚୂଡ଼ା'ରେ ସାମାଜିକ ଦାୟବଦ୍ଧତା | କୌଶଲ୍ୟା ପ୍ରଧାନ | ୪୦ |
| ୧୦. | ଗୌରହରିଙ୍କ ଉପନ୍ୟାସରେ ବାମାବାଦୀ ସ୍ୱର | ଦୀପ୍ତିମୟୀ ସାହୁ | ୪୩ |




# ସମ୍ପାଦକଙ୍କ କଲମରୁ...



ସମୟ ଦେଖାଯାଏନି କିନ୍ତୁ ବହୁତ କିଛି ଦେଖାଇଦିଏ । ଆମକୁ ମଧ୍ୟ ସମୟ ବହୁତ କିଛି ଶିଖାଇ ଦେଇଛି **ଅଗ୍ନିରୂପା** ମାଧ୍ୟମରେ । କେତେବେଳେ ନିରାସ କରିଛି । ବିଷାଦରେ ଭରି ଯାଇଛି ମନ । ମାତ୍ର **ଅଗ୍ନିରୂପା**ର ସ୍ପର୍ଷ ମାତ୍ରେ ଆନନ୍ଦରେ ଉତ୍‌ଫୁଲ୍ଲିତ ହାଇଛି ମନ, ପ୍ରାଣ, ଶରୀର । ଲେଖା ମାଧ୍ୟମରେ ଆମ ସହ ଯୋଡ଼ି ହୋଇଛନ୍ତି ବହୁ ସୁନାମଧନ୍ୟ ବରେଣ୍ୟ ବ୍ୟକ୍ତି ବିଶେଷ । ବହୁ ନୀରବ ସାଧକ ସାଧିକା ଯାହାଙ୍କୁ ସାଧାରଣ ଭାବରେ ସାକ୍ଷାତ କରିବା ଦୁରୂହ । ପତ୍ରିକାଟିଏ କିଣିନେଇ ପଢି ବହି ଥାକରେ ସାଇତି ଦେବା ଯେତିକି ସହଜ ତା' ସୃଷ୍ଟି ପାଇଁ କେବେ ଯେ ଅତନ୍ଦ୍ର ରଜନୀ ପାହି ଭୋର ହୋଇଯାଏ ଜାଣି ହୁଏନା । ପତ୍ରିକାଟିଏ ଛପାଇବା, ଲେଖା ସଂଗ୍ରହ କରିବା, ଡିଟିପି କରିବାଠାରୁ ପୋଷ୍ଟ କରିବା ପର୍ଯ୍ୟନ୍ତ କେତେ ଯେ ପରିଶ୍ରମ ତାହା ଅନୁଭବର କଥା । ସେଥିପାଇଁ **ଅଗ୍ନିରୂପା**କୁ କେହି ପ୍ରଶଂସା କରି ଦୁଇପଦ କହିଲେ ବା ଲେଖିଦେଲେ ଆଖି ଓଦା ହୋଇଯାଏ । ନବ ଉନ୍ମେଷଟିକୁ କୋଳାଇ ନେଇ ମା' କଷ୍ଟ ଅଲିପଲାର ଅନୁଭୂତି ଅପ୍ଲୁତ କରିରଖେ ।

ପୂଜା ସଂଖ୍ୟାଟି ପାଠକୀୟ ଆଦୃତି ଲଭିଥିବାରୁ ଆମେ ପାଠକ ଏବଂ ଲେଖକଙ୍କ ପାଖରେ ଋଣୀ । ଭଲପାଇବା ଜାରି ରହୁ ବିନମ୍ରତା ପୂର୍ବକ ଏହି କାମନା ସହ....

**ବିନମ୍ରତା ସହ**
**ଅରୁଣ ପ୍ରଧାନ**

# ବଳରାମ ଦାସଙ୍କ ଲକ୍ଷ୍ମୀପୂରାଣ ଅବଲମ୍ବନରେ ନାରୀ ପ୍ରତିବାଦର ଭିନ୍ନ ସ୍ୱର



ISSN-2583-6978
Volume-5
Issue-11
NOVEMBER-2024

**ବିଦ୍ୟୁତ ଲତା ପ୍ରଧାନ**

**ଗବେଷିକା, ଉତ୍କଳ ବିଶ୍ୱବିଦ୍ୟାଳୟ**

ସାହିତ୍ୟ, ସମାଜ ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସମୟ କାଳଖଣ୍ଡର ବିଭିନ୍ନ ସମୟରେ ଘଟୁଥିବା ଘଟଣାବଳୀର ଅବିକଳ ଚିତ୍ର ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ ଜୀବନର ପ୍ରତିଫଳନ ସାହିତ୍ୟ ରୂପରେ ପ୍ରକାଶ ପାଇଥାଏ। ଏ ସବୁର ମୂକସାକ୍ଷୀ ରୂପରେ ବିଭିନ୍ନ ସମୟରେ ସମାଜରେ ଘଟୁଥିବା ଘଟଣାବଳୀକୁ ସମକାଳୀନ ରଚୟିତାମାନେ ନିଜର କାବ୍ୟ,କବିତା ପୁରାଣ ତଥା କଥା ମାଧ୍ୟମରେ ଆଗାମୀ ପିଢ଼ି ନିମନ୍ତେ ଅମୂଲ୍ୟ ଉପହାର ସ୍ୱରୂପ ଛାଡ଼ି ଯାଇଛନ୍ତି। ପ୍ରାଚୀନ ସାହିତ୍ୟର ଦୃଢ଼ ଭିତ୍ତିଭୂମି ଉପରେ ଆଧାରିତ ବିଭିନ୍ନ ସାହିତ୍ୟରେ ଗଢ଼ି ଉଠିଥିବା ଆଧୁନିକ ସାହିତ୍ୟର ବିଶାଳ ସୁଦୃଢ଼୍ୟ ସୌଧ ଭାରତରେ ଭିନ୍ନ ଭିନ୍ନ ସମୟରେ ରାଜତ୍ୱ କରିଥିବା ସୁଦୂର ବିଦେଶୀ ଶାସକମାନଙ୍କର ଭାଷା, ଆଚାର ବ୍ୟବହାର, ଶିକ୍ଷା ଇତ୍ୟାଦିର ପ୍ରତିଫଳନର ସ୍ପଷ୍ଟ ଚିତ୍ର ବିଭିନ୍ନ ଭାଷା ଓ ପ୍ରାନ୍ତରର ସାହିତ୍ୟରେ ଦେଖା ଯାଇଥାଏ। ତେଣୁ ଯେ କୌଣସି ଜାତିର ଜୀବନଶୈଳୀ, ଆଚରଣ, ନୀତି,ଆଦର୍ଶ ଅନୁଧ୍ୟାନ କରିବାକୁ ହେଲେ ସମକାଳୀନ ତଥା ପୂର୍ବ ରଚୟିତା ମାନଙ୍କର ରଚନାବଳୀର ଗଭୀର ଅଧ୍ୟୟନର ଆବଶ୍ୟକତା ରହିଛି।

**ବଳରାମ ଦାସଙ୍କ ଜୀବନୀ:**

ପ୍ରାଚୀନ ଓଡ଼ିଆ ସାହିତ୍ୟର ଆଦ୍ୟସ୍ରଷ୍ଟା ପ୍ରଚାର, ପ୍ରସାର ଅବଦାନ କ୍ଷେତ୍ରରେ ବଳରାମ ଦାସଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତତ୍ତ୍ୱମୂଳକ ଗ୍ରନ୍ଥ ରଚନାରେ ବଳରାମ ଦାସ ସିଦ୍ଧହସ୍ତ ଥିଲେ। ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀ ସୋମନାଥ ମହାପାତ୍ରଙ୍କର ସେ ପୁତ୍ର ଥିଲେ ବୋଲି ତାଙ୍କର କାବ୍ୟ ରଚନାରୁ ଜଣାପଡ଼େ।

ମହାମନ୍ତ୍ରିବର  ସୋମନାଥ ମହାପାତ୍ର
ବଳରାମ ଦାସ ମୁଁ ଯେ ତାହାଙ୍କର ପୁତ୍ର।
(ଲଙ୍କାକାଣ୍ଡ) ରାମାୟଣ

୧୫ଶ ଓ ୧୬ଶ ଶତାବ୍ଦୀ କପିଳେନ୍ଦ୍ର ଦେବଙ୍କ ସିଂହାସନ ଆରୋହଣ ଦିନଠାରୁ (୧୪୩୫) ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପର୍ଯ୍ୟନ୍ତ (୧୫୩୮) ପ୍ରାୟ ଏକଶତ ବର୍ଷ ଧରି ଐତିହାସିକ ସମୟର ବର୍ଣ୍ଣନା, ସାମାଜିକ ରୀତିନୀତି, ସାଂସ୍କୃତିକ ଜୀବନ ବର୍ଣ୍ଣନା ଇତ୍ୟାଦି ବଳରାମ ଦାସଙ୍କର କାବ୍ୟ କବିତାରେ ପ୍ରକାଶ ପାଇଥାଏ। ସାରଳା ଦାସ ତାଙ୍କ ରଚିତ ମହାକାବ୍ୟ ମହାଭାରତକୁ ପୌରାଣିକ ଶୈଳୀରେ ବର୍ଣ୍ଣନା କରି ଓଡ଼ିଆ ସାହିତ୍ୟରେ ଏକ ନୂତନ ଅଧ୍ୟାୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଚାରିଜଣ ସିଦ୍ଧ ସାହିତ୍ୟ ରଚୟିତା ଓ ବଳରାମ ଦାସ ମିଶି ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ସମ୍ୱଳିତ ରଚନାବଳୀ ଓ ପୁରାଣ ସାହିତ୍ୟ ରଚନା କରିଥିଲେ। ସେମାନେ ହେଲେ ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଶିଶୁ ଅନନ୍ତ ଦାସ ଏବଂ ବଳରାମ ଦାସ ଏମାନଙ୍କ ମଧ୍ୟରେ, ବୟୋଜ୍ୟେଷ୍ଠ ଥିଲେ। ଏହି ପାଞ୍ଚ ଜଣ ସିଦ୍ଧ ସାହିତ୍ୟ ସ୍ରଷ୍ଟା ପଞ୍ଚସଖା ନାମରେ ପରିଚିତ ଥିଲେ। ତତ୍‌କାଳୀନ ରକ୍ଷଣଶୀଳ ସମାଜରେ ପ୍ରଚଳିତ ଥିବା କୁସଂସ୍କାର, ରୀତିନୀତି, ଅନ୍ଧବିଶ୍ୱାସ, ଅନ୍ୟାୟ ଅତ୍ୟାଚାର ଓ ଜାତିପ୍ରଥା ବିରୁଦ୍ଧରେ ବଳରାମ ଦାସଙ୍କ ରଚନାକୃତି ମଧ୍ୟରେ ବିଦ୍ରୋହ ଓ ସମାଜ ସଂସ୍କାରର ଦୃଢ଼ ଶାଣିତ ସ୍ୱର ପ୍ରକାଶ ପାଇଥାଏ।

ମହାକବି ବଳରାମ ଦାସ ଶୂଦ୍ରକୂଳରେ ଜନ୍ମଗ୍ରହଣ କରିଥିଲେ ବୋଲି ତାଙ୍କ ରଚନାରେ ଉଲ୍ଲେଖ ଅଛି।

ମୁହିଁ ହୀନ ପାପୀ ବିଶେଷ ଶୂଦ୍ର ଯୋନି।
(ଲଙ୍କା କାଣ୍ଡ, ରାମାୟଣ)
ତୁ ସୋମନାଥ ଶୂଦ୍ର ସୁତ, ତୁ କହୁ ବେଦାନ୍ତ ରଚିତ।

(ଗୁପ୍ତ ଗୀତା)

ବଳରାମ ଦାସଙ୍କ ମାତାଙ୍କ ନାମ ଯମୁନା ଦେବୀ ବା ମାୟାଦେବୀ ଥିଲା। ବଳରାମ ଦାସଙ୍କ ବାସ ସ୍ଥାନ ପୁରୀ ଥିଲା ବୋଲି 'ଦାଢ଼୍ୟତାଭକ୍ତି'ରେ ବଳରାମ ଦାସଙ୍କ ପସଙ୍ଗରେ କବି ରାମଦାସ ଲେଖିଛନ୍ତି-

ଭକତ ଜନ ମଧ୍ୟେ ସାର ମହିମା ଅପାରୁ ଅପାର।
ନାମ ତା ବଳରାମ ଦାସ ମହନ୍ତ ସୋମନାଥ ଶିଷ୍ୟ।
ପୁରୁଷୋତ୍ତମେ ତାର ଘର କୁଟୁମ୍ବ ଗେନି ନିରନ୍ତର।
ଉତ୍ତମ ଜନେ ଆଶ୍ରେ କରି ନିତି ବୁଲଇ ଭିକ୍ଷା କରି।
(ଦାଢ଼୍ୟତା ଭକ୍ତି)

ବଳରାମ ଦାସଙ୍କର ପିତା ବିଷ୍ଣୁ ଭକ୍ତ ଥିଲେ।

ତେଣୁ ଧର୍ମୀୟ ଭାବନା ଦୃଷ୍ଟିକୋଣରୁ ବଳରାମ ଦାସଙ୍କ ଉପରେ ପିତାମାତାଙ୍କର ଗଭୀର ପ୍ରଭାବ ପିଲାଦିନରୁ ପଡ଼ିଥିଲା।

ସୋମନାଥ ମହାପାତ୍ର କୋଳେ ହୋଇଲି ସମ୍ଭୁତ।
ଯହୁଁ ପିତା ମୋର ବିଷ୍ଣୁରେ ଭକତ।
ତେଣୁ ଜଗନ୍ନାଥ ଦୟା ମୋତେ କଲେ
ରାମାୟଣ ଗ୍ରନ୍ଥ ମୋ ମୁଖେ ବଖାଣିଲେ।
(ଲଙ୍କାକାଣ୍ଡ, ଦାଣ୍ଡି ରାମାୟଣ)

ଜଟିଳ ବେଦ ବେଦାନ୍ତ ପୁରାଣ ଶାସ୍ତ୍ର ଚର୍ଚ୍ଚା ଇତ୍ୟାଦି କ୍ଷେତ୍ରରେ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିଲା। ତେଣୁ ଜଟିଳ ବେଦାନ୍ତ ତତ୍ତ୍ୱକୁ ଶୂଦ୍ର ବଳରାମ ଦାସ ମହାରାଜା ପ୍ରତାପ ରୁଦ୍ର ଗଜପତିଙ୍କର (୧୭) ସତର ଅଙ୍କ ଅର୍ଥାତ୍ ଖ୍ରୀ: ୧୫୦୯-୧୦ରେ ମକର ମାସ ଶୁକ୍ଳପକ୍ଷ ଏକାଦଶୀ ଗୁରୁବାର ଦିନ ବ୍ରାହ୍ମଣ ବେଶରେ ମୁକ୍ତି ମଣ୍ଡପରେ ପଣ୍ଡିତମାନଙ୍କର ସଭାରେ ସରଳ ଭାବରେ ବ୍ୟାଖ୍ୟା କରିଥିବାରୁ ବ୍ରାହ୍ମଣମାନେ ବଳରାମ ଦାସଙ୍କୁ ଶୂଦ୍ର ବୋଲି କହି ଅପମାନ ଦେବା "ବେଦାନ୍ତ ସାର ଗୁପ୍ତ ଗୀତା"ରେ ବର୍ଣ୍ଣିତ ଅଛି।

ତା' ଶୁଣି ବିପ୍ରେ କଲେ କଳି
ବହୁତ ଦେଲେ ମୋତେ ଗାଳି
ତୁ ସୋମନାଥ ଶୂଦ୍ରସୂତ
ତୁ କହୁ ବେଦାନ୍ତ ରଚିତ
(ବେଦାନ୍ତସାର ଗୁପ୍ତଗୀତା)

ବଳରାମ ଦାସ ଅନ୍ୟ ବୈଷ୍ଣବମାନଙ୍କ ଭଳି ଜଣେ ସନ୍ଥ ମହାତ୍ମା ଥିଲେ। ତାଙ୍କର ପୁରୀ ଅବସ୍ଥାନ ସମୟରେ ଶ୍ରୀଚୈତନ୍ୟଙ୍କ ଭକ୍ତି ଆଦର୍ଶରେ ସେ ପ୍ରଭାବିତ ହୋଇଥିଲେ। ରାଜା ପ୍ରତାପରୁଦ୍ର ଦେବ ମଧ୍ୟ ବଳରାମ ଦାସଙ୍କୁ 'ପରମଗୁରୁ' ଭାବରେ ସମ୍ବୋଧନ କରୁଥିଲେ।

ବଳରାମ ଦାସଙ୍କର ଜନ୍ମ, ମୃତ୍ୟୁ, ରଚନାବଳୀ ଇତ୍ୟାଦି ସଂପର୍କରେ କୌଣସି ସଠିକ ତଥ୍ୟ ନଥିବାରୁ ଭିନ୍ନ ଭିନ୍ନ ଗବେଷକ ଏକମତ ନଥିବାର ଜଣାଯାଏ। ଡ. କୃଷ୍ଣ ପ୍ରସାଦ ସାହୁ ଅନୁମାନ କରିଛନ୍ତି ଯେ ବଳରାମ ଦାସ ଜୀବନର ଶେଷ ପର୍ଯ୍ୟାୟରେ କୌଣସି କାରଣରୁ ପୁରୀ ତ୍ୟାଗ କରି ସମୟେ ସମୟେ ଏବରଙ୍ଗ, ଯାମରା ପ୍ରଭୃତି ସ୍ଥାନରେ ରହି ଶେଷ ବୟସରେ ବେଗୁନିଆଁ ଗ୍ରାମରେ ସମାଧିସ୍ଥ ହୋଇଥିଲେ।

ବଳରାମ ଦାସଙ୍କ ରଚନାବଳୀ :

ପ୍ରତ୍ୟେକ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଲେଖକଙ୍କର ରଚନାବଳୀ ସଂପର୍କରେ ମୂଳ ଲେଖକଙ୍କ ନାମ ପ୍ରକାଶ ସମୟରେ ଭିନ୍ନ ଭିନ୍ନ ମତଭେଦ ଦେଖାଯାଇଥାଏ। ବଳରାମ ଦାସଙ୍କ ସଂପର୍କରେ ଦୀର୍ଘଦିନ ଧରି ଗବେଷଣା କରିଥିବା ପ୍ରଫେସର କୃଷ୍ଣଚରଣ ସାହୁଙ୍କ ପ୍ରଦତ୍ତ ତାଲିକା ହେଲା ୧. ଅମରକୋଷ ଗୀତା, ୨. ଉଦ୍ଧବ ଗୀତା (ଅନୁବାଦ) ୩. କର୍ଣ୍ଣ ଦାନ, ୪. କମଳ ଲୋଚନ ଚଉତିଶା, ୫. କାକପୋଇ, ୬. କାନ୍ତ କୋଇଲି, ୭. ଛ ଚଉପଦୀ, ୮. ଛତିଶ ଗୁପ୍ତଗୀତା, ୯.ଜଗମୋହନ ରାମାୟଣ, ୧୦. ଦୀପ୍ତିସାର ଗୀତା, ୧୧. ପଣସ ଚୋରୀ, ୧୨. ପରତେ ଚୂଡ଼ାମଣି, ୧୩. ପ୍ରଳୟସାର ଗୀତା, ୧୪. ପାଦ ବର୍ଣ୍ଣନା, ୧୫. ବଟ ଅବକାଶ, ୧୬. ବେଢ଼ା ପରିକ୍ରମା, ୧୭. ବେଦାନ୍ତ ସାର, ଗୁପ୍ତ ଗୀତା, ୧୮. ବ୍ରହ୍ମକୁଣ୍ଡଳୀ, ୧୯. ବ୍ରହ୍ମ ଗୀତା (ଗଦ୍ୟ), ୨୦. ବ୍ରହ୍ମପୁରାଣ, ୨୧. ବ୍ରହ୍ମାଣ୍ଡ ଭୂଗୋଳ, ୨୨. ଭାବ ସମୁଦ୍ର, ୨୩. ମନୁ ଗୀତା, ୨୪. ଲକ୍ଷ୍ମୀ ପୁରାଣ, ୨୫. ଶ୍ରୀମଦ ଭଗବତ ଗୀତା (ଅନୁବାଦ), ୨୬. ସପ୍ତାଙ୍ଗ ଯୋଗସାର ଟୀକା ଓ ୨୭. ହନୁମନ୍ତ ଚଉତିଶା। ଏହା ବ୍ୟତୀତ ବହୁ ଭଜନ ଓ କ୍ଷୁଦ୍ର କବିତା ମଧ୍ୟ ବଳରାମ ଦାସ ରଚନା କରିଛନ୍ତି। ଉପରୋକ୍ତ ପ୍ରଦତ୍ତ ରଚନାବଳୀ ମଧ୍ୟ ଅନ୍ୟ କେହି ରଚୟିତା ରଚନା କରି ମୂଳ ବଳରାମ ଦାସଙ୍କ ନାମରେ ଭଣିତା କରିଥିବାର ସମ୍ଭାବନା ରହିଥିବାର ପ୍ରଫେସର କୃଷ୍ଣଚରଣ ସାହୁ ଉଲ୍ଲେଖ କରିଛନ୍ତି।

ସନ୍ଥକବି ବଳରାମ ଦାସଙ୍କ ଦ୍ୱାରା ରଚିତ ବିଭିନ୍ନ ଗ୍ରନ୍ଥ ମଧ୍ୟରେ ରହିଥିବା ରାମାୟଣ ଓ ଲକ୍ଷ୍ମୀ ପୁରାଣ ଦୁଇଟି ଅତ୍ୟନ୍ତ ଲୋକପ୍ରିୟ ଗ୍ରନ୍ଥ। କବି ବାଲ୍ମିକୀଙ୍କର ମୂଳ ରାମାୟଣର ଭିତ୍ତିଭୂମି ଉପରେ ଆଧାରିତ ଜଗମୋହନ ରାମାୟଣରେ ବଳରାମ ଦାସ ଅନେକ ମୌଳିକ ବିଷୟବସ୍ତୁର ସଂଯୋଜନା କରିଛନ୍ତି। ବଳରାମ ଦାସଙ୍କ ରଚିତ ବିଭିନ୍ନ ଗ୍ରନ୍ଥ ବିଷୟରେ ଆଲୋଚନା କରାଯାଉଥିଲେ ମଧ୍ୟ ସେସବୁ ସଂପର୍କରେ ପୁନର୍ବାର ଆଲୋଚନାର ପ୍ରାସଙ୍ଗିକତା ରହିଛି। ଲକ୍ଷ୍ମୀ ପୁରାଣ ଗ୍ରନ୍ଥଟି ଏଠାରେ ଆଲୋଚ୍ୟ ବିଷୟ।

**ଲକ୍ଷ୍ମୀପୁରାଣର କଥାବସ୍ତୁ:**

ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ନିମନ୍ତେ ନାରୀର ଭୂମିକା ଉଲ୍ଲେଖଯୋଗ୍ୟ। ଷୋଡ଼ଶ ଶତାବ୍ଦୀର ନାରୀ ଚରିତ୍ର ମାନଙ୍କର ହୃଦୟର ଅକୁହା କଥା, ମାନସିକ ସ୍ଥିତି, ଜୀବନଶୈଳୀର ଅବତାରଣା, ପାରିବାରିକ ଅନୁରକ୍ତି, ଅଭିମାନ ଓ କ୍ରୋଧର ବର୍ଣ୍ଣନା ଏଠାରେ ରହିଅଛି। ଯୁଗଦ୍ରଷ୍ଟା ବଳରାମ ଦାସ ନାରୀକୁ କେବଳ ସହନଶୀଳତା,

ଦେବୀଗୁଣ ପରିପୂର୍ଣ୍ଣା ପୁରୁଷ ମନୋହାରିଣୀ ଓ ଆଜ୍ଞାକାରିଣୀନାରୀ ଚରିତ୍ରର ବନ୍ଧନୀ ମଧ୍ୟରୁ ମୁକ୍ତ କରି ଭିନ୍ନ ଏକ ପ୍ରତିବାଦର ସ୍ୱର ରୂପରେ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା କରିଛନ୍ତି।

ଗ୍ରନ୍ଥର ପ୍ରାରମ୍ଭରେ ଭକ୍ତକବି ବଳରାମ ଦାସ ସର୍ବଶକ୍ତିମାନ ଅବତାରୀ ପୁରୁଷ ବିଷ୍ଣୁଙ୍କର ବନ୍ଦନା କରିଛନ୍ତି:

ପ୍ରଥମେ ବନ୍ଦଇଁ ଦେବ ବ୍ରହ୍ମାଣ୍ଡଈଶ୍ୱର।
ମୀନରୂପେ ଆନ୍ଦୋଳିଲ ଜଳଧି ଭିତର।
ଲକ୍ଷ ଯୋଜନ ଗଭୀର ଅଟେ ରତ୍ନାକର।
ତହିଁ ନାଥ ପଶି କାୟା ନ ତିନ୍ତିଲା ତୋର।
(ଦାସ, ବଳରାମ, ଲକ୍ଷ୍ମୀ ପୁରାଣ)

ଭଗବାନ ବିଷ୍ଣୁ ସଚରାଚର ବିଶ୍ୱର ସ୍ୱାମୀ। ମୀନ ଅବତାରରେ ଲକ୍ଷ ଯୋଜନ ଗଭୀର ସମୁଦ୍ର ମଧ୍ୟରେ ଥାଇ ମଧ୍ୟ ତାଙ୍କର ବିଶାଳ କାୟାକୁ ଜଳ ସ୍ପର୍ଶ କରି ଭିଜାଇ ପାରିନଥିଲା। ଉକ୍ତ ବର୍ଣ୍ଣନାରୁ ସର୍ବବ୍ୟାପି ବିଷ୍ଣୁଙ୍କର ଅମାପ ଶକ୍ତିର ପରିଚୟ ମିଳିଥାଏ।

କେବଳ ଦେବ ଶକ୍ତି ନୁହେଁ, ମାତୃଶକ୍ତିର ବନ୍ଦନା ମାଧ୍ୟମରେ କବିଙ୍କ ରଚନାରେ ମା' ଲକ୍ଷ୍ମୀଙ୍କର ବନ୍ଦନା ପ୍ରକାଶ ପାଇଛି।

ବନ୍ଦଇଁ କମଳା ଲକ୍ଷ୍ମୀ ଦେବୀ କମଳିନୀ।
ଦାରିଦ୍ର୍ୟ ନାଶିନୀ ମା ଗୋ ବିଷ୍ଣୁଙ୍କ ଘରଣି।
ପ୍ରଥମରେ ନାମ ତୋର ଲକ୍ଷ୍ମୀ ବୋଲି ଜାରି।
ଦ୍ୱିତୀୟରେ ନାମ ତେରା ବରୁଣ ଦୁଲ୍ଲଣୀ।

ଉତ୍କଳୀୟ ଧାର୍ମିକ ପରମ୍ପରାରେ ମାତୃ ରୂପିଣୀ ଦେବୀ ବନ୍ଦନାର ଧାରା କେଉଁ ଆବହମାନ କାଳରୁ ଚଳି ଆସିଛି। ମା' ଲକ୍ଷ୍ମୀ ଭଗବାନ ବିଷ୍ଣୁଙ୍କର ପତ୍ନୀ ଅଟନ୍ତି। ସେ ଦରିଦ୍ର ଜନଙ୍କ ଦୁଃଖ ବିନାଶ କରି ସକଳ ସୁଖ ଓ ଐଶ୍ୱର୍ଯ୍ୟ ପ୍ରଦାନ କରୁଥିବାରୁ ଶ୍ରଦ୍ଧାର ସହିତ ତାଙ୍କର ପୂଜାର୍ଚ୍ଚନା ପାଳନ କରାଯାଇଥା,। ତାଙ୍କର ପିତା ସାଗର ରାଜା ବରୁଣ ଅଟନ୍ତି।

ଉତ୍କଳୀୟ ଧାର୍ମିକ ଭାବନା ସହିତ ପୁରାଣ ପଠନ ଓ ଶ୍ରବଣକୁ ଅଧିକ ଲୋକାଭିମୁଖୀ କରି ଏକ ଶୃଙ୍ଖଳିତ ସମାଜ ଗଠନର ଉଦ୍ଦେଶ୍ୟରେ କବି ବଳରାମ ଦାସ ବର୍ଣ୍ଣନା କରିଛନ୍ତି:

ଆନନ୍ଦ ମନେ ଯେ ଏହା ପଢ଼ଇ ଶୁଣଇ।
ସର୍ବ ପାପୁଁ ମୁକ୍ତ ହୋଇ ବିଷ୍ଣୁ ଲୋକ ଯାଇ।

ଭଗବାନ ବିଷ୍ଣୁଙ୍କର ଧାମ ଗୋଲକ ଧାମ ଚିର ଆନନ୍ଦମୟ ସ୍ଥାନ ରୂପରେ ପରିକଳ୍ପିତ। ତେଣୁ ପୁରାଣ ପଠନ ଓ ଶ୍ରବଣ ଫଳରେ ସର୍ବପାପ ଖଣ୍ଡନ ହୋଇ ବିଷ୍ଣୁଲୋକ ପ୍ରାପ୍ତ ହୁଏ ବୋଲି ଜନ ବିଶ୍ୱାସ ରହିଛି।

ଉତ୍କଳ ଏକ କୃଷି ପ୍ରଧାନ ଦେଶ। ପଲ୍ଲୀ ଜୀବନରେ କୃଷି କର୍ମରେ ଲିପ୍ତ କୃଷକ ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି ବିଲରେ ଗୀତ ଗାଇ ହଳ କରିବା କିମ୍ବା ଧାନ ବିଡ଼ା କାନ୍ଧରେ ଧରି ଗୃହକୁ ଆଣିଲେ ନାରୀଟିଏ ଖଳା ଲିପା ପୋଛା କରି ପୂଜା କରିବା, ଗୁରୁବାର ଦିନ ଘର ଗୋବରରେ ଲିପା ପୋଛା କରି ସଫା କରିବା, ଆମ୍ବ ଡାଳ, କଳସ, ନଡ଼ିଆ ସଜାଇ ଧୂପ ଦୀପ ଦେଇ ଲକ୍ଷ୍ମୀଙ୍କର ବନ୍ଦନା କରିବା ଇତ୍ୟାଦି ବର୍ଣ୍ଣନାର ମନୋଜ୍ଞ ଚିତ୍ର ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ରହିଛି।

ବାର ମାସ ମଧ୍ୟରେ ସାର ମାର୍ଗଶିର ମାସ।
ଲକ୍ଷ୍ମୀ ଠାକୁରାଣୀଙ୍କର ସବୁ ଘରେ ବାସ।
ମାର୍ଗଶିରେ ପଡ଼ଇ ଯେତକ ଗୁରୁବାର
ପ୍ରତି ଗୁରୁବାରେ ଲକ୍ଷ୍ମୀ ମନ୍ଦିରୁ ବାହାର
(ଦାସ, ବଳରାମ, ଲକ୍ଷ୍ମୀ ପୁରାଣ)

ମାର୍ଗଶିର ମାସ ଗୁରୁବାରରେ ଲକ୍ଷ୍ମୀ ବ୍ରତ ପଡୁଥିବାରୁ ମା' ଲକ୍ଷ୍ମୀ ଜଗନ୍ନାଥଙ୍କ ଅନୁମତି ନେଇ ମନ୍ଦିରରୁ ବାହାରି ନଗ୍ର ବିଲୁଗଲେ। ସାଦାରଣତଃ ନାରୀମାନେ ଅଳଙ୍କାରପ୍ରିୟା। କବି ବଳରାମ ଦାସ ଏଠାରେ ଉକବଳୀୟ ସ୍ୱର୍ଣ୍ଣାରଳଙ୍କାରଗୁଡ଼ିକର ଏକ ସୁନ୍ଦର ବର୍ଣ୍ଣନା ଦେଇଛନ୍ତି।

ମନୋହର ଶୁକ୍ଲ-ବସ୍ତ୍ର ପିନ୍ଧିଲେକ ଟାଣି।
କଟିରେ ଖଞ୍ଜିଲେ ଦିବ୍ୟ ରତ୍ନର କିଙ୍କିଣି।
ଅଣ୍ଟା ଆଉ ବାହୁରେ ଖଞ୍ଜିଲେ ସୁନା ସୁତା।
ଦୃଦୟରେ ଶୋଭା ଦିଶେ ଗଜର ମୁକୁତା।
ବାଜେଣି ନୂପୁର ମାତ ଘେନିଲେ ପରେ।
ସୁବର୍ଣ୍ଣର ଚୂଡ଼ା ମାଏ ଘେନିଲେ ହସ୍ତରେ।
କର୍ଣ୍ଣରେ ସୁବର୍ଣ୍ଣକାପ ହୃଦେ ରତ୍ନହାର।
ମାଣିକ୍ୟ ମୁକୁତାହାର ଲମ୍ବିଛି ହୃଦର।
ସୁବର୍ଣ୍ଣ ନୀର୍ମିତ ତାଡ଼ ଘେନିଲେ ଭୁଜରେ।
ଆବର ଯେ ମୁଦ୍ରିକା ଖଞ୍ଜିଲେ ଆଙ୍ଗୁଳିରେ।
(ଦାସ, ବଳରାମ , ଲକ୍ଷ୍ମୀପୁରାଣ)

ନଗ୍ର ପରିକ୍ରମା ସମୟରେ ଲକ୍ଷ୍ମୀ ପଦ୍ମାବତୀ ନାମକ ଏକ ବ୍ରାହ୍ମଣୀ ଗୁରୁବାରରେ ଖଇ ଭାଜୁଥିବାର ଦେଖି ରୋଷ ପ୍ରକାଶ କରିଛନ୍ତି। ଗୁରୁବାର ଦିନଟି ଲକ୍ଷ୍ମୀଙ୍କର ବାର ଥିବାରୁ  ସେଦିନ ନାରୀ ଓ ଅନ୍ୟମାନଙ୍କ ପାଇଁ ବାରଣ ଥିବା କେତେକ ନିୟମ ସଂପର୍କରେ ବୁଝାଇଛନ୍ତି। ଗୁରୁବାରରେ ନାରୀଟିଏ ଆମିଷ ଭକ୍ଷଣ କରିବା, ସନ୍ଧ୍ୟାରେ, ବିଳମ୍ବରେ ବତୀ ଲଗାଇବା, ତୁଳା ଭିଣିବା, ଚୂଲିରୁ ପାଉଁଶ ନକାଢିବା, ରନ୍ଧା ହାଣ୍ଡିରୁ କଳା ସଫା ନକରିବା, ପିଲାମାନଙ୍କୁ ମାରିବା, ଗୁରୁବାର ଅମାବାସ୍ୟା, ସଂକ୍ରାନ୍ତିରେ ଭୋଜନ କରିବା, ପୋଡ଼ା ଦ୍ରବ୍ୟ ଖାଇବା ଇତ୍ୟାଦି କର୍ମ ସମ୍ପୂର୍ଣ୍ଣ ବାରଣ ଥାଏ। ଏ ସବୁ କର୍ମ କଲେ ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇଥାନ୍ତି। ପୁନଶ୍ଚ ଗୁରୁବାରରେ ବ୍ରାହ୍ମଣଙ୍କୁ ଅନ୍ନଦାନ କରିବା, ଅଯଁଳା ଘେନିବା, ସିନ୍ଦୂର, କଜ୍ଜଳ, ହଳଦୀ ଲଗାଇବା, ପ୍ରାତଃ କାଳରେ  ସ୍ନାନ କରିବା ଇତ୍ୟାଦି କର୍ମ

କଲେ ଲକ୍ଷ୍ମୀ ଆଶୀର୍ବାଦ ପ୍ରଦାନ କରିଥାନ୍ତି।

ଅଶୁଚି ହୋଇ ଲକ୍ଷ୍ମୀ ଆସନ ଛୁଇଁବା, ହିଂସା ମନୋଭାବ ପୋଷଣ କରିବା, ପର ପୁରୁଷରେ ଆସକ୍ତି ରଖିବା। ଲାଉ ଓ ଆମିଷ ଏକତ୍ର ଭୋଜନ କରିବା, ଉତ୍ତର ଦିଗକୁ ମୁଖ କରି ଭୋଜନ ଓ ଶୟନ କରିବା, ପଶ୍ଚିମ ଦିଗରେ ଦୀପ ଲଗାଇବା, ପ୍ରଦୀପ ଛାୟାରେ ଭୋଜନ କରିବା, ଖଟ ଛାୟାରେ ଶୟନ, ଉଚ୍ଛିଷ୍ଟ ହସ୍ତରେ ଦୀପ ଦାନ, ରାତ୍ରି ସମୟରେ ଦଧି ଅନ୍ନ ଭୋଜନ, ଭୋଜନ ସମୟରେ ଅନ୍ନ ଭୂମିରେ ପକାଇବା ଓ ବଳକା ଅନ୍ନ ଫିଙ୍ଗି ନଷ୍ଟ କରିବା, ଶାଶୁ ଶ୍ୱଶୁରଙ୍କୁ ଅମାନ୍ୟ କରିବା, ସଭାରେ ବସି ମିଥ୍ୟା କହିବା, ପରଦ୍ରବ୍ୟ ଚୋରୀ କରିବା, ପାଦ ନ ଧୋଇ ପୂଜା କରିବା, ଗୁରୁବାରରେ ସ୍ନାନ ନକରିବା ଓ ନଖ ନ କାଟିବା, ଅପରିଷ୍କାର କପଡ଼ା ପିନ୍ଧିବା ଇତ୍ୟାଦି କର୍ମ ସବୁ ସମ୍ପୂର୍ଣ୍ଣ ବର୍ଜନୀୟ ଓ ଏତଦ୍ଦ୍ୱାରା ଲକ୍ଷ୍ମୀଙ୍କର କୋପ ଦୃଷ୍ଟି ପଡିଥାଏ। ଏସବୁ ସମାଜ ସଂସ୍କାର ଚେତନା ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ।

ଶୁକ୍ଳପକ୍ଷ, ଦଶମୀ, ଗୁରୁବାର ଦିନ ଅନ୍ୟ ଥର ଭଳି ଜଗନ୍ନାଥଙ୍କର ଅନୁମତି ନେଇ ପ୍ରାତଃ ସମୟରେ ଲକ୍ଷ୍ମୀ ନଗ୍ର ପରିକ୍ରମା କରୁଥିବା ସମୟରେ କୌଣସି ସ୍ଥାନରେ ବ୍ରତର ଆୟୋଜନ ନଥିବାରୁ ରୋଷରେ ଫେରି ଆସିବା ସମୟରେ ନଗ୍ର ବାହାରେ ରହୁଥିବା ଶ୍ରୀୟା ଚଣ୍ଡାଳୁଣୀର ଭକ୍ତି ଭରା ପୂଜା ଆୟୋଜନ ଦେଖି ଅଟକି ଯାଇଥିଲେ। ଲକ୍ଷ୍ମୀଙ୍କୁ ଆବାହନ କରିବାର ଚମତ୍କାର ବର୍ଣ୍ଣନା କବି ବଳରାମ  ଦାସଙ୍କ ଭାଷାରେ:

ଏକ ବର୍ଣ୍ଣୀ ଗାଈର ଯେ ଗୋମୟ ଆଣିଲା।<br>
ଗୃହ ଦ୍ୱାରେ ଚଉରାକୁ ଲିପିଣ ଯେ ଦେଲା।<br>
ଉଆଚାଉଳି ବାଟିଣ ଝୋଟି ପକାଇଲା।<br>
ଝୋଟିର ଉପରେ ପଦ୍ମ ଗୋଟିଏ ଲେଖିଲା।<br>
ତଦୁପରେ ଲେଖିଲାକ କୁସୁମ ଥୋକାଏ।<br>
ଲକ୍ଷ୍ମୀପାଦ ଲେଖି ଅଛି ଦାଣ୍ଡ ଦ୍ୱାର ଯାଏ।<br>
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଉକ୍ତର ଶ୍ରଦ୍ଧା ଓ ଭକ୍ତିର ଡୋରିରେ ବନ୍ଧା ମା' ଲକ୍ଷ୍ମୀ ଠାକୁରାଣୀ ପରମ ଆନନ୍ଦ ଚିତ୍ତରେ ଶ୍ରୀୟା ଚଣ୍ଡାଳୁଣୀର ଗୃହରେ ପ୍ରବେଶ କରି ବର ପ୍ରଦାନ କରିଛନ୍ତି। ଏହାର ବର୍ଣ୍ଣନା କବିଙ୍କ ଭାଷାରେ:

ମୁଁ ଛାର ଚଣ୍ଡାଳ ନାରୀ କିଛି ନ ଜାଣଇଁ।<br>
କିଞ୍ଚିତ ଭକତି ମୋର ଘେନ ମା ଗୋସାଇଁ।<br>
ପଦ୍ମ ପୁଷ୍ପମାଳେ ଆଉ ପଦ୍ମଫୁଲେ ବାଈ।<br>
ପଦ୍ମଦେଖି ବହୁ ଶ୍ରଦ୍ଧା କଲେ ମହାମୟୀ।<br>
ବୋଇଲେ ଲୋ ଚାଣ୍ଡାଳୁଣୀ ମାଗ ତୁହିବର।<br>
ପ୍ରସନ୍ନ ହୋଇଲି ଦୁଃଖ ନାଶିବି ତୋହର।

ଏଠାରେ କବି ବଳରାମ ଦାସ ପୂଜାବିଧି ପାଳନ ନ କରୁଥିବା ଏକ ବ୍ରାହ୍ମଣ ନାରୀ ଓ ଭକ୍ତି ଚିତ୍ତରେ ଲକ୍ଷ୍ମୀଙ୍କୁ ବିଧି ପୂର୍ବକ ପୂଜାର୍ଚ୍ଚନା କରିଥିବା ଚାଣ୍ଡାଳନାରୀ ମଧ୍ୟରେ ତୁଳନାତ୍ମକ ବର୍ଣ୍ଣନା ମାଧ୍ୟମରେ ଦର୍ଶାଇଛନ୍ତି ଯେ ଭଗବତ ପ୍ରାପ୍ତି ନିମନ୍ତେ ଜାତି ନୁହେଁ, ଭକ୍ତି ହିଁ ଶ୍ରେଷ୍ଠ ମାଧ୍ୟମ।

ଶ୍ରୀୟାର ଭକ୍ତିପୂତ ସେବାରେ ସନ୍ତୁଷ୍ଟ ହୋଇ ଲକ୍ଷ୍ମୀ ତା'ର କୁଡ଼ିଆ ଘରଟିକୁ ଧନଧାନ୍ୟଭରା ମହଲରେ ଆଶୀର୍ବାଦ ଦେଇ ଫେରିଲା ସମୟରେ ମୃଗୟାକୁ ଯାଇଥିବା ବଳରାମ ଯୋଗ ବଳରେ ଜାଣି ପାରିଲେ। ସେ କ୍ରୋଧିତ କଣ୍ଠରେ ଜଗନ୍ନାଥଙ୍କୁ ଧିକ୍କାର କରି ଲକ୍ଷ୍ମୀ ଚଣ୍ଡାଳ ଗୃହରେ ପ୍ରବେଶ କରିଥିବାରୁ ତାଙ୍କୁ ଶ୍ରୀମନ୍ଦିରରୁ ବାହାର କରିଦେବା ପାଇଁ ଆଦେଶ ଦେଲେ। ଏହାର ବର୍ଣ୍ଣନା କବିଙ୍କ ଭାଷାରେ:

ଦେଖ ଦେଖ କହ୍ନାଇ ତୋ ଭାରିଯାର ଗୁଣ।<br>
ନଗରରେ ନାହାନ୍ତି କି କ୍ଷତ୍ରିୟ ବ୍ରାହ୍ମଣ।<br>
ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ।<br>
ସ୍ନାନ ନ କରିର ବଡ଼ ଦେଉଳେ ପଶିବ।<br>
ଏହି ରୂପେ ସବୁଦିନେ ଦେଉଳେ ଆସୁଛି।<br>
ଆମ୍ଭ ଦୁଇ ଜଣଙ୍କୁରେ ବିଟାଳ କରୁଛି।<br>
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଉକ୍ତ ବର୍ଣ୍ଣନା ମାଧ୍ୟମରେ କବି ବଳରାମ ଦାସ ସମାଜରେ ପ୍ରଚଳିତ ଥିବା ଜାତିପ୍ରଥାର ଚିତ୍ର ପ୍ରଦାନ କରିଛନ୍ତି।

ଲକ୍ଷ୍ମୀଙ୍କର ଏହି ଏକମାତ୍ର ଭୁଲ ପାଇଁ ଗୃହର ମୁରବୀ ପଣିଆ ଜାହିର କରୁଥିବା ଜ୍ୟେଷ୍ଠ ଭ୍ରାତା ବଳରାମଙ୍କର ନିଷ୍ଠୁର ଆଦେଶ କବିଙ୍କ ଭାଷାରେ:

ଭାର୍ଯ୍ୟାଠାରେ ଯେବେ ସ୍ନେହ ଅଛିରେ କହ୍ନାଇ<br>
ଚାଣ୍ଡାଳସାହିରେ ଘର ତୋଳ ବେଗେ ଯାଇ।<br>
ଆମ୍ଭ ବାକ୍ୟ ମାନି ତାକୁ ଦିଅ ଘଉଡ଼ାଇ।<br>
ଏପରି ଖରଣୀ ଥିଲେ ଭଲ ଗତି ନାହିଁ।<br>
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଜ୍ୟେଷ୍ଠ ଭ୍ରାତା ବଳରାମଙ୍କର ଏହି ଅପରିଣାମଦର୍ଶୀ କଠୋର ନିଷ୍ପତ୍ତି ଓ ଆଦେଶର ପରିଣାମ କେତେ ଯେ ଭୟଙ୍କର ହୋଇପାରେ ଏହାର ବିଶେଷ ବର୍ଣ୍ଣନା ବଳରାମ ଦାସଙ୍କର ରଚିତ ଲକ୍ଷ୍ମୀପୁରାଣର ମୁଖ୍ୟ କଥାବସ୍ତୁ। ଏଠାରେ ପ୍ରଶ୍ନ ଉଠେ ନାରୀ ପ୍ରତି ସମ୍ମାନ, ସ୍ଥିତି, ଅନ୍ୟାୟ ତଥା ଅସ୍ମିତା ଉପରେ। ଗୋଟିଏ ପାର୍ଶ୍ୱରେ ଜଗନ୍ନାଥଙ୍କ ମନରେ ଜ୍ୟେଷ୍ଠଭ୍ରାତାଙ୍କ ପାଇଁ ଥିବା ସମ୍ମାନ ଓ ଭଲପାଇବା, ଅପରପକ୍ଷେ ନିଜର ପତ୍ନୀ ଲକ୍ଷ୍ମୀଙ୍କ ପାଇଁ ରହିଥିବା ପ୍ରେମ। ତେଣୁ ଲକ୍ଷ୍ମୀଙ୍କର ଅଜଣାକୃତ ଭୁଲ ଚଣ୍ଡାଳ ଗୃହ ପ୍ରବେଶ ନିମନ୍ତେ କ୍ଷମା ପ୍ରାର୍ଥନା ସତ୍ତ୍ୱେ ବଳରାମ ନିଜର ଯିଦ୍ ଓ ନିଷ୍ପତ୍ତିରେ ଅଟଳ ରହିଛନ୍ତି।

ଜଗନ୍ନାଥଙ୍କର ଭ୍ରାତାଙ୍କ ନିକଟରେ କରିଥିବା ଅନୁନୟ ବିନତି କବିଙ୍କ ଭାଷାରେ:

ନ ଜାଣି ଯେ ଦୋଷ କଲେ ସିନ୍ଧୁ ରାଜଜେମା।
ବାରେ ମାତ୍ର ଭ୍ରାତ ତାଙ୍କ ଦୋଷ କର କ୍ଷମା।
ସ୍ୱର୍ଗରୁ ଗନ୍ଧର୍ବ ଦେବଗଣଙ୍କୁ ଆଣିବା।
ପାଞ୍ଚ ଲକ୍ଷ ଟଙ୍କା ଦେଇ ଜାତି କରାଇବା । (ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ହୀନ ଜାତିଆଣ ମନୋଭାବ, ବ୍ରାହ୍ମଣ୍ୟଧର୍ମ ଓ ପ୍ରଚଳିତ ସମାଜର ଆଧିପତ୍ୟ, ବିଚାରଧାରା ଗଭୀରଭାବରେ ହୃଦୟଙ୍ଗମ କରି ପାରିଥିଲେ ଶୂଦ୍ର କବି ବଳରାମ ଦାସ, ତେଣୁ ସମାଜର ବଡ଼ପଣ୍ଡା ବୋଲାଉଥିବା ବ୍ରାହ୍ମଣମାନଙ୍କର ବିଚାରଧାରାକୁ ପ୍ରଭୁ ବଳରାମ ଓ ଜଗନ୍ନାଥଙ୍କ ଚରିତ୍ର ମାଧ୍ୟମରେ ସେ ପ୍ରକାଶ କରିଛନ୍ତି।

ପୁରୁଷ ସମାଜର ଆଧିପତ୍ୟ, ନାରୀସମାଜ ପ୍ରତି ହୀନମନ୍ୟତା, ବହୁ ପତ୍ନୀ ଗ୍ରହଣ ଓ ସାମନ୍ତବାଦୀ ଚିନ୍ତାଧାରାର ବର୍ଣ୍ଣନା କବିଙ୍କ ଭାଷାରେ:

ବଳରାମ କହୁଛନ୍ତି ଶୁଣ ଆରେ ଭାଇ।
ଭାଇଟି ଦକ୍ଷଣଭୁଜ ସଂଗେ ତୁଲ୍ୟ ହୋଇ।
ଭାଇ ଥିଲେ କୋଟି ଭାର୍ଯ୍ୟା ମିଳି ଯେ ପାରଇ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଜଗନ୍ନାଥଙ୍କର ଭ୍ରାତାଙ୍କ ନିକଟରେ ସବୁ ଅନୁନୟ ବିନତି ବ୍ୟର୍ଥ ହୋଇଛି। ବଳରାମଙ୍କର ତୀବ୍ର କଟୁ ବଚନ କବି ବଳରାମ ଦାସଙ୍କ ଭାଷାରେ:-

ଭାର୍ଯ୍ୟାଠାରେ ଲୋଭ ଯେବେ ଅଛି ରେ କହ୍ନାଇ।
ଚାଣ୍ଡାଳ ସାହିରେ ନଅର ତୋଳ ଯାଇଁ।
ମୋହ ବଡ଼ ଦେଉଳକୁ ଆଉ ନଆସିବୁ।
ମାଇପକୁ ଘେନି ଗ୍ରାମ ବାହାରେ ରହିବୁ।
ଧିକ୍କାର ବଚନ ପ୍ରଭୁ ସହି ନପାରିଲେ।
ଛାଡ଼ିଲି ବୋଲିଣ ରଙ୍ଗ ଅଧରେ କହିଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଭ୍ରାତା ବଳରାମଙ୍କର ନିଷ୍ଠୁର ଆଦେଶ ନିକଟରେ ଫିକା ପଡିଯାଇଛି ଜଗନ୍ନାଥଙ୍କର ପତ୍ନୀ ପ୍ରେମ। ହାର ମାନି ଯାଇଛି ସାତ ଜନ୍ମର ବନ୍ଧନ। ଅପର ବୁଦ୍ଧିର ନିଷ୍ପତ୍ତିରେ ଭାଙ୍ଗି ଚୂନା ହୋଇଯାଇଛି ଜଗନ୍ନାଥଙ୍କର ସୁନାର ସଂସାର।

ଶ୍ରୀୟା ଚଣ୍ଡାଳୁଣୀ ଗୃହରୁ ଆନନ୍ଦ ମନରେ ଲକ୍ଷ୍ମୀ ମନ୍ଦିରକୁ ପ୍ରବେଶ କରିବା ସମୟରେ ପ୍ରଭୁ ଜଗନ୍ନାଥ ତାଙ୍କର ପଥରୋଧ କରି ଭ୍ରାତା ବଳରାମଙ୍କର ଆଦେଶରେ ଜାତି ହରାଇବା ଅପରାଧରେ ମନ୍ଦିରରୁ ବହିଷ୍କାର କରିବା ଭଳି ନିଷ୍ଠୁର ଆଦେଶ ଶୁଣାଇଛନ୍ତି।

କବି ବଳରାମ ଦାସଙ୍କ ଭାଷାରେ:

ଗୋବିନ୍ଦ ବୋଇଲେ ଲକ୍ଷ୍ମୀ ହୋଇଲ କି ବାଇ।
ଚାଣ୍ଡାଳ ସାହିକି ଯାଇଥିଲ କାହିଁ ପାଇଁ।
ଆମ୍ଭେ ନ ଦେଖୁଣୁ ଯେ ଦେଖିଲେ ଜ୍ୟେଷ୍ଠଭାଇ।
ଆମ୍ଭେ ଦେଖିଥିଲେ ସିନା ଦିଅନ୍ତୁ ଘୋଡ଼ାଇ।
ଯାଅ ଲକ୍ଷ୍ମୀ ତୁମ୍ଭରେ ଗୋ ଆଉ କାର୍ଯ୍ୟ ନାହିଁ।
ଧିକ୍କାର ବହୁତ ମୋତେ କଲେ ବଡ଼ଭାଇ।
(ଦାସ , ବଳରାମ, ଲକ୍ଷ୍ମୀପୁରାଣ)

ନିଜ ପ୍ରତି ଘଟିଥିବା ଅନ୍ୟାୟ ବିରୋଧରେ ଲକ୍ଷ୍ମୀଙ୍କର ଅନ୍ତରରେ ପ୍ରତିବାଦର ବହ୍ନି ଜଳିଉଠିଛି। ଏହିଠାରୁ ହିଁ ଆରମ୍ଭ ହୋଇଛି ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ମଧ୍ୟରେ ମତାନ୍ତର, ମନାନ୍ତର ଓ ବିଚ୍ଛେଦର ବ୍ୟଥା ଓ ପ୍ରତିବାଦର ସ୍ୱର ରୂପରେ ପ୍ରକାଶ ପାଇଛି

କବି ବଳରାମ ଦାସଙ୍କ ରଚନାରେ:

ମୋର ପିତା ବରୁଣ ଯେ ତୁମ୍ଭଙ୍କୁ ବରିଲା।
କନକ ବେଦୀରେ ନେଇ ବିଭା କରାଇଲା।
ଝିଅ ଦେଇ ଶରଣ ପଶିଲା ତୁମ୍ଭ ତହିଁ।
ଦଶ ଦୋଷ ମୋର କ୍ଷମା କରିବାର ପାଇ।
ସେ ଦୋଷରୁ ବାରେ ମୋତେ କ୍ଷମା ଯେ ନକଲ
ବିନା ଅପରାଧେ ମୋତେ ଘଉଡ଼ାଇ ଦେଲ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଲକ୍ଷ୍ମୀଙ୍କ ପିତା ବରୁଣ କନକ ବେଦୀରେ କନ୍ୟା ସମର୍ପଣ ସମୟରେ ଜଗନ୍ନାଥ ନିକଟରେ କନ୍ୟାର ଦଶଗୋଟି ଦୋଷ କ୍ଷମା କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ଲକ୍ଷ୍ମୀଙ୍କର ଅଜାଣତରେ ଘଟିଥିବା ଚଣ୍ଡାଳ ଗୃହ ପ୍ରବେଶର ପ୍ରଥମ ଦୋଷ ପାଇଁ ଗୃହ ତ୍ୟାଗର ଆଦେଶ ନିମନ୍ତେ ଜଗନ୍ନାଥଙ୍କ ନିକଟରେ ଅଭିଯୋଗ ଓ ପ୍ରତିବାଦ ମହାଲକ୍ଷ୍ମୀ ଜଣାଇଛନ୍ତି। ଉତ୍କଳୀୟ ସମାଜରେ ବୈଦିକ ରୀତିରେ ପ୍ରଚଳିତ ବିବାହ ସମୟର ଏହି ପ୍ରଥାଟି ସମାଜରେ ବୈଦିକ ରୀତିରେ ପ୍ରଚଳିତ ବିବାହ ସମୟରୁ ଏହି ପ୍ରଥାଟି ପରିବାର ମଧ୍ୟରେ ଉତ୍ତମ ବୁଝାମଣାର ସନ୍ଦେଶ ପ୍ରଚାର କରିଥାଏ।

ଲକ୍ଷ୍ମୀଙ୍କର ଅନୁରୋଧ ଓ ପ୍ରତିବାଦ ଜଗନ୍ନାଥଙ୍କ ମନରେ କ୍ରୋଧ ସୃଷ୍ଟି କରିଛି। ତେଣୁ ଏହି ଯୁକ୍ତି ପ୍ରତିବାଦ କ୍ରମଶଃ ପରସ୍ପରର ଦୋଷ, ଦୁର୍ଗୁଣ, ଆକ୍ଷେପୋକ୍ତି, କଳହର ରୂପ ଧାରଣ କରିଛି। ଏହାର ବର୍ଣ୍ଣନା କବିଙ୍କ ଭାଷାରେ :

ଜଗନ୍ନାଥ କହୁଛନ୍ତି କୋପଭର ହୋଇ।
ବାପ ତୋ ଲୁଣିଆ ଯେ ଗରଜି ମରୁଥାଇ।
ଝିଅ ଟେରୀ ତୋ ଦୁର୍ଗୁଣ କହିଲେ ନସରେ।
ବାପର ଗର୍ଜନ ଶବ୍ଦେ କିଏ ରହିପାରେ। (ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ନାରୀଟିଏ ପିତୃନିନ୍ଦା ଆଦୌ ସହ୍ୟ କରିପାରେ ନାହିଁ।

ଜଗନ୍ନାଥଙ୍କର ନିଜର ସମ୍ମାନନୀୟ ଶ୍ୱଶୁରଙ୍କ ପ୍ରତି ଏ ପ୍ରକାର କଟୁ ମନ୍ତବ୍ୟ ସମାଜରେ ନାରୀର ସମ୍ମାନ ଉପରେ ବିରାଟ ପ୍ରଶ୍ନବାଚୀଟିଏ ସୃଷ୍ଟି କରିଥାଏ।

ଯେଉଁ ଚଣ୍ଡାଳ ଗୃହ ପ୍ରବେଶ ଓ ଜାତିଭ୍ରଷ୍ଟର ଲାଞ୍ଛନା ଦେଇ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଶାସ୍ତି ଦେବାର ନିଷ୍ପତ୍ତି ନେଇଥିଲେ, ପ୍ରତିବାଦରେ ଲକ୍ଷ୍ମୀ ଜଗନ୍ନାଥଙ୍କ ନିକଟରେ ସମାନ ଅଭିଯୋଗ କରିଛନ୍ତି।

କବି ବଳରାମ ଦାସଙ୍କ ଭାଷାରେ:

ଲକ୍ଷ୍ମୀ ଦେବୀ ବୋଲୁଛନ୍ତି ଠାକୁରଙ୍କୁ ଚାହିଁ।
ଆମ୍ଭ ଜାତି କୁଳ ଗୋତ୍ର କହିଲ ଗୋସେଇଁ
ପ୍ରଭୁ ହେତୁ ସବୁ ଯାଇଅଛି ହେ ଗସୋଇଁ
ତୁମ୍ଭ ଜାତି କୁଳରତ ଠିକଣା ନ ଥାଇ।
ପାଣ୍ଡବ ହିତେ ପ୍ରଭୁ ଦୂତ ପଣେ ଗଲ
ବିଦୂର କେବଣ ଜାତି ତା ଘରେ ଖାଇଲ।
ମାତା ତା'ର ଶୂଦ୍ରାଣୀ ବ୍ରାହ୍ମଣ ତାର ପିତା।
ତା ଘରେ ଅନ୍ନ ଭୁଞ୍ଜିଲ ଜଗତ କରତା।
ବିଜାତୀୟ ଶବରଣୀ ବନେ ତାର ଘର।
କେନ୍ଦୁ କପିତ୍ଥ ଦେଇ ଜାତି ସେ ଚାଖଇ।
ବାଛିଣ ମଧୁର ଫଳ ତୁମ୍ଭଙ୍କୁ ଦିଅଇ। (ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଭକ୍ତର ପ୍ରେମର ବନ୍ଧନରେ ପ୍ରଭୁ ଜଗନ୍ନାଥ ଚିରଦିନ ପାଇଁ ବନ୍ଧା। ତେଣୁ ସେ ଶୂଦ୍ରାଣୀ ପୁତ୍ର ବିଦୂର ଘରେ ଅନ୍ନ ଭୋଜନ କରିବା କିମ୍ବା ଶବରୀ ଚାଖିଥିବା ଅଇଁଠା ଫଳ ଖାଇଥିଲେ ମଧ ନିଜେ ମହାପ୍ରଭୁ ଥିବାରୁ ଜାତିଭ୍ରଷ୍ଟ ଦୋଷାରୋପ ତାଙ୍କ ଉପରେ କରାଯାଇନାହିଁ। ସମଗ୍ର ନାରୀ ଚରିତ୍ରର ପ୍ରତିନିଧିତ୍ୱ କରୁଥିବା ନାରୀ ଚରିତ୍ର ଲକ୍ଷ୍ମୀଙ୍କ ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ପ୍ରତିବାଦର ସ୍ୱର ସମାଜର ସେହି ନିୟମ ନିର୍ଣ୍ଣାୟକ ବଡ଼ପଣ୍ଡାମାନଙ୍କ ପାଇଁ, ଜାତିଆଣ ଭାବ ନନ୍ଦିଘୋଷର ରଥଚକା ତଳେ ଚାପି ହୋଇ ମୁକ୍ତିର ରାହା ଖୋଜୁଥିବା ନିଷ୍ପେଷିତ ଦଳିତମାନଙ୍କର ସ୍ୱର। ନାରୀ - ପୁରୁଷ ଲିଙ୍ଗଭେଦ ନୀତିରେ ପାତର ଅନ୍ତର ମନୋଭାବ ରଖୁଥିବା ଜନସମାଜ ନିକଟରେ ଲକ୍ଷ୍ମୀଙ୍କ ମନର ପୁଞ୍ଜିଭୂତ ବେଦନାର ପ୍ରତିବାଦ ରୂପରେ ଯୁଗ ଦ୍ରଷ୍ଟା ସନ୍ଥ କବି ବଳରାମ ଦାସ ପ୍ରଶ୍ନ ରଖିଛନ୍ତି।

ଏତିକି ପ୍ରତିବାଦରେ ଲକ୍ଷ୍ମୀଙ୍କର ମନ ଭରି ନାହିଁ। ତେଣୁ ଏଥିପାଇଁ ପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କରି ଦ୍ୱାପର ଯୁଗରେ କୃଷ୍ଣାବତାରର ଲକ୍ଷ୍ମୀ ସ୍ମରଣ କରାଇ ପ୍ରତିବାଦ ଜଣାଇଅଛନ୍ତି। କବି ବଳରାମ ଦାସଙ୍କ ଭାଷାରେ:

ଯଦୁବଂଶେ ଜନ୍ମ ହୋଇ ଗୋପରେ ଲୁଚିଲ।
ଗଉଡ଼ଙ୍କ ସଂଗେ ବନେ ଗୋରୁ ଚରାଇଲ।
ଦୁଧ ଦଧି ସର ଲବଣୀ ଯେ ଚୋରି କଲ।
ଗୋପୀମାନଙ୍କ ମୁଖରୁ ଧିକ୍କାର ଶୁଣିଲ।
ଯେତେ ସ୍ନେହେ ପାଳିଥିଲେ ଗୋପ ଗୋପୀମାନେ।
ନିଶ୍ଚିନ୍ତେ ରହିଲ ଦିନେ ନ ପକାଅ ମନେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଏହି ବର୍ଣ୍ଣନାରେ ଗୋପୀମାନଙ୍କର ଦୁଧ, ଦହି, ସର ଲବଣୀ ଚୋରୀ ପ୍ରସଙ୍ଗ ଓ ଗୋପୀମାନଙ୍କ ସ୍ନେହ ଶ୍ରଦ୍ଧା ଭୁଲିଯିବା ପ୍ରସଙ୍ଗ ସବୁଥିରେ ପ୍ରଭୁଙ୍କର ଅପକର୍ମର ଅଭିଯୋଗ ଲକ୍ଷ୍ମୀ କରିଥିବାରୁ ଜଗନ୍ନାଥ ଉତ୍‌କ୍ଷିପ୍ତ ହୋଇ ଲକ୍ଷ୍ମୀଙ୍କୁ ଘରୁ ଚାଲିଯିବା ପାଇଁ ଆଦେଶ ଦେଇଛନ୍ତି।

ବଳରାମ ଦାସଙ୍କ ଭାଷାରେ:

ଘଉଡ଼ାଇ ଦେଇଯେ ବୋଲନ୍ତି ମହାବାହୁ।
ଯାଅ ଯାଅ ବୋଇଲେ ତୁ କିପାଇଁ ନଯାଉ।
ଜଗନ୍ନାଥ କହୁଛନ୍ତି ଏମନ୍ତ କରିବୁ।
ମାଣେ ମାଣେ ପଡି ତୋତେ ନିତ୍ୟ ଦେଉଥିବୁ।
ଭାଇଙ୍କୁ ବୁଝାଇପଛେ ତୁମ୍ଭଙ୍କୁ ଆଣିବୁ
ଭାଇଙ୍କ ଆଜ୍ଞାକୁ ଆମ୍ଭେ ହେଳା ନକରିବୁ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଉକ୍ତ ବର୍ଣ୍ଣନା ମାଧ୍ୟମରେ ତତ୍‌କାଳୀନ ସମାଜରେ ଚଳି ଆସୁଥିବା ଧାରା ଜ୍ୟେଷ୍ଠଭ୍ରାତା ବଳରାମଙ୍କର ମାତ୍ରାଧିକ ମୁରବୀପଣିଆ, ଅସହାୟ ପତି ଜଗନ୍ନାଥ ତଥା ଆଶା ଓ ଆଶଙ୍କାର ଦୋଦୁଲ୍ୟମାନ ପରିସ୍ଥିତି ମଧ୍ୟରେ ସଂଘର୍ଷରତା ନାରୀ ଚରିତ୍ର ଲକ୍ଷ୍ମୀଙ୍କ ଚରିତ୍ରର ଅବତାରଣ କରିବା ପୃଷ୍ଠଭୂମିରେ ନାରୀର ସମ୍ମାନ, ସୁରକ୍ଷା ଓ ସ୍ଥିତି ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଜ୍ୟେଷ୍ଠ ଭ୍ରାତାଙ୍କ ଆଦେଶ ପାଳନ ନିମନ୍ତେ ବଚନବଦ୍ଧ ପତିଙ୍କର ବାଣୀ ଶୁଣି ନିଜକୁ ଅପମାନିତା ମନେ କରି କ୍ଷୁବ୍ଧ ହୋଇ ଦୃଢ଼ କଣ୍ଠରେ ଲକ୍ଷ୍ମୀ ଏହାର ପ୍ରତିବାଦ ଜଣାଇଛନ୍ତି। କବିଙ୍କ ଭାଷାରେ:

ଲକ୍ଷ୍ମୀଦେବୀ କହନ୍ତି ପତିରେ କାର୍ଯ୍ୟ ନାହିଁ।
ଅନାଥ ଅରକ୍ଷ ପ୍ରାୟ ଯାଉଅଛି ମୁହିଁ।
ରାଣ୍ଡ ଅଲକ୍ଷଣୀ ଝିଅ ମୁହି ଯେ ନୁହଇ।
ପିତାର ଘରକୁ ମୁଁ ଯେ ବାହାରି ଯବଇ।
ତୁମ୍ଭ ଅଳଙ୍କାର ପ୍ରଭୁ କାଢ଼ିଣ ଯେ ନିଅ।
ପଛରେ ଆମ୍ଭଙ୍କୁ ଆଉ ବୋଲଣା ନ ଦିଅ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଉକ୍ତ ବର୍ଣ୍ଣନା ମଧ୍ୟରେ ପତି ପରିତ୍ୟକ୍ତା ନାରୀ ନିଜର ବ୍ୟଥା, ଅଭିମାନ ଓ ଅସହାୟପଣର ଚିତ୍ର ପ୍ରକାଶ ପାଇଥାଏ। ବିବାହ ପରେ ପିତୃଗୃହରୁ ବିଦାୟ ନେଇ ଆସିଥିବା ନାରୀଟିଏ ଆଜୀବନ ସ୍ୱାମୀ ଗୃହରେ ରହିବାର ଉତ୍କଳୀୟ ପରମ୍ପରା ଏକ ସୁଖୀ ଦାମ୍ପତ୍ୟଜୀବନର ପ୍ରତୀକ ହୋଇଥିଲେ ସୁଦ୍ଧା ଲକ୍ଷ୍ମୀଙ୍କ ଜୀବନରେ ଏହାର ବ୍ୟତିକ୍ରମ

ଘଟିଥିବାରୁ ସେ ଏହାର ତୀବ୍ର ନିନ୍ଦା କରିଛନ୍ତି। ତେଣୁ ନିଜ ମନରଦୁଃଖ ଅଶାନ୍ତି ଓ ପ୍ରତିବାଦର ପ୍ରକାଶରେ ଶ୍ରଦ୍ଧାରେ ପିନ୍ଧିଥିବା ପ୍ରିୟ ଅଳଙ୍କାର ଆଭୂଷଣଗୁଡ଼ିକୁ ଅଙ୍ଗରୁ କାଢ଼ି ପତି ଜଗନ୍ନାଥଙ୍କୁ ସର୍ମପଣ କରିଛନ୍ତି।

ଏହାର ବର୍ଣ୍ଣନା କବିଙ୍କ ଭାଷାରେ:

ଶିରରୁ କାଢ଼ନ୍ତି ଲକ୍ଷ୍ମୀ ମୁକୁତାର ଜାଲି।
ହୃଦରୁ କାଢିଲେ ଇନ୍ଦ୍ରଗୋବିନ୍ଦ କାଞ୍ଚଲୀ।
ଅଣଟାରୁ କାଢ଼ନ୍ତି ମାଏ ରତ୍ନ ଓଢ଼ିଆଣି।
ନାସିକାରୁ କାଢିଲେ ସେ ମୁକ୍ତାର ବସଣୀ।
କର୍ଣ୍ଣଦ୍ୱୟରୁ କାଢିଲେ ହୀରାର କୁଣ୍ଡଳ।
ଗଳାରୁ କାଢିଲେ ଯେ ସୋରୀ ଚିନାମାଳ।
ପାଦରୁ କାଢିଲେଦେବୀ ନୁପୂର ବାଜେଣୀ।
ଅଙ୍ଗୁଷ୍ଠିରୁ କାଢନ୍ତି ଯେ ଝୁଣ୍ଟିଆ ବାଜେଣୀ।
ଅନ୍ୟ ଅଳଙ୍କାରମାନ କି କହିବି ଆଉ।
ରୁଣ୍ଡ କଲାରୁ ଦିଶିଲାସବୁ ଦାଉ ଦାଉ।
ସର୍ବ ଅଳଙ୍କାରମାନ ଏକଠାବ କଲେ।
ରଖ ଦୀନବନ୍ଧୁ ଏହା ବୋଲି ସମର୍ପିଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ନାରୀର ପ୍ରିୟ ଅଳଙ୍କାର। କିନ୍ତୁ ପତି ବିନା ଏସବୁ ମୂଲ୍ୟହୀନ। ତେଣୁ ଲକ୍ଷ୍ମୀ କ୍ରୋଧ ଅପମାନର ପ୍ରତିବାଦ ସ୍ୱରୂପ ସମସ୍ତ ଅଳଙ୍କାରମାନ ଜଗନ୍ନାଥଙ୍କୁ ସମର୍ପଣ କରିଛନ୍ତି।

ପତି ପରିତ୍ୟକ୍ତାନାରୀ ପାଇଁ ସମାଜରେ ସ୍ୱାମୀଙ୍କ ତରଫରୁ ସାରା ଜୀବନ ପାଇଁ ନିଆଶ୍ରୀ ହୋଇ ରହୁଥିବାସ୍ଥଳେ ମାତ୍ର ଛଅ ମାସ ପାଇଁ ଭାତ ଲୁଗା ଉଦ୍ଦେଶ୍ୟରେ ଦେଉଥିବାର ପ୍ରଥାକୁ ଲକ୍ଷ୍ମୀଙ୍କର ପ୍ରତିକ୍ରିୟା ପ୍ରତିବାଦର ସ୍ୱର କବିଙ୍କ ଭାଷାରେ:-

ଗୋବିନ୍ଦ ବୋଲନ୍ତି ଏହା କି କରିବୁ ନେଇ।
ଆମ୍ଭର ଏ ଅଳଙ୍କାର ପ୍ରୟୋଜନ ନାହିଁ।
ଗୃହସ୍ଥ ହୋଇଣ ଯେବେ ଭାର୍ଯ୍ୟାକୁ ଛାଡ଼ଇ
ଛମାସକୁ ଭାତ ଲୁଗା ଲେଖିଣ ଦିଅଇ।
ଏହି ଅଳଙ୍କାର ସବୁ ତୁମେ ଘେନିଯାଅ
ବିକି ଭାଙ୍ଗି କରି ଭାତ ଲୁଗା କରୁଥାଅ।
(ଦାସ, ବଳରାମ, ଲକ୍ଷ୍ମୀ ପୁରାଣ)

ଏହି ବର୍ଣ୍ଣନା ମଧ୍ୟରେ ପୁରୁଷ ମନରେ ନାରୀପ୍ରତି ଥିବା ହୀନମାନ୍ୟତା, ଅନ୍ୟାୟ ଓ ଅପମାନର ନିଦର୍ଶନ ମିଳିଥାଏ।

ଗଭୀର କ୍ଷତ ମଧ୍ୟରେ ଲବଣର ପ୍ରଲେପ ଭଳି ଲକ୍ଷ୍ମୀଙ୍କର ମନ ଜଗନ୍ନାଥଙ୍କର ଉତ୍ତର ଶୁଣି ଅଶାନ୍ତିରେ ଭରି ଉଠିଛି। ତେଣୁ ସେ ଏହି ଅପମାନର ତୀବ୍ର ପ୍ରତିବାଦ ଜଣାଇଛନ୍ତି। କବିଙ୍କ ଭାଷାରେ:

"ଲକ୍ଷ୍ମୀଦେବୀ କହନ୍ତି ପ୍ରଭୁଙ୍କ ମୁଖ ଚାହିଁ।
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଗୋସାଇଁ
ମୋହ ତୁଲ୍ୟ ଆଉଯେଉଁ ଭାରିଯା ଆଣିବ।
ଏହି ସବୁ ଅଳଙ୍କାର ତାହାକୁ ଯେ ଦେବ।
(ଦାସ, ବଳରାମ, ଲକ୍ଷ୍ମୀରାମ)

ବିନା ଦୋଷରେ ନିଜ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ କ୍ରୋଧ,ଅପମାନ ଓ ଅଭିମାନରେ ଗୁମୁରି ଉଠିଛି ଲକ୍ଷ୍ମୀଙ୍କର ହୃଦ, ଲକ୍ଷ୍ମୀଙ୍କର ଶାଣିତ ପ୍ରତିବାଦର ସ୍ୱର କବିଙ୍କ ଭାଷାରେ-

ମୁହିଁ ଯାଉଅଛି ହୀନ ଅରକ୍ଷିତ ହୋଇ।
ମୋହ ଅଭିଶାପ ଘେନ ପ୍ରଭୁଭାବଗ୍ରାହୀ।
ସତ୍ୟ ଯେବେ ଚନ୍ଦ୍ର ସୂର୍ଯ୍ୟ ହୋନ୍ତି ଆତଯାତ।
ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ।
ବାରବର୍ଷ ଯାଏ ତୁମ୍ଭେ ଦରିଦ୍ର ହୋଇବ।
ଅନ୍ନ ବସ୍ତ୍ରଜଳଯେ ତୁମ୍ଭଙ୍କୁ ନ ମିଳିବ।
ମୁହିଁ ଚାଣ୍ଡାଳୁଣୀ ଯେବେ ଟେକି ଦେବି ଅନ୍ନ।
ଭୋଜନ କରିବ ତୁମ୍ଭେ କାଳୀୟ ଗଞ୍ଜନ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଏହି ବର୍ଣ୍ଣନା ମାଧ୍ୟମରେ ପୁରୁଷ ପ୍ରଧାନ ସମାଜରେ ଅହଂକାର, ଆଧିପତ୍ୟ, ନାରୀ ନିର୍ଯାତନା, କୁସଂସ୍କାର, ଅସ୍ପୃଶ୍ୟତା ପ୍ରତି ହୀନ ମନୋଭାବ, ଜାତିଆଣଭାବର କାଠଗଡ଼ା ମଧ୍ୟରେ ନିର୍ଯାତିତ ମାନବସମାଜର ପ୍ରତିବାଦର ସ୍ୱର ସ୍ପଷ୍ଟ ଜଣାପଡ଼େ।

ନାରୀ ଗୃହଲକ୍ଷ୍ମୀ ତଥା ପରିବାର ପାଇଁ ଶୁଭଦାୟିନୀ। ନାରୀ ବିନା ପୁରୁଷର ସ୍ଥିତି ଅଚିନ୍ତନୀୟ। ନାରୀ ନିର୍ଯାତନା ଅପମାନରେ ଗୃହର ଭିତ୍ତିଭୂମି ଉଜୁଡ଼ି ଯାଇଥାଏ। ଲକ୍ଷ୍ମୀଙ୍କୁ ସାଧାରଣ ନାରୀର ଚରିତ୍ର ରୂପରେ ଅବତୀର୍ଣ୍ଣା କରି ବଳରାମ ଦାସ ସମଗ୍ର ମାନବ ସମାଜ ପାଇଁ ଏକ ଚେତାବନୀ ତଥା ଦିଗଦର୍ଶନର ଆହ୍ୱାନ ଦେଇଛନ୍ତି।

ଜଗନ୍ନାଥଙ୍କ ପ୍ରତି ମନରେ ଅଶେଷ ଅଭିମାନ, ଅଭିଯୋଗ ଓ ଅସନ୍ତୁଷ୍ଟ ଭାବ ରଖି ଲକ୍ଷ୍ମୀ ଏକାକିନୀ ଆଭୂଷଣବିହୀନା ପତିହୀନା ନାରୀ ଭଳି ଦୁଃଖିତ ମନରେ ନିଜର ପ୍ରିୟଜନ ଓ ମନ୍ଦିର ପରିତ୍ୟାଗ କରି ଚାଲି ଆସିଛନ୍ତି। ତାଙ୍କ ପଶ୍ଚାତଧାବନ କରୁଥିବା ପରିତ୍ୟାଗ କରି ଚାଲି ଆସିଛନ୍ତି। ତାଙ୍କ ପଶ୍ଚାତଧାବନ କରୁଥିବା ଦାସୀଙ୍କୁ ନିଜ ମନର ଅନୁଶୋଚନାକୁ ପ୍ରକାଶ କରିବାର ଶୈଳୀ କବିଙ୍କ ଭାଷାରେ:

ଏତେ ବୋଲି ଲକ୍ଷ୍ମୀ ଦେବୀ ଶାପ ଦେଇ ଗଲେ।
ଦେଉଳୁଁ ବାହାର ହୋଇକେତେ ଦୂରେ ହେଲେ।
ଏହା ଦେଖି ଦାସୀମାନେ ସଂଗେ ଗୋଡ଼ାବନ୍ତି।
ଦାସୀଙ୍କି ଅନାଇଁ ଲକ୍ଷ୍ମୀଦେବୀ ବୋଲୁଛନ୍ତି।
ମୁହିଁ ଯାଉଅଛି ରାଣ୍ଡ ଅଲକ୍ଷଣୀ ହୋଇ।
ମୋହ ପଛେ ତୁମ୍ଭେମାନେ ଆସୁଛ କିପାଇଁ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଲକ୍ଷ୍ମୀଙ୍କ ମନର ଆକ୍ରୋଶ, ପ୍ରତିବାଦ, ଦୁଃଖ ସବୁ ଏକାକାରହୋଇ ଅନ୍ୟାୟ ବିରୁଦ୍ଧରେ ପ୍ରତିଶୋଧ ରୂପରେ ରୂପାନ୍ତର ଘଟିଛି। ନିରାଶହୋଇ ଲକ୍ଷ୍ମୀ ପିତାଙ୍କ ଗୃହକୁ ଫେରିବାର ଇଚ୍ଛା ମଧ ତ୍ୟାଗ କରିଛନ୍ତି। ନିଜ ପ୍ରତି ଘଟିଥିବା ଅନ୍ୟାୟ ଅପମାନର ପ୍ରତିଶୋଧ ନେବା ପାଇଁ ସେ ପ୍ରତିଜ୍ଞାବଦ୍ଧ। କବିଙ୍କ ଭାଷାରେ:

ଏହିପରି ହୋଇ ଯେବେ ପୀତାଘର ଯିବି।
ଚାରିଦିନ ମାତ୍ର ତହିଁ ରହି ନପାରିବ।
ଜଗନ୍ନାଥ ପ୍ରାୟ ବନ୍ଧୁ ପିତା ଘରେ ଯିବେ।
ଜଗନ୍ନାଥ ଗଲେମୋତେ ସମର୍ପିଣ ଦେବେ।
ଶାପ ଦେବା ଫଳ ମୋହୋଇବ ଅକାରଣ।
ଦରିଦ୍ର ନୋହିବେ ପ୍ରଭୁ ଦେବ ଭଗବାନ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଅସୁବିଧା କିମ୍ବା ବିପଦରେନ ପଡ଼ିଲେ କେହିକୃତ କର୍ମର ଭୁଲ ପାଇଁ ପ୍ରାୟଶ୍ଚିତ କିମ୍ବା ଅନୁତାପ କରି ନଥାଏ। ତେଣୁ ମା ଲକ୍ଷ୍ମୀ ନିଜ ପାଇଁ ବିଶ୍ୱକର୍ମାଙ୍କୁ ଖଣ୍ଡିଏ କୁଡ଼ିଆ ବନାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ଐଶ୍ୱର୍ଯ୍ୟଶାଳୀ ମାତା ଲକ୍ଷ୍ମୀଙ୍କର ଦୁଃଖ ଶୁଣି ବିଶ୍ୱକର୍ମାସୁନ୍ଦର ରତ୍ନ ଖଚିତ ରାଜ ପ୍ରସାଦ ନିର୍ମାଣ କରିଛନ୍ତି। ଏହାର ସୁନ୍ଦର ବର୍ଣ୍ଣନାକବି ବଳରାମ ଦାସଙ୍କ ଭାଷାରେ:

ଆଜ୍ଞା ମାତ୍ରେ ବିଶ୍ୱକର୍ମା ଚଳିଣ ଯେ ଗଲା।
ତିନିକୋଶ ପ୍ରମାଣେ ଉଆସ ତୋଳାଇଲା।
ସୁବର୍ଣ୍ଣର କାନ୍ଥମାନ ସବୁ ଘର କଲା।
ହୀରା, ନୀଳା ମାଣିକ୍ୟାଦି ତହିଁ ଖଞ୍ଜାଇଲା।
ଗଣ୍ଡିକରେ ଅସଂଖ୍ୟ ମୁକୁତାଲଗାଇଲା।
ପ୍ରବାଳର ସ୍ତମ୍ଭମାନ ତହିଁରେ ରଚିଲା।
ପୁରଦେଖି କମଳିନୀ ସନ୍ତୁଷ୍ଟ ହୋଇଲେ।
ବିଶ୍ୱକର୍ମାଙ୍କୁ ବହୁତ ପ୍ରଶଂସା ଯେ କଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ସୁନ୍ଦର ପ୍ରସାଦଟିକୁ ଦେଖିବ ଲକ୍ଷ୍ମୀ ମନ୍ଦିରରୁ ବହିଷ୍କାର ହେବାର ଯନ୍ତ୍ରଣା କିଛି ପରିମାଣରେ ଭୁଲିଥିଲେ ମଧ ପ୍ରତିଶୋଧରୁ ବହ୍ନି ତାଙ୍କମନରୁ ଲିଭିନଥିଲା। ତେଣୁ ସେ ଅଷ୍ଟଦେବତାଙ୍କୁ ଡାକି ସମସ୍ତ ଖାଦ୍ୟ ଖାଇବା ପରେ ମନ୍ଦିରରେ ଥିବାସମସ୍ତ ଧନରତ୍ନ ନେଇ ଆସିବା ପାଇଁ ଆଦେଶ ଦେଇଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା ଲକ୍ଷ୍ମୀଙ୍କର ପ୍ରତି ଘଟିଥିବା ଅନ୍ୟାୟ ପ୍ରତିବାଦର ଭିନ୍ନ ଏକ ସ୍ୱର। ଯେଉଁଥିରେ ସ୍ତମ୍ଭ ବିଧ୍ୱସ୍ତ ହୋଇଯାଇଥିଲା ପ୍ରଭୁ ଜଗନ୍ନାଥ ଓ ଜ୍ୟେଷ୍ଠଭ୍ରାତା ବଳରାମଙ୍କର ଜୀବନଚର୍ଯ୍ୟା, ଆତ୍ମଗର୍ବ, ଅହଂକାର, ବଡ଼ପଣ ସବୁକିଛି। ଏହାର ଚମତ୍କାରବର୍ଣ୍ଣନା କବି ବଳରାମ ଦାସଙ୍କ ଭାଷାରେ:

ଅଷ୍ଟବେଦାଳେରେ ତୁମ୍ଭେ ଏମନ୍ତ କରିବ।
ପ୍ରଥମେ ରୋଷେଇଶାଳେ ଯାଇଣପଶିବ।
ଷାଠିଏ ପଉଟି ଭୋଗ ଭୁଞ୍ଜିବ ଯେ ତହିଁ।
ତେରପୌଟି ବ୍ୟଞ୍ଜନ ଖାଇବ ହର୍ଷ ହୋଇ।
ଶାକ ମୁଗ ମଧୁ ରୁଚି ତିକ୍ତ କାଞ୍ଜି ରାଇ।
ଆମ୍ବିଳ ଖାଇବ ଖଣ୍ଡ ଶାକରମିଶାଇ।
ଅମୃତ ମଣୋହି ତହିଁ ଭୋଜନ କରିବ।
ହାଣ୍ଡି କୁଣ୍ଡେଇକି ଏକଠାବେ କଚାଡ଼ିବ।
ତହିଁ ଯାଇଁ ଭଣ୍ଡାର ମଧରେ ଯେ ପଶିବ।
ବାଉନ କୋଟି ଭଣ୍ଡାରବହି ଯେ ଆଣିବ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଉକ୍ତ ବର୍ଣ୍ଣନା ମାଧ୍ୟମରେ ଉତ୍କଳୀୟ ରନ୍ଧନଶାଳାରେ ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ଭୋଜନ କରି ଶୂନ୍ୟ କରିଦେବା, ହାଣ୍ଡି କୁଣ୍ଡେଇକି କଚାଡ଼ି କରି ଭାଙ୍ଗିବା, ରତ୍ନଭଣ୍ଡାର ବୋହି ନେଇ ଲକ୍ଷ୍ମୀଙ୍କ ନିକଟରେ ସମର୍ପଣ କରିବାନିମନ୍ତେ ବେତାଳମାନଙ୍କୁ ଲକ୍ଷ୍ମୀଙ୍କର ଆଦେଶ, ତାଙ୍କର ମନରେ ଜଗନ୍ନାଥଙ୍କ ପ୍ରତି ଭରି ରହିଥିବା ଆକ୍ରୋଶ ଅଭିଶାପ ଓ ପ୍ରତିବାଦର ପ୍ରତିଫଳନ ମାତ୍ର। ଏ ସବୁ କାର୍ଯ୍ୟ ସମ୍ପାଦନ ନିମନ୍ତେ ଲକ୍ଷ୍ମୀ ନିଦ୍ରାଦେବୀଙ୍କ ସାହାଯ୍ୟ ନେଇଛନ୍ତି। ଏହାର ବର୍ଣ୍ଣନା ବଳରାମ ଦାସଙ୍କ ଭାଷାରେ:

ରାମକୃଷ୍ଣ ନୟନରେ ନିଦ୍ରାତୁ ଘାରିବୁ।
କାଲି ବେଳ ଦୁଇ ଘଡ଼ିଯାଏ ନ ଛାଡ଼ିବୁ।
ଆଜ୍ଞା ପାଇଁ ନିଦ୍ରାବତୀ ଶୀଘ୍ର ଚଳିଗଲେ।
ରାମକୃଷ୍ଣ ନୟନରେ ନିଦ୍ରା ଯେ ଘାରିଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଲକ୍ଷ୍ମୀଙ୍କର ଆଦେଶ ଅନୁସାରେ ବେନି ଭାଇ ନିଘୋଡ଼ ନିଦ୍ରାରେ ଅଚେତନ ଅବସ୍ଥାରେ ଶୋଇଥିବା ସମୟରେ ସମସ୍ତ କାର୍ଯ୍ୟ ସମାପନ କରିଥିଲେ ମଧ ପ୍ରଭୁ ଶୋଇଥିବା ପାଞ୍ଚ ଲକ୍ଷ ଟଙ୍କାର ମୂଲ୍ୟବାନ ଖଟ ଆଣିବା ପାଇଁ ପୁଣି ନିର୍ଦ୍ଦେଶ ଦେଇଅଛନ୍ତି। ଏ ସଂପର୍କରେ ଲକ୍ଷ୍ମୀଙ୍କର ବିଚାରଧାରା କବି ବଳରାମ ଦାସ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି।

ଯେତେବେଳେ ଜଗନ୍ନାଥ ଦରିଦ୍ର ହୋଇବେ
ରତ୍ନଖଟ ବିକିକରି ଦିନ କଟାଇବେ।
ଜଗନ୍ନାଥ ପ୍ରଭୁ ଯେବେ ମୋତେ ନ ଖୋଜିବେ।
ନାରୀଙ୍କି ପୁରୁଷମାନେ ଆଉ ନ ଲୋଡ଼ିବେ।
ମୋତେ ଘେନି ପ୍ରଭୁ ଯେବେ ନକରିବେ ଘର।
କଳିଯୁଗେ ନାରୀଙ୍କି ଯେ ନ ଖୋଜିବେ ନର।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଚମତ୍କାର ଶବ୍ଦ ସଂଯୋଜନା ଓ ରଚନାଶୈଳୀ ମାଧ୍ୟମରେ ବଳରାମ ଦାସ ସୃଷ୍ଟିରେଏହି ଚିରନ୍ତନ ସତ୍ୟକୁ ପ୍ରକାଶ କରିଛନ୍ତି

ମା’ ଲକ୍ଷ୍ମୀଙ୍କର ପ୍ରତିବାଦର ସ୍ୱର ରୂପରେ। ଏହି ପ୍ରଶ୍ନ ଓ ପ୍ରତିବାଦର ସ୍ୱରସମଗ୍ର ନାରୀଜାତିର, ଯେଉଁମାନେ ନିଜର ସ୍ଥିତି ଓ ସମ୍ମାନ ପାଇଁ ବଞ୍ଚିରହିବାର ରାହା ଖୋଜୁଥାନ୍ତି।

ଉତ୍କଳୀୟ ସଂସ୍କୃତିରେ ପତି-ପତ୍ନୀର ସଂପର୍କ ଜନ୍ମ ଜନ୍ମାନ୍ତରରେ ଜଳକ ବିନା ଅନ୍ୟ ଦଶକର ସ୍ଥିତି କଳ୍ପନାତୀତ। ପତି ପତ୍ନୀର ଉଭୟ ସ୍ତମ୍ଭ ଉପରେ ଆଧାରିତ ପରିବାରର ବିଶାଳ ଚଟାଣ ଛାତରୂପରେ। ସଂପର୍କର ଏହି କ୍ଷଣ ଭଙ୍ଗୁର ସତ୍ୟକୁ ଅନୁଭବ କରି ପାରିଥିଲେ ଦୂରଦ୍ରଷ୍ଟା କବି ବଳରାମ ଦାସ। ତେଣୁ ସେ ଚିରାଚରିତ ରୀତିରେ ଲକ୍ଷ୍ମୀଙ୍କୁ  ଅବଳା, ଦୁର୍ବଳା, ପୁରୁଷ ଆଜ୍ଞାକାରିଣୀ ଅସହାୟା ନାରୀ ଚରିତ୍ର ପରିବର୍ତ୍ତେ ଜୀବନରେ ଆସୁଥିବା ସମସ୍ତ ଝଡ଼ ଝଞ୍ଜା ସମସ୍ୟାକୁ ଦୃଢ଼ ଭାବରେ ସାମ୍ନା କରି ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମରତା ନାରୀ ରୂପରେ ବର୍ଣ୍ଣନା କରିଛନ୍ତି।

ଜ୍ୟେଷ୍ଠ ଭ୍ରାତା ବଳରାମ ଓ ଜଗନ୍ନାଥଙ୍କର ଗୁଣଗାରିମା ବର୍ଣ୍ଣନା କରିଛନ୍ତି।

ଜ୍ୟେଷ୍ଠ ଭ୍ରାତା ବଳରାମ ଓ ଜଗନ୍ନାଥଙ୍କର ଗୁଣ ଗାରିମା ବର୍ଣ୍ଣନା କରିବା ସମୟରେ କବି ବଳରାମ ଦାସ ଲେଖିଛନ୍ତି-

ଶତ କୋଟି ପରାକ୍ରମୀ ଅଟେ ବଳରାମ।
ଯେ ଖଟରେ ଶୋଇନ୍ତି କାଳୀୟଗଞ୍ଜନ
ସାତ କୋଟି ପର୍ବତରୁ ଅଟେ ବଡ଼ ଗରୁ।
ଜଗନ୍ନାଥ ଅଟନ୍ତି ଅଚଳ ମହାମେରୁ
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଅବତାରୀ ପୁରୁଷ ଶ୍ରୀଜଗନ୍ନାଥ କୃଷ୍ଣାବତାରରେ କାଳୀୟ ନାଗର ଗର୍ବ ଗଞ୍ଜନ କରିଥିଲେ। ଅଥଚ ନିଜ ମନର ଜାତିଆଣ ଭାବର ଗର୍ବ ଓ ଅହଂକାର ପାଇଁ ଭୋଗିଥିବା ଯାତନାର ବର୍ଣ୍ଣନା ଓ ଜ୍ୟେଷ୍ଠଭ୍ରାତା ବଳରାମଙ୍କର ନାରୀଜାତିର ପ୍ରତୀକ ମା’ ଲକ୍ଷ୍ମୀଙ୍କ ପ୍ରତି କରିଥିବା ଅନ୍ୟାୟ ଆଚରଣର କରୁଣ ପରିଣତିର ଅସହାୟପଣ ଅନ୍ୟାୟ ଆଚରଣ କରୁଥିବା ସମାଜପାଇଁ ଏକ ବଳିଷ୍ଠ ଚେତାବନୀ।

ଲକ୍ଷ୍ମୀଙ୍କ ଆଦେଶରେ ବେତାଳମାନେ ଭ୍ରାତା ବଳରାମ ଓ ଜଗନ୍ନାଥଙ୍କୁ ଦଉଡ଼ିଆ ଖଟକୁ ଗଡ଼ାଇ ଦେଇ ଶୋଇବାର ରତ୍ନଖଟ ଉଠାଇ ଆଣିଛନ୍ତି। କେବଳ ଏତିକି ନୁହେଁ, ସେମାନେ ବଳରାମଙ୍କର ପିନ୍ଧିବାର ପାଟ ଓ ଜଗନ୍ନାଥଙ୍କ ପିନ୍ଧିବାର ନେତ ମଧ୍ୟ ଖୋଲି ନେଇଯାଇଛନ୍ତି। ଲକ୍ଷ୍ମୀ ବିଭିନ୍ନ ମାଧ୍ୟମରେ ପ୍ରତିଶୋଧ ନେବାର ଉପାୟ ସ୍ଥିର କରିଛନ୍ତି।

ନିଜ ପ୍ରତି ଘଟିଥିବା ଅପମାନର ପ୍ରତିଶୋଧ ନେବା ପାଇଁ ମା’ ଲକ୍ଷ୍ମୀ ସରସ୍ୱତୀଙ୍କୁ ଆଦେଶ ଦେଇଛନ୍ତି ଦୁଇଭାଇ ମିଶି ଭିକ୍ଷାବୃତ୍ତି କରିବା ସମୟରେ ଲୋକଙ୍କ କଣ୍ଠରେ ବିଜେ ହୋଇ ତିରସ୍କାର କରି ସେମାନଙ୍କୁ ପାଣି ଟୋପେ ସୁଦ୍ଧା ନ ଦେବା ପାଇଁ। ଏହି ପ୍ରସଂଗରେ କବି ବଳରାମ ଦାସ ଲେଖିଛନ୍ତି:-

ସବୁ ଦ୍ୱାରେ ଜଗନ୍ନାଥ ବୁଲିବେକ ଯାଇ।
ସବୁ କଣ୍ଠେ ସରସ୍ୱତୀ ବିଜେ କର ତୁହି।
ଅନ୍ନ ଯେ ମାଗିଲେ ପାଣି ସୁଦ୍ଧା କେ ନଦେବେ।
ଏତେ ଦୁଃଖ ପାଇଲେ ସେ ମୋତେ ସୁମରିବେ।

ପ୍ରଭାତ ସମୟରେ ଦୁଇ ଘଡ଼ି ବିଳମ୍ବରେ ଦୁଇ ଭାଇ ଉଠି ଶୂନ୍ୟ ପାକଶାଳା ଓ ରତ୍ନ ଭଣ୍ଡାର ଦେଖି ବ୍ୟସ୍ତ ହୋଇ କ୍ଷୁଧା ଓ ତୃଷାରେ ଜଳ ଟୋପାଏ ମଧ୍ୟ ପାଇ ନାହାନ୍ତି। ତେଣୁ ଭିକ୍ଷାବୃତ୍ତି କରି ବଂଚିବାର ଏକମାତ୍ର ପନ୍ଥା ସ୍ଥିର କରିଛନ୍ତି। ଏହାର ବର୍ଣ୍ଣନା କବିଙ୍କ ଭାଷାରେ:

ବଳରାମ କହୁଛନ୍ତି ଶୁଣ ଆରେ ବାବା।
ନଗରରେ ଭିକ୍ଷା ମାଗି ଜୀବନ ପୋଷିବା।
କନ୍ଧରେ ପକାଇ ଛିଣ୍ଡା ଉତ୍ତରୀ ପଇତା।
ହସ୍ତରେ ଧଇଲେ ଭାଇ ଦୁହେଁ ଭଙ୍ଗା ଛତା।
ଚିତା ଘେନିବାକୁ ଜଳ କାହିଁ ନ ପାବନ୍ତି।
ଯାହା ଘରଠାରୁ ପାଣି ମାଗିବାକୁ ଯାନ୍ତି।
ଚୋର ଖଣ୍ଟ ବୋଲି ମାରି ଘଉଡ଼ାଇ ଦ୍ୟନ୍ତି।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଧନ, ଐଶ୍ୱର୍ଯ୍ୟ, ଆତ୍ମଗର୍ବ, ଅହଂକାର ସବୁ କିଛି କ୍ଷଣସ୍ଥାୟୀ। ସୃଷ୍ଟିର ଏହି ଚିରନ୍ତନ ସତ୍ୟର ହୃଦୟସ୍ପର୍ଶୀ ବର୍ଣ୍ଣନା ଏଠାରେ କବି ବଳରାମ ଦାସ ଉପସ୍ଥାପନା କରି ଅଛନ୍ତି। ଲକ୍ଷ୍ମୀଙ୍କର ଅଭିଶାପ ଓ ମାୟା ଫଳରେ ବଳରାମ ଓ ଜଗନ୍ନାଥ ଅନ୍ନ ଜଳ କଷ୍ଟରୁ ନିସ୍ତାର ନପାଇ କ୍ଷୁଧା ତୃଷାରେ ଦ୍ୱାର ଦ୍ୱାର ବୁଲି ନିରାଶ ହୋଇଛନ୍ତି। ବଂଚିବା ପାଇଁ ସର୍ବନିମ୍ନ ଆବଶ୍ୟକତା ମୁଠାଏ ଅନ୍ନ ଓ ପାଣି ମୁନ୍ଦାଏ ମଧ୍ୟ ନମିଳିବାର ବର୍ଣ୍ଣନା କବିଙ୍କ ବର୍ଣ୍ଣନାରେ:

ପଦ୍ମ ପୋଖରୀରେ ସାତ ତାଳ ପାଣି ଥିଲା।
ଲକ୍ଷ୍ମୀ ଆଜ୍ଞା ମାତ୍ରେ ତାହା ପଙ୍କ ହୋଇଗଲା।
ଜଗନ୍ନାଥ କହୁଛନ୍ତି କି ବୁଦ୍ଧି କରିବା।
ଜଳନାହିଁ ଫଳ ଅବା କାହିଁରୁ ପାଇବା।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ପଥରେ କ୍ଷୁଧାତୁର ଜଗନ୍ନାଥ ଏକ ଯୋଗୀକୁ ତାର ଥାଳରୁ କିଛି ଅନ୍ନ ଦେବାକୁ ଅନୁରୋଧ କରିବା ମାତ୍ରେ ଯୋଗୀର ଥାଳ ଭର୍ତ୍ତି ଅନ୍ନ ଖାଲି ହୋଇଯାଇଛି। ତେଣୁ ଯୋଗୀ ସତ୍ୟାନନ୍ଦ ନିର୍ଦ୍ଦେଶରେ ଦୁଇ ଭାଇ ଅଜାଣତରେ ଲକ୍ଷ୍ମୀଙ୍କର ପ୍ରାସାଦ ନିକଟରେ ଅନ୍ନ ମୁଠାଏ ଆଶାରେ ପହଞ୍ଚି ଦାସୀମାନଙ୍କ ତିରସ୍କାର ସତ୍ତ୍ୱେ ଜଗନ୍ନାଥ ଓଁକାର ଶବ୍ଦ ଧ୍ୱନିରେ ବେଦ ପାଠ କରିବାର ବର୍ଣ୍ଣନା କବିଙ୍କ ଭାଷାରେ:

ବଳରାମ କହିଲେକ ଶୁଣରେ କହ୍ନାଇ।
ପଂଚମ ସ୍ୱରରେ ଆସି ବେଦ ପଢ ତୁହି।
ଜଗନ୍ନାଥ ପ୍ରଭୁ ଯହୁଁ ଏମନ୍ତ ଶୁଣିଲେ।
ଓଁକାର ଶବଦ କରି ବେଦଧ୍ୱନି କଲେ।

ରକ ସାମ ଯଜୁ ଅଥର୍ବ ଯେ ଚାରିବେଦ।
ବ୍ରହ୍ମାଣ୍ଡ ପରି ଉଠିଲା ଗହ ଗହ ଶବ୍ଦ।
ପଲ୍ୟଙ୍କ ଉପରେ ଯେ କମଳା ଶୋଇଲେ।
ନିସ୍ତରିଲି ନିସ୍ତରିଲି ବୋଲିଣ ବୋଇଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଜଗନ୍ନାଥଙ୍କର ବେଦ ଧ୍ୱନି ଶୁଣି ଲକ୍ଷ୍ମୀ ପ୍ରଭୁଙ୍କ ଆଗମନର ସୂଚନା ପାଇଛନ୍ତି। ଜଗନ୍ନାଥ ଭୋଜନ ପାଇଁ ମୁଠାଏ ଅନ୍ନ ମାଗିଥିଲେ। ଲକ୍ଷ୍ମୀଭ୍ଙ୍କ ମନରୁଲିଭି ନଥିଲା ଚାଣ୍ଡାଳୁଣୀ ଅପବାଦର ନିନ୍ଦା। ତେଣୁ ସେ ଦାସୀଙ୍କ ମାଧ୍ୟମରେ ପ୍ରଭୁଙ୍କୁ ପଚାରିଥିବା ପ୍ରଶ୍ନ ବଳରାମ ଦାସଙ୍କ ଭାଷାରେ :

ଏ କଥା ଅରଜି ଅଛି ଚାଣ୍ଡାଳୁଣୀ ମୁହିଁ।
ଏବେ ଦାସୀମାନେ ଲୋ ପଚାର ବେଗେ ଯାଇଁ।
ବ୍ରାହ୍ମଣ ହୋଇ ମୋ ଘରେ କିରୂପେ ଭୁଞ୍ଜିବେ।
ଚାଣ୍ଡାଳୁଣୀ ଅପବାଦ ଜଗତେ ପାଇବେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଜ୍ୟେଷ୍ଠ ଭ୍ରାତା ବଳରାମଙ୍କ ମନରୁ ତଥାପି ଜାତିର ଅହଂକାର ଯାଇନାହିଁ। ତେଣୁ ସେ ନୂଆ ହାଣ୍ଡି, ପନିପରିବା ଚାଉଳ,ରନ୍ଧା ସରଞ୍ଜାମ ଇତ୍ୟାଦି ମଗାଇ ନିଜେ ରୋଷେଇ କରି ଖାଇବାର ଇଚ୍ଛା ପ୍ରକାଶ କରିଛନ୍ତି। ଭୋଜନ ପ୍ରସ୍ତୁତ ସାମଗ୍ରୀ ପଠାଇ ଦେବା ପରେ ଚିନ୍ତା କରିଛନ୍ତି ଏହାର ପରିଣାମ ବିଷୟରେ। କବିଙ୍କ ବର୍ଣ୍ଣନାରେ

ରାନ୍ଧିଣ ଭୁଞ୍ଜିବେ ଯେବେ ଏହି ଦଇ ଭାଇ
ନାରୀଙ୍କି ପୁରୁଷ ଆଉ ଲୋଡ଼ିବେ କି ପାଇଁ
ଲକ୍ଷ୍ମୀଦେବୀ କାଷ୍ଠ ଖଣ୍ଡେ ହସ୍ତରେ ଘେନିଲେ।
ଅଗ୍ନିର ସ୍ତମ୍ଭନ ମନନ୍ତ୍ର ଦେବୀ ପାଠ କଲେ।
କଦାପି ଅଗ୍ନି ଦେବତା ରେଜ ନ ହୋଇବ।
ହାଣ୍ଡି ନତାତିବ ଆଉ ପାଣି ନତାତିବ।

କମଳାଙ୍କ ଆଜ୍ଞାରେ ଅଗ୍ନିଦେବ ସମସ୍ତ କାଷ୍ଠ ଅଙ୍ଗାରରେପରିଣତ ହେଲେ ସୁଦ୍ଧା ପାଣି ଆଦୌ ତାତିନଥିଲା। ଧୂଆଁଭରା ଚୁଲି ଫୁଙ୍କି ଫୁଙ୍କି ବିରକ୍ତରେ ବଳରାମ କାଷ୍ଠ ଖଣ୍ଡକରେ ରନ୍ଧା ହାଣ୍ଡିକୁ ପିଟି ଫଟାଇ ଦେଇଥିଲେ। ଦୁଇଭାଇ ମନରେ ଥିବା ଜାତିଆଣ ଭାବର ଗର୍ବ ଭାଙ୍ଗି ଚୁରମାର ହୋଇଯାଇଛି। ତେଣୁ କ୍ଷୁଧାତୁର ଦୁଇଭାଇ ଜାତି ଯାଉ ପଛେ ଚଣ୍ଡାଳ ଗୃହରେ ଖାଇବାର ନିଷ୍ପତ୍ତି ନେଇଛନ୍ତି।

ଏହାର ଚମତ୍କାର ବର୍ଣ୍ଣନା ବଳରାମ ଦାସଙ୍କ ରଚନାରେ:

ଜଗନ୍ନାଥ ବୋଲୁଛନ୍ତି ବୁଦ୍ଧି ଦିଶୁନାହିଁ।
କ୍ଷୁଧାରେ ଆତୁର ଯେ ହେଉଛି ମୋର ଦେହୀ।
ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ।
ଜାତି ପଛେ ଯାଉ ତାର ଘରେ ଖାଉଁ ଭାତ।
ଯେବେ ଏହା ଘରୁ ଭାତ ଆମ୍ଭଙ୍କୁ ନ ଦେବ।
ଆମ୍ଭ ଦୁଇ ଭାଇଙ୍କ ମରଣ ହୋଇବ।

ଦୁଇ ଭାଇଙ୍କର ଅନ୍ନ କଷ୍ଟ ଦେଖି ଦୟା କ୍ଷମା ରୂପିଣୀ ଲକ୍ଷ୍ମୀଙ୍କର ହୃଦୟ ତରଳି ଯାଇଛି। ସେ ଅନ୍ନପୂର୍ଣ୍ଣା। ପ୍ରତିଶୋଧ ନେବାର ଯିଦରେ ପ୍ରଭୁମାନଙ୍କୁ କଷ୍ଟ ଦେଇଥିବାରୁ ସେ ଚିନ୍ତା କରିଛନ୍ତି। କବି ବଳରାମ ଦାସ ନାରୀ ହୃଦୟରଏଡି କୋମଳ ରୂପକୁ ସୁନ୍ଦର ରୂପରେ ବର୍ଣ୍ଣନା କରିଛନ୍ତି:

କେତେ ଦୁଃଖ ଦୀନବନ୍ଧୁ ଦୁହେଁ ଯେ ପାଇଲେ।
ସୁବର୍ଣ୍ଣର ଚଟୁ ଗୋଟି ହସ୍ତରେ ଧଇଲେ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଲକ୍ଷ୍ମୀ ନିଜେ ଆଗ୍ରହରେ ଓଡ଼ିଆ ଗୃହର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି। ଏହାର ବର୍ଣ୍ଣନା କବିଙ୍କ ଭାଷାରେ:

ପ୍ରଥମେ ରାନ୍ଧିଲେ ପାଏ ବଗଡ଼ା ଯେ ଅନ୍ନ।
ମୁଗ ମଧୁ ରୁଚି କ୍ଷୀରୀ ନାନାଦି ବ୍ୟଞ୍ଜନ।
ମରିଚ ଶାକର କଲେ କଦଳୀର ଭଜା।
ଅତି ଯତ୍ନେ କଲେ ପାଏ ତିଅଣ ଯେ ମଞ୍ଜା।
ଷାଠିଏ ପଉଟି ଯେ ରନ୍ଧନ କଲେ ଯାଇଁ
ବଗଡ଼ା ଭାତ ମହିମା କଳନାନ ଥାଇ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ମଞ୍ଜା ତିଅଣ, ଦୁଧ ପୁଳି, ଘୃତପୁଳି ସରପୁଳି, ବଡିର ମଦୁର, ଷାଠିଏ ନଉତି ପଣା, କର୍ପୂରମରିଚ, ଛେନାପଣା, ପଇଡ଼ ମିଶା ଛେନାପଣା ଇତ୍ୟାଦି ଜଗନ୍ନାଥ ବଳଭଦ୍ରଙ୍କର ପ୍ରିୟ ଓଡ଼ିଆ ଘରର ସୁସ୍ୱାଦୁ ବ୍ୟଞ୍ଜନ ଲକ୍ଷ୍ମୀ ପ୍ରସ୍ତୁତ କଲେ। ଶେଷରେ ପୋଡ଼ପିଠା ପ୍ରସ୍ତୁତ ହେଲା।

ଅପରିଚିତ ସ୍ଥାନରେ ଦୁଇ ଭାଇଙ୍କର ସୁବାସ ଜଳରେ ସ୍ନାନ ଆୟୋଜନ, ପିନ୍ଧିବାକୁ ପାଟ ପିତାମ୍ବରୀ ଇତ୍ୟାଦି ଆଦର ସତ୍କାର ଦେଖି ବଳରାମଙ୍କ ମନରେ ସନ୍ଦେହ ଓ ଆଶଙ୍କା ସୃଷ୍ଟି ହୋଇଛି।

କବି ବଳରାମ ଦାସଙ୍କ ଭାଷାରେ:

ବଳରାମ କହୁଛନ୍ତି ଶୁଣରେ କହ୍ନାଇ
ଏମନ୍ତ ପ୍ରକାରେ ମାନ୍ୟ କରେ କିସ ପାଇଁ
ଏହା ଘରେପୁରୁଷତ ଜଣେ ଦିଶୁନାହିଁ।
ଶୂଳୀ ଦେବା ପାଏ ଏହି ବିଚାର ଦିଶଇ।
ଚାଲ ଏବେ ପଳାଇଣ ଏହିଠାରୁ ଯିବା।
କ୍ଷଣକ ମଧ୍ୟରେ ଆଉ ପ୍ରାଣ ନପାଇବା।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ପ୍ରକୃତରେ ମନୁଷ୍ୟ ପରିସ୍ଥିତିରେ ଦାସ। ଦୁର୍ଭାଗ୍ୟ ପରିସ୍ଥିତି ମନୁଷ୍ୟର ଗର୍ବ ଦମ୍ଭକୁ ଚୁନା କରି ଦେଇଥାଏ।

ସ୍ୱାମୀ ଜଗନ୍ନାଥ ଓ ଦେଢ଼ଶୁର ବଳରାମ ଭୋଜନ କଲା ସମୟରେ ଲକ୍ଷ୍ମୀ ଓଡ଼ିଆ ଘରର ଚଳଣୀ ଅନୁସାରେ ଦୂରରେ ରହି

ବ୍ରାହ୍ମଣୀ ହସ୍ତରେ ସେମାନଙ୍କର ମନ ପ୍ରସନ୍ନର ଖାଦ୍ୟ ଗୋଟିଏ ପରେ ଗୋଟିଏ ପରଶି ଦେବା ସମୟରେ ଲକ୍ଷ୍ମୀଙ୍କର ହାତରନ୍ଧା ଖାଦ୍ୟ ସହିତ ପରିଚିତ ବଳରାମଙ୍କ ମନରେ ସନ୍ଦେହ ଜାତ ହୋଇଥିଲା।

ଭୋଜନ ଶେଷରେ ପୋଡ଼ପିଠା ଖାଇବାପରେ ଜଗନ୍ନାଥଙ୍କ ମନରେ ମଧ୍ୟ ସମାନ ପ୍ରଶ୍ନ ଉଠିଥିଲା। ଏହା ଲକ୍ଷ୍ମୀଙ୍କର ଗୃହ ବୋଲି ସେ ଜାଣି ପାରିଥିଲେ। ଏଠାରେ ବଳରାମଙ୍କର ମନର କଥାକବି ବଳରାମ ଦାସଙ୍କ ରଚନାରେ:

ବଳରାମ ବୋଲୁଛନ୍ତି ବାବୁ ଚକ୍ରଧର।
ତୁମ୍ଭେ ଯାଇଁ ହସ୍ତ ଧର ମହାଲକ୍ଷ୍ମୀଙ୍କର
ଆମ୍ଭେ ଦୋଷ କଲୁ ବୋଲି ତୁମ୍ଭେ କହ ଯାଇଁ।
ଯହିଁ ଇଛା ତହିଁ ଥାଅ ଆଗୋ ମହାମାଈ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଅଗ୍ରଜ ବଳରାମ ଜଗନ୍ନାଥଙ୍କୁ ଅନୁମତି ଦେଇଛନ୍ତି ଲକ୍ଷ୍ମୀଙ୍କୁ ଭେଟିବା ପାଇଁ। ଲକ୍ଷ୍ମୀ ଜଗନ୍ନାଥଙ୍କୁ ସାଦର ପ୍ରଣାମ ଜଣାଇ ନିଜର ପୁଞ୍ଜିଭୂତ ବେଦନାର ଅଭିଯୋଗ ଜଣାଇ ଅଛନ୍ତି। ବିନାଦୋଷରେ ଦଣ୍ଡ ଦେଇଥିବାରୁ ଜଗନ୍ନାଥଙ୍କ ପ୍ରତି ତାଙ୍କ ମନର ରୋଷ, ଅଭିମାନ କବିଙ୍କ ବର୍ଣ୍ଣନାରେ ପ୍ରକାଶ ପାଇଛି ଏକ ପ୍ରତିବାଦ ସ୍ୱରରେ-

ମହାଲକ୍ଷ୍ମୀ କହୁଛନ୍ତି ପ୍ରଭୁଙ୍କୁ ଅନାଇ
ଚାଣ୍ଡାଳୁଣୀ ବୋଲି ମୋତେ ଦେଲ ଘଉଡ଼ାଇ
ଚାଣ୍ଡାଳୁଣୀ ଘରେ ଏବେ ଭୁଞ୍ଜିଲ ଗୋସାଇଁ
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ଜଗନ୍ନାଥ ଲକ୍ଷ୍ମୀଙ୍କର ସବୁ ପ୍ରତିବାଦକୁ ନିରୁତ୍ତର ହାଇ ଶୁଣି ନିଜର ଭୁଲ ସ୍ୱୀକାର କରିଛନ୍ତି। ମନର ମାନ ତେଜି ପୁଣି ଥରେ ନିଜର ବଡ଼ ଦେଉଳକୁ ଫେରି ଆସିବା ପାଇଁ ଅନୁରୋଧ ଜଣାଇଛନ୍ତି। କିନ୍ତୁ ଏଥିପାଇଁ ଲକ୍ଷ୍ମୀ ଜଗନ୍ନାଥଙ୍କ ନିକଟରେ ଏକ ସର୍ତ୍ତ ରଖିଛନ୍ତି।

କବିଙ୍କ ଭାଷାରେ:

ଏତେ କହି ଗୋବିନ୍ଦ ଧଇଲେ ଲକ୍ଷ୍ମୀ ହସ୍ତ।
ଜଗତ ମାତ ବୋଇଲେ ତୁମ୍ଭେ କରସତ୍ୟ।
ଚାଣ୍ଡାଳୁ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ।
ସମସ୍ତେ ଖାଇଣ ହସ୍ତ ତଳେ ନ ଧୋଇବେ।
ହାଡ଼ି ହସ୍ତୁ ବ୍ରାହ୍ମଣ ଯେ ଛଡ଼ାଇ ଖାଇବେ।
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ।
ଅନ୍ନ ଖାଇ ସର୍ବେ ମୁଣ୍ଡେ ପାଛୁଥିବେ ହସ୍ତ।
ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ।
ହେଉ ହେଉ ବୋଲି ଆଜ୍ଞା ଦେଲେ ମହାବାହୁ।
ଯୁଗେ ଯୁଗେ ଲକ୍ଷ୍ମୀଗୋ ତୁମ୍ଭର ଯଶ ରହୁ।
(ଦାସ, ବଳରାମ, ଲକ୍ଷ୍ମୀପୁରାଣ)

ବଳରାମ ଦାସ ସମଗ୍ର ନାରୀ ଜାତିର ପ୍ରତୀକ ରୂପରେ ମା' ଲକ୍ଷ୍ମୀଙ୍କୁ ଅବତାରଣା କରିଛନ୍ତି ଦୃଢ଼ ପ୍ରତିବାଦର ଏକ ବିଜୟ ସ୍ତମ୍ଭ ଭାବରେ। ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ଘଟଣାବଳୀ କୌଣସି ଅଲୌକିକ ଚରିତ୍ର କାହାଣୀ ନୁହେଁ ବରଂ ସାଧାରଣ ମଣିଷ ଜୀବନରେ ଦୈନନ୍ଦିନ ଘଟୁଥିବାହସ କାନ୍ଦ, ମାନ-ଅଭିମାନ,ରାଗ-ରୁଷା, ଅନ୍ୟାୟ-ଅତ୍ୟାଚାର ତଥା ନୀତିଶିକ୍ଷାର ଏକ ମାର୍ମିକ ଅଭିବ୍ୟକ୍ତି। ବାସ୍ତବିକ ସର୍ବ ଧର୍ମ, ଜାତିର ସମନ୍ୱୟ, ଜାତିଭେଦ, ସାମ୍ୟବାଦର ମହାନ ବାର୍ତ୍ତା ବହନ କରୁଥିବା ଏହିବାଣୀ ରକ୍ଷଣଶୀଳ ସମାଜ ପାଇଁ ଏକ ଯୁଗାନ୍ତକାରୀ ଆହ୍ୱାନ ତଥା ନୂତନ ଯୁଗ ନିର୍ମାର ବାର୍ତ୍ତା ବହନ କରିଥାଏ।

### ସହାୟକ ଗ୍ରନ୍ଥସୂଚୀ


୧. ସାହୁ, କୃଷ୍ଣଚରଣ (୨୦୧୨) ବଳରାମ ଦାସ ରଚନା ସମ୍ଭାର ଭୁବନେଶ୍ୱର, ଜ୍ଞାନଯୁଗ ପବ୍ଲିକେସନ

୨. ଦାସ, ବଳରାମ (୧୯୧୨) ଲକ୍ଷ୍ମୀପୁରାଣ କଲିକତା, ଆଙ୍ଗଲୋ-ସଂସ୍କୃତ ପ୍ରେସ

୩. ଦାଶ, ସୂର୍ଯ୍ୟ ନାରାୟଣ (୨୦୧୭) ଓଡ଼ିଆ ସାହିତ୍ୟର ଇତିହାସ କଟକ, ଗ୍ରନ୍ଥ ମନ୍ଦିର


❖❖❖

# ବିସ୍ଥାପିତ ମଣିଷର ମରମ କଥା: କୁମାର ହସନଙ୍କ ବୁଡି ଅଞ୍ଚଳ



ISSN-2583-6978
Volume-5
Issue-11
NOVEMBER-2024

**ଗବେଷକ ପ୍ରଭାସ ଚନ୍ଦ୍ର ଟୋଲଟିଆ**

**ଓଡିଆ ଭାଷା ଓ ସାହିତ୍ୟ ବିଭାଗ**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ,ଭବାନୀପାଟଣା,କଳାହାଣ୍ଡି**

ଓଡ଼ିଆ ସାହିତ୍ୟରେ ଜଣେ ଜନବାଦୀ ଲେଖକ ଭାବେ କୁମାର ହସନ ବେଶ ପରିଚିତ ।ସମାଜର ଦଳିତ, ନିଷ୍ପେସିତ, ଶୋଷିତ, ନିର୍ଯାତିତ, ପଛୁଆ ବର୍ଗର ମଣିଷମାନଙ୍କ କଥାକୁ ସାହିତ୍ୟରେ ରୂପାୟିତ କରୁଥିବା ଲେଖକମାନଙ୍କ ମଧ୍ୟରେ କୁମାର ହସନଙ୍କ ସ୍ଥାନ ସ୍ୱତନ୍ତ୍ର ।ନିଜ ଲେଖନୀରେ ସମାଜର ବାସ୍ତବ ରୂପ ଦେବାରେ ସେ ଯେତିକି ଧୂରିଣ,ଭାଷା ସଂଯୋଜନ କ୍ଷେତ୍ରରେ ମଧ୍ଯ ସେ ଖୁବ୍ ସଚେତନ ।ଗ୍ରାମୀଣ ଜୀବନ ଚିତ୍ର ସହ ଆଞ୍ଚଳିକ ଭାଷାର ପ୍ରୟୋଗ ତାଙ୍କ ସାହିତ୍ୟରେ ଦେଖିବାକୁ ମିଳେ। ଏକାଧାରରେ ସେ ପ୍ରଖର ଜନବାଦୀ କବି,କଥାକାର,ଲୋକ ସାହିତ୍ୟିକ,ଅନୁବାଦକ ।କେବଳ କବିତା ନୁହେଁ ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି ।ଓଡ଼ିଆ ସମେତ ବିଭିନ୍ନ ଭାଷାରୁ ବହୁ ଅନୁବାଦ ରଚନା କରିଛନ୍ତି ।ତାଙ୍କ ସାହିତ୍ୟକୃତି ମଧ୍ୟରେ ରହିଛି-କାହାଣୀ 'ଡୁମା','ନିଷିଦ୍ଧ କଥା', କବିତା ସଂକଳନ 'ଇତି ତୁମର ମୁଁ',ପ୍ରବନ୍ଧ 'ସମ୍ବଲପୁର ଲୋକସାହିତ୍ୟ', 'ସମ୍ବଲପୁରର ସ୍ୱାଧିନତା ସଂଗ୍ରାମୀ', 'ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁର ଜିଲ୍ଲାର ଯୋଗଦାନ', 'ସାହିତ୍ୟ ଅସାହିତ୍ୟ, ଅନୁବାଦ ଚନ୍ଦୁମେନନ', 'ଅରଣ୍ୟା', 'ନଭେମ୍ବରନ', 'ଉନବିଂଶ ଶତାଦ୍ଦୀର ଓଡ଼ିଶାରେ ଗଣ ବିଦ୍ରୋହ', 'ଶ୍ରେଷ୍ଠ ଓଡ଼ିଆ କାହାନୀୟା', ଉପନ୍ୟାସ 'ବୁଡି ଅଞ୍ଚଳ' ଆଦି ଓଡ଼ିଆ ସାହିତ୍ୟକୁ କରିଛି ଅଧିକ ବିସ୍ତୃତ ଓ ସମୃଦ୍ଧ। କୁମାର ହାସନଙ୍କ ଜନ୍ମ ୧୯୬୨ ମସିହାରେ ହୀରାକୁଦ ବୁଡ଼ିଅଞ୍ଚଳର ଝାରସୁଗୁଡ଼ା ଜିଲ୍ଲାର ବିଚ୍ଛେଦଗଡ଼ରେ ।ସେ ପରବର୍ତ୍ତୀ ସମୟରେ ସମ୍ବଲପୁର ଚାଲିଆସି ସାକ୍ଷୀପଡ଼ା ଅଞ୍ଚଳରେ ରହୁଥିଲେ ।ତାଙ୍କ ପିତା ମୌଲାନା ମୁସ୍ତକିମ ଖାଁ ଜଣେ ଗୌନ୍ତିଆ ଥିଲେ। ଓଡ଼ିଶାର ପ୍ରମୁଖ ପତ୍ରିକା ସମାଜ, ହୀରାଖଣ୍ଡ, ନିସାନ୍, ଅନ୍ୱେଷା, ବିକଳ୍ପ ବିଚାର ଆଦି ସହ ସେ ଜଡ଼ିତ ଥିଲେ। ଅନୁବାଦ ସାହିତ୍ୟ ପାଇଁ ୨୦୦୬ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।ଏହା ସହିତ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୨୦୨୨ରେ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ,୧୯୯୮ରେ ବସନ୍ତ ମୁଦୁଲି କବିତା ସମ୍ମାନ, କବି ଦୁର୍ଗେଶ ଖାଡଙ୍ଗା କବିତା ପୁରସ୍କାର ଆଦି ଲାଭ କରିଥିଲେ ।୨୦୨୩ ମସିହାରେ ଲେଖକ ଇହଲୀଳା ସମ୍ବରଣ କରିଥିଲେ ।

ନଦୀବନ୍ଧ ଯୋଜନା ଓ ତତ୍ ଜନିତ ବିସ୍ଥାପନକୁ ନେଇ ତାଙ୍କ ଦ୍ୱାରା ରଚିତ ହୋଇଛି 'ବୁଡି ଅଂଚଳ' ଉପନ୍ୟାସ। ୧୬୭ପୃଷ୍ଠା ବିଶିଷ୍ଟ ଏହି ଉପନ୍ୟାସଟି ପ୍ରକାଶିତ ହୋଇଛି ପଶ୍ଚିମା ପବ୍ଲିକେଶନ ଦ୍ୱାରା ୨୦୨୩ ମସିହାରେ ।ଉପନ୍ୟାସଟିରେ ୪୯ଟି ନାମକରଣ ବିହୀନ ପରିଚ୍ଛେଦ ରହିଛି ।

ଭାରତ ସ୍ୱାଧୀନତା ଲାଭ କଲା ପରେ ବିକାଶ ନାଁରେ ଦେଶରେ ଅନେକ ଯୋଜନା ଓ ପ୍ରକଳ୍ପମାନ କରାଗଲା ।ସେଥିମଧ୍ୟରୁ ହୀରାକୁଦ ନଦୀବନ୍ଧ ଯୋଜନା ଅନ୍ୟତମ ।ଏହି ବନ୍ଧ ପରିଯୋଜନାର ମୂଳ ଲକ୍ଷ୍ୟ ଥିଲା ବନ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ନିୟନ୍ତ୍ରଣ ଓ କୃଷି ନିମିତ୍ତ ଜଳସେଚନ ଏବଂ ଜଳ ବିଦ୍ୟୁତ ଉତ୍ପାଦନ ।ବିକାଶ ଯେଉଁଠି ବିସ୍ଥାପନ ସେଇଠି ତେବେ ବିସ୍ଥାପିତଙ୍କୁ ଥଇଥାନ ଓ ଉଚିତ ରୋଜଗାର ଯୋଗେଇବା ହେଉଛି ସମ୍ପୃକ୍ତ ପ୍ରକଳ୍ପ କିମ୍ବା ସରକାରଙ୍କ କର୍ତ୍ତବ୍ୟ। ଏହି କର୍ତ୍ତବ୍ୟ କେତେ ଦୂର ପାଳନ କରାଯାଏ ବିସ୍ଥାପିତଙ୍କୁ କେତେଦୂର ନ୍ୟାୟ ମିଳେ ତାର ନିଛକ ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ। ଉପନ୍ୟାସଟି ଭିନ୍ନ ଧରଣର ମନେହୁଏ। ସାଧାରଣତଃ ଉପନ୍ୟାସ ଗୁଡିକରେ ବାସ୍ତବତା ଅପେକ୍ଷା କଳ୍ପନାକୁ ଅଧିକ ସ୍ଥାନ ଦିଆଯାଉଥିବା ବେଳେ ଏହି ଉପନ୍ୟାସଟିରେ ତାର ବ୍ୟତିକ୍ରମ ଦେଖାଯାଏ ।କାରଣ ଏହି ଉପନ୍ୟାସର ପ୍ରତ୍ୟେକ ଘଟଣା ସମ୍ପୂର୍ଣ୍ଣ ବାସ୍ତବ ଘଟଣା ।ଏହି ଉପନ୍ୟାସକୁ ହୀରାକୁଦ ନଦୀବନ୍ଧ ଯୋଜନାର ଏକ ପ୍ରାମାଣିକ ଦଲିଲ କହିଲେ ଅତ୍ୟୁକ୍ତି ହେବ ନାହିଁ ।ବିସ୍ଥାପନ

ନଗ୍ନ ବାସ୍ତବତାକୁ ଏଥିରେ ଦେଖାଇ ଦିଆଯାଇଛି ।ନଦୀବନ୍ଧ ଯୋଜନାର ହେବାର ଦୀର୍ଘ ବର୍ଷ ବିତି ସାରିଥିଲେ ମଧ୍ୟ ଲୋକଙ୍କୁ କ୍ଷତି ପୂରଣ ଟଙ୍କା କିମ୍ବା ଉଚିତ ଥଇଥାନ କରାଯାଇନଥିବା ଫଳରେ ଲୋକ ଭୋକ ଶୋଷ ସହି ନ ପାରି କିଭଳି ନିଜ ରାଜ୍ୟ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ହେଇଗଲେ ତାର ଏକ ଚିତ୍ର ଉପନ୍ୟାସର ମଣି ଚୌକିଦାର ଓ ବଣୋ ଭଳି ଚରିତ୍ରର କଥୋପକଥନରୁ ବେଶ ବୁଝାପଡ଼େ ।ଔପନ୍ୟାସିକଙ୍କ ଭାଷାରେ 'ହଇବୋ ମଣି, ତୋ'ର ଏ ହୀରାକୁଦ ବନ୍ଧକୁ ତ ବାପା ତିନି କୋଡ଼ି ବର୍ଷରୁ ଅଧିକା ହେଲାଣି । କେତେ ଲୋକ ମରିହଜି ଗଲେଣି । ଏବେ ସେମାନଂକ କଥା ତୋ' ସରକାରର ମନେ ପଡ଼ିଲା ? କେତେ ଲୋକ ତରାଇଜ ଛାଡ଼ି ସେ କଅଣ କହନ୍ତି ମଧ୍ୟ ପ୍ରଦେଶ, ଛତିଶଗଡ଼ ଆଉ କୁଆଡ଼େକୁଆଡ଼େ ପଳେଇ ଯାଇଛନ୍ତି । ସେମାନଙ୍କ ପୁଅନାତି ଥିଲେ ଥିବେ ! ହେଲେ ସେମାନେ କ'ଣ ଆଉ ଜାଣି ପାରିବେ ନା ତାଙ୍କ ପାଖରେ କୋଉ ନୋଟିସ କି କାଗଜପତ୍ର ଥିବ ଯେ ପଇସା ପାଇବେ ?ସେତିକିବେଳେ ଦିଆ ଯାଇଥିଲେ ସିନା ଯାହା ହୋଇଥାନ୍ତା । ହେଲେ ସେତିକିବେଳେ ତ ବିନା ପଇସାପତ୍ରରେ ଲୋକମାନଙ୍କୁ କୁକୁର ମଙ୍କଡ଼ ଭଳି ପୁଲିସ, ମିଲିଟାରୀ ଲଗେଇ ତଡ଼ି ଦିଆଗଲା । ଆମେ ବି ସେମିତି ହିନିମାନିଆ ହେଇ, କରମ କପାଳ ଆଦରି ପଳେଇ ଅଇଲୁରେ ।' (ପୃଷ୍ଠା-୧୨)

ଏହି ଉପନ୍ୟାସରେ ତତ୍କାଳୀନ କଂଗ୍ରେସ ସରକାରର ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି ।ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ମହତାବଙ୍କ ରାଜନୈତିକ ଷଡ଼ଯନ୍ତ୍ର ଏବଂ ପ୍ରତାରଣାକୁ ଉପନ୍ୟାସର ଏହି ଅଂଶରୁ ବେଶ ବୁଝିହୁଏ 'ସମ୍ବଲପୁର ମ୍ୟୁନସିପାଲଟିରେ ସଭା ହୋଇ ବନ୍ଧ ନିର୍ମାଣର ବିରୋଧ କରି ପ୍ରସ୍ତାବ ଗୃହୀତ ହେଲା । ସେହିଦିନ ପ୍ରସ୍ତାବଟି ଓଡ଼ିଶାର ଲାଟ ସାହେବ ସାର ଲୁଇସ୍ ହଥନଙ୍କୁ ପଠାଗଲା । ସେ ଏହି ବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କରିବାକୁ ଆସିବାର ସମ୍ବଲପୁର ସହରରେ ବନ୍ଧ ବିରୋଧୀ କମିଟି ଗଠିତ ହେଲା । ଟାଉନହଲ୍‌ଠାରେ ଜିଲା କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇ ବନ୍ଧର ବିରୋଧ କରାଗଲା । ଉକ୍ତ ସମ୍ମିଳନୀରେ ସାତ ହଜାର ଲୋକ ଯୋଗ ଦେଇଥିଲେ । ଅତିଥି ଭାବେ ଓଡ଼ିଶାର ତତ୍ ?କାଳୀନ ପ୍ରଧାନମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ ।(ପୃଷ୍ଠା-୧୫) ।ଅଭ୍ୟର୍ଥନା କମିଟିର ସଭାପତି ହୀରାକୁଦ ବନ୍ଧଦ୍ୱାରା ହେବାକୁ ଯାଉଥିବା ବ୍ୟାପକ କ୍ଷୟକ୍ଷତି ସଂପର୍କରେ ସମ୍ମିଳନୀରେ ଉଦ୍‌ବୋଧନ ଦେଲା ପରେ ଡ. ମହତାବ ଉଠି କହିଥିଲେ ଯେ – 'ଏ ସାମାନ୍ୟ କଥା ଲାଗି ଏତେ ବଡ଼ ଆନ୍ଦୋଳନ ସଂଗଠିତ କରିବାର ଆବଶ୍ୟକତା କ'ଣ ଥିଲା ? ଲୋକେ ଛ' ପଇସାର ଖଣ୍ଡେ ଲଫାପାରେ ସରକାରଙ୍କୁ ନିଜର ମତାମତ ଜଣେଇ ଦେଇଥିଲେ ତ କାମ ଚଳିଥାନ୍ତା । ସମ୍ବଲପୁରର ଲୋକେ ନ ଚାହିଁଲେ ବନ୍ଧ କରାଯିବ ନାହିଁ ।'

ହେଲେ ଯା ପରେପରେ ଡ. ମହତାବ କଟକର ଏକ ଜନସଭାରେ କହିଲେ ଯେ- 'ହୀରାକୁଦ ବନ୍ଧର ଲାଭ ଓ ଉପକାରିତା ବିଷୟରେ ସମ୍ବଲପୁରର ଲୋକମାନଙ୍କୁ ସବୁକଥା ଭଲକରି ବୁଝେଇ ଦିଆଯାଇ ସରିଛି ।' ମହତାବଙ୍କ ଏହି ଦୋମୁହାଁ କଥା ରାଜ୍ୟ କଂଗ୍ରେସ ସରକାରର ଅସଲ ଚେହେରା ଲୋକଙ୍କ ଆଗରେ ସ୍ପଷ୍ଟ କରି ଦେଇଥିଲା । ଲୋକେ ବୁଝିଗଲେ ଯେ ସେମାନଙ୍କୁ ପ୍ରତାରିତ କରାଯାଇଛି; ଧୋକା ଦିଆ ଯାଇଛି । ଏଠି ଗୋଟେ କଥା ତ ସେଠି ଗୋଟେ କଥା । ଆନ୍ଦୋଳନ ଛଡ଼ା ଆଉ କିଛି ଉପାୟ ନାହିଁ ।

ସେତିକିବେଳେ କମଲୁ ମାଷ୍ଟର (କମଲଲୋଚନ ମିଶ୍ର) ମହତାବଙ୍କ ଦୋମୁହାଁ ନୀତିର ସମାଲୋଚନା କରି ହିନ୍ଦୀରେ ଏକ ଗୀତ ଲେଖିଥିଲେ, ଯାହାକୁ ଦେବଦତ୍ତ ପତି ସବୁ ବନ୍ଧ ବିରୋଧୀ ସଭାସମିତିରେ ବୁଲିବୁଲି ଗାଉଥିଲେ-

"ହମ୍ ଲୋଗ ହୀରାଖଣ୍ଡକେ ଭୂତ୍
ଗଣତନ୍ତ୍ର ନହିଁ ଷଡ଼ଯନ୍ତ୍ର ହୈ
ଚୋରୌକା ୟହ୍ ମହାମନ୍ତ୍ର ହୈ
ଛୋଡ଼ୋ ତୋ ନା ମିଲେ ଛୁଟ୍
ହମ୍ ଲୋଗ ହୀରାଖଣ୍ଡକେ ଭୂତ୍ ।
ମହତାବ୍ ନହିଁ ମହାତାପ୍ ହୈ
ନର୍-ତନଧାରୀ ମହା—ଶାପ ହୈ
ବାତ୍ ବୋଲେ ବଡ଼ା ଝୁଠ୍
ହମ୍ ଲୋଗ ହୀରାଖଣ୍ଡକେ ଭୂତ ।" ପୃଷ୍ଠା-(୧୬)

ଔପନ୍ୟାସିକ ମାଖିନୁ ଚରିତ୍ର ଦ୍ୱାରା ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛେଇ ନାହାନ୍ତି ।ଯାହା ଔପନ୍ୟାସିକଙ୍କ ଭାଷାରେ-'ହେଲେ ଗାନ୍ଧୀବୁଢ଼ା, କୋଉ ଯେ ଆଫ୍ରିକାର ଘୋର ବନସ୍ତ ଭିତରୁ ଆସିଲା ଯେ ଏଠି ଗଣ୍ଡେଇ ଦେଲା । ରାମ ରାଇଜ ରାମ ରାଇଜ କହିକି ରାଇଜକୁ ଜଙ୍ଗଲ କରି ରାବଣ ହାତରେ ଟେକିଦେଲା । ଗୁରାମାନଙ୍କ ଘଉଡ଼ି ଦେଲା । ହେଲେ ଏଠି ଯଉ କଳାସରକାର ବନେଇଲା, ସେମାନେ ତ ଗୁରା ସରକାରଠୁ ବି ବାପଜିଣା ସଇତାନ ।'

ହୀରାକୁଦ ନଦୀବନ୍ଧ ନିର୍ମାଣ ପାଇଁ ପ୍ରଥମେ ଅଧିଗ୍ରହଣ କରାଯାଇଥିବା ଗାଁ ହେଉଛି ଜମଡ଼ା ।ତେବେ ହୀରାକୁଦ ନଦୀ ବନ୍ଧ ଓ କେନାଲ କାର୍ଯ୍ୟ ପାଇଁ ଯେଉଁ ସବୁ ଯନ୍ତ୍ରପାତି ଓ ରୋଲର ଟାଣିବା ପାଇଁ ବଳଦ ସବୁ ଭଡାରେ ଅଣା ଗଲା ତାହା ଥିଲା ଓଡ଼ିଶା ବାହାରର ।ଓଡ଼ିଶାରେ ସବୁ ଥାଇ ମଧ୍ୟ ଓଡ଼ିଶାର କୌଣସି ଜିନିଷ ନିଆଗଲା ନାହିଁ ଏହା ନିଶ୍ଚୟ ପରିତାପର ବିଷୟ । ସବୁ କିଛି ବାହାରୁ ଆସିବା ଫଳରେ ଏଠିକାର ଲୋକ ଯେଉଁ ଅଭାବ ଅନାଟନ ଟିକିଏ

ଦୂର ହେବ ବୋଲି ଭରସା କରିଥିଲେ ତାହା ସବୁଦିନ ପାଇଁ ସ୍ୱପ୍ନ ହେଇ ରହିଗଲା। ଗୋଟେ ସମ୍ପ୍ରଦାୟ ବିସ୍ଥାପନ ହେବା ଫଳରେ କେଉପରି ନିଜର ସବୁ କିଛି ହରେଇବସେ ତାହା ଉପନ୍ୟାସରେ ବର୍ଣ୍ଣିତ ଏକ ଅଂଶରୁ ବୁଝିହୁଏ। ମହାନଦୀ ଗର୍ଭରେ ଥିବା ଏକ ଦ୍ୱୀପରେ ଥିବା ଗାଁ ହେଉଛି ଜୁନାନୀ।ଯେଉଁଠି ଝରା ସମ୍ପ୍ରଦାୟର ଲୋକ ବସବାସ କରନ୍ତି।ଏମାନେ ମହାନଦୀ ଉପରେ ଭରସା କରି ଜୀବନ ଅତିବାହିତ କରୁଥିଲେ।ଜୀବିକା କହିଲେ ମହାନଦୀ ବାଲିରେ ହୀରା ସୁନା କଣିକା ସଂଗ୍ରହ କରିବା ଓ ସେଇଥିରୁ ବିକି ଯାହା ମିଳୁଥିଲା ସେମାନେ ପେଟପୋଷି ଚଳୁଥିଲେ।ହେଲେ ବନ୍ଧ ହେବା ଫଳରେ ସେହି ଗାଁ ଜଳ ଗର୍ଭରେ ଲୀନ ହେଇଗଲା।

ମଣିଷ ନିଜ ଗାଁ ଭୂଇଁ ସହ ଏତେ ଜଡିତ ଯେ ତାକୁ ଗାଁ ଭୂଇଁରୁ ଅଲଗା ହେବା ଅସମ୍ଭବ।ମରିବ ପଛେ ଗାଁ ଛାଡିବ ନାହିଁ।ଉପନ୍ୟାସର ରାଏମତି ଚରିତ୍ରରୁ ଏହା ବୁଝିହୁଏ।ଯେତେବେଳେ ଗାଁ ଖାଲି କରିବା ପାଇଁ କୁହାଯାଇଛି ରାଏମତିର ବଡ଼ ପୁଅ ଜିନିଷପତ୍ର ସଜାଡ଼ିବାରେ ବ୍ୟସ୍ତ।ଏପଟେ ରାଏମତି ଶେଷ ଥର ପାଇଁ ନିଜ ହାତରେ ଲାଗେଇଥିବା ଶାଗପଟଳିକୁ ଦେଖିବାକୁ ଯାଇଛି।ସେଇଠି ତାକୁ ମନେପଡିଯାଇଛି ତାର ଅତୀତରେ ଚାଳିଶ ବର୍ଷ ତଳେ ତାର ସାନ ଝିଅ ହରେଇଥିବାର କଥା। ଦିନେ ତା ଝିଅ ବି ତାକୁ ଘଡ଼ିଏବି ଏକୁଟିଆ ଛାଡୁ ନ ଥିଲା ଆଉ ରାଏମତିକୁ କହୁଥିଲା-ମାଁ ଗୋ ମୋତେ ଛାଡିକି ଯା'ନା।ମୋତେ ବଡ଼ ଡର ଲାଗୁଛି।ତୁ ଗଲେ ମୁ ମରିଯିବି।'(ପୃଷ୍ଠା-୬୫)ରାଏମତିକୁ ଲାଗୁଛି ଏଇ ଶାଗ ପାତାଳି ଭିତରେ ଶହ ଶହ ଝିଅ ତାକୁ ଡାକୁଛନ୍ତି ଛାଡି କି ନ ଯିବା ପାଇଁ ଏତିକି ବେଳେ ରାଏମତି କିଛି ବୁଝି ପାରୁନି ସବୁ ଆଡେ ତାକୁ ଅନ୍ଧାର ଲାଗୁଚି।ରାଏମତି କହୁଛି-'ନାଇଁରେ ପୁତେ, ମୁଁ ତୁମକୁ ଛାଡ଼ିକି କୁଆଡେ ଯିବି ନାଇଁ।ସବୁବେଳେ ତମର ସଙ୍ଗେ ସଙ୍ଗେ ଥିବି।ଆମେ ସମସ୍ତେ ଏଇଠି ହିଁ ରହିବା...।'(ପୃଷ୍ଠା-୬୬) ଏହା କହି ରାଏମତି କୂଅକୁ ଡେଇଁ ପଡିଛି ଯାହା ଔପନ୍ୟାସିକଙ୍କ ଭାଷାରେ- ରାଏମତି ଧୀରେ ଧୀରେ ବସିଲା ଥାନରୁ ଉଠିଲା।ପାଖର ଗହିରିଆ ପୁରୁଣାକାଳିଆ କୂଅ ଭିତରୁ ଛପାକ କରି ଶବ୍ଦଟେ ଶୁଭିଲା।ଘରର ଜିନିଷପତ୍ର ସାଇତାସାଇତି କରିବା ଭିତରେ ସେ ଶବ୍ଦଟା କାହାକୁ ଶୁଭିଲା ନାହିଁ।(ପୃଷ୍ଠା-୬୬)

ବିସ୍ଥାପନ କେବଳ ମଣିଷ ସମାଜ ପାଇଁ ବିପଦ ନୁହେଁ ଏହା ସମଗ୍ର ଜୀବ ଜଗତ ପାଇଁ ଏକ ଅଭିଶାପ ବୋଲି କୁହାଯାଇପାରେ।ବିସ୍ଥାପନ ପରିବେଶ ଅବକ୍ଷୟର ମଧ୍ୟ ଏକ କାରଣ ଭାବେ ଉଭା ହୁଏ।ଏହା ଦ୍ୱାରା ମଣିଷ ସହିତ ଜୀବଜନ୍ତୁ ମାନେ ମଧ୍ୟ ବାସହରା ହୋଇଥାନ୍ତି।'ଗାଁଗଣ୍ଡା,ପଡ଼ାପାଲି,ବଣ ଜଙ୍ଗଲ,ପାହାଡ଼ ଡଙ୍ଗର,ଗୁଡ଼ାପଡ଼ିଆ,ସବୁ ଭିତରେ ଧୀରେ ଧୀରେ ପାଣି ରଙ୍ଗିବାକୁ ଲାଗିଲା।ଗୋଟେ ରକମ ପଚା,ଭୁର୍କୁଟିଆ ଦୁର୍ଗନ୍ଧରେ ଚାରିଆଡେ ଫାଟି ପଡୁଥାଏ।ପାଣିରେ କେତେ ମଲା ଜୀବଜନ୍ତୁ,ସପବିଛା, ଗାଈବଳଦ,ଛେଳିମେଣ୍ଢା,ଚଢ଼େଇମାନେ ଫୁଲି,ପଚି ଭାସୁଥାନ୍ତି।ପଚା ଗଛପତ୍ରର କସକୁଟିଆ ଗନ୍ଧରେ ନାକ ରୁନ୍ଧି ହେଉଥାଏ।ପାଣି ବଢିବା ସହିତ ବଣ ଜଙ୍ଗଲର ବାଘ ଭାଲୁ,ହେଟାବାଘ, କୋକିଶିଆଳି, ବିଲୁଆ,କୁତ୍ରା, ସମର,ଚିଥଲ,ଗୋଧି, ଠେକୁଆ,ନେଉଳ, କଟାସ, ଗୁଣ୍ଡୁଚି ମୂଷା,ମୂଷା, ସାଏମୂଷା,ଏଣ୍ଡୁଅ, ସାପବିଛା, ବି ଧୀରେ ଧୀରେ ପାଣିର ଉପର ମୁଣ୍ଡକୁ ଉଠୁଥାନ୍ତି।'(ପୃଷ୍ଠା-୭୧) ଉପନ୍ୟାସରେବର୍ଣ୍ଣିତ ବିସ୍ଥାପିତ ଗାଁ ଗୁଡିକ ମଧ୍ୟରେ ରହିଛି ସମ୍ବଲପୁର ଥାନା ଅନ୍ତର୍ଗତ- ହୀରାକୁଦ, ବୁର୍ଲା,ଲରପଙ୍କ, ଭୁଲକା, କୁଲିତାପାଲି, ଭୋଇପାଲି, ସାଁପଲହରା, ମହୁଲପାଲି। କତରବଗାଥାନା ଅନ୍ତର୍ଗତ ନିଶାନଭଙ୍ଗା, ଖିଣ୍ଡା, କୁଦୋପାଲି, ବାରିକପାଲି, କୁର୍ଲା, ଯୁଗୀପାଲି, ସ୍ୱପ୍ନେ,ବଇଶିମାଲ ଆଦି। ସେହିପରି ରଂପେଲା ଥାନାର ରଂପେଲା,ଗମ୍ଭାରୀପାଲି, ବାଗମୁଣ୍ଡା,ମଙ୍ଗଳପୁର, ତାଳଡ଼ିହି, ଫଟ ।ପାଲି,ଦଳଗାଁ, ଅଡ଼ାପରା, ଲଖନପୁର, ଜଡ଼ାମୁଡ଼ା,ବିନିକା। ସେହିପରି ପୂର୍ବତନ ମୁରା ଥାନା ଅନ୍ତର୍ଗତ ଗାଁ ଗୁଡିକ,ମହାଦେବ ପାଲି ଥାନା ଅନ୍ତର୍ଗତ ଗାଁ ଗୁଡିକ ଏଭଳି ଅନେକ ଗାଁ ସବୁଦିନପାଇଁ ଜଳମଗ୍ନ ହେଇଗଲା।ଉପନ୍ୟାସରେବର୍ଣ୍ଣିତ ପ୍ରତ୍ୟକ ଚରିତ୍ର ଜଣେ ଜଣେ ବିସ୍ଥାପିତ ମଣିଷ।ମଣି ଚୌକିଦାର, ବଣୋ, ହୁରଷି,ଭୁବନ, ବିନୋଦିନୀ, ଉକୁର୍ଲି ବୁଢ଼ୀ, ରାଏମତି, ସୁନାଦେଇ, କମ୍ରେଡ଼ ଉଜାଗର, ପଧାନ ବୁଢା, ଡମରୁ ଏଭଳି ଅନେକ ଚରିତ୍ରର ଅବତାରଣା କରାଯାଇଛି। ଯେଉଁ ମାନେ ନିଜର ଦୁଃଖ କଷଣର କଥାକୁ ଉପନ୍ୟାସରେ କହିଚାଲିଛନ୍ତି। ସତେ ଯେମିତି ସେମାନେ ସବୁ ଏହି ନଦୀବନ୍ଧ ଯୋଜନାର ଜଣେ ଜଣେ ମୂକସାକ୍ଷୀ।

ସବୁଠୁ ବଡ଼ କଥା ହେଲା ଉପନ୍ୟାସର ଭାଷା ଶୈଳୀ।ଆଞ୍ଚଳିକ ଭାଷାର ପ୍ରୟୋଗ ଉପନ୍ୟାସକୁ ଆହୁରି ଜୀବନ୍ତ କରିଦେଇଛି। ଉପନ୍ୟାସର ଅଧିକାଂଶ ସ୍ଥାନରେ ସମ୍ବଲପୁରୀ ଭାଷାର ପ୍ରୟୋଗ ରହିଛି।ଯେପରି ' ଏ ବୁଆ, ଏତିକି ଦିନ ଯାକେ ଗାଁମାଁର ଛୁଆ ହେଇ ରହିଥିଲେ।ଯାଉଛୁ ବାପା, ଦୋଷଗୁହ୍ନା ଯାହା କରିଥିବୁ ମାଫ କରିଦେବ।' ସେହିପରି ଉପନ୍ୟାସର ଏକ ଚରିତ୍ର ଉର୍କୁଲି ବୁଢ଼ୀର ଅନର୍ଗଳ ଗାଳି ଭିତରେ ସମ୍ବଲପୁରୀ ଭାଷାର ଝଲକ ବାରି ହେଇପଡ଼େ 'ଏ ରଇଖିଆ..ଏ ଗାଡ଼ଶୁଆ... ଏ ଗାଡ଼ର ଗଂଜା...ଏ ବାଘଧରା.... ତୋତେ ରବିଆ ଖଉରେ...ତତେ ସମଲେଇ ଖଉରେ...ତତେ ମାଉଲି ଖଉରେ...ତୋର ବଉଁଶ ବୁଡୁରେ... ତୋତେ ବଡ଼ରୋଗ ହେଉରେ... ତୋ ମୁହଁରେ ପୋକ ପଡୁରେ ବଡ଼ରୁଗିଆ... ତୋ ନାଁରେ ନଡ଼ିଆ ବଦିରିଛେରେ...ଆମର ଘରଦୁଆର ସବୁ ଛଡେଇ ନେଲୁ... ମାଁମାଏଟ ଛଡେଇ ନେଲୁ...ଆମକୁ ପରଦୁଆରୀ,ବାରଘରୀ,ଛିନଛତର..କରିଦେଲୁ...ଆମର କାନ୍ଦଣା ପଡିବାରେ ପୋଡାମୁଁହା...ତୋତେ ଦଇବ ସହିବ ନାହିଁରେ... ଆମଠୁ

ସାତପର ଅବସ୍ଥା ଭୋଗିବୁ...ଆମର ନିଃଶ୍ୱାସ ପଡ଼ିବ... ରେ ରଇଖିଆ...ରେ ଗାଡ଼ଶୁଆ...ରେ ରବିଆଖିଆ ସରକାର...ତୋ ମୁହଁରେ ହଗସି ନ...ତୋ ମୁହଁରେ ମୁତସି ନ...' (ପୃଷ୍ଠା-୫୩)

ଉପନ୍ୟାସର କିଛି କିଛି ସ୍ଥାନରେ ଲୋକଗୀତର ପ୍ରୟୋଗ ଦେଖିବାକୁ ମିଳେ।ବିସ୍ଥାପିତ ମଣିଷର କରୁଣ ଆର୍ତ୍ତନାଦ କିଭଳି ଲୋକଗୀତ ମଧ୍ୟରେ ଫୁଟି ଉଠିଛି। ତାହା ଔପନ୍ୟାସିକ ଏଠାରେ ଉପସ୍ଥାପନ କରିଛନ୍ତି।

'ମୁଁ ନିଜେ ଦେଖିଛି ଆଂଭର
ପାଖ ପଡୋଶୀ ବୁଢ଼ୀ
'ନାଇଁ ଯାଏଁ ମୁଇଁ' ବୋଲିଣ
ବସି ରହିଲି ଅଡ଼ି
ସିପାହୀ ଜଣକ ଉଠାଇ
ଦାଣ୍ଡେ ଦେଲା କଚାଡ଼ି......' (ପୃଷ୍ଠା-୪୧)

ଆହାରେ କପାଳର ଦଶା
ଯେନ ଫଳ ଖାଏଲେ ସେ ଫଳ କଷାରେ
ଧନ, ଯୁବାକାଲେ ଏଡ଼େ ଦଶାରେ, ଗଲାର....... (ପୃଷ୍ଠା-୫୯)

ପରିସ୍ଥିତି ହିଁ ମଣିଷକୁ ବଦଳେଇ ଦେଇଥାଏ।ମଣିଷ କିଭଳି ଜାତିଭେଦ ଭଳି ସମାଜର କୁତ୍ସିତ ପ୍ରଥାକୁ ଭୁଲି ନିଜର ମାନବିକ ମୂଲ୍ୟବୋଧକୁ କିଛି କ୍ଷଣ ପାଇଁ ହେଲେ ବୁଝିପାରିଛି ତାହା ଉପନ୍ୟାସର ଏହି ଅଂଶରୁ ବେଶ ବୁଝି ହୁଏ।'କୋଉଠି ଗଂଡାଲୋକର ଛୁଆକୁ ବ୍ରାହ୍ମଣ ଗୋସେଇଁ ଘର ଭୁଆଶୁଣି ଧରି ଦଉଥିଲା ତ କେଉଁଠି ବ୍ରାହ୍ମଣ ବୁଢ଼ାର ବୋକଚାକୁ ଘସିଆଣି ସ୍ତ୍ରୀଲୋକ ମୁଣ୍ଡରେ ବୋହି ଦେଉଥିଲା।ଜାତି-ଅଜାତିର କିଛି ବାରଣ ନାହିଁ।

ବିସ୍ଥାପିତ ହୋଇ ଯେତେବେଳେ ଲୋକମାନେ ନିଜ ଗାଁ ଛାଡି ଅନ୍ୟ ଗାଁରେ ରହିବା ପାଇଁ ପାଦ ଦେଇଛନ୍ତି।ସେତେବେଳେ ସେଠାକାର ଲୋକମାନେ ଚୋର,ଡକାୟତ ଭଳି ତଡି ଦେଇଛନ୍ତି।ଏହି ସମୟରେ ମୌଲାନା ମୁସ୍ତକିମ ନାମକ ଏକ ବ୍ୟକ୍ତି ବିସ୍ଥାପିତଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି।ରହିବା ପାଇଁ ନିଜ ଘରେ ଆଶ୍ରା ଦେବା ସହିତ ପରବର୍ତ୍ତୀ ସମୟରେ ନିଜ ଘରଡିହ ସବୁ ଦେଇଛନ୍ତି।

ବିସ୍ଥାପନର ଦୁଃଖ ମଣିଷକୁ ବଞ୍ଚିବାକୁ ଦିଏ ନାହିଁ।ଉପନ୍ୟାସର ବଝା ଚରିତ୍ରରୁ ଏହା ବେଶ ବୁଝିହୁଏ।ଉପନ୍ୟାସରେ ବଝା ଚରିତ୍ର ବନ୍ଧ ପାଣିରେ ନିଜ ଘର ବୁଡ଼ିଯିବ ବୋଲି ରାଗରେ ଘର ସାରା ନିଆଁ ଲଗେଇ ଦେଇଛି। କେତେ କଷ୍ଟ ରେ ନିଜ ହାତରେ ତିଆରି କରିଥିବା ଘର ହେଉ ପଛେ ସେ ଚାଳଛପର ଝାଟି ମାଟିର ଘର କିନ୍ତୁ ତା ପାରିବାର ସହ ଖରା ବର୍ଷା ଶୀତ କାକରରୁ ବର୍ତ୍ତି ପାରୁଥିଲା। ଗାଁ ଲେକେ ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ବଝା କିନ୍ତୁ ଦୌଡ଼ି ଦୌଡ଼ି ଘର ସାରା ନିଆଁ ଲଗାଇଚାଲିଥାଏ ଏବଂ କହୁଥାଏ। 'ଯାଉ..ସବୁ ଯାଉ..ସବୁ ପୋଡି ପାଉଁଶ ହେଇଯାଉ..ଶଳା ମୁଁ ଭୋକଶୋଷରେ ମରିମରି କେତେ ଦୁଃଖରେ ଘର ଖଣ୍ଡେ କରିଥିଲି,ଆଉ ଏ ଶଳା କୋଉଠିକାର ଛାରଛିକାର ପାଣି ଆସି ମୋ ଘରକୁ ବୁଡେଇ ଦେବରେ ?ତା ଆଗରୁ ମୁଁ ନିଜେ ପୁଡ଼େଇକି ପାଉଁଶ କରିଦେବି ନାଇଁ ?ଆଉ ଗେଣ୍ଡାଟା ଥିବା ଯେ ବୁଡ଼େଇବ ?'(ପୃଷ୍ଠା-୭୯)

କିଛି ଦିନ ପରେ ବଝା ନିଜ ଗାଁ ଛାଡି ବାଟରେ ଲୋକଙ୍କୁ ନିଆ ଅଣା କରୁଥିବା ଲରି ମୋଟର ସାମ୍ନା କାଚକୁ ଟେକା ଟିଏ ମାରି କେଉଁ ଆଡେ ଉଭାନ ହେଇଯାଉଥିଲା ବଝାକୁ ଅନେକ ଖୋଜା ଯାଇଛି କିନ୍ତୁ ବଝାର ଖବର ମିଳିନାହିଁ। ଦିନେ ବଝାର ବଡ ପୁଅ ବଙ୍ଗାଳୀ ଏମିତି ଖୋଜୁ ଖୋଜୁ ମହୁଲ ଗଛରେ ବନ୍ଧା ଯାଇଥିବା ଗାମୁଛା ଦେଖି ଦୌଡିଚି ଏବଂ ସେଠାରେ ବଝାର ମୃତ ଦେହ ଆବିଷ୍କାର କରିଛି। ବିସ୍ଥାପନ ଏଭଳି ଅନେକ ସରଳ ନିରୀହ ଲୋକଙ୍କ ପ୍ରାଣ ନେଇଛି ଏହି ଘଟଣାରୁ ବେଶ୍ ସ୍ପଷ୍ଟ।ସୁନାଦେଈ ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ କିଭଳି ଗାଁ ମାଟିକୁ ଗଣ୍ଠିଲି କରି ସାଇତି ରଖିଛି ତାହା ଉପନ୍ୟାସରେ ବର୍ଣ୍ଣିତ। ମଣିଷ ପାଇଁ ମାଟି କେଉଁ ଗୁଣରେ କମ୍ ନୁହେଁ, ସୁନା ରୂପା ଠାରୁ ବି ମୂଲ୍ୟବାନ। ପ୍ରତ୍ୟେକ ମଣିଷ ଇଚ୍ଛା ଥାଏ ନିଜ ଜନ୍ମ ମାଟିରେ ତାର ମହାପ୍ରୟାଣ ହେଉ, ସୁନା ଦେଈ ମଧ୍ୟ ଏହା ଚାହିଁଛି। ସେ ଯେଉଁଠି ବି ମରିବ ତା ଗାଁ ମାଟି ତା ଶବ ଉପରେ ମୁଠାଏ ବିଂଚି ଦେବା ପାଇଁ କହିଛି। 'ମୁଁ ମଲାପରେ ମୋତେ ଯେଉଁଠି ପୋଡିବ,ସେଇଠି ଏଇ ମାଟି ମୁଠାକ ବିଂଛି ଦେବରେ... ମୋତେ ସେ ଗାଁ ରେ ମୋର ସେ ମାଁ କୋଳରେ ଶୋଇଛି ବୋଲି ଲାଗିବ।'(ପୃଷ୍ଠା-୯୩)

ହୀରାକୁଦ ବନ୍ଧ ନିର୍ମାଣ ପରେ ଏହାର ଜଳ ଚାଷୀମାନଙ୍କର ବୋଲି ସରକାର ଯେଉଁ ଡିଣ୍ଡିମ ପିଟିଥିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଚାଷୀମାନଙ୍କର ପ୍ରତି ଚରମ ଅବହେଳା କରାଗଲା । ମରିଯାଉଥିବା ଫସଲ ପାଇଁ ପାଣି ଯାଉନଥିବା ବେଳେ ଜଳ ଭଣ୍ଡାର ଚାରିପଟେ ଅନେକ କମ୍ପାନୀ, କଳକାରଖାନା ମାନଙ୍କର ପାଣି ଯୋଗାଇ ଦିଆଗଲା ଫଳରେ ଚାଷୀମାନେ ଏକାଠି ହୋଇ ଏକ କମିଟି ଗଠନ କରି ଏହାର ବିରୋଧ କଲେ।

ପଡୋଶୀ ରାଜ୍ୟ ଛତିଶଗଡକୁ ମାଛ ବିକ୍ରି କରିଯାଇଥିବାବେଳେ ସେହି ଅଞ୍ଚଳର ସ୍କୁଲ ଯାଉଥିବା ପିଲାଙ୍କୁ ଦେଖି ଡମରୁର ପୁଅ ଶୁକୁରୁ ମଧ୍ୟ ପାଠପଢିବା ପାଇ ଯିଦ ଧରିଛି ।ଫେରିଫେରୀ ଅଞ୍ଚଳରେ ବାସ କରୁଥିବା ଡମରୁକୁ ଦେଖିଲେ ବିସ୍ଥାପିତ ମଣିଷର ପରବର୍ତ୍ତୀ ଜୀବନ କେଉଁପରି ହୋଇଥାଏ ତାହା ବୁଝିହୁଏ । ଡମରୁ ମାଛମାରି ପୋଟ ପୋଶେ ଫେରି ଫେରୀ ଅଞ୍ଚଳରେ ରହେ।ଫେରିଫେରୀ ଅଞ୍ଚଳରେ

କୌଣସି ସ୍କୁଲ ନାହିଁ ଡମରୁ ଶୁକୁରୁକୁ କେଉଁଠି ପାଠ ପଢେଇବ । ଫେରି ଫେରୀ ଏକ ଉପେକ୍ଷିତ ଅଞ୍ଚଳ ଯେଉଁଠି ନା ସ୍କୁଲ, ନା ଡାକ୍ତରଖାନ, ନା ଡାକଘର, ନା ସମବାୟ ସମିତି କୌଣସି ପ୍ରକାର ସୁବିଧା ନଥିବାରୁ ସେଠିକାର ଲୋକ ଖୁବ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଇଠି ଡମରୁକୁ ମନେ ପଡ଼ିଯାଇଛି ତାର ପୁରୁଣା ଗାଁ କଥା। ଯେଉଁଠି ସ୍କୁଲ ଥିଲା, ପୁରୁଣା ଗାଁ ଥିଲା ପୁଅଦୁଇ ଅକ୍ଷର ପାଠପଢି ପାରିଥାନ୍ତା ଏକଥା ଡମରୁ ଭାବୁଛି। ବିସ୍ଥାପିତ ଏମିତି ଅନେକ ଛୋଟ ଛୋଟ ଛୁଆଙ୍କ ଭବିଷ୍ୟତକୁ କିଭଳି ଅନ୍ଧାର ମୁହାଁକୁ ଠେଲି ଦେଇଛି ତାହା ଅନୁଭବ କରିହୁଏ । ଔପନ୍ୟାସିକଙ୍କ ଭାଷାରେ ଏଇଠା ଖାଲି ଦେହକୁ ହିଁ ନୁହେଁ ଆତ୍ମାକୁବି ମାରିଦିଏ।

ବିସ୍ଥାପନ ପରେ ଭୋକ ଏପରି ଉକ୍ଟ ହୋଇଯାଇଥିଲା ଯେ, ମଣିଷ ପେଟ ପାଇଁ ଯାହା କିଛି ବି କରିବାକୁ ପଛେଇ ନାହିଁ।ଦଶମତୀର ସାନ ଝିଅ ଫୁଲତୁଲୀ ଟଙ୍କା ପାଇଁ ଅନୈତିକ ସମ୍ପର୍କରଖି ଗର୍ଭ ଧାରଣ କରିଛି । ଏହା ଘର ଲୋକ ଜାଣି ସାରିବା ପରେ ଅନେକ ଲୋକ ଅନେକ କଥା କହିଛନ୍ତି ଫୁଲତୁଲୀ କହିଉଠିଛି-'କ'ଣ ଏମିତିଟେ କରି ପକେଇଛି ମୁଁ ? କିଛିହେଲେ ତ କରିନି ? ଆଉ କୋଉ ମାନମହତର କଥା କହୁଛୁ ମାଁ ? ଯେତେ ଟଙ୍କାପଇସା ବୁଡ଼ି ଅଞ୍ଚଳରୁ ପାଇଲ, ଖାଇପିଇ ସବୁ ଉଡ଼େଇ ଦେଲ। ଦୁଇଟା ଅଭିଆଡ଼ୀ ଝିଅ ଘରେ ରହିଛନ୍ତି ବୋଲି ବି ଥରେ ଭାବିଲ ନାହିଁ ? ସକାଳେ କୁକୁଡ଼ା ଅଣ୍ଡା ତ ଦିପହରେ ମାଛ ଆଉ ରାତିରେ ମାଂସ ଆଉ ମଦ । ବଡ ଦଦା ତ ମଟର ସାଇକେଲ ଚଢ଼ି ବୁଲିଲା। କାମ ନାଇଁ କି କବାର ନାଇଁ। ଟଙ୍କାପଇସା ଦେଇ ପାରିଲ ନାହିଁ ବୋଲି ବଡ଼ ନାନି ଲାଏବାନ ଅଭିଆଡ଼ି ରହିଗଲା। ମୁଁ ଆସି ଦରବୁଢ଼ୀ ହେଲିଣି । ମୋ କଥା କ'ଣ କେହି ଥରେ ହେଲେ ଚିନ୍ତା କଲ ? ଆଉ ତୁ କୋଉ ମାନମହତର କଥା କହୁଛୁ ? ଭୋକରେ ମରିବାଟା କ'ଣ ମାନମହତ? ଦୁଃଖରେ ଚଳିବାଟା କ'ଣ ମାନମହତ ? ଯୁଆନ ଝିଅ ଛିଡ଼ା କୋତରା ପିନ୍ଧି ଅଧଲଙ୍ଗୁଳି ହେଇ ଦାଣ୍ଡରେ ଢୋଢୋ ବୁଲିବାଟା କ'ଣ ମାନମହତ ? ଯେତିକିବେଳେ ମୁଁ ଦି'ପଇସା ରୋଜଗାର କରି ଆଣିଲି ସେତେବେଳେ ତ ମନମୁତାବକ ଖାଇଲ, ପିଇଲ। ମୁଁ ମୋ ପଇସାରୁ ଲୁଗାପଟା କିଣିଛି। ସ୍ନୋପାଉଡର, ବାସ୍ନା ସାବୁନ, ତେଲ, ଅତର, ନଖ ପଲିସ, ଅଳତା,ମୁଣ୍ଡର ଖିରିପିନି କିଣିଲି। ଗିଲଟ, ରୂପାର ଅଳଙ୍କାର କିଣିଲି। କାହିଁ ସେତେବେଳେ ତ କେହି ମୋତେ ଭୁଲରେ ଥରେ ହେଲେ ବି ପଚାରିଲ ନାଇଁ ଯେ ମୁଁ କୋଉଠି କାମ କରୁଛି, କ'ଣ କରୁଛି, କୋଉଠୁ ଏତେ ପଇସାପତ୍ର ଆଣୁଛି ବୋଲି ? ଓଲଟା ମୋତେ – ଦେଲୁରେ ମାଁ, ଦେ ତ ରେ ଭଉଣି ପଇସା ଅଛିକି ବୋଲି ଉଠେଇବସେଇ ଦେଲନି। ଆଉ ଆଜି ଏତେ ମାନମହତର କଥା ଉଠଉଛ ?'(ପୃଷ୍ଠା-୧୪୮)

ଗୋଟେ ଶିକ୍ଷିତ, ସଂସ୍କୃତିବନ୍ତ, ଗାଁ ବି ଦିନେ ଜଳମଗ୍ନ ହୋଇପାରେ ଉପନ୍ୟାସରେ ବର୍ଣ୍ଣିତ ରମ୍ଭେଁଲା ଗାଁକୁ ଅନୁମାନ କରା ଯାଇପାରେ।ବିସ୍ଥାପନର କରାଳରୂପ କିଭଳି ସମଗ୍ର ଅଞ୍ଚଳକୁ ଉଚ୍ଛନ୍ନ କରିଦିଏ ଏକ ସଂସ୍କୃତିକୁ କିପରି ଧ୍ୱଂସ କରିଦିଏ ତାର ଚିତ୍ର ଉପନ୍ୟାସର ଏହି ଅଂଶକୁ ଲକ୍ଷ୍ୟକଲେ ଜାଣିହୁଏ।'ଏ ବିସ୍ଥାପନର ବିଷବଳୟ ଯୋଗୁଁ ହଜାର ହଜାର ଗାଁ ଗଣ୍ଡା, ଘରଦ୍ୱାର, କ୍ଷେତଖଳା, ପୈତୃକ ଭିଟାମାଟି,ଜଙ୍ଗଲ ଡଙ୍ଗର, ଉର୍ବର ଜମି, ବାଡ଼ିବଗିଚା, ଗଛଝୁଙ୍କ, ନଈନାଳ, ବନ୍ଧକଟା, କୂଅଗାଡ଼ିଆ, ମଶାଣିପଦା, ପାହାଡ଼ପର୍ବତ, ଜୈବବିବିଧତା, ବନ୍ୟ ଜୀବଜନ୍ତୁ, ପୋଷା ପଶୁପକ୍ଷୀ, ଗାଈଗୋରୁ, ପୂର୍ବଜମାନଙ୍କ ଧନଦରବ, ସାମାଜିକ ସଂସ୍କୃତି, ଧାର୍ମିକ ଅନୁଷ୍ଠାନ, ପ୍ରଚଳିତ ଚଳଣି ଓ ପରଂପରା, ନିଜେନିଜକୁ ସହାୟକ ଗ୍ରାମ୍ୟ ଦେଣନେଣର ପରିପୂରକ ଅର୍ଥନୀତି, ଭାଷା, ଗ୍ରାମ୍ୟ ଉଦ୍ୟୋଗ, ଲୋକଗୀତ, ଲୋକକଥା, ଲୋକସାହିତ୍ୟ, ହସ୍ତଶିଳ୍ପ, ମିଳିମିଶି ଚଳିବାର ସଦ୍?ଭାବ, ଦେ' ଦେବତା, ବନ୍ୟ ସଂପଦ, ସ୍ୱପ୍ନର ଦୁନିଆର ଅକାଳରେ ବିନାଶ ଘଟିଛି। ଲୋକଙ୍କର ବିଶ୍ୱାସ ତୁଟିଛି।'(ପୃଷ୍ଠା-୧୫୩)

ବୋଝ ଉପରେ ନଳିତା ବିଡ଼ା ପରି ବାରମ୍ବାର ବିସ୍ଥାପନ କରାଯିବା ଫଳରେ ଲୋକଙ୍କ ମେରୁହାଡ ଏକ ପ୍ରକାର ଭାଙ୍ଗି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାରମ୍ବାର ବିସ୍ଥାପିତ ହେଇଥିବା ଗାଁ ଗୁଡିକ ଭିତରେ ରହିଛି ଲଖନପୁର ବ୍ଲକର ଫଲସାମୁଡ଼ା, ବନହରପାଲି, ଡେବ୍ରୀଗଡ଼ର କୁରୁମକେଲ, ଉତୁଲି, ବାଏଲଜୁରି, ରେଙ୍ଗାଲି, ଅତାବିରାର ଲମ୍ପିପାଲି, ଜୁନାନିର ହୀରାକୁଦ ଇତ୍ୟାଦି। କେତେବେଳେ ନଦୀବନ୍ଧ ଲାଗି ତ କେତେବେଳେ ଖଣିଖାଦାନ, କଳକାରଖାନା, ଅଭୟାରଣ୍ୟ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ସହର, ମନ୍ଦିର ସୌନ୍ଦର୍ଯ୍ୟକରଣ ଲାଗି ତ ଆଉ ମଧ୍ୟ କ'ଣ କ'ଣ ଲାଗି ବିସ୍ଥାପନର ଅନ୍ତ ନାହିଁ ଏ ଦେଶରେ।

ପ୍ରସନ୍ନ ପଣ୍ଡାଙ୍କ ଭଳି ଜଣେ ଉତ୍ସର୍ଗିକକୃତ ଜନନେତା ବିସ୍ଥାପିତ ମାନଙ୍କ ପାଇଁ ଆଜୀବନ ଲଢେଇ କରୁଥିଲେ ଯାହା ଉପନ୍ୟାସରେ ବର୍ଣ୍ଣିତ।ଔପନ୍ୟାସିକଙ୍କ ଭାଷାରେ 'ଯେଉଁଠି ଲୋକଙ୍କର ଦୁଃଖ ଅଛି. ସେଠି ପ୍ରସନ୍ନ ପଣ୍ଡା ଅଛନ୍ତି। ଯେଉଁଠି ଅନ୍ୟାୟ ଅଛି, ଲୋକଙ୍କର ଅଧିକାର ଛଡ଼େଇ ନିଆ ଯାଉଛି, ସେଠି ପ୍ରସନ୍ନ ପଣ୍ଡା ଅଛନ୍ତି । ସେ ସୁଖର ଲୋକ ନଥିଲେ, ଦୁଃଖର ଲୋକ ଥିଲେ। ତମେସବୁ ବି ଜଣେ ଜଣେ ପ୍ରସନ୍ନ ପଣ୍ଡା। ତମ ଭିତରେ ବି ସେ ରହିଛନ୍ତି। ଖାଲି ଯାହା ତାହାଁକୁ ଚେତେଇ ଦେଲେ ହେଲା। ଆଜି ସମସ୍ତଙ୍କୁ ବଞ୍ଚିବା ଲାଗି ପ୍ରସନ୍ନ ପଣ୍ଡା ହେବାକୁ ପଡ଼ିବ। ଲାଲ ଝଣ୍ଡା– ପ୍ରସନ୍ନ ପଣ୍ଡା, ଇନକିଲାବ–ଜିନ୍ଦାବାଦ।(ପୃଷ୍ଠା-୧୬୯)

ନେହେରୁଙ୍କ ବକ୍ତବ୍ୟକୁ ଉପନ୍ୟାସରେ ଭୁଲ ପ୍ରମାଣିତ କରିଛନ୍ତି ଔପନ୍ୟାସିକ ଯାହା ଉପନ୍ୟାସର ଏହି ଅଂଶରୁ ସ୍ପଷ୍ଟ ବୁଝିହୁଏ

ନେହେରୁ କହିଥିଲେ – "ଏ (ହୀରାକୁଦ) ବନ୍ଧ ହେଉଛି ସ୍ୱାଧୀନ ଦେଶର ଏକ ମନ୍ଦିର।"ହେଲେ ଏଭଳି ଏକ ମନ୍ଦିର ଯେଉଁଠି ଦେ'ଦେବତା ବୋଲି କେହି ନାହାନ୍ତି, ପୂଜାରୀ ବି ନାହିଁ କି ପୂଜାଧଜା ବି ନାହିଁ, ଯାହା ବଳି ପଡୁଛି। ଲକ୍ଷଲକ୍ଷ ଜୀବନ୍ତ ଲୋକଙ୍କ ବଳି ରକ୍ତର ଧାର ଛୁଟୁଛି ...ଏ ଦେଶର ମାଟି ନାଲି ଟହଟହ ହୋଇ ଉଠୁଛି ଆଉ ସେ କଞ୍ଚା ରକ୍ତକୁ ଦେଶର ଓ ବିଦେଶର ରକ୍ତମୁହାଁ କୁକୁରପଲ ଚାକୁଚାକୁ କରି ଚାଟି ଯାଉଛନ୍ତି। ବିକାଶ ନାଁରେ ବିନାଶର ହାଟ ବସୁଛି।" (ପୃଷ୍ଠା-୧୬୮)

ବିକାଶ ଯେଉଁଠି ବିସ୍ଥାପନ ସେଇଠି। ତେବେ ସଂସ୍କୃତି ସମ୍ପନ୍ନ ଗାଁ, ଜନ ବସତି ଗୁଡିକ ନଷ୍ଟ ନ କରି ବିକାଶ କରାଯାଇପାରନ୍ତା । ବିକାଶ ପାଇଁ ବିସ୍ଥାପନ ହିଁ ଏକମାତ୍ର ରାସ୍ତା ନୁହେଁ।ଆବଶ୍ୟକ ଠାରୁ ଅଧିକ ପରିମାଣର ଜମି ଅଧିଗ୍ରହଣ ନ କରି ଯଦି ବିକାଶ ମୂଳକ କାର୍ଯ୍ୟ କରାଯାଇପାରନ୍ତା ତେବେ ଆଂଶିକ ବିସ୍ଥାପନ ସମସ୍ୟା ଦୂର ହେଇପାରନ୍ତା।ଏହିଭଳି ବିସ୍ଥାପନ ସମସ୍ୟାକୁ ନେଇ ଓଡ଼ିଆରେ ଅନେକ ଉପନ୍ୟାସ ରହିଛି । ତେବେ ବିସ୍ଥାପନ ଯେ କେବଳ ବିକାଶର ଏକମାତ୍ର ରାସ୍ତା ତାହା ନୁହେଁ । ବିସ୍ଥାପନର ମାତ୍ରା କୁ ହ୍ରାସକରି ମଧ୍ୟ ବିକାଶର ସମ୍ଭବ । ବିସ୍ଥାପନର ଦୁଃଖ କେବେ ଦୂର ହେବ ଓ ସାଧାରଣ ଲୋକ ଏହାଠାରୁ କେବେ ମୁକ୍ତ ହେବେ ତାହା ଦେଖିବାର ବାକି ରହିଲା ।

**ସହାୟକ ଗ୍ରନ୍ଥସୂଚୀ:-**

୧. ପାଢ଼ୀ, ରଞ୍ଜନ - ଷଡ଼ଙ୍ଗୀ ନିଗମାନନ୍ଦ - ଗାଁ ଛାଡ଼ିବୁ ନାହିଁ ଦଶଟି ଜନ ଆନ୍ଦୋଳନର ଗାଥା ମାନବ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ପ୍ରଥମ ସଂସ୍କରଣ - ୨୦୨୦

୨. ହସନ, କୁମାର- 'ବୁଡ଼ି ଅଂଚଳ' ପଶ୍ଚିମା ପବ୍ଲିକେସନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୨୩।

❖❖❖

# କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଗଳ୍ପରେ ଗ୍ରାମ୍ୟ ଜୀବନର ଚିତ୍ର



ISSN-2583-6978
Volume-5
Issue-11
NOVEMBER-2024

**ଗବେଷକ ଅଭିମନ୍ୟୁ ସାହୁ**

**ସ୍ନାତକୋତ୍ତର, ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି**

**ଉପକ୍ରମ :**

ସ୍ୱାଧୀନତା ପୂର୍ବବର୍ତ୍ତୀ ଗଳ୍ପ ଜଗତରେ କବିଶେଖର ଚିନ୍ତାମଣି ମହାନ୍ତି ଏକ ଶ୍ରଦ୍ଧାଶୀଳ ନାମ। ସେ ଏକାଧାରରେ ଜଣେ କବି , ଔପନ୍ୟାସିକ,ଗାଳ୍ପିକ ତଥା ପ୍ରାବନ୍ଧିକ। କେବଳ ନାଟକ ବିଭାଗକୁ ଛାଡିଦେଲେ ସାହିତ୍ୟର ଅନ୍ୟାନ୍ୟବିଭାଗରେ ସେ କଲମ ଚାଳନା କରିଛନ୍ତି। ସେ ୧୮୬୭ ମସିହା ମାର୍ଚ ମାସ ୧୬ ତାରିଖରେ ଓଡିଶାର ଭଦ୍ରକ ଜିଲ୍ଲା ନିକଟସ୍ଥ ଅସ୍ତଳ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଓଡିଶାର ବିଭିନ୍ନ ସ୍ଥାନ ଭ୍ରମଣ କରି ପ୍ରକୃତି ଓ ସାମାଜିକ ଆଦି ଅଧ୍ୟୟନ କରିଥିଲେ। ତାଙ୍କ ସାହିତ୍ୟରେ କବିବର ରାଧାନାଥ ରାୟଙ୍କ ପ୍ରଭାବ ବହୁଳ ଭାବରେ ଦେଖିବାକୁ ମିଳିଅଛି। ୧୮୮୪ ମସିହାରୁ ୧୯୦୩ ମସିହା ପର୍ଯ୍ୟନ୍ତ ଶିକ୍ଷକତା କରୁଥିଲେ। ଏତଦ୍ ବ୍ୟତୀତ ଶିକ୍ଷକତା ଛାଡି ଅନେକ ପତ୍ରପତ୍ରିକାର ସମ୍ପାଦନା ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେଯଥା : ହିତବାଦିନୀ, ଉତ୍କଳବାସୀ, ସ୍ୱଦେଶ ଲକ୍ଷ୍ମୀ, ମନୋରମା ଓ ଜ୍ଞାନଦର୍ପଣ ପ୍ରଭୃତି। ସେ ନିଜ ଜୀବନର ଅତିକ୍ରାନ୍ତ ସମୟ ମଧ୍ୟରେ ଓଡିଆ ସାହିତ୍ୟ ଜଗତକୁ ଅନେକ ମହାର୍ଘ ରଚନା ଅର୍ପଣ କରିଛନ୍ତି। ତନ୍ମଧ୍ୟରୁ ଅଠଚାଳିଶ ଖଣ୍ଡକାବ୍ୟ, ପାଞ୍ଚଟି ଉପନ୍ୟାସ ଓ ତିନୋଟି ଦୀର୍ଘ ଗଳ୍ପ ରଚନା। ସାଧାରଣତଃ କବି ଭାବରେ ସେ ବେଶ ସୁଖ୍ୟାତି ଅର୍ଜନ କରିପାରିଛନ୍ତି,କିନ୍ତୁ ;କ୍ରମଶଃ କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗଳ୍ପ ରଚନା ଆରମ୍ଭ କରିଥିଲେ। ତତ୍କାଳୀନ ଗଳ୍ପ ସ୍ରଷ୍ଟା ଗଳ୍ପ ଭିତରେ ମନୁଷ୍ୟ ଜୀବନର ସାମଗ୍ରିକ ଚିତ୍ର ଓ ଚରିତ୍ରକୁ ଉପସ୍ଥାପନା କରିବାରେ ସେମାନେ ବହୁତ ସଚେତନ ଥିଲେ। ଶୈଶବରୁ ଚିନ୍ତାମଣି ଥିଲେ ଚିନ୍ତାଶୀଳ। 'ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟ କାଳରୁ ତାଙ୍କର ସାହିତ୍ୟ ପ୍ରତି ଦୁର୍ବଳତା ପ୍ରସ୍ଫୁଟିତ ହୋଇପଡୁଥିଲା। ତାଙ୍କ ରଚନାରେ ସମସାମୟିକ ସମାଜର ରାଜନୀତି ,ଅର୍ଥନୀତି ,କୁ-ସଂସ୍କାର, ଅନ୍ଧବିଶ୍ୱାସ, ଓ ପ୍ରାକୃତିକ ଘଟଣାବଳୀର ପ୍ରମୁଖ ଚିତ୍ର ଦେଖିବାକୁ ମିଳେ। ସଂକ୍ଷେପରେ କହିଲେ 'ସେ ଏକାଧାରରେ ଥିଲେ ରାଧାନାଥଙ୍କ ଭଳି ବିଷାଦବାଦୀ, ମଧୁସୂଦନଙ୍କ ଭଳି ଅଧ୍ୟାତ୍ମବାଦି ଓ ଫକୀରମୋହନଙ୍କ ପରି ସଂସ୍କାରରବାଦୀ ' (ଓଡିଆ କ୍ଷୁଦ୍ର ଗଳ୍ପର ଇତିବୃତ, ପୃ-୪୩ )ଶିକ୍ଷକତା ସମୟରେ ସେ ନିଜକୁ ଜଣେ ଲେଖକ ଭାବରେ ପରିଚିତ କରାଇଥିଲେ। ଗାଳ୍ପିକଙ୍କ ପରିବାର ଅତ୍ୟନ୍ତ ଦୁଃଖ କଷ୍ଟରେ ଚଳୁଥିଲେ। ତାଙ୍କର ବୃତ୍ତି ଥିଲା ଶିକ୍ଷକତା। ସେହି ସମୟରେ ପିତାଙ୍କ ଇହଧାମ ତ୍ୟାଗ ପରେ ପରିବାରର ସମସ୍ତ ଦାୟିତ୍ୱ ନିଜ ମୁଣ୍ଡକୁ ନେଇଥିଲେ। ଦାରିଦ୍ର୍ୟ ମନୁଷ୍ୟର ପଛ ଛାଡେ ନାହିଁ । "ଦାରିଦ୍ର୍ୟ ସହ ବ୍ୟାଧିର କରାଳ ରୂପ ଜୀବନର ସମସ୍ତ ସମ୍ଭାବନାକୁ ଧୂଳିସାତ କରିବାକୁ ବସେ; ମାତ୍ର ସଂଗ୍ରାମୀ ସାଧକ ଚିନ୍ତାମଣି ସବୁ ଦୁଃଖ ଓ ବନ୍ଧନକୁ ଅତିକ୍ରମ କରିବା ଲାଗି କଠୋରେ ସାଧନା କରିଛନ୍ତି" ।(ସାରସ୍ୱତ ସାଧକ ଚିନ୍ତାମଣି ମହାନ୍ତି ,ପୃ-୩) ୧୯୩୫ ମସିହାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ଉଦ୍ୟମରେ ଆନ୍ଧ୍ର ଗବେଷଣା ବିଶ୍ୱ ବିଦ୍ୟାଳୟକୁ ପକ୍ଷରୁ ତାଙ୍କୁ 'କବିଶେଖର' ଉପାଧି ମିଳିଥିଲା ଏହିପରି ଭାବରେ ତାଙ୍କର କର୍ମମୟ ଜୀବନ ଓ ସାହିତ୍ୟିକ ଜୀବନ ଆରମ୍ଭ କରିଥିଲେ । ୧୯୪୩ ମସିହା ଡିସେମ୍ବର ୧୬ ତାରିଖରେ ମୃତ୍ୟୁବରଣ କରିଥିଲେ । ସେ ଅନେକ ସାହିତ୍ୟ ରଚନା କରିଥିଲେ ମଧ୍ୟ ଏ ଯାବତ ଆମ୍ଭ ମାନଙ୍କ ହୃଦୟର କୋଣ ଅନୁକୋଣେ ନିଜର କାୟା ବିସ୍ତାର କରିପାରିଛନ୍ତି । ଆଲୋଚ୍ୟର ବିଷୟବସ୍ତୁ ହେଉଛି ଗଳ୍ପ ମାଧ୍ୟମରେ ସମାଜକୁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ,ଯାହା ନିମ୍ନରେ ପ୍ରଦତ୍ତ ରହିଛି।

ରଚନାବଳୀ :

ଗଳ୍ପ ସଂକଳନ – ୧- ନନ୍ଦନବନ, ୨- ପଞ୍ଚବଟୀ

ନନ୍ଦନବନ ଗଳ୍ପ ସଂକଳନରେ ମୁଖ୍ୟତଃ ୧୩ ଗୋଟି ଗଳ୍ପ ସ୍ଥାନିତ ରହିଛି ।

ଯଥା : ୧- ମାଧୁରୀ, ୨- ଧର୍ମବଳ , ୩- ସାରିଆ, ୪- ବାଦୀପାଲା , ୫- ଶୁକଶାରୀ ବିବାହ, ୬- ଭାଗ୍ୟ ବିପର୍ଯ୍ୟୟ , ୭- ଦଶହରା ଅନୁକୂଳ ୮- କୃତଜ୍ଞତା ,୯- ବେଦୀ ବାହୁଡା,୧୦- ଉପଯୁକ୍ତ ଶିକ୍ଷା ,୧୧- ଅଦ୍ଭୁତ ପରିବର୍ତ୍ତନ,୧୨- ମାଷ୍ଟର ବାବୁ,୧୩- ଜୀଅଁନ୍ତା ଭୂତ,

ପଞ୍ଚବଟୀ ଗଳ୍ପ ସଂକଳନରେ ମୁଖ୍ୟତଃ ୫ଗୋଟି ଗଳ୍ପ ସ୍ଥାନ ପାଇଛି। ଯଥା :

୧- ପ୍ରତିଜ୍ଞା ,୨-ଦାର୍ଶନିକ ପଣ୍ଡିତ, ୩- ପଣ ଭଙ୍ଗ, ୪- ଅଦ୍ଭୁତ ବିଜ୍ଞାପନ, ୫- ରସ ଭଙ୍ଗ

ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଳ୍ପର ଶୈଳୀ ବହୁଳ ମାତ୍ରାରେ ଚିନ୍ତାମଣିଙ୍କୁ ପ୍ରଭାବିତ କରିଅଛି। ମନେହୁଏ ଫକୀରମୋହନଙ୍କ ପରେ ଯଦି ବରିଷ୍ଠ ଲେଖକଙ୍କ ନାମ ଗଳ୍ପ ସାହିତ୍ୟରେ ଦେଖାଯାଏ ତେବେ କବି ଶେଖର ଚିନ୍ତାମଣି ମହାନ୍ତି ସର୍ବାଗ୍ରେ ଆସିବେ ।ସେତେବେଳେ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଭିତରେ ଯଥେଷ୍ଟ ପାର୍ଥକ୍ୟ ପରିଲକ୍ଷିତ ହୁଏ ।ଯେ ଉପନ୍ୟାସକୁ ସଂକ୍ଷିପ୍ତ କରିଦେଲେ ତାହା କ୍ଷୁଦ୍ର ଗଳ୍ପ ଓ କ୍ଷୁଦ୍ର ଗଳ୍ପକୁ ବୃହତ କରିଦେଲେ ସେ ଉପନ୍ୟାସ ହୋଇଯିବ ବୋଲି ଏମିତି ଏକ ଭ୍ରାନ୍ତ ଧାରଣା ମନ ଭିତରେ ବସା ବାନ୍ଧିଥାଏ। ଏହିଭଳି ଘଡି ସନ୍ଧି ମୁହୂର୍ତ୍ତରେ ଚିନ୍ତାମଣି ମହାନ୍ତି ଗଳ୍ପ ସୃଷ୍ଟି କରନ୍ତି। ଚିନ୍ତାମଣିଙ୍କ ଗଳ୍ପ ଅଧିକାଂଶ କାହାଣୀଧର୍ମୀ। ତାଙ୍କର ପ୍ରତ୍ୟେକଟି ଗଳ୍ପର ଭାବବସ୍ତୁ ହେଉଛି ଅନ୍ୟାୟର ସର୍ବଦା ପରାଜୟ ଓ ନ୍ୟାୟର ସର୍ବଦା ବିଜୟ। ଗାଳ୍ପିକ ଚିନ୍ତାମଣି ମହାନ୍ତିଙ୍କ ଭାବନା ଶୈଳୀ, ଚିନ୍ତନ ଶୈଳୀ, ରଚନା ଶୈଳୀ ଥିଲା ଅତ୍ୟନ୍ତ ମର୍ମସ୍ପର୍ଶୀ। ସାଂପ୍ରତିକ ସମାଜରେ ଦେଖାଯାଏ । ସାମାଜିକ କୁସଂସ୍କାର, ଅନ୍ଧ ବିଶ୍ୱାସ, ଭାଗ୍ୟର ପରିବର୍ତ୍ତନ , ଅଂହକାରିତା ଓଡିଶାର ସଂସ୍କୃତି ଓ ଐତିହ୍ୟ ପରମ୍ପରା, ବାଲ୍ୟ ବିଧବା ପ୍ରସଙ୍ଗ ଇତ୍ୟାଦ। ଗ୍ରାମ୍ୟ ଜୀବନର ଯୁଗ ଯନ୍ତ୍ରଣାର ଚିତ୍ର ତାଙ୍କ ଗଳ୍ପରେ ରୂପାୟିତ ହୋଇଅଛି । ଅତୀତ ହୋଇଛି ତାଙ୍କର ଗଳ୍ପର ପ୍ରାଣପିଣ୍ଡ । ଫକୀରମୋହନ ସେନାପତିଙ୍କ ପରି ସେ ସମାଜ ଓ ଜୀବନକୁ ଗଭୀର ଭାବରେ ଅନୁଶୀଳନ କରିପାରିଛନ୍ତି । ସହରୀ ସଭ୍ୟତା ଠାରୁ ତାଙ୍କ ଗଳ୍ପ ଖୁବ ଦୂରରେସେ ମୁଖ୍ୟତଃ ପଲ୍ଲୀ ଜୀବନ ଓ ଚେତନାକୁ ଗଳ୍ପର ଚାରଣ ଭୂମି ଭାବରେ ଗ୍ରହଣ କରିଛନ୍ତି । ଲେଖକ କଳ୍ପନାପ୍ରିୟ ନଥିଲେ ସେ ସର୍ବଦା ବାସ୍ତବରେ ବଞ୍ଚିବାକୁ ଭଲ ପାଉଥିଲେ । ଚିନ୍ତାମଣି ମହାନ୍ତିଙ୍କ ଗଳ୍ପ ଉପରେ ସମସ୍ତେ ମନେ ରଖିବା ଉଚିତ " ବର୍ତ୍ତମାନ ଓଡିଆ ଭାଷାରେ ଦୀର୍ଘ ଲେଖା ଦେଖାଯାଉନାହିଁ । କ୍ଷୁଦ୍ର ଖଣ୍ଡ କବିତା ପ୍ରତି ଲେଖକ ମାନେ ଯେତେ ଆକୃଷ୍ଟ ହେଉଛନ୍ତି , ଦୀର୍ଘକାଳ ବ୍ୟାପି କାବ୍ୟାଦି ଲେଖା ପ୍ରତି ସେପରି ହେଉନାହାନ୍ତି । ଦୀର୍ଘ ଲେଖା ପ୍ରତି ଲେଖକ , ପାଠକ ଉଭୟଙ୍କର ଧୈର୍ଯ୍ୟ ଦରକାର । ବର୍ତ୍ତମାନ ସେ ରୁଚି ନାହିଁ । ଦୀର୍ଘ ରଚନାରେ ଚିନ୍ତା ଓ କଳ୍ପନା ଅଧିକ କରିବାକୁ ହୁଏ । ଚିନ୍ତାଧାରା ,ଚିନ୍ତାଶକ୍ତି ବିକଶିତ ଓ ପରିବର୍ଦ୍ଧିତ ହୁଏ । କଳ୍ପନାର ଅବାଧ କ୍ରୀଡା ଦ୍ୱାରା ବହୁ ଭାବ ମନ ଭିତରେ ପୁଞ୍ଜିଭୂତ ହୁଏ । ଅନେକ ନୂତନ ଭାବ ବି ଆସେ । ଭାବୁକ ଇଚ୍ଛା ଅନୁସାରେ ସେଥିରୁ ଉପାଦାନ ବାଛି ଗ୍ରହଣ କରେ । କଳ୍ପନା ଉଚ୍ଚକୁ ନ ଉଠି ସୀମାବଦ୍ଧ ହୋଇ ରହିଲେ ଉଚ୍ଚ ଭାବ ସଂଗ୍ରହ କରିବା କେଉଁଠାରୁ ? ଚିନ୍ତା କଳ୍ପନାକୁ ଅବାଧ ଭ୍ରମଣ ପାଇଁ ଛାଡିଦେବାକୁ ହେବ । ସେ ମୁକ୍ତ ଆକାଶରେ , ମୁକ୍ତ ବାୟୁରେ ବୁଲି ହୃଷ୍ଟ ପୁଷ୍ଟ ଏବଂ ବଳିଷ୍ଠ ହୋଇପାରିବ । ସେ ଅସୀମ, ତାର ଅସୀମରେ ବୁଲିବା ଉଚିତ । ଅସୀମାକୁ ସୀମାବଦ୍ଧ କଲେ ତାର ଶକ୍ତି ସଙ୍କୁଚିତ ହୁଏ । କ୍ଷୁଦ୍ରଗଳ୍ପ ଓ କ୍ଷୁଦ୍ର କବିତାରେ ସେ ମୂଲ୍ୟ ନାହିଁ -ଏହା ମୁଁ କହୁନାହିଁ । ସାହିତ୍ୟରେ ତାହା ବି ଦରକାର । ମୁଁ ବି ସମୟେ ସମୟେ କ୍ଷୁଦ୍ର ଗଳ୍ପ କବିତା ଲେଖେ । ମୋର କହିବାର ଉଦ୍ଦେଶ୍ୟ ଏହି ଯେ ତାହା ସଙ୍ଗେ ସଙ୍ଗେ ଦୀର୍ଘ ଲେଖାରେ ଅଭ୍ୟସ୍ତ ହେବା ବି ଉଚିତ । "ସାରସ୍ୱତ ସାଧକ ଚିନ୍ତାମଣି ମହାନ୍ତି ,ପୃ -୫୨"

କବିଶେଖର ଚିନ୍ତାମଣି ମହାନ୍ତିଙ୍କ 'ନନ୍ଦନବନ' ଗଳ୍ପ ସଂକଳନ ପ୍ରଥମ ଗଳ୍ପ ହେଉଛି 'ମାଧୁରୀ'। ମାଧୁରୀ କୌଣସି ରୂପସୀ ମହିଳା ନୁହେଁ । ବନ୍ୟା ପ୍ରକୋପ ଅଞ୍ଚଳ ଓ ବନ୍ୟା ଦ୍ୱାରା କ୍ଷତି ଗ୍ରସ୍ତ ହୋଇଥିବା ଜନତା ମାନଙ୍କ ଉପରେ ଆଧାରିତ ଉକ୍ତ ଗଳ୍ପଟି । ଶିବ, ଅମର,ବନ୍ଧୁ ଓ ଜଗନ୍ନାଥ ଚାରି ବନ୍ଧୁ ଥିଲେ । ସେମାନେ ନିଜେ ନିଜର ଜଳଖିଆରୁ ପଇସା ସଞ୍ଚୟ କରି ବନ୍ୟା ପୀଡିତ ଲୋକମାନଙ୍କୁ ସାହାଯ୍ୟ କରିଥିଲେ । ଏଠାରେ ମାନବର ମାନବିକତା ଦେଖିବାକୁ ମିଳିଅଛି । ଗଳ୍ପର ନାମ 'ମାଧୁରୀ' ହେବାର ଯଥାର୍ଥତା ସେମାନେ ଯେଉଁ ମୁଢି ,ନଡିଆ, ଅଦା ମିଶ୍ରିତ ଜଳଖିଆ ଖାଉଥିଲେ ସେ ଜଳଖିଆର ସମଷ୍ଟିର ନାମ ମାଧୁରୀ ଦେଇଥିଲେ । ଗ୍ରୀଷ୍ମ ଛୁଟି ସମୟରେ ସେମାନେ ନିଜକୁ ସମାଜ ସଂସ୍କାର ମୂଳକ କାର୍ଯ୍ୟରେ ନିୟୋଜିତ କଲେ । ଜଗନ୍ନାଥଙ୍କ ଭାଉଜ ଜାଣିବାକୁ ପାଇଲେ ଯେ ଜଗନ୍ନାଥ କେଉଁ ଗୋଟେ ମାଧୁରୀ ନାମଙ୍କ ଝିଅ ସହିତ ବାନ୍ଧି ହୋଇ ଯାଇଛନ୍ତି । ଏକଥା ତାଙ୍କ ସ୍ୱାମୀଙ୍କ ଆଗରେ କହିଲେ । କ୍ରମଶଃ ଏହି ଗଳ୍ପରେ ସମାଜ ସଂସ୍କାର,ମାନବିକତା ଓ ହାସ୍ୟରସର ଅବତାରଣା କରାଯାଏ । ପରବର୍ତ୍ତୀ ସମୟରେ ମାଧୁରୀ ରୂପସୀର ରହସ୍ୟ ଜଣା ପଡିଗଲା ଓ ପରେ ସବୁ ସମସ୍ୟାର ସମାଧାନ ହୋଇଗଲା। "ଅବସର ସମୟ ବୃଥାରେ ନ ବିତାଇ ଦେଶ ସେବାରେ ନିୟୋଜିତ କରିବା ପ୍ରଧାନ କର୍ତ୍ତବ୍ୟ। ବିକାଶ ମୂଳକ କାର୍ଯ୍ୟରେ ନିଜକୁ ଉତ୍ସର୍ଗକରିବା ଲାଗି ଏ ଗଳ୍ପ ପ୍ରେରଣାର ଉତ୍ସ"। "ମୁଖବନ୍ଧ : କବିଶେଖର ଚିନ୍ତାମଣିଙ୍କ ଶ୍ରେଷ୍ଠ ଗଳ୍ପ ,ପୃ -୪"

ସଙ୍କଳନର ପରବର୍ତ୍ତୀ ଗଳ୍ପ ଭାବରେ 'ସାରିଆ' ଉଲ୍ଲିଖିତ ।

ଆଲୋଚ୍ୟ ଗଳ୍ପଟି ସାଂପ୍ରତିକ ସମାଜରେ ପ୍ରଚଳିତ ଶୁଭ-ଅଶୁଭର ଦୋଛକିରେ ରଚିତ । କିପରି ଜଣେ ବିବାହିତ ମହିଳା ହଠାତ୍ ବିଧବା ହୋଇଗଲା ସେ କିପରି ସମାଜର ନିନ୍ଦା, ଅପବାଦର ଶିକାର ହୁଏ, ତାହା ଏହି ଗଳ୍ପର ଚରିତ୍ର ସାରିଆ ମଧ୍ୟରେ ଦେଖାଯାଇଛି । ଗଳ୍ପର ନାମ ଅନୁସାରେ ଚରିତ୍ରର ନାମ ମଧ୍ୟ ସାରିଆ ରଖାଯାଇଛି । ସବୁ ପରେ ବି ସେ ସମାଜରେ ବଞ୍ଚିବା ପାଇଁ କାହାର ସାହାଯ୍ୟ ଲୋଡ଼ି ନାହିଁ,କି ନିଜକୁ କଳୁଷିତ କରିବାକୁ ଦେଇନାହିଁ । ସେ କହିଛି "ମନ ଯେବେ ଟଙ୍ଗା ,ଗୋବର ଗାଡ଼ିଆ ଗଙ୍ଗା "। (ପୃ-୪୩) ପିତୃ ମାତୃ ହୀନ ସାରିଆ ବିଧବା ପରେ ବି ଭାଇର ଅଭେଦ୍ୟ ମାୟାରେ ଫସି ଯାଇଛି । କଥାରେ ଅଛି କେଉଁ ସ୍ତ୍ରୀ ଗୃହର ଲକ୍ଷ୍ମୀ ତ ! କିଏ ସର୍ବନାଶର କାରଣ ,ଯାହା ସାରିଆର ଭାଉଜ ଚଣ୍ଡିକା କ୍ଷେତ୍ରରେ ଦେଖାଯାଇଛି । ବଣିଆ ମାନେ ନିଜର ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଗ୍ରାହକ ମନକୁ ଯେପରି ମିଛ କହିଥାନ୍ତି ସେହିପରି ସାରିଆର ଭାଇ ଓ ଭାଉଜ ତାର ସେବା ଶୁଶ୍ରୂଷା କରି ତାକୁ ଘରକୁ ଫେରେଇ ଆଣିବା ସହିତ ତାର ନିକଟତର ହବାକୁ ଚେଷ୍ଟା କରିଛନ୍ତି ଓ ତାର ସମସ୍ତ ସମ୍ପତିକୁ ନିଜର କରିବାକୁ ଚାହିଁଛନ୍ତି । ଏହିପରି ଭାବରେ ଭାଇ ଭାଉଜଙ୍କର ସାରିଆ ପ୍ରତି ନୃଶଂସତା ଓ କ୍ରୁରତାର ମନୋଭାବ ଦେଖାଇଛନ୍ତି । ଯାହାଅଦ୍ୟାପି ସମାଜରେ ପ୍ରତୀୟମାନ ।ପରବର୍ତ୍ତୀ ଗଳ୍ପ 'ବାଦୀପାଲା' । ଆଲୋଚ୍ୟ ଗଳ୍ପରେ ଦେଖିବାକୁ ମିଳିଅଛି ଶିକ୍ଷା ସମସ୍ତଙ୍କ ପାଇଁ ସମାନ। ଶିକ୍ଷା ନିମନ୍ତେ ନିର୍ଦ୍ଧିଷ୍ଟ ବୟସ ନ ଥାଏ । ଯାହା ଦୁଇ ଗ୍ରାମ ବାଦୀପାଲା ଦଳକୁ କେନ୍ଦ୍ର କରି ନିଜର ଜ୍ଞାନକୁ ଓ ଆଭିଜାତ୍ୟର ଗାରିମା ଦେଖାଇ ଗାଁ ରେ ଗାଁ ରେ ସଂଘର୍ଷ ଓ ଶତ୍ରୁତା କିପରି ବୃଦ୍ଧି କରାଇଛନ୍ତି ତାହା ଦେଖିବାକୁ ମିଳିଅଛି ।କବିଶେଖର ଚିନ୍ତାମଣି ମହାନ୍ତି ବେଳେବେଳେ ମାନବେତର ଚରିତ୍ର ମାନଙ୍କୁ କେନ୍ଦ୍ର କରି ମନୋବିଶ୍ଳେଷଣ ଧର୍ମୀ ଗଳ୍ପ ରଚନା କରିପାରନ୍ତି ଯାହା ତାଙ୍କ ଦ୍ଵାରା ରଚିତ 'ଶୁକ ଶାରୀ ବିବାହ ' ଗଳ୍ପରେ ପ୍ରଦର୍ଶିତ । ଆଲୋଚ୍ୟ ଗଳ୍ପଟି ଏକ ସାମାଜିକ ଶିକ୍ଷଣୀୟ ତଥା ହାସ୍ୟ ରସାତ୍ମକ ମୂଳକ ଆଧାରିତ । ସାଂପ୍ରତିକ ସମାଜର ମହିଳା ମାନେ ଯେଉଁ ବନ୍ଧ୍ୟା ଦୋଷର ସମ୍ମୁଖୀନ ହେଉଛନ୍ତି ସେମାନେ ସେଥିପାଇଁ ବିଭିନ୍ନ ଓଷା ବ୍ରତ ଓ ପର୍ବ ପର୍ବାଣୀ, ମାନସିକ ଇତ୍ୟାଦି ମଧ୍ୟ କରିଥାନ୍ତି । ଏ ଗଳ୍ପରେ ତାହା ଦୁଇଟି ସଙ୍ଗିନୀ ମଧ୍ୟରେ ଦେଖା ଯାଇଛି । ସେମାନଙ୍କର ଦୀର୍ଘ ୩ ବର୍ଷ ଧରି ସନ୍ତାନ ସନ୍ତତି କିଛି ହେଉନାହିଁ, ଯାହା ଦ୍ଵାରା ସେମାନେ ଅନୁତପ୍ତ ହେବା ସହିତ ନିଜର ଭାଗ୍ୟକୁ ଦୋଷ ଦେଇଥାନ୍ତି । ନାରୀଟିଏ ନିଜ ଶରୀରରେ ଯେତେ ଅଳଙ୍କାର ଆଭୂଷଣ କଲେ ମଧ୍ୟ ମାତୃତ୍ଵ ବିନା ସେ ସର୍ବଦା ଅନୁତପ୍ତ ଥାଏ । ନାରୀଟିଏ ମାତୃତ୍ଵ ପ୍ରାପ୍ତିରେ ଅଧିକ ସୁନ୍ଦର ଦେଖାଯାଇଥାଏ । ସାଂପ୍ରତିକ ସମାଜରେ ସନ୍ତାନ ସନ୍ତତି ନ ହେଲେ ମନୁଷ୍ୟ ପଶୁ ପକ୍ଷୀ ମାନଙ୍କୁ ଘରେ ରଖି ନିଜ ସନ୍ତାନ ଠାରୁ ଅଧିକ ସ୍ନେହ ଦେଇ ଲାଳନ ପାଳନ କରିଥାନ୍ତି ଓ ସେମାନଙ୍କ ଭିତରେ ତାଙ୍କ ସନ୍ତାନଙ୍କ ଦେଖିଥାନ୍ତି। ପରବର୍ତ୍ତୀ ସମୟରେ ଦୁଇ ସଙ୍ଗିନୀ ପାର୍ବତୀ ଓ ସୁକୁମାରୀ ଶୁକ ଓ ଶାରୀ ଦୁଇଟିକୁ ରଖି ତାଙ୍କର ନାମକରଣ କରିଛନ୍ତି ଓ ସେହି ଦୁଇଙ୍କର ବିବାହ କରିଛନ୍ତି । ପରିଶେଷରେ ଦେଖିବାକୁ ମିଳିଛି ସେ ଦୁଇଙ୍କର ସନ୍ତାନ ଜନ୍ମର ଅବଶୋଷ ଆଉ ରହିନାହିଁ । ସମସ୍ତ ସୁଖ ସେ ପକ୍ଷୀ ନିକଟରେ । ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଗାଳ୍ପିକ ଚିନ୍ତାମଣି ମହାନ୍ତି ଗ୍ରାମ୍ୟ ଜୀବନର ନିଖୁଣ ପ୍ରତିଛବି ତାଙ୍କ ଗଳ୍ପରେ ସ୍ଥାନିତ କରିଦେଇଥାନ୍ତି ।

ପରବର୍ତ୍ତୀ ଗଳ୍ପ 'ଭାଗ୍ୟ ବିପର୍ଯ୍ୟୟ'। ସୁଯୋଗ ମନୁଷ୍ୟର କବାଟକୁ ଥରେ ଠକ୍ ଠକ୍ କରେ କିନ୍ତୁ ଦୁର୍ଯୋଗ ବାରମ୍ବାର ଠକ୍ ଠକ୍ କରେ । ସୁଯୋଗର ଫାଇଦାକୁ ଯିଏ ହାସଲ କଲା ସେ ହିଁ ସଫଳତା ପାଇଥାଏ । ବେଳେବେଳ ମନୁଷ୍ୟ ଅନ୍ୟର ସାହାଯ୍ୟ ନେଇ ନିଜକୁ ସବୁକିଛି ମନେ କରିଥାଏ , ପରବର୍ତ୍ତୀ ସମୟରେ ସେ ନିଜର ଅତୀତକୁ ଫେରି ଆସିବାର କଷ୍ଟ ଏହି ଗଳ୍ପରେ ବର୍ଣ୍ଣିତ । ଗରିବ କେଲୁ ଭଣ୍ଡାରିର ମୃତ୍ୟୁ ପରେ ତାର ଏକମାତ୍ର ପୁତ୍ର କିଣାକୁ ରାଜା ଏକ ଯାତ୍ରା ଦଳରେ ଅଭିନୟ କରୁଥିବାର ଦେଖି ଖୁସି ହୋଇ ତାକୁ ଏକ ହୀରାର ଅଙ୍ଗୁରୀୟ ମୁଦି ପ୍ରଦାନ କରିଥିଲେ । କିଣା ରାଜପ୍ରସାଦରେ ବହୁତ ଖୁସିରେ ରହିବା ସଙ୍ଗେ ସଙ୍ଗେ ନିଜର ମା' କୁ ମଧ୍ୟ ଭୁଲିଗଲା କ୍ରମଶଃ ରାଜାଙ୍କ ମୃତ୍ୟୁ ଘଟିଛି । ରାଜାଙ୍କ ମୃତ୍ୟୁ ପରେ କିଣାର ପୁନଶ୍ଚ ଭାଗ୍ୟ ବିପର୍ଯ୍ୟୟହେଲା । ରାଜ୍ୟର ପ୍ରଜା ଓ ଅନ୍ୟ ମାନଙ୍କୁ ପ୍ରତାରଣା କରିବା ଆରମ୍ଭ କରିଦେଲା । "ସବୁଦିନ ପାଇଁ ଅନ୍ୟମାନଙ୍କୁ ପ୍ରତାରଣା କରିବାକୁ ଚାହୁଁଥିବା ବ୍ୟକ୍ତି ଶେଷକୁ ନିଜେ ପ୍ରତାରିତ ହୋଇଗଲା "। (ଓଡ଼ିଆ କ୍ଷୁଦ୍ର ଗଳ୍ପର ଇତିବୃତ୍ତ ,ପୃ -୪୩୯) ପରବର୍ତ୍ତୀ ନିର୍ବାଚିତ ଗଳ୍ପ ହେଉଛି 'ଦଶହରା ଅନୁକୂଳ' ଆଲୋଚ୍ୟ ଗଳ୍ପରେ ଦେଖିବାକୁ ମିଳିଛି କିପରି ଗାଁ ଗାଁ ରେ ବହୁ ଆଡମ୍ବରରେ ମା' ଦୂର୍ଗାଙ୍କ ପୂଜା ପାଳନ କରାଯାଉଛି ଓ ଏଥି ନିମନ୍ତେ ସମସ୍ତଙ୍କ ଘରୁ ଚାନ୍ଦା ଆଦାୟ ହେବା ସହିତ ଭାଇ ଚାରାସମ୍ପର୍କ ସୃଷ୍ଟି ହେଉଅଛି । ଗାଳ୍ପିକ ଉକ୍ତ ଗଳ୍ପରେ ଗ୍ରାମ୍ୟ ଜୀବନର ସଂସ୍କୃତି, ଚାଲିଚଳଣି ,ଜମିଦାର ପ୍ରସଙ୍ଗ , ବିଭିନ୍ନ ଧର୍ମର ଭାଷା ଭାଷୀଙ୍କ ସୁ ସମନ୍ଵୟ ଏକତ୍ର ମନୋଭାବ ଇତ୍ୟାଦି ଏ ଗଳ୍ପରେ ସ୍ଥାନିତ କରିଛନ୍ତି।

ସଙ୍କଳନର ପରବର୍ତ୍ତୀ ଗଳ୍ପ ହେଉଛି 'ଜୀଅଁନ୍ତା ଭୂତ'। ସାଂପ୍ରତିକ ସମାଜରେ ଏବେ ବି ସାମାଜିକ କୁ-ସଂସ୍କାର ,ଅନ୍ଧ ବିଶ୍ଵାସ,ଗୁଣିଗାରେଡ଼ିର ପ୍ରଭାବ ଗାଁ ଗାଁରେ ଦେଖିବାକୁ ମିଳୁଅଛି । ମଣିଷ ବେଳେବେଳେ କିଛି କ୍ଷଣ ପାଇଁ ଆତ୍ମ ବିଶ୍ଵାସ ହରାଇବସେ। ଯାହା ଉକ୍ତ ଗଳ୍ପରେ ପାର୍ଶ୍ଵ ଚରିତ୍ର ଜ୍ୟୋତିଷ ଫକିର ନାହାକାର ମଧ୍ୟରେ ଦେଖାଦେଇଛି । ଯେଉଁ ମଣିଷ ସଂସାରରେ ଭୂତ ପ୍ରେତ ନାହିଁ ବୋଲି କହୁଥିଲା "ଭୂତ କଣ ମୋର ପ୍ରଧାନ ପ୍ରିୟ କୁଟୁମ୍ବ ଯେ ,ମୋତେ ଶଙ୍ଖାଳିବାକୁ ଆସିବ ? ଭୂତ କଥା କିଏ ପଚାରେ

,ଭୂତ ପ୍ରେତ ବୋଲି କିଛି ନାହିଁ ଖାଲି ତୁଚ୍ଛା ମିଛ, ତୁଚ୍ଛା ମିଛ ! ପୁରୁଷ ହୋଇ ଯିଏ ଭୂତ ବିଶ୍ୱାସ କରେ,ଆଉଭୂତ ନା ଶୁଣିଲେ ଘର କୋଣରେ ଲୁଚି ଆଖି ବୁଜି ପକାଏ ,ସେ ଭୀରୁ-ସେ ନାରୀସେ କ୍ଲୀବ"। (ଜିଅନ୍ତା ଭୂତ, ପୃ-୩୬) ପରେ ସେହି ମଣିଷ କିଛି ସମୟ ପାଇଁ ସତ୍ୟତାକୁ ଭୁଲି ବସେ । ଦୁଇ ଜଣ ସଙ୍ଗାତ ମଣିଷ ରୂପୀ ଭୂତ ହୋଇ ଯୋଜନା ବଦ୍ଧ ଭାବରେ ଫକିର ନାହାକାର ଆମ୍ବ ବଡିମାକୁ ଭାଙ୍ଗି ଦେଇଛନ୍ତି ଏବଂ ଭୂତର ଶିକାର ହୋଇ ଜ୍ୟୋତିଷ ମୃତ୍ୟୁ ପଥକୁ ଅଗ୍ରସର ହେବା ଦେଖି ଦୁଇଜଣ ସଙ୍ଗାତ ତା ନିକଟକୁ ଯାଇ ସମସ୍ତ ସତ କଥା କହିଦେଇଛନ୍ତି । ଯାହା ଫଳରେ ସେ କ୍ରମଶଃ ସୁସ୍ଥ ହୋଇଯାଇଛି ଏବଂ ଶେଷରେ ସେ ତାଙ୍କୁ ଜୀଅଁନ୍ତା ଭୂତ ଦେଖି ଡରିଯିବାର କହିଛି । ଏହି ଗଳ୍ପରେ ଦେଖିବାକୁ ମିଳିଛି ସମକାଳୀନ ସମାଜରେ ଏବେ ବି ଯେଉଁ ପ୍ରଥା ଚାଲିଛି ତାହା ପୂର୍ବରୁ ମଧ୍ୟ ଥିଲା ଏବେ ବି ଅଛି । ପ୍ରଥମତଃ ଲୋକମାନଙ୍କର କିଛି ଅସୁବିଧା ହେଲେ ପ୍ରଥମେ ଗୁଣିଆର ପରାମର୍ଶ ,ତା ପରେ ଡାକ୍ତର । ତେଣୁ ଗାଳ୍ପିକ ସମାଜକୁ ଉକ୍ତ ଗଳ୍ପ ମାଧ୍ୟମରେ ଅବଗତ କରାଇ ଦେଇଛନ୍ତି ଯେ, କିପରି ଶିକ୍ଷିତ ସମାଜରେ ଏବେ ବି ଅଶିକ୍ଷିତ ଜୀବିତ ହୋଇ ରହିଛନ୍ତି । ତେଣୁ ସମସ୍ତେ କୁ-ସଂସ୍କାର,ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରହିବା ସେଥି ପ୍ରତି ଦୃଷ୍ଟି ଦେବା।

'ବେଦୀବାହୁଡା' ଗଳ୍ପଟି ଗାଳ୍ପିକଙ୍କ ମନୋବିଶ୍ଲେଷଣ ଧର୍ମୀ ଅଟେ। ଜାତି ଧର୍ମର ପରିବର୍ତ୍ତନୀୟତା ,ସାମାଜିକ କୁ-ସଂସ୍କାର ଇତ୍ୟାଦି ଉପରେ ଆଧାରିତ । ଅନ୍ଧ ବିଶ୍ୱାସର ପ୍ରଭାବ ବହୁଳ ମାତ୍ରାରେ ଏହି ଗଳ୍ପରେ ଦେଖାଯାଏ। ବ୍ରାହ୍ମଣ ,କରଣ ,ବୈଷ୍ଣବ ବଂଶକୁ ନେଇ ଉକ୍ତ ଗଳ୍ପଟି ଗତିଶୀଳ । ଯେପରି ଗାଁ ଗାଁରେ ଏବେ ବି ଛୁଆଁ ଅଛୁଆଁର ଭେଦ ଭାବ ରହିଅଛି ଯାହା ମନୁଷ୍ୟର ମନୁଷ୍ୟତ୍ୱ ନଷ୍ଟ ହୁଏ । ବ୍ରାହ୍ମଣ ମାନଙ୍କ ରୀତି ,ନୀତି,ପ୍ରଥା କର୍ମକାଣ୍ଡ ଧର୍ମ ବିଶ୍ୱାସର ବର୍ଣ୍ଣନା ଦେଖିବାକୁ ମିଳେ । କରୁଣା ନାମଙ୍କ ବ୍ୟକ୍ତି ମହାଜନଙ୍କ ଠାରୁ ଋଣ ଆଣି ଠିକ ସମୟରେ ପରିଶୋଧ କରି ନପାରି। ତାର ଅବିବାହିତ କନ୍ୟାକୁ ବିକ୍ରୟ କରିଦେଇଛି । ପରେ ଲୋକମାନେ କରୁଣାର ଚକ୍ରାନ୍ତ ଜାଣିପାରି ତାକୁ ତିରସ୍କାର କରିଛନ୍ତି ; ସେ କିପରି ଅନ୍ୟ ଜାତିର ବ୍ୟକ୍ତି ହୋଇ ବ୍ରାହ୍ମଣକନ୍ୟାକୁ ବିବାହ କରିବା ପାଇଁ ଆସିଥିଲେ ଓ ଶିଶୁପାଳ ହୋଇ ବେଦୀରୁ ବାହୁଡି ଗଲେ । ତେଣୁ ସେ କହିଛି "ପାପ ପୂଣ୍ୟର ଭୟ ନାହିଁ ସେହିପରି ନଷ୍ଟ-ଦୁଷ୍ଟର ଅସାଧ୍ୟ କ'ଣ ? " (ବେଦୀ ବାହୁଡା ,ପୃ- ୩୧) ତେଣୁ ମଣିଷ ନିଜ ଜାତିକୁ ନୀଚ ଦୃଷ୍ଟିରେ ଦେଖି ଉଚ ଜାତିରେ ମିଶିବାର ପରିଣାମ ଶାସ୍ତି ।

ସଂକଳନର ପରବର୍ତ୍ତୀ ଗଳ୍ପ ହେଉଛି 'ଉପଯୁକ୍ତ ଶିକ୍ଷା'। ବ୍ରାହ୍ମଣ ପକ୍ଷରେ କନ୍ୟା ବିକ୍ରୟ ଅତି ନିନ୍ଦନୀୟ କାର୍ଯ୍ୟ ଏହି ଠାରୁ ଗଳ୍ପଟି ଗତିଶୀଳ । ଜଣେ ଅବିବାହିତ ବ୍ରାହ୍ମଣ ବୟସର ଅତିକ୍ରାନ୍ତ ପରେ କନ୍ୟା ଅଭାବରୁ ବିବାହ ନ କରି ସମାଜ ସଂସ୍କାର କରିବା ପାଇଁ ମନ ବଳାଇଛନ୍ତି । ଭିକାରି ନାମକ ଜଣେ ବ୍ରାହ୍ମଣ ସଦେଇ କର ନାମକ ବ୍ରାହ୍ମଣକୁ ଠକାମିର ଶିକାର କରିଥିଲେ। ଯିଏ ଅନ୍ୟକୁ ପ୍ରତାରଣା କରେ ସିଏ ନିଜେ ହିଁ ଠକାମିର ଶିକାର ହୋଇଯାଏ,ଯାହା ଏହି ଗଳ୍ପରେ ବର୍ଣ୍ଣିତ । ସଦେଇ କର ଭିକାରି ନାୟକଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଜୀବନର କହି ନ ଥିବା ମିଛର ସାହାରା ନେଇ ନିଜେ ଠକାମିରୁ ମୁକ୍ତି ପାଇଲେ ଓ ଜମି ବାବଦକୁ ଆଣିଥିବା ଟଙ୍କା ଫେରସ୍ତ କରି ମିଛ କହିଥିବା ପ୍ରାୟଶ୍ଚିତ କଲେ। ଜମିଦାର ପ୍ରଥା ଓ ଶୋଷକ ,ଶୋଷିତଙ୍କ ପ୍ରଭାବ ଉକ୍ତ ଗଳ୍ପରେ ଦେଖିବାକୁ ମିଳେ ।

ପରବର୍ତ୍ତୀ ଗଳ୍ପ ସଂକଳନର ନାମ ହେଉଛି 'ପଞ୍ଚବଟୀ'। ଉକ୍ତ ଗଳ୍ପରେ ମୁଖ୍ୟତଃ ୫ଟି ଗଳ୍ପ ସ୍ଥାନିତ। ସେ ସମସ୍ତ ଗଳ୍ପ ମାନଙ୍କ ମଧ୍ୟରୁ 'ଦାର୍ଶନିକ ପଣ୍ଡିତ' ଗଳ୍ପରେ ବହୁଳ ମାତ୍ରାରେ ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ପ୍ରତିପାଦନ କରାଯାଇଛି। କପିଳ ରଥ ଜଣେ ଦାର୍ଶନିକ ଥିଲେ । ସେ ସମସ୍ତ ବସ୍ତୁକୁ ଦାର୍ଶନିକ ଦୃଷ୍ଟିରେ ପର୍ଯ୍ୟାଲୋଚନା କରନ୍ତି । ପଣ୍ଡିତ ବୋଲି ତାଙ୍କର ଅହଂକାର କହିଲେ ନ ସରେ । ଦାର୍ଶନିକ ଇଶ୍ୱର ବିଶ୍ୱାସୀ ନ ଥିଲେ , ସେ ସର୍ବଦା ଈଶ୍ୱରଙ୍କୁ ଅବମାନନା କରୁଥାନ୍ତି । ସେ ଗ୍ରାମରେ ହେଉଥିବା ମୂର୍ତ୍ତି ପୂଜାକୁ ଘୃଣା କରିବା ସହିତ ବିରୋଧ ମଧ୍ୟ କରିଥାନ୍ତି । ଏକଦା ଗ୍ରାମରେ ମହାମାରୀର ତାଣ୍ଡବ ଦେଖାଗଲା ସେଥିପାଇଁ ଲୋକେ ଚାନ୍ଦା ଆଦାୟ କରି ଠାକୁରାଣୀ ପୂଜା କଲେ। କପିଳ ରଥ ଏଥି ନିମନ୍ତେ କୌଣସି ଚାନ୍ଦା ନ ଦେଇ ଠାକୁରାଣୀଙ୍କ ଅବମାନନା କଲେ । ସେହି ଦିନଠାରୁ ସେ ରୋଗରେ ପଡି କ୍ରମଶଃ ଦୁର୍ବଳ ହୋଇ ପଡିଲେ,ପତ୍ନୀଙ୍କ ଅନୁରୋଧ କ୍ରମେ ଠାକୁରାଣୀଙ୍କୁ ସ୍ମରଣ କଲେ ଏବଂ ସୁସ୍ଥ ମଧ୍ୟ ହେଲେ । ପରିଶେଷରେ ଜଣେ ଅହଙ୍କାରୀ ଦାର୍ଶନିକ ,ନାସ୍ତିକ କପିଳ ରଥ ଇଶ୍ୱର ବିଶ୍ୱାସୀ ଓ ମୂର୍ତ୍ତି ପୂଜା ଉପରେ ବିଶ୍ୱାସ କରିବା ଆରମ୍ଭ କରିଦେଲା।

**ଉପସଂହାର**

କବିଶେଖର ଚିନ୍ତାମଣି ମହାନ୍ତି କଦାପି ସାହିତ୍ୟକୁ ସ୍ୱାର୍ଥ ସାଧନାର ମାଧ୍ୟମ ବୋଲି ଭାବି ନାହାଁନ୍ତି । ସାହିତ୍ୟ ସାଧନ ତାଙ୍କୁ ଅଭାବ, ଅସୁବିଧା ଓ ବ୍ୟାଧିର ଯନ୍ତ୍ରଣାରୁ ମୁକ୍ତ କରିବା ଲାଗି ଉଦିଷ୍ଟ ହୋଇଥିଲା ; ଗାଳ୍ପିକଙ୍କ ରଚନା ଶୈଳୀ ଖୁବ୍ ଉଚକୋଟିର । ଅନ୍ୟାନ ଲେଖକଙ୍କ ପରି ଦୀର୍ଘ ଗଳ୍ପ ଲେଖି ନାହାଁନ୍ତି ସତ ;କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ଯେଉଁ ସବୁ ରଚନା କରିଛନ୍ତି ତାହା ପାଠକ ପାଠିକା ମହଲରେ ଅତ୍ୟନ୍ତ ପ୍ରସଂଶାର ପାତ୍ର ହୋଇପାରିଛି । ସେ ନିଜର ଗଳ୍ପରେ ସହରୀ ସଭ୍ୟତା ଠାରୁ ବହୁତ ଦୂରରେ ରହି ଗ୍ରାମର ପ୍ରତ୍ୟେକଟି ଘଟଣାକୁ ଅନୁଶୀଳନ କରି ତାଙ୍କଗଳ୍ପରେ ସ୍ଥାନିତ କରିଛନ୍ତି । ଚିନ୍ତାମଣିଙ୍କ ଗଳ୍ପ ଗୁଡିକ ପଲ୍ଲୀ କେନ୍ଦ୍ରୀୟ। ଗ୍ରାମ୍ୟ ଜୀବନର ହସ କାନ୍ଦ ଜୀବନର ଚିତ୍ରକୁ ତାଙ୍କ ଗଳ୍ପରେ ଦେଖାଇଛନ୍ତି । ସେ କଳ୍ପନା ଠାରୁ ବାସ୍ତବତାକୁ

ଅଧିକ ଆପଣାର ଭାବୁଥିଲେ । ଗ୍ରାମର ଟାଉଟର ,ଜମିଦାର ,ମହାଜନ ଓ ଶୋଷକ ଶ୍ରେଣୀ ସମସ୍ତ ଚରିତ୍ରକୁ ନିଜ ଗଳ୍ପର ପରିସର ଭୁକ୍ତ କରାଇ ପାରିଛନ୍ତି । ଓଡିଆ ସାହିତ୍ୟ ଜଗତକୁ ତାଙ୍କ ମହାର୍ଘ ଅତୁଳନୀୟ । ସାରସ୍ୱତ ସାଧକ ଚିନ୍ତାମଣି ମହାନ୍ତି ଅଦ୍ୟାପି ଆମ ମାନଙ୍କ ମଧ୍ୟରେ ଅବିସ୍ମରଣୀୟ ହୋଇ ରହିଛନ୍ତି ।

ସହାୟକ ଗ୍ରନ୍ଥସୂଚୀ :

୧- ଚିନ୍ତାମଣି ଗ୍ରନ୍ଥାବଳୀ (ଚତୁର୍ଥ ଭାଗ), ସାରସ୍ୱତ ପ୍ରେସ , କଟକ ,ପ୍ରକାଶକ – ୧୯୪୨ ।

୨- ବେନାର୍ଜୀ,ସତ୍ୟେନ୍ଦ୍ର ନାଥ(ସଂ), କବିଶେଖର ଚିନ୍ତାମଣିଙ୍କ ଶ୍ରେଷ୍ଠଗଳ୍ପ, ଶଶିପ୍ରକାଶନୀ,ନନ୍ଦସାହି,ବାଖରାବାଦ,କଟକ ,ପ୍ରଥମ ପ୍ରକାଶକ -୧୯୯୬ ।

୩ -ବେହେରା, କୃଷ୍ଣଚରଣ(ସଂ),କବିଶେଖର ଚିନ୍ତାମଣି,ଫ୍ରେଣ୍ଡସ୍ ପବ୍ଲିଶର୍ସ ,ବିନୋଦବିହାରୀ କଟକ,ପ୍ରକାଶକ -୧୯୬୪ ।

୪- ରାୟ ,ଅପୂର୍ବ ରଞ୍ଜନ ,ସାରସ୍ୱତ ସାଧକ କବିଶେଖର ଚିନ୍ତାମଣି , କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର,କଟକ,ପ୍ରଥମ ପ୍ରକାଶ -୧୯୮୩

୫- ସାମଲ,ବୈଷ୍ଣବ ଚରଣ ,ଓଡିଆ କ୍ଷୁଦ୍ର ଗଳ୍ପର ଇତିବୃତ୍ତ ;ଫ୍ରେଣ୍ଡସ୍ ପବ୍ଲିଶର୍ସ ,ବିନୋଦବିହାରୀ କଟକ,ପ୍ରଥମ ସଂସ୍କରଣ -୨୦୧୯ ।

୬- https://or.wikipedia.org/s/3zn

❖❖❖

# କୃପାସାଗର ସାହୁଙ୍କ ଶେଷ ଶରତରେ ଚିଲିକାର ଅବକ୍ଷୟ ରୂପ



ISSN-2583-6978
Volume-5
Issue-11
NOVEMBER-2024

**ଗବେଷିକା ଗୋଦାବରୀ ବାରିକ**

**ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ**
**ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ , ଭବାନୀପାଟଣା,କଳାହାଣ୍ଡି**

ଈଶ୍ୱରଙ୍କ ସୃଷ୍ଟିରେ ଶ୍ରେଷ୍ଠ ବରଦାନ ହେଉଛି ପ୍ରକୃତି । ଏହା ଆମ ପରିବେଶକୁ ସୁନ୍ଦର କରିଥାଏ । ପ୍ରକୃତି ବିନା ମଣିଷ ଜୀବନ ଅର୍ଥହୀନ । ପଶୁ, ପକ୍ଷୀ, ବୃକ୍ଷ, ମାନବ ଇତ୍ୟାଦି ପ୍ରକୃତିର ଗୋଟିଏ ଗୋଟିଏ ଅଂଶ । ଏହାର ସୁରକ୍ଷା ଆମର ଦାୟିତ୍ୱ । କିନ୍ତୁ ଆଜିର ସ୍ୱାର୍ଥନ୍ୱେଷୀ ମଣିଷ ନିଜର ଖୁସି ପାଇଁ ପ୍ରକୃତିର ଅବକ୍ଷୟ କରିବାପାଇଁ ପଛାଉନାହାନ୍ତି । ଅବିବେକୀ ମଣିଷ ନିଜର ମଉଜ ପାଇଁ ସରଳ ନିରୀହ ପଶୁ ପକ୍ଷୀଗୁଡିକୁ ଅବାଧରେ ହତ୍ୟା କରି ତାଙ୍କର ଜାନ୍ତବ କ୍ଷୁଧାକୁ ଉପଶମ କରନ୍ତି। ଏହି ଅବକ୍ଷୟର ଚିତ୍ର ଔପନ୍ୟାସିକ କୃପାସାଗର ସାହୁଙ୍କ ଶେଷ ଶରତ ଉପନ୍ୟାସରେ ଦେଖିବାକୁ ପାଇବା। ଚିଲିକାର ନିର୍ମଳ ଶୁଦ୍ଧ ଜଳରାଶିର ପ୍ରଦୂଷଣ, ପକ୍ଷୀ ଗୁଡିକୁ ନିର୍ମମ ଭାବେ ହତ୍ୟା ଆଦି ଚିତ୍ର ଖୁବ୍ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ଔପନ୍ୟାସିକ ଉପନ୍ୟାସର ଆରମ୍ଭରେ ସାଇବେରିଆର ସୁପ୍ତଇଲାକାରେ ଶୀତଋତୁର ତାଣ୍ଡବକୁ ଦେଖାଇଛନ୍ତି। ଯେତେବେଳେ ସାଇବେରିଆର ବାର୍ଚ୍ଚ , ଉଇଲୋ ଓ ପପଲାର ବୃକ୍ଷଗୁଡ଼ିକ ପତ୍ର ଝଡ଼ା ଦେଇଛନ୍ତି, ଉତ୍ତରମେରୁରୁ ବୈକାଲ୍ୟ ହ୍ରଦକୁ ହାଡ଼ଥରା ହେମାଳ ପବନର ହୋଇଛି ଆଗମନ, ଲେନା ନଦୀର ଛାତିରେ ନିଥରତା ଭାରିଦେଇଛି ସୁମେରୀୟ ସ୍ରୋତ,ଶୀତର ପ୍ରକୋପରେ ବଳଗା ହରିଣ ତୁନ୍ଦ୍ରାଞ୍ଚଳରୁ ଟାଇଗାକୁ ମାଡି ଆସିଛନ୍ତି, ତୁଷାରପାତରେ ସବୁଜ ବୃକ୍ଷଗୁଡ଼ିକ ନଷ୍ଟ ହୋଇଯାଇଛି, କୁନି କୁନି ଜୀବ, କୀଟ ପତଙ୍ଗ ଆଦିକୁ ତୁଷାର କଣିକା ତଳେ ସମାଧି ନେବାକୁ ହୋଇଛି, ସେତିକିବେଳେ ସାରସ ପକ୍ଷୀଟି ତାର ପତ୍ନୀକୁ କହିଲା - "ସାରସୀ ଲୋ ସଜ ହୁଅ ଯିବା"। (କୃପାସାଗର ସାହୁ - 'ଶେଷ ଶରତ' - ପୃଷ୍ଠା ସଂଖ୍ୟା ୧)

ସାରସୀର ଅମଙ୍ଗ ହେବାର ଦେଖି ସାରସ କହିଛି - "ଏଥର ଆମେ ଏକ ନୂଆ ଜାଗାକୁ ଯିବା, ମୋ ଶୁଣିବାରେ ସେଇଟା କୁଆଡେ ଏକ ଲକ୍ଷ୍ମୀଙ୍କ ଭଣ୍ଡାର। ତାର ଜଳ ବୈକାଲ୍ୟର ଜଳ ପରି ମଧୁର ନୁହେଁ କିମ୍ବା କାସ୍ପିୟନର ଜଳ ପରି ଲବଣାକ୍ତ ନୁହେଁ। ସମୁଦ୍ରର ଖର ଜଳ ଓ ପାର୍ଶ୍ୱବର୍ତ୍ତୀ ନଦୀ ମାନଙ୍କର ମଧୁର ଜଳ ଫେଣ୍ଟି ହୋଇ ଯେଉଁ ମିଶ୍ରଣ ସୃଷ୍ଟି ହୁଏ, ତାର ସ୍ୱାଦ ଅନନ୍ୟ । ସେଠି ମିଳେ ନାନା ଜାତିର କନ୍ଦ, ନାନା ଜାତିର ମକରନ୍ଦ। ସେଠି ପୁଣି ମିଳେ ଗଭୀର ଶିଉଳୀ ଓ ସ୍ୱାଦିଷ୍ଟ କନ୍ଦଳି। ସେ ହ୍ରଦର ଏକ ପାର୍ଶ୍ୱରେ ଅଛି ଆଦିଗନ୍ତ ସବୁଜ ଶସ୍ୟକ୍ଷେତ୍ର । ହ୍ରଦ କୂଳରେ ସ୍ଥଳର ନାନା ଜାତିର ତୃଣ ଓ ଶାଗର କୋମଳ ପତ୍ର। କେତେ କେତେ ପ୍ରଜାତିର ଗେଣ୍ଡା, ଶାମୁକା, କଙ୍କଡା, ମାଛ ଏଠି ବର୍ଷ ସାରା ମିଳେ। ତୁମକୁ ସେ ସ୍ଥାନ ଭଲ ଲାଗିବ। ଚାଲ ତିୟାରି କର"। କୃ.ସା-ଶେ.ଶ - ପୃଷ୍ଠା ସଂଖ୍ୟା ୧୨

ପକ୍ଷୀ ଦୁହେଁ ଶାବକଟିକୁ ଧରି ନୂତନ ସ୍ଥାନକୁ ଯିବା ପାଇଁ ମନସ୍ଥ କଲେ। ମନରେ ଜାଗି ଉଠିଛି ଭୟ ଓ ଉତ୍କଣ୍ଠା। ପଛରୁ ଟାଣି ଧରେ ସାଇବେରିଆ ମାଟିର ମହକ ଓ ସୁଗନ୍ଧ। ସେମାନେ ଭଗବାନଙ୍କୁ ପ୍ରାର୍ଥନା କରି ଅନିଶ୍ଚିତ ଭବିଷ୍ୟତ ପାଇଁ ଛାତିରେ ଅସୀମ ସାହସ ସୃଷ୍ଟି କରୁଥିଲେ। ତାଙ୍କ ସଂଘର୍ଷ ପଥର ପ୍ରଥମ ବିରାମ ସ୍ଥଳ ଥିଲା ବୈକାଲ୍ୟ ହ୍ରଦ। ସେଠାରେ ଆକଣ୍ଠ ଜଳ ପାନ କରି ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଲେ , ବୈକାଲ୍ୟରୁ ତିବ୍ବତ, ତିବ୍ବତରୁ ମାନସରୋବର, ତାପରେ ହିମାଳୟ,ହିମାଳୟରୁ ଗଙ୍ଗା ଏବଂ ଗଙ୍ଗାରୁ ବଙ୍ଗୋପସାଗରରେ ପହଞ୍ଚିଲେ । ତାଙ୍କର ଲକ୍ଷ୍ୟ ସ୍ଥଳ ବେଶି ଦୂର ନ ଥିଲା। "ଉପକୂଳର ଚାରି ଆଡ଼େ ଥିଲା ତାଳ,ତମାଳ,ପିପ୍ପଳ ନାରୀକେଳର ବନ। ଏଠି ସମୁଦ୍ର ସ୍ଥଳ ଭାଗକୁ ଝୁଙ୍କି ପଡ଼ି ସୃଷ୍ଟି କରିଛି ଏକ ବିଶାଳକାୟ ଦିର୍ଘିକା। ତାର ନାଁ ଚିଲିକା"। (କୃ.ସା-ଶେ.ଶ- ପୃଷ୍ଠା ସଂଖ୍ୟା -୧୮) ପୃଥିବୀର ବୃହତ୍ତର ହ୍ରଦ ଚିଲିକା। ଯାହାକି ବଙ୍ଗୋପସାଗର କୂଳରେ । ସେଠାରେ ଥିବା ନଳ ବନରେ

ସାରସର ପରିବାର ଆଶ୍ରୟ ନେଇଛନ୍ତି।

ଉତ୍ତର କାନାଡର ଜଣେ ଖ୍ୟାତ ନାମା ପକ୍ଷୀ ବିଶାରଦ ହ୍ୟାରୀ କ୍ରିଷ୍ଟେନ୍। ସେ କାନାଡାର ଓଣ୍ଟାରିଓ ୟୁନିଭର୍ସିଟିର ପ୍ରଫେସର। ବିଭିନ୍ନ ଦେଶ ବିଦେଶ ଭ୍ରମଣ କରି ପକ୍ଷୀଗୁଡ଼ିକ ଉପରେ ଗବେଷଣା କରନ୍ତି। ଭାରତ ବର୍ଷରେ ମଧ୍ୟ ପାଦଥାପନ୍ତି ପକ୍ଷୀ ସମ୍ବନ୍ଧୀୟ ତଥ୍ୟ ପାଇଁ। ଘରେ ସ୍ତ୍ରୀ ସାରା, ପୁଅ ପାଟର , ଝିଅ ଲାରା ପ୍ରତି ନଜର ନ ଦେଇ ଗବେଷଣା କରିବାକୁ ବାହାରି ଯାଆନ୍ତି। ପକ୍ଷୀ ଭଳି କ୍ରିଷ୍ଟେନ ମଧ୍ୟ ପ୍ରବ୍ରଜ୍ୟା ପାଳଟି ଯାଇଛନ୍ତି। କ୍ରିଷ୍ଟେନ ଚିଲିକାରେ ପହଞ୍ଚି ହୁଲି ଡଙ୍ଗାରେ ବସି ଚିଲିକା ଭ୍ରମଣ କରିଛନ୍ତି। ପ୍ରଥମେ ତାଙ୍କ ଆଖିରେ ପଡ଼ିଛି ଜଟିଆ ନାସି ପାହାଡ ।ସେ ପାହାଡ଼ଟି ଦିଶୁଥିଲା ସତେ ଯେମିତି ପ୍ରାଗୈତିହାସିକ କୁମ୍ଭୀର । ତା'ପିଠି ରେ ମେଞ୍ଚା ମେଞ୍ଚା ଶୈବାଳ। ଚିଲିକାର ଉତ୍ପତ୍ତି, ଇତିହାସ ଓ ଭୂଗୋଳ ସବୁ ନାଉରିଆ ମୁହଁରୁ ସେ ମନ ଦେଇ ଶୁଣୁଥିଲେ । ବଙ୍ଗୋପସାଗରରେ ଏକ ବଡ଼ ଧରଣର ଭୂକମ୍ପ ସୃଷ୍ଟି ହେବା ଫଳରେ ସମୁଦ୍ରର କିଛି ଅଂଶ ଏକ ବାଲି ବନ୍ଧଦ୍ୱାରା ବିଛିନ୍ନ ହୋଇ ଏହି ଲବଣାକ୍ତ ହ୍ରଦ ସୃଷ୍ଟି ହୋଇଥିଲା। ନୌବାଣିଜ୍ୟ ଯୋଗୁଁ ଦିନେ ଚିଲିକା ପ୍ରସିଦ୍ଧି ଲାଭ କରିଥିଲା ।ସାଧବ ପୁଅମାନଙ୍କର ଯାତ୍ରା ଏହିଠାରୁ ଆରମ୍ଭ ହୁଏ। ଏ ଯାତ୍ରାର ଏବେ ପରିସମାପ୍ତି ଘଟିଛି । ଚିଲିକାର ଅମାନିଆ ଜଳ ରାଶି କ୍ରିଷ୍ଟେନ ଉପରେ ପିଟି ହେଉଥିଲା । ସେ ବାଇନୋକୁଲାର ସାହାଯ୍ୟରେ ଚତୁଃପାର୍ଶ୍ୱର ମନଲୋଭା ଦୃଶ୍ୟକୁ ଉପଭୋଗ କରୁଥିଲେ । ଯୁଆଡେ ଦେଖୁଥିଲେ ଖାଲି ପକ୍ଷୀ ଆଉ ପକ୍ଷୀ । ଛୋଟ,ବଡ଼,ରଙ୍ଗ,ବେରଙ୍ଗ ନାନା ପ୍ରଜାତିର ପକ୍ଷୀ । ଏରା ପକ୍ଷୀର ଦଳ ଯେତେବେଳେ ଉଡ଼ି ଯାଉଥିଲେ, ପ୍ରତୀତ ହେଉଥିଲା ସତେ ଯେପରି ଦିଗକନ୍ୟାର ଗୋଲାପୀ ଶାଢ଼ୀର ପଣତ ଉଡିଗଲା ପରି ।ସାରସ ସାରସୀଙ୍କୁ ଦେଖିବା ପାଇଁ ଅନ୍ୟ ପକ୍ଷୀଙ୍କର ଭିଡ଼ ଲାଗିଛି । କ୍ରିଷ୍ଟେନର ମଧ୍ୟ ନଜର ପଡିଛି ଦମ୍ପତିଙ୍କ ଉପରେ । ଦମ୍ପତିଙ୍କର ଅନେକ ଫଟୋ ଉଠେଇଛନ୍ତି । ଏହିଠୁ ଆରମ୍ଭ ହୋଇଛି କ୍ରିଷ୍ଟେନ ଓ ସାରସର ପ୍ରେମ କାହାଣୀ । ଶୀତଋତୁରେ ସାରସ ଆନନ୍ଦରେ ସମୟ ବିତାଇଛି ନଳ ବଣରେ । ଚାହୁଁ ଚାହୁଁ ତିନି ମାସ ବିତିଗଲା । ବସନ୍ତ ଆସିଲେ ତ ଚିଲିକାର ମୁଁହ ଶୁଖି ଯାଏ ।ସେ ନିଜକୁ ଅଭାଗିନୀ ମନେ କରେ । କାରଣ ପକ୍ଷୀମାନେ ବାହୁଡ଼ି ଯାଆନ୍ତି ନିଜ ନିଜ ବାସସ୍ଥାନକୁ।

ସାରସ ସ୍ୱଦେଶକୁ ଯିବା ପାଇଁ ପ୍ରସ୍ତୁତ କିନ୍ତୁ ସାରସୀ ମନ ବଳୁନଥାଏ । ସାରସ କହିଛି ସାଇବେରିଆ ଏବେ ଅପନ୍ତରା ହୋଇ ନ ଥିବ । ବରଫ ତରଳି ଯିବଣି। ମଧୁର ଜଳରେ ପୂର୍ଣ୍ଣ ହୋଇଥିବ ବୈକାଲ୍ୟ ହ୍ରଦ। ସାରସ ସାରସୀକୁ ପ୍ରବୋଧନା ଦେଉଛି -ଗୋଟିଏ ଜାଗାରେ ପଡ଼ି ରହିବା ଆମର ଅବଧାରିତ ଭାଗ୍ୟ ନୁହେଁ। "ଗୋଟିଏ ଜାଗାରେ ପଡ଼ି ରହିଲେ ଆମେ ଓଟ ପକ୍ଷୀ ଓ ପେଙ୍ଗୁଇନମାନଙ୍କ ପରି ଉଡ଼ିବା ଭୁଲି ଯିବାନି କି ? ଉଡାଣରେ ହିଁ ଆମର ଉତ୍ତରଣ । ପ୍ରବ୍ରଜ୍ୟାରେ ହିଁ ଆମର ପରିତ୍ରାଣ"। (କୃ.ସା-ଶେ.ଶ - ପୃଷ୍ଠା ସଂଖ୍ୟା -୪୪) ଇତି ମଧ୍ୟରେ ଚିଲିକାର ଉତ୍ତର ନାସି, ଦକ୍ଷିଣ ନାସି ଆଡୁ କ୍ରିଷ୍ଟେନ ଭିତରକୁ ଆସିଛି । କ୍ରିଷ୍ଟେନର ନଜର ପଡ଼ିଛି ବାଗୁଲା ବନ ଭିତରେ ଡ୍ରୋଜରଟି, ଯାହା ଦିଶୁଥିଲା ଏକ ପ୍ରାଗୈତିହାସିକ ତୃଣଭୋଜି ଡାଏନେସର ପରି। ରାସ୍ତା ଉପରେ ଥାଇ ଦେଖିଛନ୍ତି ପାଣି ଭିତରେ ଗୋଟିଏ ଇଞ୍ଚ ପରିମିତ ଜାଗା ମାଛ ଚାଷୀମାନେ ଛାଡୁ ନାହାନ୍ତି ।ଚାରିଆଡ଼େ ମାଛମରା ନାଇଲନର ଜାଲ। ଭୂଷଣ୍ଡପୁର, କାଳୁପଡ଼ା ଘାଟ ପ୍ରଭୃତି ଷ୍ଟେସନ ମାନଙ୍କରେ କୁଆଡ଼େ ପକ୍ଷୀ ଧରା ହୋଇ ବିକ୍ରି ହୁଏ ବୋଲି ଶୁଣିଥିଲେ। ବାଲୁଗାଁ ଠାରୁ ରମ୍ଭା ଯାଏଁ ସବୁଆଡେ ବାଉଁଶର ଖୁଣ୍ଟି ପୋତା ଯାଇଛି ଏବଂ ତାର ଜାଲିରେ ବାଡ଼ ସୃଷ୍ଟି କରାଯାଇଛି । କ୍ରିଷ୍ଟେନକୁ ଚିଲିକା ଲାଗିଲା ଏକ ଶରବିଦ୍ଧା ଅଭିଶପ୍ତା ଅପସରି ପରି। ଦୟା, ଭାର୍ଗବୀ, ଲୁଣା ନଦୀର ଅବବାହିକାରେ ଜଙ୍ଗଲ ଧ୍ୱଂସ ହେଉଥିବା ଯୋଗୁଁ ମୃତ୍ତିକା କ୍ଷୟ ହୋଇ ଚିଲିକା ପୋତି ହୋଇପଡୁଛି ।ସମୁଦ୍ର ସହ ସଙ୍ଗମ ସ୍ଥଳ ଅରଖକୁଦରେ ମୁହାଣର ଆକାର ହ୍ରାସ ଘଟୁଥିବା ଯୋଗୁଁ ଯଥେଷ୍ଟ ଜଳ ପ୍ରବେଶ କରିପାରୁନାହିଁ। ଅବାଧରେ ପକ୍ଷୀ ଶିକାର ଚାଲିଛି । ଚିଲିକାରେ ପଡ଼ି ଥିବା ନଦୀଗୁଡ଼ିକ ବୋହି ଆଣୁଥିବା ପଟୁ ମାଟି ଯୋଗୁଁ ଚିଲିକାର ଗଭୀରତା ଦ୍ରୁତ ଗତିରେ ହ୍ରାସ ପାଉଛି।ଏହି କର୍ମବ୍ୟସ୍ତତା ମଧ୍ୟରେ ବସନ୍ତ, ଗ୍ରୀଷ୍ମ, ବର୍ଷା ଋତୁ ଗୋଟିଏ ପରେ ଗୋଟିଏ ଆସି ଅବାଧରେ ଫେରି ଯାଇଛି ।ଦିନେ କାନାଡାରୁ ଫୋନ୍ ଆସିଛି - ସାରା ପିଲାଙ୍କୁ ଧରି ଓଡ଼ିଶା ଆସୁଛନ୍ତି । କ୍ରିଷ୍ଟେନ ସେମାନଙ୍କୁ ନେଇ ଚିଲିକାର ନଳ ବଣରେ ଥିବା ପକ୍ଷୀମାନଙ୍କୁ ଦେଖାଇଛନ୍ତି। କ୍ରିଷ୍ଟେନ ପିଲାମାନଙ୍କୁ ଦେଖାଇ ଦିଏ,ଏଇ ଦେଖ - ଶଙ୍ଖ ଚିଲ ବ୍ରହ୍ମିନ କାଇଟ । ସେ ଗଳା ଖଙ୍କରି କହୁଛି - ମୁଁ ଚିଲିକାର ପୋଲିସ। ସାରା ଏଇ ପକ୍ଷୀଟିକୁଦେଖ ,ଜାକ୍ନା ଏହାର ନାମ।ଏହି ରଙ୍ଗୀନ୍ ପକ୍ଷୀଟି ବାସ୍ତବରେ ମଧ୍ୟ ବଡ଼ ରଙ୍ଗୀନ୍। ଏ ଏକ ବାରବନିତା। ଯାର ଅନେକ ସ୍ୱାମୀ , ପରୀ କାହାଣୀର ମାଲ୍ୟାଣୀ ପରି ସବୁ ସ୍ୱାମୀଙ୍କୁ ମେଣ୍ଢା ବନାଇ ତାଙ୍କଦ୍ୱାରା ସବୁ କାର୍ଯ୍ୟ କରାଏ। ଜଣେ ପୁରୁଷ ପକ୍ଷୀ ସହ ରହି ଅଣ୍ଡା ଦେଇ ଚାଲିଯାଏ । ବିଚରା ପୁରୁଷ ପକ୍ଷୀଟି ଅଣ୍ଡା ଉଷୁମାଇ ଛୁଆକୁ ଲାଳନ ପାଳନ କରୁଥିବା ବେଳେ ସେ ଆଉ ଗୋଟିଏ ପୁରୁଷକୁ ଧରି ବାଟ କାଟେ । ନଳ ବଣର ଦୀର୍ଘକାୟ ସାରସଟି ଦିଶୁଥିଲା ନଳ ବଣର ସମ୍ରାଟ ପରି। ସତେ ଯେମିତି ପାରିଧିରେ ବିଜେ କରିଛନ୍ତି ସମ୍ରାଟ । ସାତଦିନ ରହିବା ଭିତରେ ସାରା ଓଡ଼ିଶାର ଅନେକ ଅଞ୍ଚଳ ପରିଦର୍ଶନ କଲେ । ତାପରେ ସେମାନେ ବିଦାୟ ନେଇଛନ୍ତି । କ୍ରିଷ୍ଟେନ ପୁଣି ନିଜର ଜ୍ଞାନ ପିପାସା ମେଣ୍ଟେଇବାକୁ ଚିଲିକା ଆସିଛି ।ପ୍ରକୃତି ଓ ପ୍ରାକୃତିକ ଜୀବନ ସହିତ ଜଡ଼ିତ ନ ଥିବା ମଣିଷ ବୁଝି ପାରେ ନାହିଁ, ତା'ର ଦୃଷ୍ଟି ଅନ୍ତରାଳରେ ଘଟୁ ଥିବା ଜୈବ ରାଜନୀତିର ଘୃଣିତ ପରମ୍ପରାକୁ । ଅର୍ଥାତ୍ ନୂଆ ନୂଆ

ଉପଭୋକ୍ତା ଶ୍ରେଣୀ ଉଦ୍ଦେଶ୍ୟରେ ଉତ୍ପାଦିତ ଦ୍ରବ୍ୟର ମୋହ କିପରି ଆନ୍ତର୍ଜାତିକ ରାଜନୀତି ଦ୍ୱାରା ପରିଚାଳିତ ହୋଇ କ୍ରମଶଃ ସଂକ୍ରମିତ ହୋଇଚାଲିଛି। ବାଗଦା ଚିଙ୍ଗୁଡ଼ି ପାଇଁ ଚିଲିକାର ସୁଖ୍ୟାତି ଥିଲା । ସରକାରଙ୍କ ଭ୍ରମାତ୍ମକ ଲିଜ୍ ନୀତି ଯୋଗୁଁ ପ୍ରଥମେ କିଛି ଲୋକଙ୍କୁ ଚିଙ୍ଗୁଡ଼ି ଚାଷପାଇଁ ଉପକୂଳବର୍ତ୍ତୀ ଅଞ୍ଚଳରେ ଅନୁମତି ଦିଆ ଯାଇଥିଲା। କିନ୍ତୁ ଏହି ଚାଷର ମୁନାଫାକୁ ଆଖି ଆଗରେ ରଖି ଚିଲିକାରେ ମାଫିଆ ଗୋଷ୍ଠୀ ପଶିଲେ । ଆଫ୍ରିକାରେ ଯେଭଳି ସୁନା ସନ୍ଧାନ ପାଇଁ ବିଗତ ଶତାବ୍ଦୀ ମାନଙ୍କରେ ଠେଲାପେଲା ଲାଗିଥିଲା, ସେଭଳି ଚିଲିକାକୁ ବ୍ୟାପାରୀମାନେ ଆସିଲେ କଟକରୁ, କଲିକତାରୁ, ବିଶାଖାପାଟଣାରୁ, ବମ୍ବେରୁ । ଶହ ଶହ ଯନ୍ତ୍ର ଚାଳିତ ନୌକା ପାଇଁତରା ଦେଲେ ଚିଲିକା ବକ୍ଷରେ । ଜହ୍ନ ରାତିକୁ ତୁଚ୍ଛ କରି ରାତିରେ ଶହ ଶହ ସର୍ଚ୍ଚ ଲାଇଟ୍ ବୁଲିଲା ।ଚିଲିକାର ପକ୍ଷୀ କୂଳରେ କୋକୁଆ ଭୟ ସୃଷ୍ଟି ହେଲା ।

ଚିଲିକା ବଞ୍ଚାଅ ଆନ୍ଦୋଳନ ଟାଟା କମ୍ପାନୀ ଚିଲିକାକୁ ଚିଙ୍ଗୁଡ଼ି ଚାଷପାଇଁ ଲିଜ୍ ନେବା ଘଟଣାକୁ କେନ୍ଦ୍ର କରି ଗଢି ଉଠି ଥିଲା । ତାହାର ଚିତ୍ର ଔପନ୍ୟାସିକ ଖୁବ୍ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ପ୍ରାୟ ଏକ ହଜାର ଜମିରେ ଟାଟା କମ୍ପାନୀକୁ ସଘନ ଚିଙ୍ଗୁଡ଼ି ଚାଷ ପାଇଁ ଅନୁମତି ଦିଆଗଲା ।ସେଥିରେ ସେ ବନ୍ଧ ପକାଇ ପୋଖରୀ ତିଆରି କରିବାରେ ଲାଗିଲେ। ଶହ ଶହ ଟ୍ରାକ୍ଟର ମାଟି ବୁହା ହୋଇ ବନ୍ଧ ନିର୍ମାଣ ହେଲା। ହେଲୋଜିନ ଆଲୋକରେ ଚିଲିକା ଚିକ୍ ଚିକ କଲା।ଚିଲିକାର ପାରମ୍ପରିକ ମତ୍ସଜୀବୀମାନଙ୍କ ପାଇଁ ବିପଦ ସୃଷ୍ଟି ହେଲା । ଯାହା ଫଳରେ ସୃଷ୍ଟି ହେଲା ଚିଲିକା ବଞ୍ଚାଅ ଆନ୍ଦୋଳନ।

ପରିବେଶର ସୁରକ୍ଷା ଦାୟିତ୍ୱରେ ରହୁ ଥିବା ଉଚ୍ଚ ପଦସ୍ଥ ସରକାରୀ କର୍ମଚାରୀ, ନେତା ବ୍ୟୁରୋକ୍ରାଟଙ୍କଦ୍ୱାରା ପରିବେଶ ଧ୍ୱଂସାଭିମୁଖୀ ହେଉଛି। ତତ୍କାଳୀନ ସରକାର ଆଉ ଗୋଟିଏ ମାରାତ୍ମକ ପଦକ୍ଷେପ ଗ୍ରହଣ କରିଥିଲେ । କାଳିଜାଇ ପାହାଡରେ ଏକ ବିଳାସ ବ୍ୟସନ ହୋଟେଲ ଖୋଲିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ଆନ୍ଦୋଳନ ଆହୁରି ତ୍ରୀବତର ହେଲା । ଆନ୍ଦୋଳନ ଓ ପ୍ରତିବାଦ ଯୋଗୁଁ ସରକାର ହୋଟେଲ ନିର୍ମାଣର ନିଷ୍ପତ୍ତିକୁ ବାତିଲ କଲେ । ସରକାରଙ୍କର ଉଦାସୀନ ମନୋଭାବ ବିରୋଧରେ ମତ୍ସଜୀବିମାନଙ୍କର ପ୍ରତ୍ୟକ୍ଷ ଅଭିଯାନ ଆରମ୍ଭ ହେଲା।ସେମାନେ ଜାତୀୟ ରାଜପଥ ସହ ରେଳ-ଚଳାଚଳକୁ ବନ୍ଦ କରିଥିଲେ । ରେଳଗାଡ଼ିର ଅଟକି ଯିବା ଦେଖି କାଣ୍ଠି ବଗମାନେ କଥାବାର୍ତ୍ତା ହେଉଥିଲେ- "ଭୁଆସୁଣୀ ଚିଲିକା ସୁନ୍ଦରୀକୁ ଦେଖି ଏ କଲିକତିଆ ଟ୍ରେନଟି ନିତି ପ୍ରତି ସିଟି ମାରୁଥିବା ଯୋଗୁଁ ଏଠିକାର ଲୋକେ ତାକୁ ଦଣ୍ଡ ଦେଇଥିବେ ପରା"। (କୃ.ସା-ଶେ.ଶ- ପୃଷ୍ଠା ସଂଖ୍ୟା -୬୭/୬୮)

ଚିଲିକା ଘାଟରୁ ଫେରିବା ପରେ ବାଟରେ କ୍ରିଷ୍ଟେନର ନଜର ପଡିଛି ଗୋଟିଏ ହୋଟେଲ ଉପରେ। ନର୍ଦ୍ଦମାରେ କୁକୁଡ଼ା ପର ସହ ନୀଳ ସବୁଜ ପର ଦେଖି ତା ମନରେ ସନ୍ଦେହ ସୃଷ୍ଟି ହୋଇଛି । ଖାଇବାର ବାହାନାରେ ସତ୍ୟର ଅନୁସନ୍ଧାନ କରିଛି କ୍ରିଷ୍ଟେନ,ଦେଖିଛି ଦୁଇଟି ଗେଣ୍ଡୀ ବତକ ବନ୍ଧା ହୋଇ ପଡ଼ିଥିଲେ କୋଇଲା ରଖା ହୋଇଥିବା ଭାଡ଼ି ତଳେ। ପକ୍ଷୀ ଦୁଇଟି ସଜଳ ନୟନରେ କ୍ରିଷ୍ଟେନକୁ ଚାହିଁଥିଲେ। ସତେ ଯେମିତି ଲାଗୁଥିଲା ଏ ହେଉଛନ୍ତି ପକ୍ଷୀ ଦୁଇଟିର ରକ୍ଷାକର୍ତ୍ତା। କ୍ରିଷ୍ଟେନ କ୍ୟାମେରାରେ ଫଟୋ ନେଲେ । ଏଥିପାଇଁ କିଛି ଦୁର୍ବୃତ୍ତଙ୍କର ସାମ୍ନା କରିବାକୁ ପଡିଛି । କ୍ରିଷ୍ଟେନ ନିଜ କୋଠରୀରେ ବସି ଭାବୁଛି -ଏ ହ୍ରଦକୁ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲେ ମଧ୍ୟ ପକ୍ଷୀ ଶିକାର ବନ୍ଦ ହେଇଛି କେବଳ କାଗଜ କଲମରେ। ଦିନ ଦ୍ୱିପହରରେ ବିଚ୍ ରାସ୍ତାରେ ଅବାଧରେ ପକ୍ଷୀ ହତ୍ୟା କାରବାର ଚାଲିଛି । ପ୍ରତିଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏହାର ନିରାକରଣ ବ୍ୟବସ୍ଥା ବିପନ୍ନ ହେବାରେ ଲାଗିଛି ।ପରିବେଶକୁ ସୁରକ୍ଷା ଦେବାରେ ମାନବର କର୍ତ୍ତବ୍ୟହୀନତା, ଦ୍ରୁତ ଶିଳ୍ପାୟନକୁ ଅଧିକ ଗୁରୁତ୍ୱ,ଅତ୍ୟାଧିକ ଯାନବାହାନର ଗମନାଗମନ, ସାର ବିଷ ପ୍ରୟୋଗରେ ମୃର୍ତ୍ତିକାର ଉର୍ବରତା ନଷ୍ଟ ହେଉଛି । ଜୀବଜଗତର ସୁରକ୍ଷା , ସଂରକ୍ଷଣ, ଅର୍ଦ୍ରଭୂମି ପରିଚାଳନା ପ୍ରାକୃତିକ ସମ୍ପଦର ପରିଚାଳନା ,କୃଷି ,ଜଙ୍ଗଲ, ଅର୍ଥନୀତି, ଗୋଷ୍ଠୀଗତ ସ୍ୱାସ୍ଥ୍ୟ ଇତ୍ୟାଦି ବିଷୟରେ ଦୃଢ଼ ପଦକ୍ଷେପ ନେବାରେ ଆବଶ୍ୟକତା ରହିଛି।

ଚିଲିକାର ଦେହ ସାରା ଖାଲି ଜାଲ ଆଉ ଜାଲ। ଗଣ ଆନ୍ଦୋଳନ ଯୋଗୁଁ ଅଣମତ୍ସଜୀବିମାନଙ୍କର ଚିଙ୍ଗୁଡି ଘେରା ବ୍ୟବସାୟ ସିନା ଦୂରେଇ ଗଲା,କିନ୍ତୁ ସ୍ଥାନୀୟ ମତ୍ସଜୀବୀମାନଙ୍କର ମାଛ ଧରିବା କାର୍ଯ୍ୟ ଅବ୍ୟାହତ ରହିଲା। ସେମାନେ ବର୍ଷସାରା ଦିନ ରାତି ମାଛ ଧରି ଚାଲିଛନ୍ତି ।ଫଳରେ ଚିଲିକା ଗର୍ଭରୁ ମାଛ ଉତ୍ପାଦନ ଧୀରେ ଧୀରେ କମି ଯାଉଛି। ପ୍ରଭାତରେ ବେଳେବେଳେ ପକ୍ଷୀମାନଙ୍କର କୂଜନ ଶୁଭୁଛି, କିନ୍ତୁ ସନ୍ଧ୍ୟାରେ ଦର୍ଶନ ମିଳୁନି।ବୋଧେ ଆଖପାଖ ଗାଁ ଲୋକେ ଫାଶ ପକାଇ ଧରି ନେଉଛନ୍ତି। ରାତିରେ ବେଳେବେଳେ ନଳ ବଣରେ ମଧ୍ୟ ବନ୍ଧୁକରୁ ଗୁଳି ଶୁଭୁଛି । ସାରସ ସାରସୀକୁ କହୁଛି -"ନା ଏ ଜାଗା ବୋଧେ ଆଉ ନିରାପଦ୍ଦା ନୁହେଁ। ଚାଲ ଅନ୍ୟ ସ୍ଥାନ ଖୋଜିବା ସାଇବେରିଆ ଫେରି ଯିବା କି ?" (କୃ.ସା-ଶେ.ଶ - ପୃଷ୍ଠା ସଂଖ୍ୟା -୮୮/୮୯) ବୋଲି ସାରସୀ ପ୍ରଶ୍ନ କରିଛି ;କିନ୍ତୁ ସାରସ ସାରସୀର ସାଇବେଇଆ ଫେରିଯିବାକୁ ସାମର୍ଥ୍ୟ ନ ଥିଲା। ତେଣୁ ସେ ଆଶ୍ରୟ ନେଇଛନ୍ତି କାଳିଜାଇ ପାହାଡ଼ରେ।

ପାହାନ୍ତା ପ୍ରହରରୁ ଟେଁଟେଁଇଁଆ ପକ୍ଷୀର ଚିତ୍କାର ଶୁଭିଲା। ହଠାତ୍ କ୍ରିଷ୍ଟେନଙ୍କର ନିଦ ଭାଙ୍ଗିଗଲା। ଏ ପକ୍ଷୀର ବିକଳ କ୍ରନ୍ଦନ ମୃତ୍ୟୁର ସୂଚନା ଦିଏ।ସେ ଭୟ ଭୀତ ହୋଇଯାଇଛି । ଲନକୁ ବାହାରି ଆସି ଦେଖିଛି ସାରସ ପକ୍ଷୀଟି ଲନରେ ପଡ଼ି ଥରୁଥିଲା। ସାରସୀକୁ ଖୋଜି ଖୋଜି ନୟାନ୍ତ ହୋଇଯାଇଛି । କେଉଁଠି ସାରସୀର ସନ୍ଧାନ

ମିଳିନାହିଁ। କ୍ରିଷ୍ଟେନ ନିଜେ ସାରସୀକୁ ଖୋଜିବା ପାଇଁ ଲଞ୍ଚରେ ବାହାରି ଗଲା । କାଳିଜାଇର ପାହାଡ଼ରେ ପିକନିକର ପାର୍ବଣ ଚାଲିଥାଏ ଛ ସାତ ଜଣ ବପୁବନ୍ତ ପୁରୁଷ ମଧ୍ୟରେ। ମଦିରା ପାନ ସହ ବାର୍ତ୍ତାଳାପ ଚାଲିଥାଏ।

"ଦେଖ, କେତେ ବଡ଼, କେତେ ଚମତ୍କାର ଗୋଡ଼"।

"ଗୋଟେ ମଡେଲର ଗୋଡ଼ ପରି ଲମ୍ବା"।

"ପୁଣି ଗୋଟେ ଷୋଡ଼ଶୀର ଜଙ୍ଘ ପରି ମୁଲାଏମ୍"। (କୃ.ସା- ଶେ.ଶ - ପୃଷ୍ଠା ସଂଖ୍ୟା -୯୭)

ଦୁଇଟି ଲଞ୍ଚ ଢେଉ କାଟି ଦ୍ରୁତ ବେଗରେ ଆସିବା ଦେଖି ଦୂର୍ବୃତ୍ତମାନେ ଭୟରେ ସେ ସ୍ଥାନ ଛାଡ଼ି ପଳାୟନ କରିଛନ୍ତି। କ୍ରିଷ୍ଟେନର ଆଶଙ୍କା ସତ ହୋଇଛି । ସେ ସାରସୀର ଲମ୍ବା ଗୋଡ଼ ଦୁଇଟା ଆବିଷ୍କାର କରିଛି ଗୋଟିଏ ବୁଦା ମୂଳରେ। ସାରସକୁ କିଛି ଅବୁଝା ରହିଲା ନାହିଁ। ତା'ମନ ଆଉ ଦେହ ଯେମିତି ବୈଶାଖର ଝାଞ୍ଜି ପବନରେ ଜଳି ଯାଉଥିଲା।ସେ ଅଶ୍ରୁ ଭରା ଅପଲକ ନୟନରେ ମାକାଳିଜାଇଙ୍କୁ ସୁମରଣା କରୁଥିଲା – ହେ ! ମା ମୋ ଜୀବନ ନେଇ ମୋ ପ୍ରାଣପ୍ରିୟା ସାରସୀର ଜୀବନ ଫେରାଇ ଦିଅ। ସାରସକୁ ଲଞ୍ଚରେ ଧରି ବରକୂଳକୁ ଯିବାପାଇଁ ବାହାରିଲେ । ସାରସ କ୍ରିଷ୍ଟେନର କୋଳରେ ନୀରବ ହୋଇ ପଡ଼ି ରହିଥାଏ । ଆସ୍ତେ ଆସ୍ତେ ତାଦେହ ଶୀତଳ ହୋଇ ଆସୁଥିଲା । କାଳିଜାଇ ଛାଡ଼ିବା ପୂର୍ବରୁ ସେ ଏକ ବିକଳ ଚିତ୍କାର କରି ଗ୍ରିବା ଭାଙ୍ଗି ପଡ଼ି ଯାଇଥିଲା । ସାରସ ସାରସୀ ଦୁହେଁ କେତେ ଅସୁମାରୀ ଆଶା ଆକାଂକ୍ଷା ନେଇ ଚାରି ହଜାର ମାଇଲି ଦୂରରୁ ଉଡ଼ି ଆସି ଥିଲେ ଚିଲିକାକୁ , ନିଜର ଜୀବନ ବଞ୍ଚିଇବା ପାଇଁ। କିନ୍ତୁ ପରିଣତି କଣ ହେଲା ?

କ୍ରିଷ୍ଟେନ ମନେ ମନେ ଅଭିଶାପ ଦେଉଥିଲା - ତୁମେ ହତଭାଗ୍ୟ। ଏ ହତଭାଗ୍ୟ ଜାତିରେ ଏସବୁ ପାଇବାର ଅଧିକାର ନାହିଁ। ଏ କପାଳରେ ଲେଖା ନାହିଁ ନୀଳାମ୍ବୁ ଚିଲିକା। ଲେଖା ନାହିଁ ଚିଲିକାର ପର୍ଯ୍ୟଟକ ପକ୍ଷୀ। ଏବେ ଚିଲିକା ଦିଶୁ ନ ଥିଲା ଚିଲିକା ପରି। ଦିଶୁ ଥିଲା ମାଇଲ ମାଇଲ ଲମ୍ବି ଥିବା ଏକ ମରୁଭୂମି ପରି । ଶେଷ ଶରତର ଆକାଶ ଦିଶୁଥିଲା ରଙ୍ଗହୀନ, ବର୍ଣ୍ଣହୀନ ଓ ବୈଚିତ୍ରହୀନ।

"ଆଉ ଆସିବନି ଶରତ।

ଆଉ ହସି ବନି ନୀଳାମ୍ବୁ ଚିଲିକା।

ଆଉ ତାର ଆକାଶରେ ଉଡ଼ିବେନି ବକାଳିକା ମାଳିକା" । (କୃ.ସା - ଶେ.ଶ - ପୃଷ୍ଠା ସଂଖ୍ୟା ୧୦୧)

**ସହାୟକ ଗ୍ରନ୍ଥସୂଚୀ :—**


୧) ପଟ୍ଟନାୟକ ,କୈଳାସ ,ପରିବେଶ ବାଦୀ ସମାଲୋଚନା, ଫ୍ରେଣ୍ଡସ୍ ପବ୍ଲିଶର୍ସ , ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ,୨୦୧୯

୨) ପଟ୍ଟନାୟକ , ବିଜୟ କେତନ, ପରିବେଶ ପରିକ୍ରମା, ଗ୍ରନ୍ଥ ମନ୍ଦିର, କଟକ, ପ୍ରଥମ ସଂସ୍କରଣ,୧୯୯୭

୩) ସାହୁ, କୃପାସାଗର, ଶେଷ ଶରତ, କୁସୁମିତା ପବ୍ଲିକେଶନସ, ଭୁବନେଶ୍ୱର, ପ୍ରଥମ ପ୍ରକାଶନ,୨୦୦୬

୪) ପରିବେଶ ବିଶେଷାଙ୍କ ,୧୯୯୮, ସଂପାଦନା , ସୂର୍ଯ୍ୟମୁଖୀ ସଂଗଠନ

୫) ନବରବି, ଜନ୍ମଦିନ ସଂଖ୍ୟା,୨ୟ ବର୍ଷ, ପ୍ରଥମ ସଂଖ୍ୟା, ଜୁଲାଇ ୧୯୭୧


❖❖❖

# ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପରେ ମାନବେତର ଚରିତ୍ର



ISSN-2583-6978
Volume-5
Issue-11
NOVEMBER-2024

**ସୁନୀଲ ସେଠୀ**

**ଗବେଷକ,**
**ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ,**
**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ସମାଜରେ ବାସ କରୁଥିବା ସମସ୍ତ ଜୀବମାନଙ୍କ ସହିତ ତାହାର ସମ୍ପର୍କ ରହିଛି । ମଣିଷ ଜଗତରେ ଶ୍ରେଷ୍ଠ ଜୀବ ହୋଇଥିଲେ ମଧ୍ୟ, ସେ ଏକା ବଂଚି ପାରିବ ନାହିଁ । ତେଣୁ ବିଭନ୍ନ ଜୀବଜନ୍ତୁମାନଙ୍କର ସାହାଯ୍ୟରେ ମଣିଷ ସମାଜରେ ତା'ର ଜୀବନ ଓ ଜୀବିକାକୁ ତ୍ୱରାନ୍ୱିତ କରିଥାଏ । ଯେଉଁଭଳି କୁକୁର ଘର ଜଗୁଥିବାବେଳେ, ଗଧ ବୋଝ ବୋହିଥାଏ । ସେହିପରି ବଳଦ ହଳ କରିଥାଏ । ବିଭିନ୍ନ ଜୀବମାନଙ୍କ ଠାରୁ ମଧ୍ୟ ମନୁଷ୍ୟ ଖାଦ୍ୟପଦାର୍ଥ ପାଇଥାଏ । ତେଣୁ ସେ ଅନେକ ଜୀବକୁ ଘରେ ପାଳନ କରିଥାଏ । ଏକା ସାଙ୍ଗରେ ରହିବା କାରଣରୁ ସେମାନଙ୍କ ମଧ୍ୟରେ ଏକ ପ୍ରେମ ଭାବ ସୃଷ୍ଟି ହୋଇଥାଏ । ଜୀବ ଓ ମଣିଷ ଉଭୟ ସାଥିହୋଇ ଜୀବନର ସୁଖ ଦୁଃଖମୟ ପଥ ଅତିକ୍ରାନ୍ତ କରିଥାନ୍ତି ।

ସ୍ରଷ୍ଟାଟିଏ ତାର ସୃଷ୍ଟିସର୍ଜନା କଲାବେଳେ ସମାଜର ବିଭିନ୍ନ ସ୍ଥାନରୁ ଓ ବିଭିନ୍ନ ବର୍ଗରୁ କାହାଣୀମାନ ଗ୍ରହଣ କରିଥାଏ । ସେହି କାହାଣୀମାନଙ୍କ ମଧ୍ୟରେ ବିଭିନ୍ନ ଚରିତ୍ରମାନ ରହିଥାନ୍ତି । କେବଳ ମଣିଷ ଚରିତ୍ରଭାବରେ ସ୍ଥାନ ପାଇନଥାନ୍ତି, ବିଭିନ୍ନ ଜୀବଜନ୍ତୁ ଛେଳି, ମେଣ୍ଢା, ଗାଈ-ଗୋରୁ, ଠେକୁଆ, କୁକୁର, ହଂସ-ହଂସରାଳୀ ଆଦି ସ୍ଥାନ ପାଇଥାନ୍ତି । ଏହାବ୍ୟତୀତ ବିଭିନ୍ନ ଗଛ, ପାହାଡ଼-ପର୍ବତ ଆଦି ମଧ୍ୟ ଏଥିରୁ ବଞ୍ଚିତ ହୋଇନାହାନ୍ତି । ଏହି ଚରିତ୍ରଗୁଡିକୁ କହାଯାଏ ମାନବେତର ଚିରତ୍ର । ମାନବେତର ଅର୍ଥ ହେଉଛି ମାନବଠାରୁ ଭିନ୍ନ ଚରିତ୍ର । ମାନବ ଓ ଇତର ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି ମାନବେତର । ମାନବର ଅର୍ଥ ମନୁଷ୍ୟ ଏବଂ ଇତରର ଅର୍ଥ ନୀଚ, ଅଧମ ବା ନିମ୍ନ ଶ୍ରେଣୀସ୍ଥ । ଏଠାରେ ମନୁଷ୍ୟଠାରୁ ନୀଚ ଚରିତ୍ର କୁହାନଯାଇ, ମନୁଷ୍ୟଠାରୁ ଭିନ୍ନ ବା ମନୁଷ୍ୟ ବ୍ୟତିରେକ ଅନ୍ୟ ଚରିତ୍ର ହେଉଛି ମାନବେତର ଚରିତ୍ର ବୋଲି କୁହାଯିବା ସମୀଚୀନ । ମାନବେତର ଶବ୍ଦକୁ ଇଂରାଜୀରେ ଫେବଲ କୁହାଯାଏ । ଏହା ମୂଳ ଲାଟିନ୍ ଶବ୍ଦକଥନରେ ଫାରି(ଲବକ୍ସ) ଗଳ୍ପରେ ଫେବୁଲା ପରେ ପରେ ଫ୍ରେନ୍ସରେ ଫେବଲ ଦେଇକରି ଶବ୍ଦଟି ଗତି କରିଛି ।

ମାନବେତର ଚରିତ୍ରମାନଙ୍କର ସୃଷ୍ଟି ପ୍ରାଚୀନ ସାହିତ୍ୟମାନଙ୍କଠାରୁ ଆରମ୍ଭ ହୋଇଥିବାର ଆମେ ଦେଖିବାକୁ ପାଉ । ଲୋକସାହିତ୍ୟ ହେଉଛି ସର୍ବପ୍ରାଚୀନ ସାହିତ୍ୟ । ଯାହାର କି ଲେଖକ ବା କବି କେହି ନାହାନ୍ତି । ଏହା ମଣିଷର ମୁଖରୁ ମୁଖକୁ ଗତି କରୁଥିଲା । ଲୋକଗୀତମାନଙ୍କରେ ଆମେ ଦେଖିବାକୁ ପାଇଥାଉ ଏହି ମାନବେତର ଚରିତ୍ରମାନଙ୍କୁ । ମଣିଷ ବିଭିନ୍ନ କଠିନ କାର୍ଯ୍ୟମାନ କରିଥାଏ । ଏହି କଠିନ କାର୍ଯ୍ୟର କଷ୍ଟ ଅପନୋଦନ ନିମନ୍ତେ ସେ ଗୀତମାନ ଗାନ କରିଥାଏ । ଏହି ଲୋକ ଗୀତ ପର୍ଯ୍ୟାୟରେ ପଶୁପକ୍ଷୀଙ୍କୁ ସମ୍ବୋଧନ, ଗୁଣକୀର୍ତ୍ତନ ଏବଂ ସେମାନଙ୍କ ସହ ତୁଳନା କରିଥାଏ । ଆଈମା' ନାତିନାତୁଣୀମାନଙ୍କୁ ବିଭିନ୍ନ କାହାଣୀମାନ କହିଥାନ୍ତି । ଏହି କାହାଣୀମାନଙ୍କରେ ବିଭିନ୍ନ ମାନବେତର ଚରିତ୍ର ବାଘ, ଭାଲୁ, ଠେକୁଆ, କଇଁଛମାନେ ଆସି ସେମାନଙ୍କ ଭଲମନ୍ଦ, ନ୍ୟାୟଅନ୍ୟାୟ ନୀତି ଶିକ୍ଷା ଦେବା ସହ ମନୋରଞ୍ଜନ କରିଥାନ୍ତି । ସେହିପରି ଲୋକନାଟକମାନଙ୍କରେ ମନୁଷ୍ୟ ବିଭିନ୍ନ ପଶୁପକ୍ଷୀମାନଙ୍କର ଅଙ୍ଗପ୍ରତ୍ୟଙ୍ଗକୁ ବ୍ୟବହାରକରି ମୁଖା ପରିଧାନକରି ଅଭିନୟ କରିଥାନ୍ତି । ସେହିପରି ଓଷାବ୍ରତମାନଙ୍କରେ ବିଭିନ୍ନ ଦେବାଦେବୀମାନଙ୍କର ବାହନ ଏହି ମାନବେତର ଜୀବମାନେ ହୋଇଥାନ୍ତି ଏବଂ ବିଭିନ୍ନ ମାନବେତର ଚରିତ୍ରମାନେ ମଧ୍ୟ ଓଷାବ୍ରତରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଖୁଦୁରୁକୁଣି ଓଷାରେ

ଛେଳି, ଜହ୍ନି ଓଷାରେ ସର୍ପ, ଆଶ୍ୱିନ ଗୁରୁବାରରେ ହାତୀ, ଦୁତିଆ ଓଷାରେ ଚିଲ ଓ ଶୃଗାଳ ଆଦି ମାନବେତର ଚରିତ୍ର କାହାଣୀକୁ ଗତିଶୀଳ କରିଥାନ୍ତି ।

ଲିଖିତସାହିତ୍ୟ ମାନଙ୍କରେ ମାନବେତର ଚରିତ୍ରମାନଙ୍କର ବର୍ଣ୍ଣନା ଦେଖିବାକୁ ପାଇବା । ପ୍ରାୟତଃ ଓଡ଼ିଆ ଲିଖିତ ସାହିତ୍ୟ ସୃଷ୍ଟି ହେଉଛି ଚର୍ଯ୍ୟାଗୀତିକାରୁ । ଏହି ଚର୍ଯ୍ୟାଗୀତିକାରେ ମୟୂରପୁଚ୍ଛର ବ୍ୟବହାର, ଶାଗୁଣା ମଦ୍ଧ ଖାଇବା କଥା, ହାତୀ ପଦ୍ମବନରେ କ୍ରୀଡ଼ା କରିବାକଥା ସହିତ ମୂଷିକ ଚର୍ଯ୍ୟାରେ ଗୋଟିଏ ମୂଷାକୁ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ଭୁସୁକୁପାଦ । ରୁଦ୍ରସୁଧାନିଧିରେ ହସ୍ତୀ, ମର୍କଟୀ, କୁରଙ୍ଗ, ଶାର୍ଦ୍ଦୂଳ, ଷଣ୍ଢ, ସିଂହ, ଗଧ, ଶାରୀ, ଶୁକ, ବନହଂସୀ, କୁକୁଡା, ଚକ୍ରବାକ, ବକ, ରାଜହଂସୀ, କେକୀ, ମୟୂର, ସର୍ପ ଓ ଭ୍ରମର ଆଦି ମାନବେତର ଚରିତ୍ର ଚିତ୍ରିତ ହୋଇଛନ୍ତି । ସାରଳା ମହାଭାରତରେ ମଧ ବିଭିନ୍ନ ମାନବେତର ଚରିତ୍ର ବର୍ଣ୍ଣନା ଦେଖିବାକୁମିଳେ । ସେ ସାହାଡା ବୃକ୍ଷ କଥା ହେଉ କି ଅଶ୍ୱତ୍ଥମା ହାତୀ କଥା ହେଉ । ସ୍ୱର୍ଗାରୋହଣ ପର୍ବରେ ଶ୍ୱାନ ବା କୁକୁରର ଭୂମିକା ଦେଖିବାକୁ ମିଳେ। ସେହିପରି ପଞ୍ଚସଖା ଯୁଗରେ ବଳରାମ ଦାସଙ୍କ ଦାଣ୍ଡିରାମାୟଣ ହେଉ କି ଜଗନ୍ନାଥ ଦାସଙ୍କ ଭାଗବତ ହେଉ ସବୁଥିରେ ଆମେ ମାନବେତର ଚରିତ୍ର ଦେଖିବାକୁ ପାଇବା । ଦାଣ୍ଡିରାମାୟଣରେ ବାନର, ଭଲୁକ, ଜଟାୟୁ ପକ୍ଷୀ, ଚକ୍ରବାକ-ଚକ୍ରବାକୀ, କାଉ ଆଦି ଅନେକ ମାନବେତର ଚରିତ୍ର ରହିଥିବା ବେଳେ ଭାଗବତରେ ଭ୍ରମର, କପୋତ, ସାପ, ମୀନ, ହରିଣ ଆଦି ଅନେକ ମାନବେତର ଚରିତ୍ରକୁ ଦେଖିବାକୁ ମିଳେ । ରୀତି ଯୁଗରେ ବିଭିନ୍ନ କାବ୍ୟକବିତା, ଚଉପଦୀ, ଚଉତିଶା, କୋଇଲି ଆଦି ଅନେକ ଗୀତିକା ରଚନା କରାଯାଇଛି । କୋଇଲିକୁ ମାନବେତର ଚରିତ୍ରଭାବରେ ଗ୍ରହଣକରି ଚଉତିଶା ଶୈଳୀରେ ବିଭିନ୍ନ କୋଇଲି ରଚନା କରାଯାଇଛି । କୋଇଲିକୁ ଦୂତ ଭାବରେ ଗ୍ରହଣକରି ମାର୍କଣ୍ଡ ଦାସ କେଶବ କୋଇଲି ରଚନା କରିଛନ୍ତି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମାନବେତର ଚରିତ୍ରମାନେ ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ ଜଣାଇବା ସହିତ ନୀତିଶିକ୍ଷା ପ୍ରଦାନ କରିବାର ଭୂମିକା ଗ୍ରହଣ କରିଛନ୍ତି।

ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପର ଆରମ୍ଭ ହୁଏ ଫକୀରମୋହନଙ୍କ ଠାରୁ । ତାଙ୍କ ରଚିତ 'ରେବତୀ'(୧୮୯୮) ଗଳ୍ପ ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ ଭାବରେ ପରିଚୟ ପାଏ । ତାଙ୍କ ରଚିତ ରାଣ୍ଡିପୁଅ ଅନନ୍ତା ଗଳ୍ପରେ ସୁବଳ ମହାକୁଡ଼ର ମଇଁଷି ଚରିତ୍ରଟି ମାନବେତର ଚରିତ୍ର ଭାବରେ ଦେଖିବାକୁ ମିଳେ । ଫକୀରମୋହନଙ୍କ ପରେପରେ ଓଡ଼ିଆ କ୍ଷୁଦ୍ରଗଳ୍ପ ଜଗତକୁ କିଏ ସମୃଦ୍ଧ କରିଛନ୍ତି, ସେ ହେଉଛନ୍ତି ଗୋଦାବରୀଶ ମାହପାତ୍ର । ସେ ହେଉଛନ୍ତି ଜଣେ ମାନବବାଦୀ କଥାକାର । ମାନବର ଦୁଃଖ ଓ ଯାତନାକୁ ସାହିତ୍ୟର କରଣୀ ମୁନରେ ପ୍ରତିଫଳନ କରିବାରେ ସେ ସିଦ୍ଧହସ୍ତ । କେବଳ ମଣିଷ ନୁହଁନ୍ତି ମାନବେତର ଚରିତ୍ରମାନଙ୍କର ମନର ବେଦନାକୁ ସେ ରୂପରେଖ ପ୍ରଦାନ କରିଛନ୍ତି। ମଣିଷ ସହିତ ପଶୁପକ୍ଷୀମାନଙ୍କର ସମ୍ପର୍କ ଓ ସେମାନେ ଦୁହେଁ ଦୁହିଁଙ୍କର କିପରି ସାଥି ହୋଇଛନ୍ତି ତାଙ୍କ ଗଳ୍ପରେ ଦେଖିବାକୁ ମିଳେ। ପଶୁଟିଏ ମଣିଷସହିତ ମିଶେ, ତା ସହିତ କଥାହୁଏ, ଦୁଃଖ ଓ ଯାତନାକୁ ପରିପ୍ରକାଶ କରେ । ଦୁହିଁଙ୍କ ମଧରେ ରହିଛି ଅନାବିଳ ସମ୍ପର୍କ । ଗୋଦାବରୀଶଙ୍କ ମାନବେତର ଚରିତ୍ରଧର୍ମୀ ଗଳ୍ପମାନଙ୍କ ମଧରେ ରହିଛି- 'ମଣିଷରୁ ଛେଳି', 'ମାଗୁଣୀର ଶଗଡ଼', 'ଶୋକସଭା, ଜଡ଼ା କୁରୁପାର ପ୍ରେମ', 'ଆଖିର ସେପାଖେ', 'ଦୁଇଟି ଶାଗୁଣା' ଆଦି । ତାଙ୍କର ଏହି ଗଳ୍ପଗୁଡ଼ିକର ସମସ୍ତ ମାନବେତର ଚିରତ୍ରଗୁଡ଼ିକ ମଣିଷର ଶେଷ ଜୀବନ ପର୍ଯ୍ୟନ୍ତ ରହିଛନ୍ତି ଏବଂ ଗଳ୍ପଗୁଡ଼ିକୁ ସାର୍ଥକ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ।

'ଦୁଇଟି ଶାଗୁଣା' ଗଳ୍ପରେ ଶାଗୁଣା ଓ ରାମ ଦାସର ହଡ଼ାବଳଦକୁ ମାନବେତର ଚରିତ୍ର ଭାବରେ ଗ୍ରହଣ କରାଯାଇଛି । ଶାଗୁଣାଟି ଝୁଣ୍ଟିପଡ଼ି ଉଠିପାରୁ ନଥିବା ହଡ଼ାବଳଦର ମୃତ୍ୟୁକୁ ଅପେକ୍ଷା କରିଛି । ହଡ଼ାବଳଦଟି ମୃତ୍ୟୁବରଣକଲେ ଶାଗୁଣା ତାହାକୁ ଭକ୍ଷଣ କରିବ । ଶାଗୁଣା ଏକ ମାଂସଭୋଜୀ ପ୍ରାଣୀ ହୋଇଥିବାରୁ ସେ ସଦାବେଳେ ଜୀବମାନଙ୍କର ମୃତ୍ୟୁକୁ ଅପେକ୍ଷା କରିରହିଥାଏ । ଜୀବମାନେ ମୃତ୍ୟୁବରଣକଲେ ସେ ସେମାନଙ୍କ ମାଂସକୁ ଭକ୍ଷଣ କରିବ । ସେହି ଶାଗୁଣା ପରି ମାନସିକତା ଦେଖାଦେଇଛି ମଣିଷମାନଙ୍କର ପାଖରେ । "ଡାକ୍ତରଖାନା ଛକ ନିକଟରେ ସେହି ଦୋକାନରେ ବସିଥିବା ଲୋକ ଓ ପାଖ ଆମ୍ବଗଛ ଉପରେ ବସିଥିବା ଶାଗୁଣା ଭିତରେ ବେଶି କିଛି ପ୍ରଭେଦ ନାହିଁ । ପ୍ରଭେଦ କେବଳ- ଇଏ ମଣିଷ, ଆଉ ସିଏ ପକ୍ଷୀଜନ୍ତୁ ।" (ଗଳ୍ପ-ଦୁଇଟି ଶାଗୁଣା) ଔଷଧ ଦୋକାନି କରୁଣ ସାହୁ ସାମାନ୍ୟ କିଛି ଟଙ୍କା ପାଇଁ ଭୁଲିଯାଇଛି ମାନବିକତା । ପୁଅର ଦେହଖରାପ ହୋଇଥିବାରୁ ଔଷଧ ପାଇଁ ଦୌଡିଆସିଥିବା ଲୋକଟିକୁ ଔଷଧ ନଦେଇ ଫେରାଇ ଦେଇଛି, ସାମାନ୍ୟ କିଛି ଟଙ୍କା କମ୍ ଥିବାରୁ । ଯାହାଫଳରେ ପିଲାଟି ମୃତ୍ୟୁବରଣ କରିଛି । କରୁଣ ସାହୁ ଓ ଶାଗୁଣା ମଧରେ କୌଣସି ତଫାତ୍ ଦେଖାଯାଇନାହିଁ । ତେଣୁ ଗଳ୍ପ 'ଦୁଇଟି ଶାଗୁଣା'ରେ ଶାଗୁଣାକୁ ଏକ ହିଂସ୍ର ଅମାନବିକାତାର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି ।

ସ୍ୱରାଜ୍ୟ ଓ ସ୍ୱାଧୀନାତା ପାଇଁ ଜେଲ ଯାଇଥିବା ଜଟାଧରବାବୁ ଜେଲରୁ ଫେରିଛନ୍ତି ସତ କିନ୍ତୁ ଗୃହକୁ ଯାଇନାହାନ୍ତି । ସାହିତ୍ୟ ରଚନାକରି ଦେଶକୁ ଉଠାଇବାକୁ ଚେଷ୍ଟା କରିଛନ୍ତି । ପଇସାର ଅଭାବଯୋଗୁଁ, ସେ ରହିଛନ୍ତି ଛେଳି ସହିତ । ଛେଳୀର ମେଁ-ମେଁ ଶବ୍ଦ ବିରକ୍ତବୋଧ ହେଲେ ବି ସେ ତାକୁ ଅଭ୍ୟସ୍ତ କରିନେଇଛନ୍ତି ଏବଂ ଗୀତପରେ ଗୀତ ରଚନା କରିଛନ୍ତି । ଯେଉଁ କଲମ ଛେଳିର

ମେଁ ଶବ୍ଦଶୁଣି ପଡିଯାଉଥିଲା, ସେହି କଲମ ଏବେ ଗୀତପାଇଁ ଛେଳିର ମେଁ କୁ ଅପେକ୍ଷାକରି ରହିଲା । ସେ ନ ବୋବାଇଲେ ଗୀତ ଲେଖି ହେଲା ନାହିଁ କି ପଦ ପଡ଼ିଲା ନାହିଁ । (ମଣିଷରୁ ଛେଳି) ସେହିପରି ଘରମାଲିକର ପିଲାଟି ମଧ୍ୟ ଛେଳି ନବୋବାଇଲେ ଶୋଉନଥିଲା । ଛେଳିର ମେଁ-ମେଁ ଶବ୍ଦ ନ ଶୁଣିଲେ ସେ କାନ୍ଦୁଥିଲା । ଘରମାଲିକର ଅନୁରୋଧରେ ସେହିଦିନଠାରୁ ଜଟାଧର ବାବୁ ମେଁ-ମେଁ ଛେଳିଭଳି ବୋବାଉଛନ୍ତି । ଯାହାଫଳରେ ଘରମାଲିକର ପିଲାଟି କାନ୍ଦୁନାହିଁ କି ଜଟାଧରବାବୁଙ୍କ ଲେଖା ମଧ୍ୟ ବନ୍ଦ ହେଉନାହିଁ । ସେହିପରି ଗୋଦାବରୀଶଙ୍କର ବହୁ ଚର୍ଚ୍ଚିତ ଗଳ୍ପ 'ମାଗୁଣୀର ଶଗଡ'ରେ ମାନବେତର ଚରିତ୍ର ହେଉଛନ୍ତି ଦୁଇଟି ବଳଦ । ଯାହାଙ୍କର ନାଆଁ କାଳିଆ ଓ କସରା । ଏହି ଦୁଇ ବଳଦ ହେଉଛନ୍ତି ମାଗୁଣିର ଜୀବନ । ସେ ଯାହାକୁ ଜୀବନର ସାଥିକରି ଘରକୁ ଆଣିଥିଲା, ସେ ଚାଲିଗଲାପରେ ତା' ଜୀବନର ସାଥି ହେଉଛନ୍ତି, ଏହି ଦୁଇ ବଳଦ । ବଳଦ ଦୁଇଟିକୁ ଯୋଚି ସେ ଯେତେବେଳେ ତା ଶଗଡ଼କୁ ବାହିନିଏ "ଲୋକେ କହନ୍ତି, ମାଗୁଣୀ ସେମାନଙ୍କର ଗୋଟାଏ ଘଣ୍ଟା । ବର୍ଷାଦିନେ ବର୍ଷା ଘୁଞ୍ଚିଯାଇପାରେ, ଖରାଦିନେ ଖରାତାତି ଊଣା ହୋଇପାରେ କିନ୍ତୁ ମାଗୁଣୀର ଶଗଡ଼ ଦିନେହେଲେ ବନ୍ଦ ହୁଏନାହିଁ ।" (ଗଳ୍ପ-ମାଗୁଣୀର ଶଗଡ) ଏହି ମାଗୁଣୀର ଶଗଡ଼ରେ ଖଲିକୋଟର ରାଜାଙ୍କ ଛଡ଼ା ସମସ୍ତେ ବସିଛନ୍ତି । ଲୋକମାନଙ୍କୁ ବସାଇ ମାଗୁଣୀ ଯେତେବେଳେ ଅନର୍ଗଳ କହିବାକୁ ଲାଗେ, ଯେମିତି ମାଗୁଣୀ ଓ ତା'ର ଦୁଇବଳଦ ଖଲିକୋଟ ଇତିହାସରେ ଦୁଇ ପୃଷ୍ଠାଭଳି କିନ୍ତୁ ସମୟକ୍ରମେ ସବୁକିଛି ବଦଳି ଯାଇଛି । ସିଂହେଘର ବସ ଆସିଛି । ଲୋକମାନେ ମାଗୁଣୀର ଶଗଡ଼କୁ ଭୁଲିଯାଇ ସିଂହେଙ୍କ ବସରେ ଯାଇଛନ୍ତି। ମାଗୁଣୀର ରୋଜଗାର ଠପ୍ ହୋଇଯାଇଛି । ମାଗୁଣୀ ଖାଇବାକୁ ପାଇନାହିଁ । କାଳିଆ ଓ କସରାଙ୍କ ହାଡ଼ ଦେଖାଯାଇଛି । ମାଗୁଣୀ ତାଙ୍କୁ ଧରି ବହୁତ କାନ୍ଦିଛି । ଲୋକେ ତାକୁ ପାଗଳ, ବାୟା ବୋଲି କହିଛନ୍ତି । ଶେଷରେ ମାଗୁଣୀର ମୃତ୍ୟୁ ହୋଇଛି । ମଣିଷ ବୁଝିପାରି ନାହିଁ ମାଗୁଣୀକୁ ଓ ତାକୁ ଭଲପାଉଥିବା ସେହି ଦୁଇ ମାନବେତର ଚରିତ୍ରକୁ ।

'ଜଡା କୁରୁପାର ପ୍ରେମ' ଗଳ୍ପରେ କୁରୁପା ଗାଈଆଳଟିଏ, ସେ ଗାଈମାନଙ୍କ ସହ ହସେ, କାନ୍ଦେ ଓ ଖେଳେ । ଗାଈଟିଏ କଷ୍ଟ ପାଇଲେ କୁରୁପା ଅନ୍ତର କାନ୍ଦିଉଠେ । ଗାଈଗୋରୁମାନଙ୍କ ସହିତ ମିଶି ସେ ମଧ୍ୟ ହୋଇଯାଇଥିଲା ଗାଈଗୋରୁ । କୁରୁପା ଜଡା ହେଲେ କ'ଣ ହେଲା ତା କଥାକୁ ଗାଈମାନେ ଓ ସେମାନଙ୍କ କଥାକୁ ସେ ବୁଝିପାରେ । "ବେଳେବେଳେ ସେ ଗାଈକୁ କୁଣ୍ଢାଇଧରି କାନପାଖେ କଣ କହେ କେଜାଣି, ଗାଈ କିନ୍ତୁ ତାର ଭାଷା ବୁଝିପାରି ଠିଆ ହୋଇଥାଏ । ଗୋଟିଏ ମୂକ ମଣିଷ ଗୁଡ଼ାଏ ମୂକ ପଶୁଙ୍କୁ ସାଥିରେ ଧରି ଯେ କି ରହସ୍ୟ ଖେଳେ ସମସ୍ତେ ବୁଝିପାରନ୍ତି ନାହିଁ । ଗାଁ ପ୍ରବୀଣମାନେ କହନ୍ତି, କୁରୁପା ପୂର୍ବଜନ୍ମରେ ଥିଲା ପଶୁ, ଏଇ ଜନ୍ମରେ ଠିକ୍ ସେୟା ହେଲା ।" (ଗଳ୍ପ-ଜଡା କୁରୁପାର ପ୍ରେମ) କୁରୁପା ପଶୁମାନଙ୍କ ସହିତ ମିଶି ପଶୁମାନଙ୍କ ଦୁଃଖକଷ୍ଟକୁ ଆପଣେଇ ନେଇଛି । ତାକୁ ସମସ୍ତେ ଗୋରୁ କହିଲେ ମଧ୍ୟ ସେ କେବେ ମନଦୁଃଖ କରିନାହିଁ । ସେ ମଣିଷ ସମାଜଠରୁ ନିଜକୁ ପୃଥକ୍ କରି ଜୀବନ ବିତାଇଛି । ତେଣୁ ସମସ୍ତଙ୍କ ଆଖିରେ ସେ ଗୋରୁ ପାଲଟିଯାଇଛି । ସେହିପରି 'ଶୋକସଭା' ଗଳ୍ପରେ ଭଗିଆର ସଂସାର ହେଉଛି ଗାଈଗୋଠ । ଗାଈଗୋରୁଙ୍କ ମଧ୍ୟରେ ଜୀବନକୁ ଭୁଲାଇ ଦେଇଛି ଭଗିଆ । ସେ ଯେତେବେଳେ ଗାଈଗୋରୁମାନଙ୍କୁ ଡାକେ, ସେତେବେଳେ ସେମାନେ ଅଟକିଯାଇଥାନ୍ତି । ଏହି ଗାଈଗୋରୁମାନେ ତା ସହିତ କଥା ହୁଅନ୍ତି । ସେ ସେମାନଙ୍କର ଭାଷା ବୁଝିପାରେ । ତା' ଗାଁରେ ଯେତେବେଳେ ଦୁର୍ଭିକ୍ଷ ଦେଖାଦେଇଛି, ସେତେବେଳେ ସାହୁକାରମାନେ ସେମାନଙ୍କର ଗାଈବଳଦମାନଙ୍କୁ ବିକ୍ରୟ କରିଦେଇଛନ୍ତି । ଗାଈଗୋଠକୁ ନେଇ ଚଳୁଥିବା ଭଗିଆର ଦୁଃଖ ଆରମ୍ଭ ହୋଇଯାଇଛି । "ଗୋଟିଏ ହଡ଼ାକୁ କୁଣ୍ଢାଇ କାନ୍ଦି କହେ- ବର୍ଷକୁ ମାଣମାଣ କରି କୋଡ଼ିଏ ମାଣର ମାଟି କୋଡ଼ିଏ ବର୍ଷ ତାଡିଲୁ, ଏବେ ତତେ ମୁଖୁରୀ କଂସେଇ ନେବରେ ଲଛମନ୍ । ହଡ଼ା ଲଛମନ୍ ଭଗିଆର ଟଣାଓଟରାରେ ହେଉ ବା ତାର ଭାଷା ବୁଝିପାରି ହେଉ, ମୁଣ୍ଡକୁ ଲାଡିଦିଏ । ଭଗିଆ ସେତିକିରେ କାନ୍ଦିପକାଏ ।" ( ଗଳ୍ପ-ଶୋକସଭା) ଧୀରେଧୀରେ ଭଗିଆର ସେହି ଗାଈଗୋଠଟି କମିକମି ଆସିଛି । ଅନେକ ଦିନ ଦୁଃଖକଷ୍ଟ ସହିସହି, ଶେଷରେ ସେ ମୃତ୍ୟୁବରଣ କରିଛି । ସେ କେତେ ବାଘଭାଲୁଙ୍କ ସହିତ ଲଢି ଗାଈଗୋରୁମାନଙ୍କୁ ବଞ୍ଚାଇଛି, କେତେ ଗଉଡ଼ ଗୀତ ଫାନ୍ଦିଫାନ୍ଦି ଗାଇଛି ଏବଂ କେତେ ଚେରମୂଳି ଦେଇ ଗାଁର ଲୋକମାନଙ୍କୁ ବଞ୍ଚାଇଛି କିନ୍ତୁ କେହି ତା'ର ସେହି ବୀରତ୍ୱ, ତା'ର ସେହି କବିପଣ ଏବଂ ତା'ର ସେହି ସେବାମନୋଭାବକୁ ହୃଦୟଙ୍ଗମ କରିପାରିନାହାଁନ୍ତି । ଯେତେବେଳେ ସେ ତା'ର ସେହି ଅତି ପରିଚିତ ମଶାଣିରେ ମୃତ୍ୟୁଶଯ୍ୟାରେ ଶୋଇଥିଲା, ତା'ର ଚାରିପାଖରେ ରହିଥିଲେ ଗାଈଗୋଠରେ ରହିଯାଇଥିବା କିଛି ଗାଈଗୋରୁ । ଯେଉଁମାନେ ଭଗିଆ ପାଇଁ ଲୁହଝରାଉଥିଲେ ।

'ଆଖିର ସେପାଖେ' ଗଳ୍ପରେ ଶୁକ୍ରୁଜାନିର ପୁଅଟି ମରିଗଲାପରେ ତା ସହିତ ସାଥିହୋଇ ରହିଛି କୁକୁରଟିଏ । ସେ ତାକୁ ସବୁଥିରେ ସାଥ୍ ଦେଇଛି ଏବଂ ତା ପଛେପଛେ ଛାଇପରି ସଦାସର୍ବଦା ରହିଛି । ଭାଙ୍ଗିପଡିଥିବା ଶୁକ୍ରୁଜାନିକୁ ସାହସ ଓ ବଳ ପ୍ରଦାନ କରିଛି, ସେହି କୁକୁରଟି । ପୁଅର କଥାକୁ ଯେତେବେଳେ ଶୁକ୍ରୁଜାନି ମନେପକାଇଛି, କୁକରୁଟି ତାକୁ କହିଛି- "ଚାଲଯିବା ଯେଉଁଠି ମୁଁ ବହୁବାର ଶିକାର କରିଥିଲି ସେଠି ସେ ଥିବ । ଶୁକ୍ରୁଜାନି କୁକୁରର ମନକଥା ବୁଝିଲାପରି ତାକୁ ଜାକିଧରି ମୁହଁକୁ ମୁହଁ ଲଗାଇ କହେ- ସେଠାକୁ

ଯାଇପାରିବିନିରେ, ଯାଇପାରିବିନି ! ଏତେ ଆଲୁଅ ଯେ ମୋ ଆଖି ଝଲସିଯିବ । ତାକୁ ଦେଖିବି କେମିତି ? ଏହା କହି ସେ ଅନେକ ଭାବେ ଆଖି ବୁଜିବସେ ।" (ଗଳ୍ପ-ଆଖିର ସେପାଖେ) ଲେଖକ ଏଠାରେ ପଶୁଜନ୍ତୁ ସହିତ ମଣିଷର ଭାବ ଓ କଥପୋକଥନକୁ ଅତି ନିଖୁଣ ଭାବରେ ଉପସ୍ଥାପନ କରିଛନ୍ତି । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ମଧ୍ୟ କୁକୁରଟି ତା ସହିତ ରହିଛି । ଭାଇବନ୍ଧୁ କୁଟୁମ୍ବ ତାକୁ ପାସୋରିଦେଇଥିଲେ ମଧ୍ୟ କୁକୁରଟି ତା ସୁଖର ଦୁଃଖର ସାଥି ହୋଇଛି । ଗୋଦାବରୀଶଙ୍କ ଏହି ଗଳ୍ପମାନଙ୍କରେ ମଣିଷ ତାର ମଣିଷତ୍ୱକୁ ହରାଇବସିଛି । ସେ ହୋଇଛି ସ୍ୱାର୍ଥଗ୍ରାହୀ କିନ୍ତୁ ଏହି ପଶୁପକ୍ଷୀ ବା ମାନବେତର ଚରିତ୍ରମାନେ ମଣିଷର ସାଥିରେ ତାର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିଛନ୍ତି । ଏହି ସ୍ୱାର୍ଥାନ୍ୱେଷୀ ଦୁନିଆରେ ସେମାନେ ପାଲଟି ଯାଇଛନ୍ତି ମଣିଷପଣିଆର ଉଦାହରଣ ।

ଏ ପୃଥିବୀର ଶ୍ରେଷ୍ଠପ୍ରାଣୀ ମଣିଷକୁ ଛାଡିଦେଲେ ଆଉ ଯେଉଁ ପ୍ରାଣୀମାନେ ରହିଲେ ସେମାନେ ହେଉଛନ୍ତି ମାନବେତର ପ୍ରାଣୀ । ପ୍ରାଚୀନ ସାହିତ୍ୟଠାରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ସବୁଠାରେ ମାନବେତର ଚରିତ୍ରମାନେ ଉଦ୍‌ଭାସିତ ହୋଇଛନ୍ତି । ଗୋଦାବରୀଶଙ୍କ ସାହତ୍ୟ କିପରି ଏଥିରୁ ବାଦ୍ ପଡ଼ିବ । ତାଙ୍କ ଗଳ୍ପମାନଙ୍କରେ ଛେଳି, ଶାଗୁଣା, ବଳଦ, କୁକୁର ଓ ଗାଇଗୋରୁ ଆଦି ଚରିତ୍ରମାନଙ୍କୁ ଦେଖିବାକୁ ପାଇବା । ଏହି ଚରିତ୍ରମାନେ ମଣିଷର ବୌଦ୍ଧିକ ଚିନ୍ତନ ଏବଂ ସାମାଜିକ ବିକାଶ ପଥରେ ଏକ ଉଜ୍ଜଳ ଦ୍ୱୀପପୁଞ୍ଜୀ ହୋଇ ଛିଡା ହୋଇଛନ୍ତି । ଜୀବନର ଅଧାବାଟରେ ହାରିଯାଇଥିବା ମଣିଷମାନଙ୍କୁ ଜୀବନ ପଥରେ ଆଗକୁ ନେଇଯାଇଛନ୍ତି । ସେମାନେ ମଣିଷର ଦୁଃଖରେ ଆଖିରୁ ଧାରଧାର ଲୁହ ଗଡାଇ ସମବେଦନା ଜ୍ଞାପନ କରିଛନ୍ତି । ସେ ଯେତେବେଳେ ଭାଙ୍ଗିପଡିଛି ସେମାନେ ତାକୁ ଜୀବନର ପଥରେ ଆଗେଇ ନେବାରେ ସାଥି ହୋଇଛନ୍ତି । ଗୋଦାବରୀଶଙ୍କ ଗଳ୍ପମାନଙ୍କରେ ଏହି ଚରିତ୍ରମାନେ କେବଳ କାହାଣୀକୁ ଆଗେଇ ନେଇ ନାହାନ୍ତି । ସ୍ୱାର୍ଥରେ ଅନ୍ଧ ହୋଇଯାଇଥିବା ମଣିଷମାନଙ୍କ ପ୍ରତି ଏକ ଉଦାହରଣ ହୋଇ, ସେମାନଙ୍କୁ ଶିକ୍ଷା ପ୍ରଦାନ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ:**


୧. ବ୍ରହ୍ମା, ଗୌରୀକୁମାର ଏବଂ ପାଣିଗ୍ରାହୀ, ବିବେକାନନ୍ଦ, ଗୋଦାବରୀଶ ରଚନାବଳୀ(ପ୍ରଥମ ଭାଗ), ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨, ତୃତୀୟ ସଂସ୍କରଣ-୨୦୧୨ ।

୨. ମିଶ୍ର, କୃଷ୍ଣପ୍ରସାଦ, ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ, କଟକ ଷ୍ଟୁଡେଣ୍ଟଷ୍ଟୋର, , ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ-୧୯୮୭ ।

୩. ଶ୍ରୀଦତ୍ତା ନିର୍ଝରିଣୀ ଏବଂ ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା (ପ୍ରଥମ ଭାଗ),ସତ୍ୟନାରାୟଣ ବୁକ୍‌ଷ୍ଟୋର, , ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ-୨୦୨୧ ।

୪. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତି(ଦ୍ୱିତୀୟ ଭାଗ), ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ-୨୦୧୯ ।

୫. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ(ଦ୍ୱିତୀୟ ଭାଗ), ବୁକସ୍ ଆଣ୍ଡ ବୁକସ୍, , ବିନୋଦବିହାରୀ, କଟକ-୨, ପ୍ରଥମ ସଂସ୍କରଣ-୧୯୯୦ ।


❖❖❖

# ଓଡ଼ିଆ ଉପନ୍ୟାସ ପ୍ରେକ୍ଷାପଟରେ ଅସ୍ମିତାର ପଦଧ୍ୱନି



ISSN-2583-6978
Volume-5
Issue-11
NOVEMBER-2024

**ଡକ୍ଟର ଅମରେଶ ସେନାପତି**

.......

ସୃଷ୍ଟିର ଅୟମାରମ୍ଭ କାଳରୁ ଏଯାବତ କୌଣସି ବସ୍ତୁ ନିର୍ମାଣ ପାଇଁ ଅଥବା ଘଟଣାର ବିଘଟନ କ୍ଷେତ୍ରରେ ଆକସ୍ମିକତାକୁ ଶ୍ରେୟ ନଦେଇ ଏକ ବିବର୍ତ୍ତନର ସ୍ୱରକୁ ଲକ୍ଷ୍ୟ କରିବାର କଥା। ଆଜି ସାଂପ୍ରତିକ ସମୟରେ 'ଅସ୍ମିତା' ଶବ୍ଦଟି ଲୋକ ମୁଖରେ ବହୁଳ ଭାବରେ ବ୍ୟବହୃତ ହେଉଥିବାର ପରିଦୃଷ୍ଟ। ମୋର ମନେ ହୁଏ ସମୁଦ୍ର ମନ୍ଥନରୁ ଅମୃତର ଅନ୍ୱେଷା ପରି ଏହି ଅସ୍ମିତା ଶବ୍ଦ ଭିତରେ ଗୋଟେ ଜାତିର ସ୍ପନ୍ଦିତ ଆତ୍ମପରିଚୟକୁ ଆଜି ଆମେ ସମୂହ ଭାବରେ ଖୋଜିବାରେ ବ୍ୟସ୍ତ କଥାଟି ହେଲା ଆମର ଥିଲା ଓ ଅଛି। ଏହା ଆମର ସାଂସ୍କୃତିକ ବୈଚିତ୍ର୍ୟର ପରିଭାଷା। ପ୍ରାଚୀନ କାବ୍ୟ କବିତାଠାରୁ ଗଳ୍ପ ଉପନ୍ୟାସ ଓ ନାଟକ କ୍ଷେତ୍ରରେ ଆମେ ଆମର ଜାତୀୟ ବୈଚିତ୍ର୍ୟକୁ ପ୍ରାଧାନ୍ୟ ଦେଇଥାଉ। ଯାହାର ଏକ ନମୂନା ଆମର ଭାଷାଭିତ୍ତିକ ପ୍ରଦେଶ ଗଠନ ଏବଂ ଓଡ଼ିଆ ଭାଷାର ପ୍ରାଚୀନତା ଆଧାରରେ ଆମକୁ ବିଳମ୍ବରେ ହେଲେବି ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। ଓଡ଼ିଆ ଭାଷା ବିଶ୍ୱର ଅନ୍ୟାନ୍ୟ ଭାଷା ତୁଳନାରେ କିଛି ବି ଊଣା ନୁହେଁ । କାରଣ ସମଗ୍ର ଭାଷାତତ୍ତ୍ୱକୁ ନିରୀକ୍ଷଣ କଲାବେଳେ କେବଳ ଓଡ଼ିଆ ଭାଷାରେ ବହୁ ସ୍ୱାତନ୍ତ୍ର୍ୟ, ମୌଳିକତା ଓ ବହୁ ବ୍ୟଞ୍ଜନାଧର୍ମୀ ଉଦ୍‌ଭାଷର ସୂଚନା ମିଳିଥାଏ। ପୃଥିବୀର କୌଣସି ଭାଷାରେ ତା'ର ଜାତିର ବୈଶିଷ୍ଟ୍ୟ ଏତେ ମାତ୍ରାରେ ପ୍ରଦର୍ଶିତ ହୋଇନାହିଁ। ଯେପରି ଓଡ଼ିଆ ଭାଷାରେ ଲକ୍ଷ୍ୟ କରାଯାଇଛି। ଉତ୍ର ଏକ ବୀର ଅଭିଜାତ ଓ ସ୍ୱାଭିମାନ ଜାତି। ଯାହା ଯୁଦ୍ଧ କ୍ଷେତ୍ରରେ ହେଉ ଧର୍ମ କ୍ଷେତ୍ରରେ ହେଉ ଅଥବା ସାଂସ୍କୃତିକ କ୍ଷେତ୍ରରେ ହେଉ ବିଶ୍ୱରେ ନିଜକୁ ବଡ଼ ବୋଲି ପ୍ରତିପାଦିତ କରିଚାଲିଛି। ଏହା ପଛରେ କେବଳ ଗୋଟିଏ ଲକ୍ଷ୍ୟ ଗୋଟିଏ ଜାତୀୟ ସ୍ୱାଭିମାନ ଓ ପରିଚୟ। ଆମେମାନେ ସମଷ୍ଟିଗତ ସମୃଦ୍ଧିରେ ଉତ୍ତରଦାୟୀ ଆମେ ବୁଝୁ-

**"ବାରଶହ ବଢେଇ ଦାୟ**
**ନା ପୁତ୍ରର ଦାୟ"**

ଯାହା ପାଖରେ ବାରଶହ ବଢେଇ ଶ୍ରେଷ୍ଠ ହୋଇଯାଆନ୍ତି ଆମେ ବୁଝୁ ଓ ବୁଝାଉ ଗୋଟିଏ ପଂକ୍ତି ବ୍ୟବହାର କରୁ।

**"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ**
**ଦେଖୁ ଦେଖୁ କେବା ସହୁ**
**ମୋ ଜୀବନ ପଛେ ନର୍କେ ପଡ଼ିଥାଉ**
**ଜଗତ ଉଦ୍ଧାର ହେଉ।"**

ଯେଉଁଠି 'ବହୁ' ପାଖରେ 'ମୁ' ଟିଏ ଗୌଣ ହୋଇଯାଏ ଆମର ପ୍ରତିଟି କଥା ବଡ଼। ଆମେମାନେ ଏକ ଐତିହ ଓ ସ୍ପର୍ଦ୍ଧିତ ରାଧାନାଥ ରାୟଙ୍କ ଗ୍ରନ୍ଥାବଳୀରେ ସ୍ଥାନିତ 'ଚିଲିକା' ଖଣ୍ଡକାବ୍ୟର ପୃଷ୍ଠା ୧୭୯ରେ ଆମେ ସୁନ୍ଦର ଭାବେ 'ଅସ୍ମିତା' ଶବ୍ଦର ଅବଲୋକନ କରୁ। ଯାହା :-

**"ଖର ସୌରକରେ ତାରକା ଯେସନ**
**ଅସ୍ମିତା ବିସ୍ମୟେ ହେଲା ନିଗମନ"** (ଚିଲିକା. ରା.ରାୟ)

କବିବର ରାଧାନାଥ ରାୟ ସର୍ବ ପ୍ରଥମେ 'ଅସ୍ମିତା' ଶବ୍ଦ ଓଡ଼ିଆ ସାହିତ୍ୟରେ ପ୍ରୟୋଗ କରିଛନ୍ତି। ଏହି ଅସ୍ମିତା ଶବ୍ଦର ଅର୍ଥ ମୁଁ ଅଛି ବା ଏହି ଜ୍ଞାନ। ଅସ୍ମିତା ଅସ୍ତିତ୍ୱର କଥା, ଆତ୍ମ ପରିଚୟର କଥା, ସ୍ୱାଭିମାନର କଥା ନୁହେଁ ଗର୍ବ ଆଉ ଅହଂକାରର କଥା। ଆଙ୍ଗିକରେ ନୁହେଁ ଆତ୍ମିକରେ ଅସ୍ମିତା। ଆତ୍ମ ପରିଚୟର ଆଦ୍ୟ ସଂକେତ ହେଉଛି ଆତ୍ମ ଭାଷା। ଭୋଗରେ ନୁହେଁ ତ୍ୟାଗରେ ଆମ ସଂସ୍କୃତି। ସାଧୁର ଭାବ ହିଁ ସାଧବ ପୁଅ। ଅସ୍ମିତା ଆତ୍ମ କଲ୍ୟାଣ ନୁହେଁ ମାନବ କଲ୍ୟାଣ। ଭୁବନେଶ୍ୱର ଓ କୋଣାର୍କର ମନ୍ଦିରରେ ଯେଉଁ ଶିଉଳି ଲାଗି ରହିଛି ତାହା ହେଉଛି ଓଡ଼ିଶାର ଅସ୍ମିତା। ଆଦିକବି ସାରଳା ଦାସଙ୍କ ସାରଳା 'ମହାଭାରତ', ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ', ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ', କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଛ ମାଣ ଆଠଗୁଣ୍ଠ', ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ', ସଚ୍ଚିଦାନନ୍ଦ

ରାଉତରାୟଙ୍କ 'ବାଜିରାଉତ', ଗୋପବନ୍ଧୁ ଦାସଙ୍କ 'ଧର୍ମପଦ', ସୀତାକାନ୍ତ ମହାପାତ୍ରଙ୍କ 'ଓଡ଼ିଶା' କବିତା, ଗୋବିନ୍ଦଚନ୍ଦ୍ର ତ୍ରିପାଠୀଙ୍କର 'ବଟୁଆ', ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର', ରମାକାନ୍ତ ରଥଙ୍କ 'ଶ୍ରୀରାଧା', ଗୋପୀନାଥ ମହାନ୍ତିଙ୍କର 'ମାଟି ମଟାଳ' ଆଦି ଓଡ଼ିଆ ଜାତିର ଓ ସାହିତ୍ୟର ଗୋଟିଏ ଗୋଟିଏ ଅସ୍ମିତାର ଅସ୍ତିତ୍ୱ।

ସଂପ୍ରତି ମୋର 'ଓଡ଼ିଆ ଉପନ୍ୟାସ ପ୍ରେକ୍ଷାପଟରେ ଅସ୍ମିତାର ପଦଧ୍ୱନି' ପ୍ରବନ୍ଧରେ ଉପନ୍ୟାସ ସାହିତ୍ୟର ବିଭିନ୍ନ ସଂକେତ ସୂଚନା ଭିତରେ ଓତଃପ୍ରୋତ ଜଡ଼ିତ ସେଇ ଅସ୍ମିତାକୁ ମୁ ସମ୍ୟକ ଭାବେ ଆଲୋଚନା କରିଛି। ଉପନ୍ୟାସ ଶବ୍ଦର ଅର୍ଥ ସୀମପେ ସ୍ଥାପନ। ଜୀବନକୁ ଏହା It is a Decadron to life ସହିତ ତୁଳନା କରାଯାଇଛି। ଓଡ଼ିଆ ଜାତିର ମୃତ୍ୟୁ ସଞ୍ଜିବନୀ। କାବ୍ୟରେ କାହାଣୀ, ନାଟକରେ କାହାଣୀ, ଗଳ୍ପରେ କାହାଣୀ, କାହାଣୀକୁ ଛାଡ଼ି ଚାହାଣୀ ନାହିଁ। ଉପନ୍ୟାସ ଏକ ଜନଜୀବନର କଥା ନଦୀ ପରି ପାହାଡ଼ ଓ ସମୁଦ୍ରକୁ ଛୁଏଁ। କଥା ଓ କାହାଣୀ ଏକ କୂଳ ପ୍ଲାବନୀ ଝରଣାଟିଏ। ହୃଦୟରୁ ହୃଦୟକୁ ଛୁଇଁ କାଳରୁ କାଳାନ୍ତର ଗତି କରି ଆସିଛି। ଯାହା ଭିତରେ ବିବିଧ ମୁହୂର୍ତ୍ତରେ ଅସ୍ମିତାର ଝଲକ ଉଙ୍କି ମାରିଛି ଏବଂ ଓଡ଼ିଆ ଭାଷା ସାହିତ୍ୟର ସଂଗଠନ କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଛି।

ଏହି ପ୍ରସଙ୍ଗରେ 'ପଦ୍ମମାଳୀ' 'ଛ'ମାଣ ଆଠଗୁଣ୍ଠ', 'ବାସନ୍ତୀ', 'ଗୋବର ଗୋଟେଇ', 'ନୀଳଶୈଳ', 'ନିଳାଦ୍ରୀ ବିଜେ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ନୂତନ ଧର୍ମ', 'ଅବ୍ୟାପାର', 'ସେଦିନ ଚୈତ୍ରମାସ', 'ଦିନ ଯାଏ ଚିହ୍ନ ରହେ', 'ଶେଷ ବସନ୍ତ' ଉପରେ ଆଲୋକପାତ କରିଛି।

ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସକୁ ବିଶ୍ଳେଷଣ କରିବାପୂର୍ବରୁ ଉମେଶ ଚନ୍ଦ୍ର ମିଶ୍ରଙ୍କ 'ପଦ୍ମମାଳୀ' ଉପନ୍ୟାସ ଓଡ଼ିଆ ଜାତିର ଅସ୍ମିତା। ଓଡ଼ିଆ ଜାତିର ଐତିହାସିକ ଚିତ୍ର ଓ ଜନଜୀବନର ଚିତ୍ର 'ପଦ୍ମମାଳୀ' ଉପନ୍ୟାସରେ ପ୍ରକଟିତ। ଉମେଶଚନ୍ଦ୍ର ସରକାର ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବରେ କାର୍ଯ୍ୟ କରିବା ହିଁ ଓଡ଼ିଶା ପାଇଁ ବରଦାନ ଥିଲା। ଜୟନ୍ତ ଓ ପଦ୍ମମାଳୀର ପ୍ରେମ ପ୍ରଣୟ କାହାଣୀ ମାଧ୍ୟମରେ ନୀଳଗିରି ଗଡ଼ଜାତର ରାଜ୍ୟର ଚିତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ଶାସନର ନଗ୍ନଚିତ୍ର ଦେଖିବାକୁ ମିଳେ। ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ଉତ୍କଳର ସରଳ ଗ୍ରାମ୍ୟ ଜୀବନର ଚିତ୍ର ଓ ଜମିଦାରଙ୍କ ଅତ୍ୟାଚାରର ଚିତ୍ର ଦେଖିବାକୁ ମିଳେ। ଓଡ଼ିଶାର ଜୀବନ୍ତ ଚରିତ୍ରକୁ ଚୟନ କରି କାଳ ଜୟୀ କରାଇ ପାରିଛନ୍ତି। ଯେପରି ସାରିଆ, ଭଗିଆ, ଚମ୍ପା, ରାମଚନ୍ଦ୍ର ମଙ୍ଗରାଜ ଓଡ଼ିଆ ମାଟିର ପ୍ରାଣସ୍ପନ୍ଦନ। ଯାହା ସହଜରେ ଓଡ଼ିଆ ଜାତିର ହୃଦସ୍ପନ୍ଦନକୁ ଚିହ୍ନି ହୁଏ।

ସବୁଜ ସାହିତ୍ୟର ବାସ ହେଉଛି ବାସନ୍ତୀ। 'ବାସନ୍ତୀ' ଉପନ୍ୟାସ ଧାରାବାହିକ ଭାବେ ଉତ୍କଳ ସାହିତ୍ୟ ମାସିକ ପ୍ରତିକାର ୧୯୨୬-୨୭ ସାଲରେ ପ୍ରକାଶ ଲାଭ କରିଥିଲା। ବଙ୍ଗଳାର ବାରୋୟାରୀ ଉପନ୍ୟାସ ଯେପରି ୧୨ ଜଣ ସାହିତ୍ୟକଙ୍କ ଦ୍ୱାରା ରଚିତ ସେହିପରି ଓଡ଼ିଆ ସାହିତ୍ୟରେ ବାସନ୍ତୀ ଉପନ୍ୟାସ ୯ଜଣ ସାହିତ୍ୟିକଙ୍କ ଦ୍ୱାରା ରଚିତ। 'ବାସନ୍ତୀ' ୨୦୭ ପୃଷ୍ଠା ବିଶିଷ୍ଟ ଉପନ୍ୟାସ ୩୦ ଗୋଟିଏ ପରିଚ୍ଛେଦରେ ବିଭକ୍ତ। 'ଅ-ଆ'ରେ ପ୍ରେମର ପରିଭାଷା ହେଉଛି ବାସନ୍ତୀ। ପ୍ରେମରେ ପଡ଼ିଲେ କୁଆଡ଼େ ନାମଟି ସଂକ୍ଷିପ୍ତ ହୋଇଯାଏ। ବାସନ୍ତୀ ପତ୍ରାଳାପ ମାଧମରେ ନିଜର ବନ୍ଧୁ ବିନୋଦ ବିହାରୀର ପତ୍ନୀ ବସନ୍ତ କୁମାରୀ ସହିତ ଭାବ ବିନିମୟ କରିଥାଏ। ଦୁହିଁଙ୍କ ବାର୍ତ୍ତାଳାପରେ ବସନ୍ତ କୁମାରୀ କହୁଛି ତମେ ମୋର 'ବାସ' ମୁଁ ତୁମର 'ବସ' ନା ଏହା ଠିକ ହେବ ନାହିଁ। ପୁଣି ପରସ୍ପରକୁ ସ୍ନେହରେ ପ୍ରେମରେ ନିଜର ନାମ ଦିଆନିଆ ହେଲେ। ବାସନ୍ତୀ ଆଖିରେ ଲୁହ ଦେଖି ବସନ୍ତ କୁମାରୀ କହୁଛି ହଇ ହେ 'ଆ' ତୁମେ କାନ୍ଦୁଛ? କାହିଁକି ତୁମକୁ ମୋ ରାଣ କହ। ମୋତେ କହିବ ନାହିଁ ମୁଁ ପରା ତୁମର ସେଇଗୋ ସେଇ ତୁମରି 'ଅ'। ବାସ୍ତବରେ ବର୍ଣ୍ଣବୋଧର ପରିଭାଷାକୁ ଓଡ଼ିଆ ବର୍ଣ୍ଣର ଆଦ୍ୟକୁ ଉପନ୍ୟାସରେ ରୂପ ହେବା କ'ଣ ଓଡ଼ିଆ ଅସ୍ମିତାର ପରିଚୟ ନୁହେଁ।

ସୁରେନ୍ଦ୍ର ମହାନ୍ତିଙ୍କ କଥା ସାହିତ୍ୟରେ ଓଡ଼ିଆ ଜାତିର ଅସ୍ତିତ୍ୱ ବାରି ହୋଇ ପଡେ। 'ନୀଳଶୈଳ', 'ନୀଳାଦ୍ରୀ ବିଜୟ' ଓ 'କୃଷ୍ଣାବେଣୀରେ ସନ୍ଧ୍ୟା' ଗୋଟିଏ ଗୋଟିଏ କାଳଜୟୀ ଉପନ୍ୟାସ। ଓଡ଼ିଆ ଜାତିର ମହିମ୍ନତା ହେଉଛନ୍ତି କାଳିଆ ଠାକୁର। ମାଳବ ଦେଶ ଛାଡ଼ି ରାଜ୍ୟ ଚକ୍ରବର୍ତ୍ତୀ ଇନ୍ଦ୍ରଦ୍ୟୁମ୍ନ ଓଡ଼ିଶା ଆସିଲେ। ଶ୍ରୀଜଗନ୍ନାଥଙ୍କ ପାଇଁ ନିଜ ରାଜ୍ୟ ଛାଡ଼ି ଦେବା କମ ବଡ଼ କଥା ନୁହେଁ। ଏହା ହିଁ ତ ଆମ ଅସ୍ମିତା। ଏ ମାଟି ଭଲ ପାଇବାର ମାଟି। ଓଡ଼ିଆ ପୁରାଣ ସାହିତ୍ୟକୁ ଓ କିମ୍ବଦନ୍ତୀକୁ ନେଇ ଇତିହାସ ଭିତ୍ତିକ ଐତିହାସିକ ଓ ପୌରାଣିକ ଉପନ୍ୟାସ ସୃଷ୍ଟି କରିବା କମ୍ ବଡ଼ କଥା ନୁହେଁ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ଉପନ୍ୟାସ ସାହିତ୍ୟରେ ଓଡ଼ିଶାର ଆତ୍ମ ପରିଚୟ ବେଶ ଭାବରେ ଆଲୋକିତ ହୁଏ। ତାଙ୍କର ପ୍ରତିଭା 'ଟାଉଟର', '୧୯୭୫', 'ନୂତନ ଧର୍ମ', 'ଅବ୍ୟାପାର' ଓ 'ତୃତୀୟ ପର୍ବ' ଗୋଟିଏ ଗୋଟିଏ ଉପନ୍ୟାସ ସାର୍ଥକ ଓ ସମ୍ଭ୍ରାନ୍ତ ଭାବରେ ପରିଗଣିତ ହୋଇଥାଏ। '୧୯୭୫' ଉପନ୍ୟାସରେ ୧୯୭୫ ମସିହାରେ ତତ୍କାଳୀନ ଦେଶର ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ 'ଏମରଜେନ୍ସି' ଲାଗୁ ହେଲା। ରାଜନୀତିରେ ଥାଇ ମଧ ନିଜର ଦାମ୍ଭିକ ପଣିଆକୁ ମତବ୍ୟକ୍ତ କରିଥିଲେ। ଗଣତନ୍ତ୍ର ଯେତେବେଳେ ଜଣତନ୍ତ୍ରରେ ପରିଣତ ହୋଇଯାଏ ସେତେବେଳେ ଓଡ଼ିଆ ଜାତି

ବିଦ୍ରୋହ କରି ଉଠେ। କାରଣ ନୀତି ମଧ୍ୟରେ ରାଜା ରାଜନୀତି। ରାଜାଙ୍କର ନୀତି ନୁହେଁ ରାଜନୀତି। ଯାହା ହରେକୃଷ୍ଣ ମହତାବ ସରକାରରେ ରହି ଏଭଳି ଉପନ୍ୟାସ ରଚନା କରିବା କମ ବଡ଼ କଥା ନୁହେଁ। ଏ ସାଂପ୍ରତିକ ସମାଜରେ ଯିଏ ତୁଣ୍ଡ ଖୋଲେ ତା'ର ମୁଣ୍ଡ ରହେ ନାହିଁ। ଠିକ ସାହିତ୍ୟିକ ଦେବପ୍ରସାଦ ଦାଶଙ୍କ ଭଳି। ତଥାପି ଓଡ଼ିଆ ପୁଅ ପରାଜିତ ହୋଇପାରେ ମାତ୍ର ଭାଙ୍ଗି ପଡେ ନାହିଁ।

ପ୍ରଖ୍ୟାତ ଔପନ୍ୟାସିକା ପ୍ରତିଭା ରାୟଙ୍କ 'ଯାଜ୍ଞସେନୀ' ଉପନ୍ୟାସ ଏକ ଅବିସ୍ମୃତି ଅମୂର୍ତ୍ତ। ପୌରାଣିକ ଚରିତ୍ରକୁ ନିଜସ୍ୱ ଅନ୍ତର୍ଦୃଷ୍ଟି ଚେତନାରେ ଚିତ୍ରିତ କରିବାରେ ସଫଳ ହୋଇପାରିଛନ୍ତି। ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନରକିନ୍ନର' ଉପନ୍ୟାସ ଏକ ବିସ୍ମୟ ଆବେଗ ସୃଷ୍ଟି କରେ। ଓଡ଼ିଆ ଜାତିର ଦୃଟିେ ଆଢୁଆଳରେ ଥିବା ଏକ ଭିନ୍ନ ରକମର ଚରିତ୍ର ବିନିର୍ମାଣ କରିବା ଓ ରୂପ ଦେବା କମ ବଡ଼ କଥା ନୁହେଁ। ଜର୍ଜ ଚରିତ୍ରକୁ ଅନୁଶୀଳନ କଲେ ବିସ୍ମୟ ହେବାକୁ ହୁଏ। ଜର୍ଜ ଚରିତ୍ର ଏକ ଅନ୍ୱେଷଣର ଅମୃତ।

ବର୍ଣ୍ଣିଳ ବାଦଶାହା ଡ. ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ ଓଡ଼ିଆ ଅସ୍ମିତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। କଳ୍ପନାର ଫୁଟଣରେ ଓଡ଼ିଆ ଜାତିର ଅସ୍ତିତ୍ୱକୁ ରୋମାଣ୍ଟିକ ପରିଭାଷାରେ ଯୁବ ସୁଲଭ ତରୁଣ ତରୁଣୀମାନଙ୍କ ମନରେ ଆଲବମ୍ ସଜାଇ ଦିଅନ୍ତି। ଚାହିଁଲେ ବି ଭୁଲି ପାରିବେ ନାହିଁ। କାରଣ ତାଙ୍କ କାହାଣୀ ହିଁ ଚାହାଣୀ ଫୁଲକୁ କିଏ ବା ଭଲ ନପାଏ। ଦେବୀଠାରୁ ଆରମ୍ଭ କରି ବେବି ଯାଏ ସଭିଏଁ ଭଲ ପାଆନ୍ତି। ରାମାୟଣ, ମହାଭାରତରେ କଇଁ-ଫୁଲର ବର୍ଣ୍ଣନା ରହିଛି। କଇଁ ଫୁଲ ହେଉଛି ଓଡ଼ିଆଜାତିର ଅସ୍ମିତା ସରସ୍ୱତୀ ପୂଜା ଆସିଲେ, କୁମାର ପୂର୍ଣ୍ଣିମା ଆସିଲେ କଇଁ କଥା ମନେ ପଡେ। ବିଭୂତି ପଟ୍ଟନାୟକ ରୋମାଣ୍ଟିକ ରସରେ କଇଁ ଫୁଲକୁ ରୂପ ଦିଅନ୍ତି କୁମାର କୁମାରୀଙ୍କ ମନରେ। ତାଙ୍କର 'ଛାଇ ଲେଉଟାଣି ବେଳ' ଉପନ୍ୟାସରେ। ବିଦ୍ୟାଳୟରେ ସରସ୍ୱତୀ ପୂଜା। ଗୁରୁମା କହିଛନ୍ତି ଦଶମ ଶ୍ରେଣୀରେ ପାଠ ପଢୁଥିବା ବ୍ରାହ୍ମଣୀ କନ୍ୟା ଗାୟତ୍ରୀକୁ କଇଁଫୁଲ ଆଣିବା ପାଇଁ। ଗାୟତ୍ରୀ ନିଜର ସାଙ୍ଗ ଜୟନ୍ତକୁ କହିଛି ପୋଖରୀ ମଧ୍ୟରୁ କଇଁଫୁଲ ତୋଳିବା ପାଇଁ। ଜୟନ୍ତ କଇଁଫୁଲ ତୋଳି ଦେଇଛ। ଯୁବ ସୁଲଭ ତରୁଣ ମନରେ ପ୍ରେମ ଭରା କଣ୍ଠରେ କହିଛି ଗାୟତ୍ରୀକୁ-

ପୋଖରୀ ଭିତରେ ଫୁଟିଛି କଇଁ
ମନେ ରଖିଥିବୁ ଭୁଲିବୁ ନାହିଁ।

ବାର ମାସରେ ତେର ଯାତ। ଓଡ଼ିଆରେ ୧୨ ଗୋଟି ମାସର ନାମ ରହିଛି। ପୌରାଣିକ କିମ୍ବଦନ୍ତୀରେ ବିଭିନ୍ନ ମାସର ଉଲ୍ଲେଖ ରହିଛି। ଓଡ଼ିଆ ମାସକୁ ନେଇ ନେଇ ଉପନ୍ୟାସର ନାମକରଣ କରିବା ଓ ତାକୁ ରୋମାଣ୍ଟିକ ରଙ୍ଗରେ ରଙ୍ଗେଇବା କାମ ବିଭୂତି ପଟ୍ଟନାୟକ କରିପାରନ୍ତି। ଯୁବକ ଅବସ୍ଥାରେ ନୂଆ ନୂଆ ପାଦ ଥାପିଥିବା ବୟସର ଚୋରା ବାଲିରେ ପାଦ ଖସିଗଲେ ମନେ ମନେ ଗୋଟେ ସୁନ୍ଦର ପଂକ୍ତି କହିଥାନ୍ତି। ବିଭୂତି ପଟ୍ଟନାୟକଙ୍କ 'ସେଦିନ ଚୈତ୍ରମାସ ଉପନ୍ୟାସରେ କଲିକତାରୁ ଦୁଇଜଣ କଣ୍ଠଶିଳ୍ପୀ ଆସିଥିଲେ ରବୀନ୍ଦ୍ର ସଂଗୀତ ଗାନ କରିବା ପାଇଁ। ସେଇ ଉତ୍ସବର ଆସରରେ ଅବିନାଶ ମଧ୍ୟ ଗାଇଥିଲେ ଏକ ଗୀତ-

"ସେଦିନ ଚୈତ୍ର ମାସ
ତମରି ନୟନେ ଦେଖିଥିଲି ମୁହିଁ ମୋର ସର୍ବନାଶ"

ରେଖା ଲାଜେଇ ଯାଇଥିଲା ଓ ଅବିନାଶ ଚାହିଁ ପାରୁନଥିଲା। ସାଂପ୍ରତିକ ସମାଜର ତିକ୍ତ ଅନୁଭୂତିକୁ ସାଉଁଟି ଆଣିବାରେ ଧୂରୀଣ ବାଦଶାହା ବିଭୂତି ପଟ୍ଟନାୟକ। ଅସ୍ମିତା ଓଡ଼ିଆ ଜାତିର ଆତ୍ମ ପରିଚୟ। ମାଆ, ମାଟି ଓ ମାତୃଭାଷା ଯାହାର ମା' ନାହିଁ ତାହାର ଅସ୍ମିତା ନାହିଁ। ଓଡ଼ିଆ ସାହିତ୍ୟ ହିଁ ଓଡ଼ିଆ ଜାତିର ଅସ୍ମିତା।

❖❖❖

# ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ "ଘୋଡ଼ାନାଚ"



ISSN-2583-6978
Volume-5
Issue-11
NOVEMBER-2024

**ମେଘମାଳା ଦାସ**

**ଗବେଷିକା**
**ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ**
**ବାରିପଦା, ମୟୂରଭଞ୍ଜ**

ପ୍ରତ୍ୟକ୍ଷ ଅପ୍ରତ୍ୟକ୍ଷ ଭାବରେ ହେଲେ ମଧ୍ୟ ସୃଷ୍ଟିର ପ୍ରାରମ୍ଭରୁ ଜନସମାଜ ସହିତ ସାହିତ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଯାହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି ପ୍ରତୀୟମାନ ହୁଏ। ପ୍ରାଚୀନ ନୂତନ ତଥାକଥିତ ଓ ଆଧୁନିକ ସମାଜ ସଂସ୍କୃତିକୁ ବିକାଶ ଦିଗରେ ଅଗ୍ରସର କରାଇବା ପାଇଁ ସାହିତ୍ୟର ଭୂମିକା ସ୍ୱୀକାର୍ଯ୍ୟ। ଏହା ମଣିଷକୁ ଦିବ୍ୟ ସାତ୍ତ୍ୱିକ ଆନନ୍ଦ ପ୍ରଦାନ କରିଥାଏ ଓ ତା'ର ଚେତନା ତଥା ଜ୍ଞାନକୁ ପ୍ରସାରିତ କରେ। ଏହା ନିଜକୁ ଚିହ୍ନାଇବା ସହିତ ଗଭୀର ଗର୍ଭରେ ବୁଡି ଯାଉଥିବା ପରମ୍ପରା ଐତିହ୍ୟ, ଲୋକ ସଂସ୍କୃତିକୁ ଉଜ୍ଜୀବିତ କରାଇ ସମସ୍ତଙ୍କୁ ଉତ୍ତୋରିତ ସତ୍ତାରେ ଆଭାସ ପ୍ରଦାନ କରିଥାଏ। ସଂସ୍କୃତିର ଗତିଧାରା ଅତୀତଠାରୁ ଆବୋରି ବସେ, ଏବଂ ସାହିତ୍ୟ ପାଇଁ ଉପାଦେୟ ହୋଇଥାଏ। ପୁନଶ୍ଚ ସାମାଜିକ ମଣିଷର ତୀବ୍ର ସଂସ୍କାର ବୋଧ ସହଉତ୍ତମ ଆଚରଣ ଗତ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରାଏ।

ସାଧାରଣତଃ ଆଜିର ବୈଦ୍ୟୁତିକ ଯୁଗରେ ମୋବାଇଲ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ଟେଲିଭିଜନ, ସିନେମା ଆଦି ଗୋଟିଏ ଗୋଟିଏ ପ୍ରମୁଖ ମାଧ୍ୟମ ସାଜିଛି। ଯାହାଦ୍ୱାରା ନିଜକୁ ଟିକିଏ (Re-lax) ମିଳିପାରୁଛି। ଯଦି ଆମେ ଅତୀତର ପୃଷ୍ଠାକୁ ଉନ୍ମୋଚନ କରିବା ଏସବୁ ଥିଲାବେଳେ ଲୋକେ ସଂସ୍କୃତିର ପରମ୍ପରା, ଗୀତ, ଗଳ୍ପ, ନାଟକ ଜଗଜମାଳି ସମସ୍ତଙ୍କର ମନୋରଞ୍ଜନ ପାଇଁ ବହୁତ ମାତ୍ରାରେ ଖୋରାକ ଯୋଗାଉଥିଲା। ରାଜାମାନଙ୍କ ପାଖରୁ ଆରମ୍ଭ କରି ବିଲରେ ଖଟୁଥିବା କୃଷକ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହା ଖୁସିର ଲହରୀ ସୃଷ୍ଟି କରୁଥିଲା। ସମଗ୍ର ପୁରପଲ୍ଲୀରେ ଏହା ଗୁଞ୍ଜରଣ ଖେଳାଇ ପାରୁଥିଲା।

ଆମଲୋକ ସଂସ୍କୃତିର ବିଭିନ୍ନ ବିଭାଗ ମଧ୍ୟରୁ ବଳିଷ୍ଠ ବିଭାଗ ହେଉଛି ଲୋକନାଟକ। ଏହା ମନୋରଞ୍ଜନ ପ୍ରଧାନ ମାଧ୍ୟମ ରୂପେ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇଆସିଛି। ସାଧାରଣ ମଣିଷ ନିଜର ଶ୍ରମ ଲାଘବ ପାଇଁ ଏଥିରୁ ଆନନ୍ଦ ପାଇଥାଏ। ପର୍ବପର୍ବାଣୀ ଓ ଓଷାବ୍ରତ ପାଳନ ଅବସରରେ ଏହି ସବୁ ନାଟକ ଅଭିନୟ କରିଥାନ୍ତି। ନୃତ୍ୟ, ଗୀତବାଦ୍ୟ ତାଳରେ ଏମାନଙ୍କର ମନୋରଞ୍ଜନର ବ୍ୟବସ୍ଥା ଲୋକ ନାଟକ ହିଁ ସୃଷ୍ଟି କରିଥାଏ। ଏହା ମଧ୍ୟ ଲୋକ ଶିକ୍ଷାର ପ୍ରମୁଖ ମାଧ୍ୟମ। ଏହା କୃଷିଜୀବୀଠାରୁ ଆରମ୍ଭ କରି ସାଧାରଣ ବର୍ଗର ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଇଥାଏ। ଜୀବନକୁ ନୈତିକତାର ମୂଲ୍ୟବୋଧ ଶିକ୍ଷା ଦେବା ସହିତ ଆମ ସଂସ୍କୃତି ଓ ଲୋକ ଶିକ୍ଷାର ବାର୍ତ୍ତା ବାହକ ଭାବରେ କାର୍ଯ୍ୟ କରିଥାଏ। ଏଣୁ ଲୋକ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦାସକାଠିଆ, ପାଲା, ତାମସା, ଦଧି, କଣ୍ଢେଇନାଚ, ଚଇତିଘୋଡ଼ା, ନାଚ, ଚଢ଼େଇ ଚଢ଼େଇଘୋଣୀ ନାଟ। ବହୁ ଲୋକାଭିମୁଖୀ ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଲୋକପ୍ରିୟତା ଲାଭ କରିପାରିଛି।

ଚଇତି ଘୋଡ଼ାନାଚ ଏହି ପରମ୍ପରାର ଅନ୍ୟ ଏକ ଅଂଶ ଯାହାକି ପୁରାଣ ଯୁଗରୁ ଆରମ୍ଭ କରି ଆଜି ମଧ୍ୟ ସମାଜରେ ପ୍ରତିଷ୍ଠା ଲାଭ କରିଛି। ସଭ୍ୟତା, ସଂସ୍କୃତି ସହିତ ତାଳଦେଇ ଆଗକୁ ଆଗେଇ ଯିବାର ସହଯୋଗିତା ବହନ କରିଛି। ଏହି ପର୍ବ ଚଇତି ପୂର୍ଣ୍ଣମୀ ଦିନ କୈବର୍ତ୍ତମାନଙ୍କ ଦ୍ୱାରା ଘୋଡ଼ାନାଚ ଅନୁଷ୍ଠିତ ହେଉଥିବାରୁ ଏହାକୁ କୈବର୍ତ୍ତ ଚଇତି ଘୋଡ଼ାନାଚ ବୋଲି କୁହାଯାଏ। ଏହା ସାଧାରଣତଃ ଓଡ଼ିଶାର ସମୁଦ୍ରକୂଳ ନିକଟବର୍ତ୍ତୀ ଜିଲ୍ଲାର ଗ୍ରାମମାନଙ୍କର ଅନୁଷ୍ଠିତ ହୋଇଥାଏ। କାରଣ ସେହି ଅଞ୍ଚଳରେ କୈବର୍ତ୍ତମାନେ ବସବାସ କରିଥାନ୍ତି। ଖୁବ୍ ଧୁମ୍‌ଧାମରେ ଏହି ପର୍ବ ପୂର୍ବରୁ ଆଠଦିନ

ଧରି ଅର୍ଥାତ୍ ଚୈତ୍ର ପୂର୍ଣ୍ଣିମାଠାରୁ ବୈଶାଖ ମାସ ପର୍ଯ୍ୟନ୍ତ ଚାଲୁଥିଲା। ମାତ୍ର ଏହା ବର୍ତ୍ତମାନ ଦୁଇଦିନ ପାଳିତ ହେଉଛି।

ଏହା କୈବର୍ତ୍ତ ସମାଜର ଏକ ଜାତୀୟ ପର୍ବ ଏହି ପର୍ବରେ ବାଉଁଶରେ ତିଆରି ଘୋଡ଼ାକୁ ଦେବୀ ବାସୁଳୀ ଠାକୁରାଣୀ ରୂପେ ପୂଜା କରାଯାଏ। ଏଥି ସହିତ କୈବର୍ତ୍ତମାନଙ୍କର ପୂର୍ବଜ ଦାସରାଜାଙ୍କୁ ମଧ୍ୟ ପୂଜା କରାଯାଏ। ଏହି ନୃତ୍ୟ ଗ୍ରାମ ମଧ୍ୟ ଭାଗରେ ଅନୁଷ୍ଠିତ ହୁଏ। ଝିଅ ବୋହୂମାନଙ୍କ ଦ୍ୱାରା ଖୁବ୍ ସ୍ୱାଦିଷ୍ଟ ବ୍ୟଞ୍ଜନ, ପିଠା ଖିରିରେ ଆସର ଜମିଥାଏ। ହୁଳହୁଳି, ଶଙ୍ଖଧ୍ୱନି, କରତାଳିରେ ଏହି ପରମ୍ପରା ଅଧିକ ମନୋରଞ୍ଜନ ଦେଇଥାଏ। ଏହା ବିଶେଷକରି କଟକ, ପୁରୀ, ଗଞ୍ଜାମ, ଭଦ୍ରକ, ବାଲେଶ୍ୱର ଆଦି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ଅନୁଷ୍ଠିତ ହୋଇଥାଏ। ଏହାର ସମ୍ପୂର୍ଣ୍ଣ ଆଲୋଚନା ନିମ୍ନରେ କରାଗଲା।

- କୈବର୍ତ୍ତ ଜନ୍ମ ବୃତ୍ତାନ୍ତ:-

ପୌରାଣିକ ତଥ୍ୟ ଅନୁଯାୟୀ ପୃଥିବୀରେ ଭୟଙ୍କର ମହାପ୍ରଳୟ ଦେଖାଗଲା। ସମସ୍ତ ଜନଜୀବନ ସହିତ ସ୍ୱୟଂ ଭଗବାନ ଜଳମଗ୍ନ ହୋଇ ଏକ ବିଶାଳ କଳ୍ପ ବୃକ୍ଷକୁ ଆଶ୍ରା କରି ଭାସମାନ ଅବସ୍ଥାରେ ରହିଥିଲେ ଇତି ମଧ୍ୟରେ ଜଳରେ ଭାସି ଆସି କଳ୍ପ ବଟକୁ ଆଶ୍ରାକରି ଜଣେ ବ୍ୟକ୍ତି କଣ୍ଡିରା ଧରି ଭଗବାନଙ୍କୁ କୂଳକୁ ନେଇଆସିଥିଲା। ଏଣୁ ତା'ର କର୍ତ୍ତବ୍ୟରେ ସନ୍ତୁଷ୍ଟ ହୋଇ ଭଗବାନ ତା'ର ନାମ କୈବର୍ତ୍ତ ରଖିଲେ। ପୁଣି କିମ୍ବଦନ୍ତୀ ଅନୁଯାୟୀ ଭଗବାନଙ୍କ କର୍ଣ୍ଣମୂଳ ମଳିରୁ ସୃଷ୍ଟି ହୋଇଥିଲା ବୋଲି ତା'ର ନାମ କୈବର୍ତ୍ତ। ସେ ଯାହା ହେଉ କୈବର୍ତ୍ତ ସଂପ୍ରଦାୟ ଯେ ଭଗବାନଙ୍କ ସହିତ ପୁରାଣରୁ ଜଡ଼ିତ ଏହାକୁ ଏଡ଼ାଇ ହୋଇପାରିବ ନାହିଁ। କୈବର୍ତ୍ତ ପୁରାଣରେ ଏହାର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବରେ କରାଯାଇଛି। ଯଥା:-

କର୍ଣ୍ଣମୂଳ ବସ ଜାତ ହୋଇ ଅଛୁ ତୁହି।
ଏଣୁ କଇବର୍ତ୍ତ ଜାତି ବୋଲାଇବୁ ତୁହି।"

ପୁଣି ଜୀବିକା ଅନୁସାରେ ମାଛ ମାରି ତୋର କୁଟୁମ୍ବ ପୋଷିବୁ ତୋର ନୌକାରେ ସମସ୍ତଙ୍କୁ ପାରିକରେଇବୁ। ଆଜିଠାରୁ ତୋତେ ସବୁ 'ଦାସ' ନାମରେ ଜାଣିବେ।

ସିଂହଳ ଦୀପରେ ରାଜା ହୋଇ ରହିବୁ। କୈବର୍ତ୍ତ ସମ୍ପ୍ରଦାୟର ଶ୍ରେଷ୍ଠ ଦାସ ରାଜା ନାମରେ ତତେ ଜନସମାଜର ଲୋକେ ଜାଣିବେ। ସୁତରାଂ ସେହି ଦିନଠାରୁ ଚୈତ୍ର ପୂର୍ଣ୍ଣିମା ତିଥିରେ ଘୋଡ଼ା ସହିତ ରାଜାଙ୍କର ମଧ୍ୟ ପୂଜା କରାଯାଏ।

**- ଘୋଡ଼ାର ଜନ୍ମ-**

କୈବର୍ତ୍ତ ପୁରାଣରେ ଅର୍ଜୁନଙ୍କ ପ୍ରଶ୍ନରେ ଘୋଡ଼ାର ଜନ୍ମ ବୃତ୍ତାନ୍ତ ପ୍ରଭୁ ଦର୍ଶାଇଛନ୍ତି। ଭଗବାନ ମୃଦୁ ହସି କହିଲେ ଯେତେବେଳେ 'ଦାସ' ରାଜାଙ୍କୁ ମୁଁ ସିଂହଳ ଦୀପକୁ ପଠାଇବି ସେତେବେଳେ ବାହାନର ଆବଶ୍ୟକତା ଅଛି। ଏଣୁ କଳ୍ପବୃକ୍ଷ ଡାଳରେ ଅଶ୍ୱ ନିର୍ମାଣ କରି ତା'ର ନାମ ବାସେଳୀ ରଖାଗଲା। ସେଦିନ ଚୈତ୍ର ପୂର୍ଣ୍ଣିମା ଗୁରୁବାର ଥିବାରୁ ବାସେଳୀ ମାତା ଲକ୍ଷ୍ମୀ ରୂପେ ରାଜାଙ୍କ ସଙ୍ଗରେ ଏଣୁ ରାଜାକୁ ନିଜର ଇଷ୍ଟଦେବୀ ରୂପେ ପୂଜା କଲେ। ତାହା ସହିତ ସମସ୍ତ କୈବର୍ତ୍ତ ଶ୍ରେଣୀର ଲୋକମାନେ ଗ୍ରାମରେ ଦେବୀ ଭାବରେ ଘୋଡ଼ାକୁ ପୂଜା କଲେ। ବିଶେଷ କରି ଚଇତ ପୂର୍ଣ୍ଣିମା ଦିନ ବିଶେଷ ପୂଜାଅର୍ଚ୍ଚନାର ବିଧିବ୍ୟବସ୍ଥା ଥାଏ। ଏଥିରେ ବୟସ୍କ ଲୋକମାନେ ସମ୍ପୂର୍ଣ୍ଣ ପୁରାଣର ଗାନ କରିଥାନ୍ତି। ଯାହା ଏଯାବତ୍ ଜୀବନ୍ତ ଓ ସ୍ମୃତି ମଧୁର ହୋଇ ରହିଛି। ବାଉଁଶ ଓ କନାରେ ଗୋଟିଏ ଘୋଡ଼ା ତିଆରି କରି ଜଣେ ମଣିଷ ତାହା ଭିତରେ ପଶି ଘୋଡ଼ା ନଚାଏ। କିଛି ନଥିଲେ ଢିଙ୍କି ମୁଣ୍ଡରେ ଘୋଡ଼ା ମୁଣ୍ଡ ଲଗାଇ ମଧ୍ୟ ଲୋକମାନେ ପୂଜା କରିଥାନ୍ତି।

**ଘୋଡ଼ା ନାଚର ବାଦ୍ୟଯନ୍ତ୍ରର ବ୍ୟବହାର:-**

ଘୋଡ଼ା ନାଚରେ ମୁଖ୍ୟତଃ ଢୋଲ, ଯୋଡ଼ି ମହୁରୀ, ଯୋଡ଼ିନାଗରା, ଝୁମୁକା ଇତ୍ୟାଦି ବ୍ୟବହାର କରାଯାଏ। ପ୍ରଥମେ ବାଦ୍ୟ ବାଜେ ଓ ରଙ୍ଗ ମଞ୍ଚରେ ଗାୟକ ବାଶେଳୀ ଘୋଡ଼ାର ବନ୍ଦନା କରିଥାନ୍ତି।

ପାଲା ଓ ଦାସ କାଠିଆ ରୀତିରେ ବିଭିନ୍ନ ସାହିତ୍ୟ ବିଶେଷତଃ ସଂସ୍କୃତଃ ଶ୍ଳୋକ ଗାୟକ ଆବୃତ୍ତି କରନ୍ତି। ଏହାପରେ ବିଷୟ ବସ୍ତୁର ଆରମ୍ଭ ହୋଇଥାଏ। ବିଷୟ ବସ୍ତୁରେ ହାସ୍ୟରସାତ୍ମକ, ବୀର ରସାତ୍ମକ, ମୁଗ୍ଧ ସଂଗୀତ ଓ ନୃତ୍ୟ ପରିବେଷିତ ହୁଏ। ସମୟର ପରିବର୍ତ୍ତନ ସହିତ ଆଜିକାଲି ବାଦ୍ୟଯନ୍ତ୍ରର ପରିବର୍ତ୍ତନ ହୋଇ ନୂତନ ବ୍ୟବସ୍ଥା ମଧ୍ୟ କରାଯାଉଛି। ବସ୍ତୁତଃ ଘୋଡ଼ାନାଚରେ ବାଦ୍ୟଯନ୍ତ୍ରର ଯେ ଭୂମିକା ମଧ୍ୟ କମ୍ ନୁହେଁ ତାହା ଅନସ୍ୱୀକାର୍ଯ୍ୟ।

**ସଂଗୀତ ରୀତି ଓ ଚରିତ୍ର ଚର୍ଯ୍ୟା:-**

ଘୋଡ଼ାନାଚ ସ୍ଥାନ ବିଶେଷରେ କଳାକାରଙ୍କୁ ନେଇ ଭିନ୍ନ ଭିନ୍ନ ରୀତିରେ ପରିବେଷିତ ହୋଇଥାଏ। ଏଥିରେ ସାଧାରଣତଃ ଚାରିଜଣ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଦୁଇଜଣ ପୁରୁଷ ଚରିତ୍ର ଦୁଇଜଣ ନାରୀ ଚରିତ୍ର। ଏମାନଙ୍କୁ ରାଉତ ରାଉତରାଣୀ ବା ଚଢ଼େଇ, ଚଢ଼େୟାଣୀ ମଧ୍ୟ କୁହାଯାଏ। ପ୍ରଥମେ ମଞ୍ଚ ଉପରେ ବାସୁଳୀ ମା'ଙ୍କ ବନ୍ଦନା, ଦାସ ରାଜାଙ୍କର ବନ୍ଦନା ଗ୍ରାମଦେବା ଦେବୀଙ୍କର ବର୍ଣ୍ଣନା, ସହିତ ସେମାନେ ନିଜ ନିଜର ପରିଚୟ ପ୍ରଦାନ କରିଥାନ୍ତି। ଜନାଦୃତ କବି ବା ଲେଖକ ସଂସ୍କୃତିକାର ମାନଙ୍କର ଶ୍ଳୋକକୁ ଗାନ କରିଥାନ୍ତି। ବିଷୟ ବସ୍ତୁ ସମାଜର କଲ୍ୟାଣ ସାଧନକାରୀ ଓ ଉପଯୋଗୀ ହୋଇଥାଏ। ତଥା ସମସ୍ତ ଦର୍ଶକଙ୍କୁ ବାନ୍ଧି ରଖିଥାଏ। ପୁଣି ମନୋରଞ୍ଜନ ପାଇଁ ହାସ୍ୟାତ୍ମକ ପାରମ୍ପରିକ ନୃତ୍ୟ ସହିତ ମଝିରେ ମଝିରେ ଘୋଡ଼ାବାଲା ଘୋଡ଼ା ନଚାଏ। ରାଉତରାଣୀ ରାଉତଙ୍କ ଭିତରେ ପ୍ରଶ୍ନ ଉତ୍ତରର ପ୍ରତିଯୋଗୀତା ମଧ୍ୟ ଚାଲିଥାଏ। ରାଉତରାଣୀ ପ୍ରଶ୍ନ ପଚାରେ ରାଉତକୁ-

"କଳା ଚରିଜାତି କହରେ ନାଗର
କଳାଚାରି ଜାତି କହ।
କଳା ଚାରି ଜାତି କହି ନ ପାରିଲେ
ନାଗରରେ ଗୋଡ଼ ମୋଡ଼ି ଦେବୁ ରହ।" ।୨।
ରାଉତ ଏହାର ଉତ୍ତରରେ କହେ:-
କଳା ଚାରି ଜାତି କହୁଛି ନାଗରୀ
କଳାତ ଅନ୍ଧାର ରାତି
କାଉ ରଙ୍ଗ କଳା, କୋଇଲି ତ କଳା
ନାଗରୀ ଲୋ, କଳାତ କଜଳପାତି ।୩।

ଏହିପରି ଭାବରେ ନୃତ୍ୟ ଗୀତ ଅଭିନୟ ଦେଖି ମଝିରେ ମଝିରେ ହରିବୋଲ ହୁଳହୁଳି, କରତାଳି ଧ୍ୱନି ସହିତ ଘୋଡ଼ା ନୃତ୍ୟ ଅଧିକ ଚିତ୍ତାକର୍ଷକ ହୋଇଉଠେ।

ସମାଜରେ ଘୋଡ଼ା ନାଚର ଗୁରୁତ୍ୱ:-

ଆଜି ବି ଘୋଡ଼ାନାଚ ବହୁ ଜନାଦୃତ ହୋଇପାରିଛି। କାରଣ ଏହା ଗାଁ ଗହଳିରେ ଆଉ ସୀମିତ ହୋଇ ରହିନାହିଁ। ବରଂ ମୁକ୍ତ ରଙ୍ଗମଞ୍ଚରେ ବିଭିନ୍ନ ଅନୁଷ୍ଠାନମାନଙ୍କରେ ଏହା ପାଲା ଭଳି ଆଦୃତ ବଢ଼ାଇଛି। କାରଣ ଜନମଙ୍ଗଳକାରୀ ସରକାରୀ ବ୍ୟବସ୍ଥାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହିତ ବିଭିନ୍ନ ସରକାରୀ ଯୋଜନାର ପ୍ରଚାର ପ୍ରସାର ପାଇଁ ମଧ୍ୟ ଘୋଡ଼ାନାଚ ପରିବେଷିତ ହୋଇପାରୁଛି। ଟିଭି, ରେଡିଓ ତଥା ବିଭିନ୍ନ ସୋସିଆଲ ମିଡିଆରେ ଏହା ସହଜରେ ତଥ୍ୟ ଯୋଗାଇବାର ସକ୍ଷମ ହୋଇଥାଏ। ଯାହା ଫଳରେ ଡୁବିଯାଉଥିବା ଆମ ପରମ୍ପରାର ଉତ୍‌ଥାପନ ସହଜରେ ହୋଇପାରୁଛି ଓ ଘୋଡ଼ା ନାଚର ଗୁରୁତ୍ୱ ବୃଦ୍ଧି ପାଇଛି।

ସମ୍ପ୍ରତି ଘୋଡ଼ା ନାଚ ପରମ୍ପରା ଗୋଟିଏ ସ୍ଥାନରେ ସୀମିତ ନରହି ସୀମା ସରହଦ ପାର ହୋଇ ସମସ୍ତଙ୍କ ପାଖରେ ପହଞ୍ଚିପାରିଛି।

ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ରତାର ପରିଚୟ ଦେଇପାରିଛି। ଏଥି ସହିତ ସାମ୍ପ୍ରଦାୟିକତା ଓ ସଦ୍‌ଭାବନାର ସୁପ୍ରତିଷ୍ଠା ନିମିତ୍ତ ଘୋଡ଼ାନାଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଥିରେ ଥିବା ଲଘୁ, ବ୍ୟଙ୍ଗ, ହାସ୍ୟାତ୍ମକ ବଚନିକା ସଙ୍ଗୀତ ଉଭୟ ଜନଜୀବନରେ ଆନନ୍ଦର ଲହରୀ ଖେଳାଇ ଦେବାରେ ସକ୍ଷମ ହେଉଛି। ସେ ଦୃଷ୍ଟିରୁ ଓଡ଼ିଶାର ଲୋକନାଟ୍ୟ ପରମ୍ପରାରେ ଘୋଡ଼ାନାଚର ମହତ୍ତ୍ୱପୂର୍ଣ୍ଣ ଭୂମିକା ସ୍ୱୀକାର୍ଯ୍ୟ।

**ସହାୟକ ଗ୍ରନ୍ଥସୂଚୀ**

୧- ଦାସ, ଅଚ୍ୟୁତାନନ୍ଦ - କୈବର୍ତ୍ତ ପୁରାଣ, ଧର୍ମଗ୍ରନ୍ଥ ଷ୍ଟୋର, ଆଲିଶା ବଜାର, କଟକ (ପୃଷ୍ଠା ସଂଖ୍ୟା - ୧୪)
୨- ମିଶ୍ର, ଅଜୟ କୁମାର- ଲୋକ ନାଟକ, ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, ବିଜୟିନୀ, ପବ୍ଲିକେଶନ, ପୃଷ୍ଠା ସଂଖ୍ୟା- ୪୧୫
୩- ମହାନ୍ତି, ଦେବେନ୍ଦ୍ର- ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ ବିଦ୍ୟାପୁରୀ, ବାଲୁବଜାର, କଟକ (ପୃଷ୍ଠା-୬୪)
୪- ପ୍ରଧାନ, କୃଷ୍ଣଚନ୍ଦ୍ର - ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି ବିଦ୍ୟାପୁରୀ, ବାଲୁ ବଜାର, କଟକ, ପ୍ରଥମ ପ୍ରକାଶ ୧୯୯୫
୫- ପାଢ଼ୀ, ବେଣୁଧର- ଲୋକ ସାହିତ୍ୟ ଓ ଲୋକ ସାହିତ୍ୟ ତତ୍ତ୍ୱ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨ ଦ୍ୱିତୀୟ ସଂସ୍କରଣ - ୨୦୨୧

❖❖❖

# ମୋନାଲିସା ମିଶ୍ରଙ୍କ 'କେତେଦୂର କୃଷ୍ଣଚୂଡ଼ା'ରେ ସାମାଜିକ ଦାୟବଦ୍ଧତା



ISSN-2583-6978
Volume-5
Issue-11
NOVEMBER-2024

**କୌଶଲ୍ୟା ପ୍ରଧାନ**

**ଗବେଷିକା, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**

ସମ୍ପ୍ରତି ସାମାଜିକ ଜୀବନଚର୍ଯ୍ୟାକୁ ଉପଜୀବ୍ୟ କରି ସାହିତ୍ୟ ବହୁବିଧ ବୈଭବରେ ପରିପୁଷ୍ଟ ହୋଇଛି। କଥା ଓ କାହାଣୀର କ୍ରମବିକାଶରୁ କାଳଖଣ୍ଡର ସାରବସ୍ତୁ ସାହିତ୍ୟ ଜଗତର ଅନନ୍ୟ ବିଭାଗରେ ଦୃଶ୍ୟାୟିତ ହୋଇଛି। ପୁଣି ଜୀବନର ଖଣ୍ଡିତ ଅଂଶ ହିଁ ସୃଷ୍ଟି କରିଛି ପାଠକୀୟ ଆଦୃତି। ଓଡ଼ିଆ ଗଳ୍ପ ହୋଇଉଠିଛି ଜୀବନ୍ତ ଓ ଯୁଗୋପଯୋଗୀ। ସମାଜ ଯାହାଙ୍କୁ ମୁଖ୍ୟ ଏବଂ ଗୌଣ ଦୁଇଟି ଦଷ୍ଟିରେ କଳନାକରେ ସେହି ଚରିତ୍ରମାନେ ହିଁ ହେଉଛନ୍ତି ସମକାଳୀନ ଗଳ୍ପର କେନ୍ଦ୍ରବିନ୍ଦୁ। ଯେଉଁଠି ପ୍ରତ୍ୟେକ ସାମାଜିକ ମଣିଷ ତାଙ୍କର ଜୀବନଶୈଳୀ ତଥା ଜୀବନ ବିବିଧ ଘଟଣା ସୁନ୍ଦରଭାବରେ ପରିପ୍ରକାଶ ଲାଭ କରିଛି। ଜୀବନଗାଥାର ମୁଖ୍ୟ ନାୟିକା ସାଜେ ନାରୀ। ସେ ହିଁ ହୃଦୟଙ୍ଗମ କରିପାରେ ପାରିବାରିକ ଜୀବନର ଅକଥନୀୟ ଜୀବନ୍ତ ଇତିହାସକୁ। ଓଡ଼ିଆ ଗଳ୍ପ ସାହିତ୍ୟରେ ଗାଳ୍ପିକାମାନଙ୍କ ରଚନାକୃତିରେ ଏହି ଚିନ୍ତନ ଫୁଟିଉଠିଛି ବିଂଶ ଶତାବ୍ଦୀର ଶେଷ ପାଦରେ।

ଓଡ଼ିଆ ଗଳ୍ପଜଗତର କାୟାକଳ୍ପ ତଳେ ବର୍ଣ୍ଣବିଭାର ବିଚିତ୍ର ରାଗିଣୀ ସୃଷ୍ଟି କରିବାରେ ଗଳ୍ପ ଲେଖିକାମାନଙ୍କ ମଧ୍ୟରେ ମୋନାଲିସା ମିଶ୍ର ଏକ ସୁପରିଚିତ ନାମ। ସମାଜର ଗଳିକନ୍ଦି ଭିତରୁ ଚରିତ୍ରସବୁ ସାଉଁଟି ଆଣି ସେମାନଙ୍କର ସାମାଜିକ ଓ ମାନସିକ ପଛଭୂମିକୁ ଗଳ୍ପରୂପ ଦେବାରେ ସେ ସତଚେଷ୍ଟିତ। ତାଙ୍କର ପ୍ରଥମ ଗଳ୍ପ 'ନିଷିଦ୍ଧ ନାୟିକା' ୧୯୯୦ରେ ସୁଚରିତାରେ ପ୍ରକାଶିତ ହୋଇଥିଲା। ବହୁ ପତ୍ରପତ୍ରିକାର କଳେବରରେ ସ୍ଥାନ ପାଇଥିବା ଲେଖିକାଙ୍କର ଅନେକ ଗଳ୍ପ ପାଠକୀୟ ଆଦୃତି ଲାଭ କରିସାରିଛି। ବିଂଶ ଶତକର ଅନ୍ତିମ ପର୍ଯ୍ୟାୟରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିବା ଗାଳ୍ପିକା ମୋନାଲିସା ମିଶ୍ର ବର୍ତ୍ତମାନ ସମୟରେ ଓଡ଼ିଆ ଗଳ୍ପ ଭଣ୍ଡାରକୁ ଭିନ୍ନ ଖୋରାକ ଦେବାରେ ଯତ୍ନଶୀଳ। ସମକାଳୀନ ଗଳ୍ପସାହିତ୍ୟ କେବଳ ନୁହେଁ ଅନ୍ୟାନ୍ୟ ବିଭାଗ ମଧ୍ୟ ଏହି ଆତ୍ମସଚେତନ ଗଳ୍ପ ସ୍ରଷ୍ଟାଙ୍କର ସାହିତ୍ୟକୃତିର ଅପେକ୍ଷା ରଖେ।

ସାଧନାର ଫଳଶ୍ରୁତି ପ୍ରତିଫଳିତ ହୁଏ ସାହିତ୍ୟିକର ସୃଷ୍ଟିକଳା ମଧ୍ୟରେ। ମୋନାଲିସା ମିଶ୍ରଙ୍କର ଗଳ୍ପବିଭବ ଏହାର ଯଥାର୍ଥ ଉଦାହରଣ। ଗାଳ୍ପିକାଙ୍କର ଅନନ୍ୟ ଗଳ୍ପଗ୍ରନ୍ଥ ମଧ୍ୟରେ 'ବାଘରାତି', 'କେତେଦୂର କୃଷ୍ଣଚୂଡ଼ା', 'ଶିମିଳି ସନ୍ଧ୍ୟା', 'ଦେହ ବର୍ଣ୍ଣାଳୀ ଓ ଡାକି' ଦେଇଯାଏ ସେ ଛାଇ' ପ୍ରଭୃତି ଏବଂ 'ଉଭାନ ଫେରିବାଲା' ତାଙ୍କର କବିତା ସଂକଳନ। କେତେଦୂର କୃଷ୍ଣଚୂଡ଼ା ଗାଳ୍ପିକାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ। ଏଥିରେ ସ୍ଥାନିତ ତେରଗୋଟି ଗଳ୍ପ ବର୍ତ୍ତମାନ ସମୟର ସାମାଜିକ ବାସ୍ତବତାକୁ ଚମତ୍କାର ରୂପ ପ୍ରଦାନ କରେ । ପୁଣି ଏ ସଂକଳନର ଗଳ୍ପଗୁଡ଼ିକରେ ଦର୍ଶନର ଚିତ୍ର ଫୁଟିଉଠିଛି। ତୁଚ୍ଛ ତଥା ସାଧାରଣ ପରିବେଶରୁ ତାଙ୍କ ଗଳ୍ପଗୁଡ଼ିକ ଆରମ୍ଭ ହୁଏ ଏବଂ କ୍ରମଶଃ ଜୀବନର ଏକ ପରିଚିତ କ୍ଷେତ୍ରକୁ ପାଠକକୁ ପହଞ୍ଚାଇ ଦିଏ ଏହାହିଁ ଗାଳ୍ପିକାଙ୍କର କଥା କାରିଗରୀର ବୈଶିଷ୍ଟ୍ୟ।

କଥନଚାତୁରୀ, ନାଟକୀୟତା ତଥା ଲିଖନ ଶୈଳୀରେ ଚମତ୍କାରିତା ମୋନାଲିସା ମିଶ୍ରଙ୍କ ଗଳ୍ପକୁ ଏକ ଭିନ୍ନ ସ୍ୱାଦ ପ୍ରଦାନ କରେ। ଆମର ଦୃଷ୍ଟିର ପରିଧି ମଧ୍ୟରେ ଘଟିଯାଉଥିବା ସତ୍ୟ ଘଟଣା ଉପରେ ସତେ ଯେପରି ସେ ଗଳ୍ପଗୁଚ୍ଛ ଥୋଇ ଦେଇପାରନ୍ତି। ଆଲବମରେ ସାଇତା ହୋଇଥିବା ଗୋଟିଏ ଗୋଟିଏ ଫଟୋ ଦେଖିଲା ପରେ ତା' ସହ ପରିଚିତ ଘଟଣା ମନେ ପଡିଯାଏ। ମୋନାଲିସା ମିଶ୍ରଙ୍କ ଗଳ୍ପ ପାଠକକୁ ସେହିପରି ଚିହ୍ନା ପରିଚିତ ସ୍ମୃତି ରାଜ୍ୟକୁ ନେଇଯାଇଥାଏ। ପାଠକର ଚିନ୍ତା ଚେତନାରେ ଥୋଇଦିଏ ଏମିତି କିଛି ଫଟୋଗ୍ରାଫ, ଯାହା ଦେଖି ସେ ଚମକି ପଡ଼େ। ପ୍ରକୃତରେ ଭଲ ଗଳ୍ପରେ ପାଠକ ତା'ର ପ୍ରତିବିମ୍ବ ଦେଖେ। ତତସହିତ ନିଜ ପରିଚିତ ଜଗତ ସହିତ ଭେଟ ହୋଇ ଚରିତ୍ରମାନଙ୍କୁ ଆପଣାର ମନେ କରେ। ମୋନାଲିସା ମିଶ୍ରଙ୍କ ଗଳ୍ପ ଏହିପରି ପାଠକଙ୍କୁ ବାନ୍ଧି ରଖିପାରେ ନିଜର ଆତ୍ମୀୟତାର ସ୍ନେହସ୍ପର୍ଶ ଭିତରେ। ପ୍ରତ୍ୟହ ସମାଜରେ

ଘଟିଯାଉଥିବା ଦୁର୍ନୀତି,ପାପାଚାର, ଧର୍ଷଣ, ରାଜନୀତି କୁଟନୀତି ଭଳି ଭେଜାଲ କାହାଣୀକୁ ଗଳ୍ପର କାନଭାସରେ ପ୍ରତିଫଳିତ କରିପାରନ୍ତି ଗାଳ୍ପିକା ମିଶ୍ର। ତାଙ୍କର 'କେତେଦୂର କୃଷ୍ଣଚୂଡ଼ା' ଗଳ୍ପ ସଂକଳନ ସମସାମୟିକ ନାରୀ ଜୀବନର ଉତ୍ତର ତା ରଚିତ୍ରକୁ ଚମତ୍କାର ରୂପ ପ୍ରଦାନ କରେ। ସଂକଳନର ପ୍ରଥମ ଗଳ୍ପ ହଳେ ପାଉଁଜିର ରାତିରେ ଆରମ୍ଭ ଅପେକ୍ଷା ଶେଷ ପର୍ଯ୍ୟାୟ ଅତ୍ୟନ୍ତ ଚିତ୍ତାକର୍ଷକ। ମିଛ ମୋହମାୟା ଜାଲରେ ଛନ୍ଦି ହୋଇ ଗଳ୍ପନାୟକ ମଙ୍ଗୁଳି ଦାମ୍ପତ୍ୟ ଜୀବନରେ ମଧୁର ସଂପର୍କର ମୂଲ୍ୟବୋଧକୁ ପାଦ ତଳେ ଦଳିଦେଇଛି। ଏପରିକି ମନର ଭୋକ ମେଣ୍ଟାଇବାକୁ ଯାଇ ଭୁଲିଯାଇଛି ମଧ୍ୟ ନିଜର କର୍ତ୍ତବ୍ୟ। କ୍ଷଣ ମୁହୂର୍ତ୍ତର କାମନାଜ୍ୱାଳାରେ ଛଟପଟ ହେଉଥିବା ମଙ୍ଗୁଳି ସ୍ତ୍ରୀ ମାଳତିର ସରାଗ ଭରା କଥା ଦିପଦକୁ ମଧ୍ୟ ଶୁଣିବାକୁ ନାରାଜ। ତା' ମତରେ ଜୀବନମାନେ ଦାନା ଦରାଣ୍ଡିବା ଆଉ ମନ ଥଣ୍ଡା କରିବା। ଗାଳ୍ପିକା ଲେଖିଛନ୍ତି 'ଜଗୁନି ସାହୁର ବନ୍ଦ କବାଟ ଖୋଲିବାକୁ ହେବ। ନୂଆ ମାଲଟାକୁ ନ ଦେଖିବା ଯାଏ ମନରେ ଶାନ୍ତି ନାହିଁ। ତେଣୁ ଘରେ ଥିବା କଂସା ଗିନାଟିକୁ ସୁଯୋଗ ଉଣ୍ଡି ଚୋରେଇବା ଚକ୍କରରେ ଅଛି ମଙ୍ଗୁଳି। ଶେଷରେ ମାଳତି ପାଦରେ ଥିବା ପାଉଁଜି ଦୁଇଟି କଳେ ବଳେ କୌଶଳେ କରାୟତ କରି ମଙ୍ଗୁଳି ଧାଇଁଛି ଜଗୁନି ସାହୁର କବାଟ ଫିଟେଇବାକୁ।

ସଂକଳନସ୍ଥ 'ସନ୍ଧ୍ୟାଦର୍ଶନ' ହେଉଛି ଏକ ଦର୍ଶନଧର୍ମୀ ଗଳ୍ପ। ଗଳ୍ପନାୟକ ମାନବ ମହାନ୍ତି ଉଚ୍ଚପଦସ୍ଥ ସରକାରୀ ଅଫିସର, ଯାହାଙ୍କ ଜୀବନ ଏକ ବୃତ୍ତାକାର ବଳୟ ମଧ୍ୟରେ ସୀମିତ। ମାନବ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଇଛନ୍ତି ହେଲେ ନିଜ ଭିତରର ଅହଂ ଦୂର କରିପାରିନାହାନ୍ତି। ଗହଳି ଭିତରେ ଝାଳଗନ୍ଧ ହୋଇ ଲୋକେ ଯେ କେତେ ସମୟରୁ ଧାଡ଼ିବାନ୍ଧି ଛିଡ଼ା ହୋଇଛନ୍ତି। ସେହି ଗହଳି ଭିତରେ ନିଜର ବଡ଼ଲୋକିପଣ ପ୍ରତି ସତର୍କ ଗଳ୍ପର ନାୟକ ମାନବ। ଯେ ପର୍ଯ୍ୟନ୍ତ ମାନବ ନିଜକୁ ଜଣଙ୍କ ଭିତରେ ଜଣେ ବୋଲି ଗ୍ରହଣ ନ କରିଛି, ସେ ପର୍ଯ୍ୟନ୍ତ ଗଣଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ କରିପାରିନାହିଁ। ନିଜର ଜୈବିକ ସତ୍ତାକୁ ସମ୍ବଳ କରି ଏତେଦିନପର୍ଯ୍ୟନ୍ତ ସେ ଯେଉଁ ଜୀବନ ବଞ୍ଚୁଥିଲା ତାହା ବ୍ୟକ୍ତି ସତ୍ତା ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି। ଆଭିଜାତ୍ୟର ପରିଧିରୁ ମଧ୍ୟବିତ୍ତ ଗୋଷ୍ଠୀର ଜୀବନଶୈଳୀ ପ୍ରତି ଗାଳ୍ପିକଙ୍କର ଦୃଷ୍ଟି ବେଶ ପ୍ରାସଙ୍ଗିକ ମନେହୁଏ। ଉଚ୍ଚନୀଚ ଭେଦଭାବ ସଂପନ୍ନ ସମାଜରେ ସମାନତା କେତେଦୂର ଯଥାର୍ଥ ତାହା ହିଁ ସୂଚାଇ ଦେଇଛନ୍ତି ଗାଳ୍ପିକ ଆଲୋଚ୍ୟ ଗଳ୍ପରେ।

ସାଂପ୍ରତିକ ଶିକ୍ଷିତ ସନ୍ଦେହୀପ୍ରାଣ ପୁରୁଷସମାଜ ପ୍ରତି ଅବ୍ୟକ୍ତ ବିଦ୍ରୋହର ସ୍ୱର ପୋଷଣ କରେ ତାଙ୍କ ଅନ୍ୟ ଏକ ଗଳ୍ପ। କମଳା ରଙ୍ଗର  ଶାଢ଼ି' ଗଳ୍ପରେ ଯେଉଁ ସମାଜ ନାରୀ ଓ ପୁରୁଷ ଉଭୟଙ୍କୁ ସମାନ ଅଧିକାର ପ୍ରଦାନ କରେ ସେଠାରେ ପୁରୁଷର ଶୃଙ୍ଖଳବିହୀନ ଜୀବନ ଏବଂ ନାରୀ ପାଇଁ ପିଞ୍ଜରାବଦ୍ଧ ଜୀବନ କେତେଦୂର ସ୍ୱୀକାର୍ଯ୍ୟ ତାହା ଚମତ୍କାର ଭାବରେ ଆଲୋଚିତ ହୋଇଛି। ବିବାହ ପୂର୍ବରୁ ଗଳ୍ପର ମୁଖ୍ୟ ଚରିତ୍ର ରୀନୁ ଥିଲା ଏକ ଉଡ଼ନ୍ତା ଚଢେଇ। ମୁକ୍ତ ପବନରେ ସ୍ୱଚ୍ଛ ମନ ଦେଇ ସବୁ କିଛିକୁ ଛୁଇଁଛୁଇଁ ଯାଉଥିବା ଏକ ପବିତ୍ର ଫୁଲ ପରି ରୀନୁ ଦେଖୁଥିଲା ଜୀବନକୁ। ଅନବରତ ଗତିଶୀଳ ରହିବା ଥିଲା ତାର ପ୍ରକୃତି। କିନ୍ତୁ ବୈବାହିକ ଜୀବନର ଆରମ୍ଭରେ ସ୍ୱାମୀ ପୀୟୂଷଙ୍କ ହାତ ଧରି ସେ ଯେଉଁ ଆପାର୍ଟମେଣ୍ଟରେ ଆବଦ୍ଧ କୋଠରୀରେ ପାଦ ଦେଇଛି ତାହା ହିଁ ରୀନୁର ସଂସାର।  ପୀୟୂଷଙ୍କ କବ୍‌ଜାରେ ସେ ଏକ କ୍ଷତାକ୍ତ ପକ୍ଷୀ ଭାବେ ଜୀବନ ବଂଚିବାକୁ ବାଧ୍ୟ। ଅନ୍ୟପକ୍ଷରେ ନିଜର ରୂପ ବଡ଼ିମା ଦେଖାଇ କେତେ ଝିଅଙ୍କର ଗୁଣଗାନ କରୁଥିବା ପୀୟୂଷ ପାଇଁ ନାହିଁ କୌଣସି ପ୍ରକାରର ନିୟମ ବା ଶୃଙ୍ଖଳା। ଏପରିକି ନିଜର ବନ୍ଧୁ ସୁରେଶ ପାଖରୁ ରୀନୁର ପ୍ରଶଂସା ତାକୁ ନେଇଯାଏ ଏକ ସନ୍ଦେହ ଘେରକୁ। ପ୍ରକୃତରେ କେତେ ସହଜରେ ଜଣେ ଜଳିପାରେ। ଯେଉଁ ପୁରୁଷ ନିଜର ସ୍ତ୍ରୀ ପାଖରେ ଅନ୍ୟ ନାରୀର ପ୍ରଶଂସା କରିପାରେ, ସେ ଅନ୍ୟ ପୁରୁଷଠାରୁ ନିଜ ସ୍ତ୍ରୀର ସାମାନ୍ୟ ତାରିଫକୁ ମଧ୍ୟ ସହ୍ୟକରି ପାରୁନାହିଁ। ଦାମ୍ପତ୍ୟ ଜୀବନରେ ଥିବା ପରସ୍ପର ସ୍ନେହ ପ୍ରେମର ସ୍ୱାକ୍ଷର ବହିର୍ଭୂତ ହୋଇପଡ଼ିଛି ଗଳ୍ପର ଭାବବସ୍ତୁ। ପୁଣି ନାରୀ ମନସ୍ତତ୍ତ୍ୱର ସମର୍ଥନ କ୍ଷେତ୍ରରେ ଗାଳ୍ପିକା ପଛଘୁଂଚା ଦେଇନଥିବା ଦେଖାଯାଏ ଗଳ୍ପର ଛତ୍ରେଛତ୍ରେ। ରୀନୁ ଚରିତ୍ର ମାଧ୍ୟମରେ ପୁରୁଷର ଅର୍ନ୍ତଚେତନା ଜନିତ ଦାରୁଣ ଅବସ୍ଥାକୁ ଏହି ଗଳ୍ପରେ ଗାଳ୍ପିକା ଫୁଟାଇପାରିଛନ୍ତି। ତାଙ୍କ ଭାଷାରେ 'ଆମେ ସବୁ ଧାଉଁଥିବା ମଣିଷଗୁଡ଼ିକ ସେମିତି ନା; ଅସରନ୍ତି ଆଶା,ଲୋଭ ଆଉ ଅବିଶ୍ୱାସର ପାହାଡ଼ ପରି ଚାପରେ କେତେଛୋଟ କୀଟ ଟିଏ ପାଲଟିଯାଉ। ଲକ୍ଷ୍ୟ ନଥାଏ, ଦିଗ ନଥାଏ, ଶାନ୍ତି ନଥାଏ, କେବଳ ପ୍ରାପ୍ତି ପାଇଁ ଲହଲହ ଜିଭଟିଏ ଥାଏ।'

ମଣିଷ ଜୀବନର ପ୍ରକୃତ ଦର୍ପଣ ହେଉଛି ତା'ର ରଫ୍‌ଖତା। ଛୋଟବେଳୁ ଯାହା ଆମ ମନରାଇଜରେ ଘର କରେ ତାହା ଆମେ ଗାରେଇ ଦେଉଁ। କାରଣ ଅଙ୍କାବଙ୍କା ଗାର ମଧ୍ୟରେ ଲୁଚି ରହିଥାଏ କିଛି ନା କିଛି ଅର୍ଥ। 'ରଫ୍ ଖାତା' ଗଳ୍ପ ଭିତରେ ନାରୀ ଜୀବନର କେଉଁ ଏକ ଅବ୍ୟକ୍ତ ଚିତ୍ର ଫୁଟି ଉଠିଛି। ଗଳ୍ପନାୟିକା ଜୀବନ ଦୌଡ଼ରେ ଆଗେଇ ଯାଇଥିଲେ ହେଁ କାଗଜପେଟୀ ଭିତରେ ଖୋଜୁ ଖୋଜୁ ହାତରେ ଧରା ଦେଇଛି ତାଙ୍କର ସେହି ପୁରୁଣା ରଫଖାତାଟି। ଯାହାର ପ୍ରତିଟି ପୃଷ୍ଠା ଭିତରେ ସେ  ହଜେଇ ଦେଇଛି ଜୀବନର କେତେ ହସକାନ୍ଦ ଭରା କାହାଣୀ ସବୁ। ଗାଳ୍ପିକଙ୍କ ଲେଖନୀରୁ ମନ କଥା ମନରେ ରଖିଦେଲେ କଥାଟି ମରିଯାଏ ସିନା ମନ ମରେନି, ମନଟିରେ ଏକ ବିରାଟ ଗର୍ତ୍ତ ହୋଇଯାଏ କେବେ ନା କେବେ ସେଠୁ ଉଖାରି ହୋଇ ଧୂଆଁ ବାହାରେ ଆଉ ପୂରା ଜୀବନଟାକୁ ରୁନ୍ଧୁଥାଏ। ନିଜର ମନୋରାଜ୍ୟରେ ଫୁଟେଇଥିବା ଅରୁଣ ନାମକ

ପ୍ରେମର ପ୍ରଥମ ଫୁଲକୁ କାହିଁ କେତେ ସମୟରୁ ରଫଖାତାର କେଉଁ ଏକ ପୃଷ୍ଠାରେ ରଖିଥିବା ରିକ୍କି ସ୍ୱାମୀ ସରିତଙ୍କଠାରୁ ଜାଣିଛି ଯେ ତାର ସିନିୟର ବ୍ୟାଚରେ ପଢୁଥିବା ଅରୁଣ ଏବେ ନୂଆ ଏ.ଜି.ଏମ୍ ଭାବରେ ତାଙ୍କ ଅଫିସକୁ ଆସିଛନ୍ତି ଏବଂ ଆଜିର ଡିନର ପାଇଁ ତାଙ୍କୁ ନିମନ୍ତ୍ରଣ ଦେଇଛନ୍ତି, ସରିତା ଯାହାକୁ ଦିନେ ପ୍ରେମ ନିବେଦନ କରିବାକୁ ଯାଇ ପାଦ କାଢିଥିଲା ରିକ୍କି ଓ କଲେଜର ବଟନିକାଲ ଗାର୍ଡେନରୁ ତୋଳି ଆଣିଥିଲା ଗୋଲାପ ଫୁଲ, ସେଇ ଅରୁଣଙ୍କ ପ୍ରତ୍ୟକ୍ଷ ଦର୍ଶନ କରିବାର ସାହସ ତା' ପାଖରେ ଅଛି ତ? ଦିନ ସରିଯାଏ ଚିହ୍ନ ରହିଯାଏ କଥା ନ୍ୟାୟରେ ରଫଖାତାର କେଇ ପୃଷ୍ଠା ମନେ ପକାଇ ଦିଏ ସେହି ସ୍ମୃତି ସବୁକୁ। କାରୁଣ୍ୟର ଚିତ୍ରକୁ ସୁନ୍ଦର ଭାବରେ ତୋଳି ଧରିବାରେ ସଂକଳନର 'ସୁଟକେଶ' ଗଳ୍ପ ବାସ୍ତବରେ ଅନନ୍ୟ ମନେ ହୁଏ। ନିଜର ମୃତ ପୁଅର ସୁଟକେଶକୁ ଦେଖି ପିତୃହୃଦୟରେ ସୃଷ୍ଟି ହୋଇଛି କାରୁଣ୍ୟ। ତା'ରି ଭିତରେ ସେ ଦେଖିଛନ୍ତି ନିଜ ପୁଅର ଜୀବନକୁ। ଗହଳିପୂର୍ଣ୍ଣ ଟ୍ରେନ୍‌ରେ ଆସୁଥିବା ସମୟରେ ସୁଟକେଶଟି ଯେତେବେଳେ ତାଙ୍କ ପାଖକୁ ପହଞ୍ଚି ଯାଇଛି ସେ ବୁଝି ପାରୁଛନ୍ତି ଜୀବନର ଶେଷ ନାହିଁ। ଏମିତି ଜଣକ ହାତରୁ ଅନ୍ୟ ଜଣକ ହାତକୁ ସୁଟକେଶର ଗତି ପରି ଜୀବନଟା ବି ସେମିତି ଧରାବନ୍ଧା ନିୟମରେ ଆଗେଇ ଚାଲିଛି। ସେହିପରି 'ଶେଷପୃଷ୍ଠା' ଗଳ୍ପରେ ବନାନୀ ଚରିତ୍ରର ସ୍ୱାଭିମାନୀ ନାରୀତ୍ୱର ରୂପ ପ୍ରତିଫଳିତ। ନିଜ ଆତ୍ମବିଶ୍ୱାସ ବଳରେ ଆଦିତ୍ୟଙ୍କର ବିଶ୍ୱାସଘାତକତା ସତ୍ତ୍ୱେ ଦୁଇ ପୁଅଙ୍କୁ ନେଇ ସେ ଯେଉଁ ସଂସାର ଗଢିଥିଲା ତାହା ଭାଙ୍ଗି ଚୁରମାର ହୋଇଯାଇଛି। ପଚିଶବର୍ଷ ତଳେ ଯେଉଁ ପିତା ନିଜର ସନ୍ତାନମାନଙ୍କ ମୁଣ୍ଡରୁ ସ୍ନେହ ସ୍ପର୍ଶର ହାତ ଖସେଇ ଦେଇଥିଲେ ଅର୍ଥର ଲୋଭରେ ଆଜି ସେଇ ପୁଅମାନେ ତାଙ୍କୁ ପୁଣି ଫେରାଇ ଆଣିବାକୁ ଚାହାନ୍ତି। ଆତ୍ମାଭିମାନୀ ନାରୀସତ୍ତା ଏହାକୁ ଗ୍ରହଣ କରିପାରିନାହିଁ, ବରଂ ମୃତ୍ୟୁକୁ ବରଣ କରି ନେଇଛି ପଛେ ନିଜର ସ୍ୱାଭିମାନକୁ ବଳି ଦେଇପାରିନାହିଁ।

ଲାଞ୍ଚଖୋର ମଣିଷକୁ ନେଇ ଦୁନିଆଁ ଚାଲେ। ଯିଏ ସଚ୍ଚୋଟ ଓ ନ୍ୟାୟ ସପକ୍ଷରେ ରହି ଜୀବନ ବଞ୍ଚେ ସେ ସବୁଦିନ ପାଇଁ ତଳେ ରହିଯାଏ। ଉପରକୁ ଉଠିବାକୁ ହେଲେ ଅନ୍ୟର ଗୋଡ଼ଧରି ଖୋସାମତ କରିବାକୁ ହୁଏ। 'ନଟର ହସ' ଗଳ୍ପରେ ବ୍ୟଙ୍ଗ ଧର୍ମୀ ଗଳ୍ପ ଚେତନା ଫୁଟି ଉଠିଥିଲେ ହେଁ ଏହାର ଆଭିମୁଖ୍ୟ ରାଜନୀତିକ ଚିତ୍ର ଉପରେ ପର୍ଯ୍ୟବେସିତ।

ଏତଦଭିନ୍ନ 'ମନ ପ୍ରଜାପତି' ଗଳ୍ପରେ ମିଛ ମରୀଚିକା ପଛରେ ଧାଉଁଥିବା ମଣିଷର ଅପ୍ରାପ୍ତିଜନିତ ବ୍ୟର୍ଥତାର ଚିତ୍ର ଫୁଟିଉଠିଛି ଅଖିଳ ଚରିତ୍ର ମଧ୍ୟରେ। 'ନାଡି ଚାଲିଛି' ଓ 'ବନ୍ଧୁ ଦର୍ଶନ' ଗଳ୍ପରେ ଗାଳ୍ପିକା ଶ୍ରୀମତୀ ମିଶ୍ର କାହାଣୀ ଆଢୁଆଳରେ ମଣିଷର ଜୀବନର ତରଙ୍ଗାୟିତ ରୂପକୁ ଚିତ୍ରିତ କରିଛନ୍ତି। ସେହିପରି 'ଚୁନମୁନର ସକାଳ' ଗଳ୍ପଟି ଚାରିବର୍ଷର ଫୁଟି ଉଠୁଥିବା କଅଁଳ କଳିକା ମନରେ ଥିବା ଅସୁମାରୀ ଆଶାକୁ ଦର୍ଶାଇବାରେ ହୋଇପାରିଛି ସଫଳ। କାହିଁ କେତେ ଦିନରୁ ଖଣ୍ଡିଉଡ଼ା ଦେଉଥିବା କଅଁଳ ଚଢେଇଟେ ପରି ମୁକ୍ତ ଜୀବନକୁ ସେ ଗୋଟିଏ ମୁହୂର୍ତ୍ତରେ ଉପଭୋଗ କରିବାକୁ ଚାହେଁ।

ସଂକଳନର ଶୀର୍ଷକ ଗଳ୍ପ 'କେତେ ଦୂର କୃଷ୍ଣଚୂଡ଼ା' ଏକ ପ୍ରତୀକାତ୍ମକ ଗଳ୍ପ ଭାବରେ ପରିଗଣିତ। ସାଂପ୍ରତିକ ମଣିଷ ଧାଇଁ ଚାଲିଛି ସୁଖ ଆଶାରେ, ଯାହର କି ଅନ୍ତ ନାହିଁ। ଅପ୍ରାପ୍ତିର ଅନୁଶୋଚନା ମଧ୍ୟରେ ଗଳ୍ପନାୟକ ଜୀବନ ଦାସର ଜୀବନ ଗଡିଚାଲିଛି। ଗଳ୍ପନାୟକ ଜୀବନ ଉଚ୍ଚଶିକ୍ଷାନୁଷ୍ଠାନର ଉଚ୍ଚଶିକ୍ଷିତ ଓ ଅତ୍ୟନ୍ତ ମେଧାବୀ ଛାତ୍ର। ମୋଟା ଅଙ୍କର ଦରମାପ୍ରାପ୍ତ ଇଞ୍ଜିନିୟର ହୋଇଥିଲେ ସୁଦ୍ଧା ତାର ଜୀବନରେ ଅସନ୍ତୋଷ ଦୁଃଖର କଳାବାଦଲ ଘୋଟିଯାଇଛି। ଏପରିକି ତା' ଆପାର୍ଟମେଣ୍ଟର ସାମ୍ନା ବାଲକୋନୀରୁ ଗୋଟିଏ ଝିଅ ତାକୁ ପ୍ରତିଦିନ ନିରୀକ୍ଷଣ କରୁଛି ଏତିକି ମଧ୍ୟ ତାକୁ ଜଣାନାହିଁ। ବର୍ତ୍ତମାନ ଯାନ୍ତ୍ରିକ ପରିବେଶ ମଧ୍ୟରେ ମଣିଷ ଧାଉଁଛି ସୁଖ ଆଶାରେ। କୃଷ୍ଣଚୂଡ଼ା ଗଳ୍ପର ସେହି ଦୂରବର୍ତ୍ତୀ ବସ୍ତୁ ଯାହାର ପ୍ରାପ୍ତି ମଣିଷକୁ କେବେ କେତେବେଳେ ହୁଏ ତାହା କେହି କହିପାରନ୍ତି ନାହିଁ। ଧାଁ ଦୌଡ଼ ଜୀବନ ଯାତ୍ରାରେ ଅପ୍ରାପ୍ତିର ସ୍ୱାଦ କାହାକୁ ବା ଜଣାନାହିଁ। ଗାଳ୍ପିକାଙ୍କର ଚମତ୍କାର ଲିଖନଶୈଳୀ ଓ ବର୍ଣ୍ଣନାଚାତୁରୀ ଗଳ୍ପନର ସ୍ୱରୂପକୁ ଚରମ ରୂପ ଦେଇପାରିଛି।

ନାରୀଜୀବନର ଉତ୍ତରଣକୁ ଗାଳ୍ପିକା ନିରେଖି ଦେଖିଛନ୍ତି ସାମାଜିକ ଜୀବନ। ସମୁଦ୍ରର ଜୁଆର ଭଟ୍ଟା ଭଳି ଜୀବନରେ କେବେ ନା କେବେ ମଧ୍ୟରେ ଏଭଳି ପରିସ୍ଥିତି ଆସେ, ଯେଉଁଠି ମଣିଷ ଦେଖେ ନିଜକୁ ଖୋଜେ ନିଜକୁ ଓ ଭୋଗେ ମଧ୍ୟ ନିଜକୁ। କାହାଣୀ ବିହୀନ ଗଳ୍ପ ଲେଖିବାରେ ଗାଳ୍ପିକ ମୋନାଲିସା ମିଶ୍ର ଏହିପରି ଜଣେ ସ୍ରଷ୍ଟା। ସରଳ ସାବଲୀଳ ଭାଷା ସହିତ ନାଟକୀୟତା ଓ ଉତ୍କଣ୍ଠାପୂର୍ଣ୍ଣ କାହାଣୀ ସଂଯୋଜନା ପୂର୍ବକ ଗାଳ୍ପିକା ପାଠକକୁ ଭେଟି ଦେଇଛନ୍ତି ଚିହ୍ନା ଅଚିହ୍ନା କେତେ ରୂପ ଓ ଛାପ। ପୁଣି କେତେକ ଗଳ୍ପରେ କାବ୍ୟିକ ଶୈଳୀର ଘଟିଛି ସମାବେଶ। ମୋଟ ଉପରେ ସମକାଳୀନ ସାମାଜିକ ସୀମାବଦ୍ଧତା ଭିତରେ ଜୀବନ୍ତ ପ୍ରତିଛବି ଆଙ୍କିଦେଇଛନ୍ତି ଗାଳ୍ପିକା ମିଶ୍ର ମହୋଦୟା। ଅସରନ୍ତି ଅପ୍ରାପ୍ତିର ଜୀବନ ହିଁ ମଣିଷର ଏକାନ୍ତ ସହଚର। ଏହି ଯାତ୍ରା ଆଗକୁ ଏହିଭଳି ସଂକୀର୍ଣ୍ଣତାରୁ ଅଣଓସାରିଆ ପଥକୁ ବ୍ୟାପିଯିବ ପଛେ ଶେଷ ହେବ ନାହିଁ। ଯାହାକି ଗାଳ୍ପିକାଙ୍କର ଗଳ୍ପରଚନାର ଅନ୍ତଃସ୍ୱର କହିଲେ ଅତ୍ୟୁକ୍ତି ହେବନାହିଁ।

❖❖❖

# ଗୌରହରିଙ୍କ ଉପନ୍ୟାସରେ ବାମାବାଦୀ ସ୍ୱର



ISSN-2583-6978
Volume-5
Issue-11
NOVEMBER-2024

**ଦୀପ୍ତିମୟୀ ସାହୁ**

**ଗବେଷିକା**
**ଓଡ଼ିଆ ଭାଷା-ସାହିତ୍ୟ ବିଭାଗ**
**ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର**

ବାମାବାଦୀ ସାହିତ୍ୟ ସେହି ପ୍ରକାର ଚରିତ୍ରମାନଙ୍କୁ କେନ୍ଦ୍ରରେ ରଖି ଲେଖାଯାଇଥାଏ ଯେଉଁମାନେ ପ୍ରଚଳିତ ଲିଙ୍ଗଗତ ବିଚାରଧାରାକୁ ବଦଳାଇବା ଲାଗି ଉଦ୍ୟମ କରନ୍ତି। ସମାଜରେ ରହି ଆସିଥିବା ପ୍ରାଚୀନ ଧାରଣା, ବିଶ୍ୱାସ, ପରମ୍ପରା ଇତ୍ୟାଦିକୁ ସେମାନେ ପ୍ରଶ୍ନ କରନ୍ତି ଏବଂ ତାର ପରିବର୍ତ୍ତନ ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରନ୍ତି। ବାମାବାଦୀ ସାହିତ୍ୟର ଧର୍ମ ହେଲା ପୁରୁଷ-ନାରୀ ଭେଦରେ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଥିବା ଅସମାନତା ଓ ବୈଷମ୍ୟର ପରିବର୍ତ୍ତନ।

'The Right Sex' (ଦ ରାଇଟ୍ ସେକ୍ସ) ବହିର ଲେଖିକା ଅମିଆ ଶ୍ରୀନିବାସନ୍ ତାଙ୍କ ବହିର ମୁଖବନ୍ଧରେ ଲେଖିଛନ୍ତି- ""Feminism is not a philosophy, or a theory, or even a point of view. It is a political movement to transform the world beyond recognition. It asks: what would it be to end the political, social, sexual, economic, psychological and physical subordination of women? It answers : We do not know, let us try and see."

(''ବାମାବାଦ ଏକ ଦର୍ଶନ ନୁହେଁ, କିମ୍ବା ଏକ ତତ୍ତ୍ୱ ଏପରିକି ଏହା ଏକ ଦୃଷ୍ଟିଭଙ୍ଗୀ ନୁହେଁ। ଏହା ଏକ ରାଜନୈତିକ ଆନ୍ଦୋଳନ ଯାହା ପୃଥିବୀର ସମ୍ପୂର୍ଣ୍ଣ ରୂପାନ୍ତରଣ ପାଇଁ ଅଭିପ୍ରେତ। ଏହା ପ୍ରଶ୍ନ ପଚାରେ- କଣ କରାଗଲେ ନାରୀକୁ ସମାଜରେ ରହିଥିବା ରାଜନୈତିକ, ସାମାଜିକ, ଅର୍ଥନୈତିକ, ମନସ୍ତାତ୍ତ୍ୱିକ, ଯୌନଗତ ଏବଂ ଶାରୀରିକ ଦାସତ୍ୱରୁ ମୁକ୍ତି ମିଳିବ? ଏହା ପୁଣି ଉତ୍ତର ଦିଏ - ଆମେ ଜାଣିନୁ, ମାତ୍ର ଆମେ ଉଦ୍ୟମ କରିବା ଏବଂ ଦେଖିବା।'')

ଅମିଆ ଶ୍ରୀନିବାସନ ଉତ୍ଥାପନ କରିଥିବା ଏଇ ପ୍ରସ୍ତାବନାରେ ୧୯୪୯ରେ ପ୍ରକାଶିତ କ୍ରାନ୍ତିକାରୀ ଫରାସୀ ଭାଷାର ପୁସ୍ତକ 'ଦ ସେକେଣ୍ଡ ସେକ୍ସ' (ଲେଖିକା: ସିମନ ଦ ବୋଭର) ('The Right Sex' by Simone de Beauvoir)ର ପ୍ରତିଧ୍ୱନି ଶୁଣିବାକୁ ମିଳେ। ବାମାବାଦ ଯେଉଁ ପ୍ରସଙ୍ଗଗୁଡ଼ିକୁ କେନ୍ଦ୍ରରେ ରଖିଥାଏ ତାହା ଅତ୍ୟନ୍ତ ବ୍ୟାପକ, ଏହା ସମଗ୍ର ନାରୀ ସମାଜର ଅସ୍ତିତ୍ୱର ସମସ୍ୟା। ସମାଜର ପ୍ରତ୍ୟେକ କ୍ଷେତ୍ରରେ ରହିଥିବା ଏହି ବୈଷମ୍ୟ, ଅସମାନତା, ଅସ୍ୱସ୍ତିକର ଭେଦଭାବ ନୀତି - ବାସଗୃହର ସୀମିତ ପରିବେଶରୁ ନେଇ ରାଜନୀତି ଓ ନାଗରିକ ଅଧିକାରର ସଂସଦ ପର୍ଯ୍ୟନ୍ତ ବିସ୍ତୃତ।

ଏହି ପୃଷ୍ଠଭୂମିରେ ଗୌରହରି ଦାସଙ୍କ ଉପନ୍ୟାସରେ ବାମାବାଦ ପ୍ରସଙ୍ଗ ଅନୁଶୀଳନ ସାପେକ୍ଷ। ଦୀର୍ଘ ଚାରି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖିଆସୁଥିବା ଏହି ଲେଖକଙ୍କର ଯଦି କେତୋଟି ଉଲ୍ଲେଖନୀୟ ବୈଶିଷ୍ଟ୍ୟ ଥାଏ ତାହା ମଧ୍ୟରୁ ପ୍ରମୁଖ ହେଉଛି ନାରୀର ସମସ୍ୟା ପ୍ରତି ପ୍ରାଥମିକତା। ନାରୀର ସମସ୍ୟା, ତାହାର ସ୍ୱାର୍ଥ, ତାର ସ୍ୱାଚ୍ଛନ୍ଦ୍ୟ ଏବଂ ତାର ସ୍ୱପ୍ନର ଚରିତାର୍ଥତା ପାଇଁ ଏକ ଅନୁକୂଳ ପରିବେଶର ଅନ୍ୱେଷଣ। ଅଦ୍ୟାବଧି ପ୍ରକାଶିତ ସାତଖଣ୍ଡ ଯାକ ଉପନ୍ୟାସରେ ବାମାବାଦର ପ୍ରାଞ୍ଜଳ ଚିତ୍ର ଦେଖିବାକୁ ମିଳିଥାଏ।

ଗୌରହରିଙ୍କ ପ୍ରଥମ ଉପନ୍ୟାସ 'ଛାୟାସୌଧର ଅବଶେଷ'। ଏହା ପ୍ରକାଶ ପାଏ ୧୯୯୬ ମସିହାରେ। ଉପନ୍ୟାସରେ ମିନୁ ଚରିତ୍ର ଦୃପ୍ତ ଅଥଚ ସଂଯତ ପଦପାତରେ ଓଡ଼ିଆ ସାହିତ୍ୟ ଜଗତକୁ ପ୍ରବେଶ କରେ, ଯିଏ ପୁରୁଷପ୍ରଧାନ ସମାଜର ବ୍ୟବସ୍ଥାକୁ ବଦଳେଇଦେବା ପାଇଁ ସ୍ୱର ଉତ୍ତୋଳନ କରେ। ମିନୁ ଗାଁରେ ଅଭିନୀତ ନାଟକଗୁଡ଼ିକରେ ପୂର୍ବରୁ ନାରୀ ଭୂମିକାରେ ପୁରୁଷମାନେ

ଅଭିନୟ କରୁଥିବାବେଳେ 'ମିନୁ' ପ୍ରଥମେ ଏହି ପରଂପରାକୁ ଭାଙ୍ଗିଛି। ସେ ନିଜେ ସୁଲତାନା ରେଜିଆ ଭୂମିକାରେ ଅବତୀର୍ଣ୍ଣ ହୋଇଛି, ରକ୍ଷଣଶୀଳ ଗ୍ରାମବାସୀଙ୍କ ଉନ୍ନାସିକତାକୁ ଭ୍ରୂକ୍ଷେପ ନ କରି। କେବଳ ସେତିକି ନୁହେଁ, ସେପର୍ଯ୍ୟନ୍ତ ପୁରୁଷମାନଙ୍କ ନିୟନ୍ତ୍ରଣରେ ରହିଥିବା 'ଆଖଡ଼ାଘର'ର ଦାୟିତ୍ୱ ମଧ୍ୟ ସେ ନିଜ ହାତକୁ ନେଇ ନୂଆ ନୂଆ ନାଟକର ମଞ୍ଚାୟନ ଆରମ୍ଭ କରିଛି। ମିନୁର 'ଆଖଡ଼ା ଘର' ହୋଇଛି ଏଭଳି ଏକ ସାଂସ୍କୃତିକ ସଂଗଠନ ଯାହା ରାମପୁର ଗାଆଁରେ ପରିଲକ୍ଷିତ ପ୍ରତିଟି ସାମାଜିକ ଅନ୍ୟାୟର ପ୍ରତିବାଦ ପାଇଁ ଆଗଭର ହୋଇଛି। ଏଥିପାଇଁ ମିନୁକୁ ବହୁବାର ଅପନିନ୍ଦା ଭୋଗ କରିବାକୁ ପଡ଼ିଲେ ସୁଦ୍ଧା ମିନୁ ସେଥିରେ ଡରିଯାଇ ନାହିଁ।

ସାମାଜିକ ସଂଗଠନ ପ୍ରତିଷ୍ଠା ଓ ଅଭିନୟରେ ସଂପୃକ୍ତ ହେବା ଭିତରେ ମିନୁ ଚରିତ୍ରର ଯେଉଁ ସାହସୀ ମୁଦ୍ରା ଦେଖିବାକୁ ମିଳିଥାଏ ତାହା ତାର ସ୍ୱାମୀ ସହ ସଂସାର କରିବା ସମୟରେ ମଧ୍ୟ ଦେଖିବାକୁ ମିଳେ। ସାମାଜିକ କ୍ଷେତ୍ରରେ ବିଦ୍ରୋହ କରିଥିବା ମିନୁ ଏଥର ନିଜର ଯୌନ ଅଧିକାର ସାବ୍ୟସ୍ତ ପାଇଁ ଆଗଭର ହୁଏ। ଯୌନଇଚ୍ଛା କେବଳ ପୁରୁଷର ନ ଥାଏ, ନାରୀର ମଧ୍ୟ ଥାଏ। ଏହା ସ୍ୱାଭାବିକ ଭାବେ ଦେହର ଦାବି, ପ୍ରୟୋଜନ। ତାର ପରିପୂର୍ତ୍ତି ପାଇଁ ସ୍ୱାମୀ ଭଳି ସ୍ତ୍ରୀର ମଧ୍ୟ ଅଧିକାର ରହିଛି।

ପୁରୁଷପ୍ରଧାନ ସମାଜ ନାରୀକୁ ତାର ଯୌନଖେଳନା ବୋଲି ଭାବିବସେ, ଯେଉଁଠି ପୁରୁଷ ହିଁ ମୁଖ୍ୟ, ନାରୀ ଏକ କ୍ରୀଡ଼ନକ। ତାର ଇଚ୍ଛା, ଅନିଚ୍ଛା, ଆଗ୍ରହ-ଅନାଗ୍ରହର କୌଣସି ଗୁରୁତ୍ୱ ଏହି ସମାଜ ବିବେଚନା କରେ ନାହିଁ। ସେଥିପାଇଁ ନାରୀକୁ କେତେବେଳେ ରୂପଜୀବୀ, କେତେବେଳେ ରକ୍ଷିତା ବା ଆଉ କେତେବେଳେ ଉପପତ୍ନୀ ଭାବେ ସେ ଦେଖିଆସିଛି। ପତ୍ନୀର ଅଧିକାର ପାଇଥିବା ଅଧିକାଂଶ ନାରୀ ମଧ୍ୟ ନିଜର ଏହି ସଂଗୁପ୍ତ ଆଗ୍ରହର ପରିପୂର୍ତ୍ତି କ୍ଷେତ୍ରରେ ଗୋଟେ ଗୋଟେ ଗୃହପାଳିତ ପ୍ରାଣୀ ପ୍ରାୟ, ତହୁଁ ଅଧିକ ଅଧିକାର ସେମାନେ ଜାହିର କରିପାରନ୍ତି ନାହିଁ। ବାମାବାଦୀ ସାହିତ୍ୟର ଗୋଟେ ଦିଗ ହେଉଛି 'ମୋ ଶରୀର ମୋର, ଏହା ଉପରେ କେବଳ ମୋର ଅଧିକାର' - ଏହାର ପ୍ରତିଷ୍ଠା। ଏ କଥାକୁ ଭାରତୀୟ ସମାଜ ଗ୍ରହଣ କରେ ନାହିଁ। ସେଥିପାଇଁ ବାମାବାଦୀ ସାହିତ୍ୟ ଏହାର ପ୍ରତିବାଦ କରେ।

'ଛାୟାସୌଧର ଅବଶେଷ'ର ମିନୁ ନିଜର ଯୌନଇଚ୍ଛାର ପୂର୍ଣ୍ଣତା ପାଇଁ ଆଗ୍ରହ ଦେଖାଇବା କଥାକୁ ତା ସ୍ୱାମୀ ବା ସମାଜ କେହି ଯଥାର୍ଥ ଢଙ୍ଗରେ ଗ୍ରହଣ କରିନାହାନ୍ତି। ସେମାନଙ୍କ ଦୃଷ୍ଟିରେ ମିନୁ ହୋଇପଡ଼ିଛି ଏକ ସ୍ୱୈରିଣୀ, ତାପରେ ଡାଆଣୀ। 'ଡାଆଣୀ' ପରି ଅପବାଦ ମଧ୍ୟ ପୁରୁଷକୈନ୍ଦ୍ରିକ ସମାଜର ଏକ ଉଦ୍ଭଟ ଉଦ୍ଭାବନ, ଯାହାର ଶରବ୍ୟ ପ୍ରାୟତଃ ନାରୀ। ପ୍ରଥମେ ସାମାଜିକ ଅଧିକାର ଓ ତାପରେ ଯୌନ ଅଧିକାର ପାଇଁ ଆଗ୍ରହ ପ୍ରଦର୍ଶନ କରିଥିବା ମିନୁ କିନ୍ତୁ ସମାଜ ଦ୍ୱାରା ନିର୍ଯାତିତା ହୁଏ। ପରିଣତିରେ ନିଜକୁ ସେ ଆବିଷ୍କାର କରେ ଏକ ବେଶ୍ୟାକୋଠୀରେ। ମାତ୍ର ଏହି ପରିସ୍ଥିତିକୁ ଶେଷ କଥା ଭାବରେ ସେ ଗ୍ରହଣ କରିନିଏ ନାହିଁ, ବରଂ ନିଜ ଛାତିର ରକ୍ତ ଦେଇ ବେଶ୍ୟାପଡ଼ାକୁ ଅଣାଯାଇଥିବା କିଶୋରୀଟିକୁ ସେ ମୁକ୍ତି ଦିଏ, ସ୍ୱାଧୀନତା ଦିଏ।

ଗୌରହରିଙ୍କ ମିନୁ ଚରିତ୍ର ଏକ କରୁଣ ମାତ୍ର ଦୁର୍ବଳ ଚରିତ୍ର ନୁହେଁ। ତା ସମୟଠାରୁ ଢେର୍ ଆଗରେ ରହିଥିବା ଏଇ ପିତୃମାତୃହୀନ ନାରୀ ଜଣକ ନିଜର ଜୀବନ, ଯୌବନ ଓ ସ୍ୱପ୍ନ ବିନିମୟରେ ପରିବର୍ତ୍ତନ ଆଣିବାକୁ ଚାହିଁଛି ସମାଜରେ ଏବଂ ଅନ୍ୟର ଜୀବନରେ।

ଗୌରହରିଙ୍କ ଦ୍ୱିତୀୟ ଉପନ୍ୟାସ 'ନିଜ ସାଙ୍ଗେ ନିଜର ଲଢ଼େଇ'ରେ ବାମାବାଦୀ ଆତ୍ମଚିନ୍ତନ ପ୍ରସଙ୍ଗଟି ତାତ୍ପର୍ଯ୍ୟପୂର୍ଣ୍ଣ। ଏଠାରେ ଆଧୁନିକ ମଣିଷର ସେହି ପୁରୁଣା ପ୍ରଶ୍ନ ଯାହା ଉଇଲିୟମ୍ ସେକ୍ସପିୟର ତାଙ୍କ ନାଟକ 'ହାମଲେଟ'ରେ ଉପସ୍ଥାପିତ କରିଛନ୍ତି 'ଝକ୍କ ଭର କ୍ଟକ୍ଷ ଭକ୍ଟଷ୍ପ ଶ୍ବକ୍କ ଭର' ''ଏହା କରିବି ନା କରିବି ନାହିଁ'' ଉତ୍‌ଥାପିତ ହୋଇଛି। ସମଗ୍ର ଉପନ୍ୟାସରେ ମୁଖ୍ୟ ଚରିତ୍ର ଦ୍ରୌପଦୀ ନିଜ ସହ ନିଜେ ସଂଘର୍ଷ କରିଛି - ସେ ଅନ୍ୟାୟକୁ ଦେଖି ନିଜର ସ୍ୱାର୍ଥ ପାଇଁ ନିରବ ରହିଯିବ ନା ନିଜର ସ୍ୱାର୍ଥକୁ ବଳି ଦେଇ ଅନ୍ୟାୟର ପ୍ରତିବାଦ କରିବ। ଶେଷକୁ ସେ ନିଜ ସହ ନିଜର ଲଢ଼େଇରେ ଜୟଯୁକ୍ତ ହୋଇଛି ଏବଂ ସତ୍ୟ ପ୍ରକାଶ କରିବାପାଇଁ ନିଜର ପରିବାରର ନିରାପତ୍ତା ପ୍ରସଙ୍ଗକୁ ପଛକୁ ଠେଲିଦେଇଛି। ଆତ୍ମବଳି ବା ଆପଣାର ସ୍ୱାର୍ଥତ୍ୟାଗ ବିନା ସମାଜରେ ପରିବର୍ତ୍ତନ ଆସିପାରିବ ନାହିଁ। ଦ୍ରୌପଦୀ ଚରିତ୍ର ଏ କଥାଟିକୁ ଉଚ୍ଚକଣ୍ଠରେ ଘୋଷଣା କରିଛି।

ଗୌରହରିଙ୍କ ଅନ୍ୟ ଉପନ୍ୟାସ 'ଏଇଠୁ ଆରମ୍ଭ' ନିଜର ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା ଲାଗି ନାରୀର ସଂଘର୍ଷ ଓ ସଫଳତାର ଏକ ମାର୍ମିକ ଉପସ୍ଥାପନା। ଏହି ଉପନ୍ୟାସର ମୁଖ୍ୟଚରିତ୍ର ଉର୍ବଶୀ ଏକ ଶକ୍ତିଶାଳୀ ଚରିତ୍ର। ଜନ୍ମ ସମୟରୁ ସେ ଲିଙ୍ଗଗତ ବୈଷମ୍ୟର ଶିକାର ହୋଇଛି। ତାର ପିତା ଝିଅ ଜନ୍ମ ହେବା ଚାହୁଁ ନ ଥିଲେ। ସେଥିପାଇଁ ସେ ଯେତିକି ସ୍ନେହଶ୍ରଦ୍ଧା ପାଇବା କଥା ପାଇନାହିଁ। ରାଜନୈତିକ କାରଣରୁ ତାକୁ ଏଭଳି ଜଣେ ଲୋକ ସହ ବିବାହରେ ଛନ୍ଦି ଦିଆଯାଇଛି ଯିଏ ବାସ୍ତବରେ ଏକ ରୁଗ୍‌ଣ ମାନସିକତାର ଶିକାର। ପତ୍ନୀର ଅଧିକାର ନ ଦେବା ପାଇଁ ଉର୍ବଶୀକୁ ତା ସ୍ୱାମୀ ପାଗଳୀ ଆଖ୍ୟା ଦେଇ ପାଗଳ ଗାରଦରେ ଛାଡ଼ିଦେଇଆସେ। ସେଇଠୁ ବାହାରି ରାଜନୀତିକୁ ରାଜନୀତିରେ ମୁକାବିଲା କରିବା ପାଇଁ ଉର୍ବଶୀ ଯେଉଁଭଳି ଛଳ, ବଳ ଓ କୌଶଳର ପ୍ରୟୋଗ କରି ସଫଳ ହୋଇଛି ତାହା ବିଂଶ ଶତକର ଜଣେ ଅଧିକାର ସଚେତନ ମହିଳା ପାଖରୁ ହିଁ ଆଶା କରାଯାଇପାରେ। ଉର୍ବଶୀ ଶେଷ ପର୍ଯ୍ୟନ୍ତ କଷ୍ଟ ସହିଛି, ମାତ୍ର ଯେତେବେଳେ ଉପଲବ୍ଧି କରିଛି ଯେ କଣ୍ଟାର ଜବାବ କଣ୍ଟାରେ ହିଁ

ଦେବାକୁ ପଡ଼ିବ - ସେତେବେଳେ ସେ ଆଉ ପଛକୁ ଫେରି ଚାହିଁନାହିଁ।

ରାଜନୈତିକ ଦାବି ସାବ୍ୟସ୍ତ ସହିତ ପୁରୁଷପ୍ରଧାନ ରାଜନୀତି ସଫଳ ହେବା ପାଇଁ ଉର୍ବଶୀର ଉଦ୍ୟମ ମାଧ୍ୟମରେ ଲେଖକ ବାମାବାଦୀ ଆଭିମୁଖ୍ୟର ସଫଳ ପ୍ରୟୋଗ କରିଛନ୍ତି ଏହି ଉପନ୍ୟାସରେ।

'କେତେ ରଙ୍ଗର ଜୀବନ' ଉପନ୍ୟାସରେ ଲେଖକ ନାରୀର ଲଢ଼େଇକୁ ଆଉ ଏକ ସ୍ତରକୁ ନେଇଯାଇଛନ୍ତି। ନାରୀଟିଏର ଜୀବନ କେବଳ ଘରର ଚାରିକାନ୍ଥ ଭିତରେ ବିତେଇବାଲାଗି ଉଦ୍ଦିଷ୍ଟ, ସେ ଅସୂର୍ଯ୍ୟଂପଶ୍ୟା, ସେ ଅବଳା-ଦୁର୍ବଳା - ପର ଉପରେ ନିର୍ଭରଶୀଳା; ଏହି ଧରଣର ରୂଢ଼ିବାଦୀ ଧାରଣା ଉପରେ କୁଠାରାଘାତ କରିଛି ଏହି ଉପନ୍ୟାସର କାବେରୀ। ସେ ବାଣିଜ୍ୟ-ବ୍ୟବସାୟ ବା କର୍ପୋରେଟ୍ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣିତ କରି ନାରୀ ଯେ ବୈଷୟିକ ଜଗତରେ ମଧ୍ୟ ନିଜର ପ୍ରାଧାନ୍ୟ ସାବ୍ୟସ୍ତ କରିପାରିବ ତାହାର ଉଦାହରଣ ଉପସ୍ଥାପନ କରିଛି। ଉଭୟ ମନସ୍ତାତ୍ତ୍ୱିକ ଏବଂ ସାମାଜିକ ଦୁଇ ହଳ ସମାନ୍ତରାଳ କାହାଣୀକୁ ନେଇ ଗଢ଼ିଉଠିଥିବା 'କେତେ ରଙ୍ଗର ଜୀବନ' ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏକ ଉଲ୍ଲେଖନୀୟ କୃତି। ଏହି ଉପନ୍ୟାସର ରାଜଶ୍ରୀ ରକ୍ଷଣଶୀଳ, ପରଂପରାବାଦୀ ମାନସିକତାର ପ୍ରତିନିଧିତ୍ୱ କରୁଥିବାବେଳେ କାବେରୀ ଆଧୁନିକ, ପ୍ରଗତିଶୀଳ ଏବଂ ବାମାବାଦୀ ଚେତନାର ପ୍ରତିନିଧିତ୍ୱ କରିଅଛି।

ଗୌରହରିଙ୍କ ଉପନ୍ୟାସ 'ସାରାଂଶ' ଆଧୁନିକ ସମୟର ନଗରୀକରଣ, ଶିଳ୍ପାୟନ ଏବଂ ବିସ୍ଥାପନ ସମସ୍ୟା ପୃଷ୍ଠଭୂମିରେ ଲିଖିତ ଏକ ସାମାଜିକ ଉପନ୍ୟାସ। ଏହାର ମୁଖ୍ୟ ନାରୀଚରିତ୍ର ନିଶିଗନ୍ଧା ଏଥିରେ ସମୂହ ସ୍ୱାର୍ଥ ପାଇଁ ଯୁଦ୍ଧର ସାମ୍ନାକୁ ଲମ୍ଫ ପ୍ରଦାନ କରି ଜୀବନ ବଳି ଦେଇଛି। ତା ବିଚାରରେ ଯେତେଦିନ ପର୍ଯ୍ୟନ୍ତ ସମାଜର ଅଧାରୁ ଅଧିକ ସଂଖ୍ୟା ବିଶିଷ୍ଟ ନାରୀ ସମାଜ କୌଣସି ଆନ୍ଦୋଳନରେ ସାମିଲ ହୋଇନାହିଁ ସେତେଦିନ ପର୍ଯ୍ୟନ୍ତ ସେ ଆନ୍ଦୋଳନ ସଫଳ ହେବନାହିଁ। ଏହି ଉପନ୍ୟାସଟି ମଧ୍ୟ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନ କରିଥିବା ଉପନ୍ୟାସ - ଯହିଁରେ ପରିସ୍ଥିତି ଚକ୍ରରେ ମାଳତୀ ପରାଜୟକୁ ଗ୍ରହଣ କରିନେଉଥିବାବେଳେ ନିଶିଗନ୍ଧା ସାଧାରଣରୁ ଅସାଧାରଣ ଚରିତ୍ର ପାଲଟି ଯାଇଛି। ତାର ବ୍ୟକ୍ତିତ୍ୱ ପାଟପୁର ଗ୍ରାମର ସଭିଙ୍କ ମନ କିଣିନେଇଛି। ଅଧିକାଂଶ ବ୍ୟକ୍ତି ତା ଦ୍ୱାରା ଉପକୃତ ହୋଇଛନ୍ତି। ଖଳଚରିତ୍ରମାନେ କିନ୍ତୁ ନିଶିଗନ୍ଧାକୁ ନିନ୍ଦିତ କରିବାକୁ ପଛେଇନାହାନ୍ତି। ଏ ପ୍ରକାର ଅପପ୍ରଚାରରେ ବିଚଳିତ ହୋଇ ସେ କିଛି କାଳ ଲାଗି ପଳାୟନ କରିଥିଲେ ମଧ୍ୟ ବିବେକର ତାଡ଼ନାରେ ପୁଣି ଫେରିଆସିଛି। ପାଟପୁର ଗାଆଁକୁ ପୁଞ୍ଜିପତି, ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ଦଲାଲମାନଙ୍କ ଶ୍ୱେନଦୃଷ୍ଟିରୁ ରକ୍ଷା କରିବାଲାଗି ପ୍ରାଣପାତ ଉଦ୍ୟମ କରିଛି। ତାଆରି ତ୍ୟାଗ ଯୋଗୁଁ ଗାଁଟି ବଞ୍ଚିଯାଇଛି।

ଗୌରହରି ଦାସଙ୍କ 'ବିଡ଼ମ୍ବିତ ଅଭିସାର' ବାମାବାଦୀ ଚେତନାର ଏକ ଉଜ୍ଜ୍ୱଳ ଇସ୍ତାହାର। ମହାଭାରତର ଏକ ଗୌଣ ଚରିତ୍ର ମାଧବୀଙ୍କ ଜୀବନକୁ ନେଇ ଲେଖାଯାଇଥିବା ଏହି ଉପନ୍ୟାସର କାହାଣୀ ସରଳରୈଖିକ ନୁହେଁ। ବିଶ୍ୱାମିତ୍ର ଶିଷ୍ୟ ଗାଲବଙ୍କର ଗୁରୁଦକ୍ଷିଣା ଦେଇ ପାରିବାର ଅସାମର୍ଥ୍ୟ ପ୍ରସଙ୍ଗରୁ ଆରମ୍ଭ ଏହି ଉପନ୍ୟାସର କାହାଣୀରେ ମାଧବୀ କିନ୍ତୁ ମୁଖ୍ୟ ଚରିତ୍ର ଯାହାଙ୍କୁ ତାଙ୍କର ପିତା ଦାନ ଅର୍ଥ, ଭର୍ତ୍ତା ଗାଲବ ଅଶ୍ୱ ସଂଗ୍ରହର ମାଧ୍ୟମ ଏବଂ ଅପୁତ୍ରକ ତିନି ତିନି ଜଣ ରାଜା ପୁତ୍ରଲାଭ ପାଇଁ ପ୍ରୟୋଜନ ଗର୍ଭାଶୟ ଭାବେ ବ୍ୟବହାର କରନ୍ତି। ଏହି ଉତ୍ପୀଡ଼କ ଜୀବନକୁ ମାଧବୀ ଗ୍ରହଣ କରିଛି ଗୋଟିଏ ସ୍ୱପ୍ନରେ - ଦିନେ ଗାଲବ ତାକୁ ପତ୍ନୀ ରୂପେ ସ୍ୱୀକାର କରି ବିବାହ କରିବ। ମାତ୍ର ତାର ସେ ଅଭିସାର ବିଡ଼ମ୍ବିତ ହୁଏ, କାରଣ ଗୁରୁ ବିଶ୍ୱାମିତ୍ରଙ୍କ ଅଙ୍କଶାୟିନୀ ହୋଇଥିବା ଦୋଷରୁ ସେ ଏବେ ତାଙ୍କର ଗୁରୁମାତା ବୋଲି ଯୁକ୍ତି ବାଢ଼ନ୍ତି ଗାଲବ। ବାମାବାଦର ସ୍ୱର ଏଇଠି ତୀବ୍ର ହୁଏ ଯେତେବେଳେ ମାଧବୀ କହନ୍ତି -

''ନାରୀ ଏକ ସ୍ୱାଧୀନ ବ୍ୟକ୍ତିସତ୍ତା। ମାତା, ପିତା, ଭ୍ରାତା, ସନ୍ତାନ କାହା ଉପରେ କାହା ଉପରେ ସେ ନିର୍ଭରଶୀଳା ନୁହେଁ। ଯଦି କେହି ଭାବିଥାଆନ୍ତି ଯେ ମୁଁ ସେମାନଙ୍କ ଉପରେ ନିର୍ଭରଶୀଳା ତାହାହେଲେ ଆଜିଠାରୁ ମୁଁ ସେମାନଙ୍କୁ ମୁକ୍ତି ଦେଉଛି।''

ଆକାରରେ କ୍ଷୁଦ୍ର ଏହି ଉପନ୍ୟାସ 'ବିଡ଼ମ୍ବିତ ଅଭିସାର'ର ବାମାବାଦୀ ଆବେଦନ ଅତ୍ୟନ୍ତ ଦୃପ୍ତ, ଦୁର୍ବିନୀତ ଏବଂ ପ୍ରାଞ୍ଜଳ।

**ସହାୟକ ଗ୍ରନ୍ଥସୂଚି:**

୧.	ଦାସ ଗୌରହରି : ପଞ୍ଚପର୍ବ (ଉପନ୍ୟାସ ସଂକଳନ), ପ୍ରକାଶକ: ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ପ୍ରଥମ ସଂସ୍କରଣ-୨୦୧୯)

୨.	ଦାସ ଗୌରହରି- ସାରାଂଶ, ପ୍ରକାଶିକ, ବିଦ୍ୟାପୁରୀ, କଟକ, ପ୍ରଥମ ସଂସ୍କରଣ-୨୦୨୧

୩.	ଦାସ ଗୌରହରି- ବିଡ଼ମ୍ବିତ ଅଭିସାର, ପ୍ରକାଶକ- ପକ୍ଷୀଘର ପ୍ରକାଶନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୨୩।

❖❖❖

# ଛିନ୍ନ ଡେଣାର ଭିନ୍ନ ଶିକୁଳିରେ ଛଟପଟ ନାରୀ ସ୍ୱପ୍ନର ଧ୍ୱଂସସ୍ତୁପ ପରିଣାମ ଯଶୋଧରା ମିଶ୍ରଙ୍କ ପକ୍ଷୀ ଜନ୍ମ ଉପନ୍ୟାସ



ISSN-2583-6978
Volume-5
Issue-11
NOVEMBER-2024

ତୋଷବନ୍ତ ମେହେର

ଗବେଷକ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ସ୍ୱପ୍ନ, ସମ୍ଭାବନା ଓ ସଂଘାତମୟ ଜୀବନର ପ୍ରାପ୍ତି-ଅପ୍ରାପ୍ତିକୁ ନିଜ ଲେଖନୀର ନିଶୁଣିରେ ସମାଜରେ ପ୍ରଦର୍ଶିତ କରିପାରିଥିବା ସତୁରୀ ଦଶକର ସମକାଳୀନ ଲେଖିକାଙ୍କ ମଧ୍ୟରେ ଯଶୋଧାରା ମିଶ୍ର ଏକ ସୁପରିଚିତ ନାମ। ଜଣେ ସଫଳ କଥାଶିଳ୍ପୀ ଭାବରେ ସେ ଓଡ଼ିଆ ସାହିତ୍ୟର ସୃଜନ ଭଣ୍ଡାରକୁ ପରିପୁଷ୍ଟ କରିବା ସହିତ ବହୁ ସମ୍ମାନ ଓ ସ୍ୱୀକୃତିର ଅଧିକାରିଣୀ ହୋଇଥିବା ଯଶୋଧାରା ମିଶ୍ର ସମଗ୍ର ଓଡ଼ିଶାର ପାଠକଙ୍କ ନିକଟରେ ଖୁବ୍ ଆପଣାର ମନେ ହୁଅନ୍ତି। କେବଳ ଓଡ଼ିଶାରେ ନୁହେଁ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରେ ମଧ୍ୟ ତାଙ୍କ ସୃଜନ ସମ୍ଭାର ସେଠାକାର ପାଠ୍ୟଖସଡ଼ାର ଅନ୍ତର୍ଭୁକ୍ତ ହୋଇଛି। ଏପରିକି ଅଧିକାଂଶ ଭାରତୀୟ ଭାଷା ଓ କେତେକ ବିଦେଶୀ ଭାଷାରେ ତାଙ୍କ ଲେଖାମାନ ଅନୁଦିତ ହୋଇଛି। ପୁନଶ୍ଚ ଇଂରାଜୀରେ ଅନୁଦିତ ଗଳ୍ପ-କବିତାମାନ ବିଶେଷତଃ ଅନ୍ତରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ସଂକଳନମାନଙ୍କରେ ସ୍ଥାନ ପାଇଛି। ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କ କଲମର ସ୍ପର୍ଶ ଓଡ଼ିଆ ସାହିତ୍ୟ ଓ ପାଠକ ହୃଦୟରେ କଲ୍ଲୋଳ ସୃଷ୍ଟି କରେ। ତନ୍ମଧ୍ୟରୁ 'ମୁହଁସଞ୍ଜ', 'ଶ୍ରେଷ୍ଠଗଳ୍ପ', 'ରେଖାଚିତ୍ର', 'ଦେଖଣାହାରି', 'ଜହ୍ନରାତି', 'ଦ୍ୱୀପ ଓ ଅନ୍ୟାନ୍ୟ ଗଳ୍ପ', ଆଦି ଗଳ୍ପ ସଂକଳନ ସହିତ 'ଇଷ୍ଟରୂପ', 'ଓଦାମାଟିର ପାଦଚିହ୍ନ', 'ପକ୍ଷୀଜନ୍ମ' ଭଳି ଉଚ୍ଚକୋଟୀର ଉପନ୍ୟାସ ପାଇଁ ସେ ବେଶ ପାଠକପ୍ରିୟ ହୋଇପାରିଛନ୍ତି। ଏହାବ୍ୟତୀତ 'ନିଶୁଣିର ସାହି', 'ବିଧ୍ୱସ୍ତ ନାରୀଟିଏ', 'ସେତୁବନ୍ଧ', 'ଯାତ୍ରିକ', ଆଦି ଅନୁବାଦିତ ଲେଖା ତାଙ୍କ ଲେଖନୀର ବିଭାମଣ୍ଡନ କରେ। ତାଙ୍କ ରଚିତ ଗଳ୍ପମାନ ଝଙ୍କାର, ସମାବେଶ, ସୁଚରିତା, ମାନସ ଆଦି ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଛି । ଆଲୋଚ୍ୟ 'ପକ୍ଷୀଜନ୍ମ' ଉପନ୍ୟାସଟି ଧାରାବାହିକ ଭାବେ ଓଡ଼ିଶାର ସ୍ୱନାମଧନ୍ୟ ପତ୍ରିକା 'ସୁଚରିତା' ରେ ପ୍ରକାଶ ପାଉଥିଲା।

ନୀଳ ଆକାଶରେ ମୁକ୍ତ ଭାବରେ ଉଡ଼ି ଯାଉଥିବା ପକ୍ଷୀଟିକୁ ଦେଖି ଯେ କେହି ବି କହି ଦେଇପାରନ୍ତି 'ଆଃ ପକ୍ଷୀ ଜୀବନରେ କି ଶାନ୍ତି ! ମାନବ ଜନ୍ମ ପାଇ ନାନା ଯାତନା ଓ ଦୁଃଖର କଷଟି ପଥରରେ ପେଶୀ ହୋଇ ଯାଉଥିବା ଲୋକ ପାଇଁ ପକ୍ଷୀର ଭାବନା ହୁଏତ ସୁଖକର ବୋଲି ତର୍କଣା କରାଯାଇପାରେ। କିନ୍ତୁ ପକ୍ଷୀଟି ଯେଉଁ ସ୍ୱପ୍ନ ଓ ସମ୍ଭାବନାରେ ମୁକ୍ତ ଭାବରେ ଆକାଶରେ ଉଡ଼ିପାରେ; ତାହା କଣ ସତ ହୁଏ କି ? ତଥାପି ସେ ଡେଣା ମେଲି ଉଡୁଥାଏ। ଉଡ଼ିବାର ବି ଗୋଟିଏ ଆନନ୍ଦ ଥିବ। ଯଶୋଧାରା ମିଶ୍ରଙ୍କ ଉପନ୍ୟାସ 'ପକ୍ଷୀଜନ୍ମ' ଏହି ଭାବଧାରାକୁ ନେଇ ଉପଜିବ୍ୟ ହେଲା ପରି ବୋଧ ହୁଏ; କିନ୍ତୁ ଅବିକଳ ତାହା ନୁହେଁ। ଉପନ୍ୟାସର ନାୟିକା କାନ୍ତି ପାଇଁ ଏହା ଅଗ୍ନିପରୀକ୍ଷା ମାତ୍ର। ନାରୀ ଜୀବନ ଓ ସ୍ୱପ୍ନକୁ ନେଇ ରଚିତ ହୋଇଥିବା ଏହି ଉପନ୍ୟାସରେ ପାଠକ ତାହା ନିଶ୍ଚୟ ଅନୁଭବ କରିପାରିବେ।

ଭାଇ ବାହାଘର ପାଇଁ କାନ୍ତି ବାପଘରକୁ ଆସିଛି। ମନରେ ତା'ର ଅସମାହିତ ପ୍ରଶ୍ନ ଓ ଆଶଙ୍କା। କିଛି ବର୍ଷ ତଳେ ସ୍ୱାମୀକୁ ହରାଇ ଦେଇଥିବା କାନ୍ତି ଶ୍ୱଶୁରଘରେ ସାମାଜିକ ନିୟମାନୁଯାୟୀ ଯେଉଁ ସମ୍ମାନ ଓ ସ୍ୱୀକୃତି ବୈଧବ୍ୟ ବରଣ କରିଥିବା ଜଣେ ନାରୀକୁ ମିଳିବା କଥା ତାହା ତ ସେ ପାଇଛି, ଅଥଚ ବିଧବାର ଆକାଂକ୍ଷିତ ଇଚ୍ଛା ଓ ଅଭିପସାକୁ ବୁଝିବା ପାଇଁ ମଣିଷଟେ ପାଇ ନାହିଁ କି କାହାକୁ ବୁଝାଇ ମଧ୍ୟ ପାରି ନାହିଁ। ଏକ ଯୌଥ ପରିବାର ମଧ୍ୟରେ ଆତ୍ମୀୟ ସ୍ୱଜନ ଓ ସମ୍ପର୍କୀୟଙ୍କ ମଧ୍ୟରେ ବି ନାରୀର ସ୍ଥିତି ଓ ସ୍ୱୀକୃତି ପାଇଁ ଯେଉଁ ସ୍ଥାନ ଟିକକ ଲୋଡ଼ା ତାହା ମିଳେ କି ? ଆଉ ବିଧବା ଭାଗ୍ୟରେ ତ ତାହା ସ୍ୱପ୍ନ। ଯଶୋଧାରା ମିଶ୍ର ସମାଜ ସଚେତନ ଶିଳ୍ପୀ ଅପେକ୍ଷା

ନାରୀ ମନର ବାସ୍ତବ ଜୀବନର ଶିଳ୍ପୀ ରୂପେ ଉପନ୍ୟାସର ଭାବମର୍ମ ସହ ସଂଶ୍ଳିଷ୍ଟ। ବିଧବା ଜୀବନର ଦୁଃଖ ଓ ଯାତନାକୁ ଓଡ଼ିଆ ସାହିତ୍ୟରେ ବହୁ ଉପନ୍ୟାସ ପାଠକ ପଢିଛନ୍ତି। ଏପରିକି ବିଧବାର ଦୁଃଖକୁ ପ୍ରଶମିତ କରିବାର ପ୍ରଚେଷ୍ଟା ସହ ତା'ର ଜୀବନ ପରିଧିକୁ ଅନେକ ରଚନାରେ ସ୍ପଷ୍ଟ ଭାବେ ଚିତ୍ରଣ କରାଯାଇଛି। କିନ୍ତୁ ଯଶୋଧାରା ମିଶ୍ରଙ୍କ 'ପକ୍ଷୀଜନ୍ମ' ଉପନ୍ୟାସ ଏହାର ଏକ ବ୍ୟତିକ୍ରମ ଅଟେ। ବିଧବା ନାରୀର ନିର୍ଯ୍ୟାତନା ରୋକିବା ପାଇଁ ନିବାରଣ ପନ୍ଥା ଅବଲମ୍ବନ କରାଯାଏ, ତା'ର ପୁନଃ ବିବାହ ପାଇଁ ସାମାଜିକ ସ୍ୱୀକୃତି ନିମନ୍ତେ ଦାବି ଉଠେ, ପୁଣି ପୁନଃ ବିବାହ ନ ହେବା ଯାଏ ଧଳା ଶାଢ଼ୀ ପିନ୍ଧି ଜୀବନ କାଟିବା ପାଇଁ ବାଧ୍ୟ କରାଯାଏ, ସୁଯୋଗ ଓ ସମର୍ଥନ ପାଇଲେ ବିଧବା ନାରୀ ପୁଣି ସିନ୍ଦୂର ପିନ୍ଧିବାର ସୌଭାଗ୍ୟ ଲାଭ କରେ- ଏ ସବୁ ଚିତ୍ର ସମକାଳରେ ରଚିତ କେତେକ ଉପନ୍ୟାସରେ ଦେଖିବାକୁ ପାଇବା। ପକ୍ଷୀଜନ୍ମ ଉପନ୍ୟାସରେ ସେସବୁ ନାହିଁ। ବରଂ ଅଛି ବୈଧବ୍ୟ ଜୀବନର ଯନ୍ତ୍ରଣାକୁ ଉପଶମ କରିବା ପାଇଁ ଲୋଡ଼ା ଯେତିକି ଶ୍ରଦ୍ଧାର ମଲମ, ବଞ୍ଚିବା ପାଇଁ ମୁକ୍ତ ଓ ସ୍ୱାଧୀନ ଜୀବନର ଅଭିନବ ଚିନ୍ତନ।

ଭାଇ ବାହାଘରକୁ ଆସିଥିବା ଅନେକ ଅତିଥିଙ୍କ ମଧ୍ୟରେ ବି ନିଜକୁ ସବୁବେଳେ ନିଃସଙ୍ଗ ଓ ସ୍ୱତନ୍ତ୍ର ମନେ କରିଛନ୍ତି କାନ୍ତି। ସାନ ଭଉଣୀ ସୁନୀତି (ସୁନା) ଅଳ୍ପପାଠ ପଢିଥିଲେ ମଧ୍ୟ କାନ୍ତିର ମନକଥା ବୁଝିପାରନ୍ତି। କାନ୍ତି ବାପଘର ହେଉ ଅବା ଶାଶୁଘର, କେଉଁଠି ବି ନିଜ ଅଧିକାର ଦାବି କରି ନାହାଁନ୍ତି। ଉପନ୍ୟାସରେ ଚିତ୍ରିତ ତିନୋଟି ମୁଖ୍ୟ ନାରୀ ଚରିତ୍ର କାନ୍ତି, ସୁନା ଓ ସୁମତି ନିଜନିଜ ସ୍ୱପ୍ନକୁ ସାକାର କରିବା ପୂର୍ବରୁ ସ୍ତୁପ କରି ଦେଇଛନ୍ତି। ସୁନା ହୁଣ୍ଡୀଟାଏ ବୋଲି କୌଣସି ପ୍ରଥା-ପରମ୍ପରାରେ ପରିବାର ଲୋକେ ତାକୁ ସେତେଟା ଆକଟ କରନ୍ତି ନାହିଁ। ତଥାପି ସେ ନିଜର ସ୍ୱପ୍ନ ସଜାଡ଼ିବାରେ ବେଶ ଖୁସି ପାଏ। ଅନ୍ୟ ପକ୍ଷେ କାନ୍ତିଙ୍କ ମାଉସୀ ଚିନୁ ଯିଏ ନିଜ ପୁଅ ସହ କାନ୍ତିର ବାହାଘର କରାଇବେ ବୋଲି ମନସ୍ଥ କରିଥିଲେ ହେଁ ତାଙ୍କ ପୁଅର ଅନ୍ୟତ୍ର ବାହାଘର ହେବା ପରେ କାନ୍ତି ପ୍ରତି ସେ କେବେ ବିତୃଷ୍ଣା ଭାବ ଦେଖାଇ ନାହାଁନ୍ତି। ନିଜ ମା' ଠାରୁ ଅଧିକ ସ୍ନେହ ଓ ମନୋବଳ କାନ୍ତି ଚିନୁ ମାଉସୀଙ୍କ ଠାରୁ ପାଇଛନ୍ତି। ବାହାଘର ଭୋଜିରେ ବିଧବା ନାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ସ୍ଥାନ ରଖାଯାଇଥିଲା। କାନ୍ତି ଲଜ୍ଜାବଶତଃ ଅନ୍ୟତ୍ର ଉଠି ଯିବାକୁ ଉଦ୍ୟତ ହେବାରୁ ସେଦିନ ମାଉସୀ କହିଥିଲେ - "ହଉ ହଉ ତୁ ଖାଇପକା ଚୁପଚାପ। ଭୁଲରେ ତ ବସିଗଲୁ। କଣ କରିବା ସେଠୁ ?" ସେ ହିଁ ବୁଝିଥିଲେ କାନ୍ତି ମନର ଅନ୍ତଃବେଦନା। କାନ୍ତିର ସାନ ଭଉଣୀ ସୁନା କୌଣସି ଗୋଟିଏ ମୁହୂର୍ତ୍ତ ବି କାନ୍ତିକୁ ଏକା ଛାଡ଼ିବାକୁ ନାରାଜ। କୁଣିଆଙ୍କ ଭିତରେ କାନ୍ତିର ଅଧିକାର ଓ ସ୍ଥାନକୁ ସେ ପରୋକ୍ଷରେ ଜାହିର କରି ସବୁ କ୍ଷେତ୍ରରେ କାନ୍ତିକୁ ଅବିଚଳିତ ରହିବା ସକାଶେ ପ୍ରେରଣା ଦେଇ ଆସିଛି। ଅଳ୍ପପାଠ ଓ ଚପଳା ସୁନା ହୁଣ୍ଡୀ ଭଳି ଭାବ ପ୍ରଦର୍ଶନ କଲେ ସୁଦ୍ଧା ନାରୀ ମନର ବେଦନା ଓ ଅଧିକାରକୁ ସେ ଯେତେ ବୁଝିଥିଲେ କାନ୍ତି ଜୀବନରେ ଆସିଥିବା କୌଣସି ମଣିଷ ସେତେ ବୁଝି ପାରି ନ ଥିଲେ। ସେଥିପାଇଁ ସେଦିନ ସୁନା କାନ୍ତି ସପକ୍ଷରେ ଯୁକ୍ତି ବାଢ଼ି କହିଥିଲା- "ନାନୀ, ତୁ ବିଧବା ହୋଇ ଏକୁଟିଆ ରହିବୁ । ମୁଁ ବି ବାହା ନ ହୋଇ ସାରା ଜୀବନ କାଟିଦେବି। ତୁ ବି ମୋ ପରି ସାଧାରଣ ହୋଇ ରହିଲେ କ୍ଷତି କଣ ? ଏମିତି ଅକାରଣୁ ସମସ୍ତଙ୍କୁ ଅଲଗା ବେଶବାସ ହୋଇ ପେଖନା କରିବା କଣ ଦରକାର ଯେ ?"

ଆମ ସମାଜରେ ନାରୀକୁ ତୁଚ୍ଛାଟାରେ ବାହ୍ୟ ଦେଖାଣିଆ ସମ୍ମାନ ମିଳେ, ଅଥଚ ଅସହାୟା ନାରୀ ପାଇଁ ତାହା ଏକ ତାଚ୍ଛଲ୍ୟ ଏ କଥା କିଏ ବୁଝିଛି ? କାନ୍ତି ପିଲାଦିନେ ଯାହା ଥିଲା ଆଜି ବି ତାହା। କେବଳ ସମ୍ପର୍କ ଓ ସମୟ ବଦଳି ଯାଇଛି। ତା' ଆଖିରେ ତିନୋଟି ସ୍ୱପ୍ନର ଭଙ୍ଗା ସ୍ତୁପ ମଶାଣିରେ ଧୂଆଁ କାଠ ଭଳି ମନେ ହୋଇଛି। ଗୋଟିଏ ପଟେ ଦୁଇ ସନ୍ତାନ ଟୁକୁ ଓ ରିନିଙ୍କ ଭବିଷ୍ୟତ ପାଇଁ ଏକାକୀ ପ୍ରଯତ୍ନ କରିବା, ଅତୀତରେ ହଜାଇ ଦେଇଥିବା ପ୍ରେମିକ ପ୍ରଦୀପକୁ ମନେ ପକାଇ ସୁଦ୍ଧା ପରିବାରରେ ମଧୁ ମରୀଚିକା ପରି ଅଭିନୟ କରି ଜୀବନ ବଞ୍ଚିବା ଓ ଶେଷରେ ନିଜ ଗୋଡ଼ରେ ଛିଡା ହୋଇ ଅନ୍ୟ ପ୍ରତି ନିର୍ଭରଶୀଳ ନ ହୋଇ ଚାକିରୀ ଖଣ୍ଡେ ପାଇଁ ସଂଘର୍ଷ କରିବା। ଆଇ ମା ଅପା ସୁମତିକୁ ପୂଜାପାଠରେ ବେଶ ପ୍ରଶଂସା କରନ୍ତି। ସୁନାକୁ ହୁଣ୍ଡୀ ବୋଲି କହି ତା'ର ସକଳ ଦୋଷକୁ ଅଣଦେଖା କରି ଦିଆଯାଏ। କିନ୍ତୁ କାନ୍ତି ପାଇଁ ତିଆରି ହୁଏ ମପାଚୁପା ଶବ୍ଦ ଓ ସୀମିତ ପରିବେଶ। ଭାଉଜ ଆସିବା ପରେ କାନ୍ତି ରହୁଥିବା ରୁମଟିକୁ ଭାଉଜଙ୍କ ଜିନିଷ ପତ୍ର ରହିବ ବୋଲି ବ୍ୟବସ୍ଥା କରାଗଲା। କାନ୍ତିକୁ ଭିନ୍ନ ଏକ ପରିବେଶରେ ରହିବାକୁ ପଡ଼ିଲା। କାନ୍ତିର ଅନ୍ତର୍ବେଦନା ସମସ୍ତେ ଜାଣନ୍ତି, ତଥାପି ତା' ପ୍ରତି ମିଛ ସମ୍ବେଦନା ଓ ପ୍ରତିଶ୍ରୁତି କମେ ନାହିଁ। ଏ ପ୍ରକାର ତାଚ୍ଛଲ୍ୟ ଓ ଯାତନା ଏବେକାର ନୁହେଁ; ପିଲାଦିନେ କାନ୍ତି ପରେ ସୁନାର ଜନ୍ମ ହେଲା ବୋଲି ସୁନା ଭାଇ ଆଣିଛି କହି ତା ପିଠିରେ ଚନ୍ଦନ ଲଗେଇ ଦିଆଯାଇଥିଲା ପରିବାର ପକ୍ଷରୁ। ସେହି ଅଧିକାର ସୁନା ଏବେ ବି କରେ ମୁଁ ଭାଉଜ ଆଣିଛି ବୋଲି। ଯେଉଁଦିନ ଆଇ ମା କାନ୍ତିକୁ ଉପେକ୍ଷା କରି ସୁନା ସପକ୍ଷରେ କହିଥିଲେ - "ତା ପିଠିରେ ଆଉ କୁଆଡୁ ଚନ୍ଦନ ଲାଗିବ ? ତା ପିଠିରେ ପରା ଆସିଛୁ ତୁ।" ଏହି ନ୍ୟାୟରେ ଭାଉଜଙ୍କୁ ଆଣିବା ଦାୟିତ୍ୱ ସୁନାର ଥିଲା। ଏଥିପାଇଁ ତିଳେ ମାତ୍ର ଦୁଃଖ ନ ଥିଲା କାନ୍ତିର ମନରେ।

ନିତ୍ୟପ୍ରତିଦିନ ନାରୀ ଭୋଗୁଥିବା ଯାତନାକୁ ସମାଜ ଦେଖିପାରେ, ବରଂ ତା ଠାରୁ ଅଧିକ ଯାତନା ଯେ ଡେଣା ଛିଣ୍ଡି ଯାଇଥିବା ପକ୍ଷୀର ସ୍ୱପ୍ନ ନୀଳ ଆକାଶରେ ଉଡ଼ିବାର ଅଭିଳାଷଟି ମରିଯିବାରେ ଥାଏ;

ତାହା କେହି ବୁଝନ୍ତି ନାହିଁ। ପ୍ରଦୀପକୁ ପାଇ ପାରିଥିଲେ କାନ୍ତି ଆଜି ତା'ର ବୈଧବ୍ୟ ରୂପ ଦେଖି ନ ଥାନ୍ତା। ସେହି ସମାନ ଦୁଃଖ ସୁନାର ମଧ ଥିଲା। ଅଥଚ ସେ କାହାକୁ କିଛି ନ କହି ମିଛ ହସ ହସିବା ଶିଖିଯାଇଥିଲା ଓ ସମସ୍ତଙ୍କ ସହ ମିଶିଯାଇଥିଲା। କିନ୍ତୁ ରାତ୍ରିର ଗାଢ଼ ଅନ୍ଧାକାର ଭିତରେ ବିଜୟକୁ ମନେ ପକାଇଲା ବେଳେ ତା ହୃଦୟ କାନ୍ଦି ଉଠୁଥିଲା। ବିଜୟ କାନ୍ତି ଦୃଷ୍ଟିରେ ଖରାପ, ସୁନା ସହ ବି ତାର ସମ୍ପର୍କ ଅବୈଧ, ତଥାପି ସୁନା ତା ପାଖରେ ରହି ସବୁଖୁସି ପାଉଥିଲା। ନିଷ୍ପାପ ଓ ଅବୋଧ ସୁନା ମନରେ ସାମାଜିକ ରୀତି ଓ ନିୟମ ସହଜରେ ପଶେ ନାହିଁ। ବିଜୟ ତା ପ୍ରତି ଅନ୍ୟାୟ କଲେ ବି ସୁନା ତା'ର ସ୍ୱପ୍ନର ଦୁନିଆରେ ଉଡ଼ି ବୁଲି ବେଶ ଖୁସି ପାଉଥିଲା। କିନ୍ତୁ ପରେ ବିଜୟ ଠାରୁ ବିଚ୍ଛେଦ ହୋଇ ସୁଦ୍ଧା ସେ ମିଛ ହସରେ ଜୀବନର ରଙ୍ଗୀନ ସ୍ୱପ୍ନର ଅଟ୍ଟାଳିକା ତିଆରି କରୁଥିଲା ଯେପରି। ଭାଗ୍ୟର ବିଡ଼ମ୍ବନା, ସୁନା ପାଇଁ ପାତ୍ର ଖୋଜିବା, ତାର ଇଚ୍ଛାର ସମ୍ମାନ ଦେବା ପାଇଁ ପାରିବାରିକ ସମ୍ମତି ଥିଲେ ହେଁ କେହି ତାକୁ ହୃଦବୋଧ କରି ନ ଥିଲେ। ଦିନେ ସୁନା ଅସହାୟ ଭାବେ କାନ୍ତି ଆଗରେ ମୁହଁ ଖୋଲି ତା ମନ କଥା କହିଥିଲା- "ତୁ କଣ ସତରେ ଭାବୁଛୁ ନାନୀ, ମୁଁ ଆଉ ଟିକିଏ ପାଠ ପଢିଥିଲେ ଭଲ ଘରବରଟା ଜୁଟି ଯାଇଥାନ୍ତା ?" ଏହି ସଂଳାପ ବ୍ୟକ୍ତ କରେ ନାରୀ ମନର ଅସହାୟ ଓ ସ୍ତୁପ ହେବାକୁ ଯାଉଥିବା ସ୍ୱପ୍ନଭଗ୍ନ ରୂପକୁ। ତଥାପି ସୁନା ପାଦରେ ଝୁଣ୍ଟିଆ ପିନ୍ଧୁଥିଲା। ମଥାରେ ସିନ୍ଦୂର ବି ଲଗାଉଥିଲା। କିଏ କଣ ଭାବିବ କିମ୍ବା ବିଜୟ ସ୍ମୃତିରେ ତାହା କରୁଥିଲା ସେ କଥା ନୁହେଁ, ସେ ଖୁସିରେ ସାଧବ ବୋହୂର ରୂପକୁ ଆଇନାରେ ଦେଖିବାକୁ ଭଲ ପାଉଥିଲା। ସେତେବେଳକୁ ବିଜୟର ସ୍ମୃତିକୁ ମଧ ଜଳନ୍ତା ଜୁଇରେ ଜାଳି ଦେଇ ସ୍ତୁପ କରି ସାରିଥିଲା। ନାରୀ ମନର ସଂଗୁପ୍ତ ଭାବନା ଓ ଦୁଃଖ ସେ ନିଜେ ଅକ୍ଳେଶରେ ସହିଯାଏ ସିନା, ସହିବାର ପର ମୁହୂର୍ତ୍ତର ବେଦନା ଅତ୍ୟନ୍ତ ଅସହ୍ୟ ହୋଇପଡ଼େ।

ଜୀବନ ଥିଲେ ହଜାରେ ସ୍ୱପ୍ନ ଓ ଖୁସିକୁ ସାଉଁଟିବାକୁ କାହାକୁ ବା ଭଲ ନ ଲାଗେ ? ସବୁ କଣ ସତ ଓ ସମ୍ଭବ ହୁଏ ? ସୁମତି ଜୀବନରେ ବି ତାହା ହିଁ ହେଲା। କୈଳାଶକୁ ପାଇବାର ସମସ୍ତ ସୁଯୋଗ ଥାଇ ସୁଦ୍ଧା ସେ ଅନ୍ୟତ୍ର ବାହା ହୋଇଥିଲା। କାରଣ ସୁମତିର ଇଚ୍ଛା ଓ ସ୍ୱପ୍ନକୁ ସଜାଡିବାରେ ପରିବାର ମଧରେ କାହାର ସମୟ କି ସମର୍ଥନ ବି ନ ଥିଲା। ସେଥିପାଇଁ କାନ୍ତି ସୁମତି ସପକ୍ଷରେ କହି ଉଠିଥିଲେ – "ତମେ ସୁମତି ନାନୀର ମନ କଥା ନ ଜାଣି, ନ ପଚାରି କେମିତି ଏତେ କଥା ଠିକ କରି ଯାଇଛ ତା' ଲାଗି ? ତାକୁ ନ ପଚାରି ଅନ୍ୟ ଜାଗାରେ ବରଘର ଠିକ କରୁଛ କେମିତି ?" ଯେଉଁ କୈଳାଶ ସୁମତି ପାଇଁ ତାଙ୍କ ଘରକୁ ଆସୁଥିଲେ, ଆଇ ମା'ଙ୍କୁ ପୂଜାରେ ସାହାଯ୍ୟ କରୁଥିଲେ ସେହି କୈଳାଶ ମଧ ଅଦିନରେ ସୁମତି ଠାରୁ ଦୂରେଇ ଯାଇଥିଲେ। ଅଥଚ ସୁମତି ମଧ ଏ ବିଷୟରେ ନୀରବ ଯେପରି ତାଙ୍କ ଜୀବନରେ ଆଦୌ କୌଣସି ପୁରୁଷ ଆସି ନ ଥିଲେ। ଉପନ୍ୟାସଟିକୁ ଆମୂଳଚୂଳ ପାଠ କଲେ ମନେ ହୁଏ, ଚିନୁ ମାଉସୀ, ମା' ହରଣ୍ମୟୀ, କାନ୍ତି, ସୁନା, ସୁମତି ଏହି ପାଞ୍ଚଟି ନାରୀ ଚରିତ୍ର ନିଜେ ନିଜର ସ୍ୱପ୍ନକୁ ସ୍ତୁପ କରିଦେଇ ଜଣେ ଅନ୍ୟର ସ୍ୱପ୍ନକୁ ପୁଣି ସଜାଡ଼ିବାରେ ଲାଗିଛନ୍ତି। ପକ୍ଷୀର ନୀଡ଼ ଭାଙ୍ଗିଗଲେ ନୂଆ ନୀଡ଼ଟିଏ ଗଢି ପକାଏ ତା'ର ଥଣ୍ଟ ଓ ଡେଣାରେ ଶକ୍ତି ଥିବା ଯାଏ। ମାତ୍ର ଡେଣା ବିହୀନ ପକ୍ଷୀ କଣ ବା କରିପାରେ ! ଯଶୋଧାରା ମିଶ୍ର ଏ ସବୁ ଚିତ୍ର ଓ ଚରିତ୍ରକୁ ଏପରି ଭାବେ ଆଙ୍କିଛନ୍ତି ଯେ, ହରିବନ୍ଧୁଙ୍କ ପରିବାରରେ ବଞ୍ଚୁଥିବା ଏହି ପକ୍ଷୀମାନେ ବସା ହରାଇ ନୂଆ ନୀଡ଼ର ସନ୍ଧାନରେ ସୁନୀଳ ଆକାଶର ସ୍ୱପ୍ନ ମାତ୍ର ଦେଖିପାରନ୍ତି; କିନ୍ତୁ ସେ ଆକାଶକୁ ଛୁଇଁବା ତ ଦୂରର କଥା ଚାହିଁବା ବି ସମ୍ଭବ ହୋଇ ନାହିଁ ସେମାନଙ୍କ ଜୀବନରେ। ଯାହା ଏହି ଉପନ୍ୟାସରୁ ସୁସ୍ପଷ୍ଟ। ହରିବନ୍ଧୁଙ୍କ ପରିବାରରେ ଥିବା ଶୁଆଟି ମରିଯିବା ପରେ ଏଇ ନିକଟରେ ଛୋଟ ଛୁଆଟି କାଉର କ୍ରୁରତାରୁ କୁନି ଶୁଆଟିକୁ ରକ୍ଷା କରି ତା'ର ରକ୍ତାକ୍ତ ଶରୀରରେ ମଲମ ଲଗେଇ ବଞ୍ଚେଇ ପାରିଥିଲା। ତାଙ୍କ ଘରେ ପାଳିତା ଏହି ଶୁଆ ହିଁ ଥିଲା କାନ୍ତି ବେଦନାର ଆଦ୍ୟ ପ୍ରତୀକ। ରମୁ ଶୁଆକୁ ଯାହା ଶିଖାଇଥିଲା ତାହାର ଶେଷ ପରିଣାମ ହିଁ ହରିବନ୍ଧୁଙ୍କ ପରିବାରରେ ଲକ୍ଷଣୀୟ।

ସବୁ କଷ୍ଟ ଭିତରେ ଜୀବନ ବଞ୍ଚିବା ଶିଖିଯିବା ଓ ଥରେ ଶିଖିଗଲା ପରେ ପୁଣି ଭୁଲିଯିବାକୁ ବାଧ ହେବାର ଯନ୍ତ୍ରଣାକୁ ହୁଏତ ସମାଜ ଦେଖି ନ ଥିବ। କାନ୍ତି ବି ତାହା ହିଁ କରୁକରୁ ତା'ର ଜୀବନ ଆହୁରି ଦୁର୍ବିସହ ହୋଇପଡ଼ିଛି। କୁହାଯାଏ ଅତୀତ କଷ୍ଟଦାୟକ ହେଲେ ତାକୁ ଭୁଲିଯିବା ଠିକ। ବାରମ୍ବାର ମନେ ପଡ଼ିଲେ ତାକୁ ନା ଭୁଲି ହୁଏ ନା ନୂଆ ଜୀବନଟିଏ ବଞ୍ଚି ହୁଏ ? କାନ୍ତି, ସୁନା, ସୁମତି ଏହି ତିନୋଟି ଚରିତ୍ର ନାରୀମନର ମନସ୍ତତ୍ତ୍ୱ ଓ ଅନ୍ତର୍ବେଦନାକୁ ସବୁବେଳେ ପରିବାର ଆଗରେ ସ୍ମରଣ କରାଇଥାଏ। ସେମାନଙ୍କ ଅତୀତକୁ ନେଇ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ସେଥିରେ ପୁଣି ଅସମର୍ଥନର ସୂଚନା ନାହିଁ, ବରଂ ମନେ ପଡ଼ିଲେ ତା'ର ପରିସ୍ଥିତି କେତେ ଯନ୍ତ୍ରଣାସିକ୍ତ ହୋଇପଡ଼େ- ଏହା ଉପନ୍ୟାସଟିକୁ ଅଶ୍ରୁ ସଜଳ କରିଦିଏ।

ଏ ତ ଗଲା କାନ୍ତି, ସୁମତି, ସୁନା ପରି ନିରୀହା ଓ ଅବହେଳିତା ନାରୀମନର ଅକୁହା କଥା ଓ ସ୍ୱପ୍ନର ଶିଥିଳତା। କିନ୍ତୁ କାନ୍ତିଙ୍କ ମା' ହିରଣ୍ମୟୀ ମଧ ପ୍ରଥା ଓ ପରମ୍ପରା ଭିତରେ ନିଜକୁ ମାପିଚୁପି ଶାଶୁଘରେ ଚଳିବାରେ କମ ଅନୁଶାସନର ଅର୍ଗଳି ଭେଦ କରି ନାହାଁନ୍ତି। ପରିବାରର ପ୍ରଥା ପରମ୍ପରା ଓ ଆଭିଜାତ୍ୟକୁ କାୟମ୍ ରଖିବା ଗୋଟିଏ ଗୃହସ୍ଥି ନାରୀ ପାଇଁ ଯେତିକି ଲୋଡ଼ା, ତା' ଭିତରେ ଆପଣାର ସ୍ୱାର୍ଥ ବୋଲି କିଛି ନ ଥାଏ। ବାପଘରେ ଝିଅର ଅଳି-ଅର୍ଦ୍ଦଳି ଶାଶୁଘରେ ଆଉ ନ ଥାଏ। ସେଥିପାଇଁ କାନ୍ତି ବାପଘରକୁ ଆସି ବୋଧହୁଏ

ଆଉ ଶାଶୁଘରକୁ ଫେରିଯିବାକୁ ଇଚ୍ଛା କରି ନ ଥିଲେ। କାରଣ ଆପଣା କୁଟାକାଠିରେ ଗଢ଼ା ସ୍ୱପ୍ନ ଭାଙ୍ଗିଗଲା ପରେ ସେ ଆଉ କେଉଁ ସ୍ୱପ୍ନ ନେଇ ଶାଶୁଘରେ ନିଜର ଅଣ୍ଟା ଛିଡ଼ା କରି ରହିବେ ? ଚିନୁ ମାଉସୀ, ବିନି ମାଉସୀ, ବଡ଼ ମା, ଆଇ ମା, ବାପା, ସୁନା, ସୁମତି, ନୂଆ ଭାଉଜ ବୀଣା ସମସ୍ତଙ୍କ ଗହଣରେ ଥାଇ ବି ବସାହରା ପକ୍ଷୀ ପରି ସେ ନିଃସଙ୍ଗ ଓ ନିରଭିମାନୀ ହୋଇ ଯାଇଥିଲେ। ଏହି ଦୁରବସ୍ଥା ହିରଣ୍ମୟୀଙ୍କ ଜୀବନରେ ବି ଆସିଥିଲା କିନ୍ତୁ ଭାଗ୍ୟ ଓ ସମୟର ବୁଲାଣି ହିରଣ୍ମୟୀଙ୍କୁ ସୁଭାଗିନୀ ତ କରିଦେଲା ଅଥଚ ସୁନନ୍ଦିନୀ କରି ପାରିଲା ନାହିଁ। ରେଭେନ୍ସା ଗାର୍ଲ ସ୍କୁଲରେ ଭଲ ପାଠ ପଢୁଥିଲେ, ଅଧାରୁ ପାଠ ଛାଡ଼ି ବାହା ହୋଇଛନ୍ତି ହିରଣ୍ମୟୀ ଦେବୀ। ଦିଦିଙ୍କ ଠାରୁ ପ୍ରାପ୍ତ ବଙ୍ଗଳା ଉପନ୍ୟାସ କେତୋଟିକୁ ନିଜ ଶୈକ୍ଷିକ ଜୀବନର ଅବଶିଷ୍ଟ ଆୟୁଷ ମନେ କରି ଶାଶୁଘର ଚାଲି ଆସିଥିଲେ। ପାଠପଢ଼ା ସ୍ୱପ୍ନ ତ ଲିଭିଗଲା, ଅବଶିଷ୍ଟ ସଉକ ଓ ଇଚ୍ଛା ବୋଲି ଯେତିକି ସେ ପିଲାଦିନୁ ରଖି ଆସିଥିଲେ ତାହା ବି ମରିଗଲା ସେଦିନ, ଯେଉଁଦିନ ତାଙ୍କ ଶାଶୁ କଟକି ଡ୍ରେସ ଛାଡ଼ି ମଠାଲୁଗାର ପିନ୍ଧିବାକୁ କହିଲେ। ସାରାଜୀବନ ଓଢ଼ଣା ତଳେ ମୁହଁ ଢାଙ୍କି ଜୀବନ କାଟିବାକୁ ପରାମର୍ଶ ଦେଲେ। ହୁଏତ ଓଡ଼ିଆ ଘରର ପ୍ରଥା ଓ ପରମ୍ପରାର ସମ୍ମାନକୁ ସେ ବଜାୟ ରଖି ପାରିଥିଲେ, ଅନ୍ୟ ପକ୍ଷେ ଆପଣାର ଖିଆଲି ମନର ଖୁସିକୁ କେବେ ଠୁ ସେ ମାରି ସାରିଥିଲେ। ଏ ପରମ୍ପରା କାନ୍ତି ପ୍ରତି ମଧ ଲାଗୁ ହୋଇଥିଲା। କୁଞ୍ଚ ମାରି ଶାଢ଼ୀ ପିନ୍ଧିବା ବାଧ ହେଲା। ଯେଉଁଠି ସ୍ୱପ୍ନ ଦେଖା ହେଉ ହେଉ ମରିଯାଏ ସେଇଠି ଆତ୍ମବିଶ୍ୱାସ ବୋଲି କିଛି ରହେ ନାହିଁ। ଚିନୁ ମାଉସୀ ସେଥିପାଇଁ କାନ୍ତିକୁ ସ୍ୱପ୍ନ ନ ଦେଖାଇ ଜୀବନ ସଜାଡ଼ିବାକୁ ପରାମର୍ଶ ଦେଇ ତାଗିଦ କରି କହୁଥିଲେ – "ପାଠଶାଠ ପଢ଼ି, ବୁଦ୍ଧି ବିବେକ ପୋଡ଼ି ଖାଇ ଖାଲି ଦେଖାଶୁଣା ନୀତି ନିୟମ ମାନିଲେ ଲୁହ ଗଡେଇଲେ ମୁଁ ଢଙ୍ଗ କହେ ତାକୁ। ଏମିତି ପାପକୁ ଡରିବୁ ଯଦି ଡର, ତୋ ପିଲାଙ୍କ ସହିତ ତୁ ଚୁଲି ପାଉଁଶ ହୋଇଗଲେ ବି କେହି ପଚାରିବେ ନାଇଁ। ଛେଉଣ୍ଡ ପିଲାଙ୍କୁ ଭସେଇ ଦେଇ, ମାଆଟିକୁ ସ୍ୱାମୀ ଚିତାରେ ପକେଇ ଦେଇ ତ ପୁଣି ଆମ ଲୋକ ପୁଣ୍ୟ ଅର୍ଜି ଦେଉଥିଲେ 'ସତୀ' ଟି ପାଇଁ। ସେମିତି ପୁଣ୍ୟ ଦରକାର କି ତୋର ?" ଏଇଠି ମନେ ପଡ଼ିଯାଏ କୁନ୍ତଳା କୁମାରୀ ସାବତଙ୍କ 'କାଳୀବୋହୂ' ଉପନ୍ୟାସ କଥା। ଲକ୍ଷ୍ମୀ ସ୍ୱାମୀ ଚାଲିଯିବା ପରେ ନାନା ସାମାଜିକ କଟକଣା ଓ ପରିବାର ପ୍ରିୟଜନଙ୍କ ଠାରୁ ନିର୍ଯ୍ୟାତନା ଭୋଗ କରିଥିଲେ। କିନ୍ତୁ ଯଶୋଧାରା ମିଶ୍ରଙ୍କ ଏହି ଉପନ୍ୟାସରେ କାନ୍ତି ସେ ପ୍ରକାର ଦୁଃଖ ଭୋଗ କରି ନାହାଁନ୍ତି। ବରଂ ସ୍ୱାଧୀନ ଦେଶରେ ପରାଧୀନ ମନର ଉଦବେଳନ ଓ ଇଚ୍ଛା ଅପୂରଣ ହେବାର ଦୟନୀୟ ଦୁଃଖକୁ ସେ କେତେ ବା ସହ୍ୟ କରନ୍ତି ? କାନ୍ତି ବାପଘରକୁ ଆସି ଏ ପ୍ରକାର ମାନସିକ ଉଦବେଳନ ଭିତରେ ଜୀବନ କଟାଉଛନ୍ତି। କିନ୍ତୁ ସୁମତି ପୂର୍ବରୁ ସଚେତନ। ଯେଉଁଠି ଆଶାର ଡେଣା ନାହିଁ, ସ୍ୱପ୍ନର ଆକାଶ ନାହିଁ, ସେଠି ଉଡିବା ଅଭିଳାଷ ନେଇ ଗଛ ଡାଳରେ ବସା ବାନ୍ଧି ରହିବାର ବି କି ପ୍ରୟୋଜନ ଥାଏ ? ସୁମତି ଭାଇ ବାହାଘରକୁ ନ ଆସିବା ନିମନ୍ତେ ଡେଲିଭେରୀ ବାହାନା କରିବା ଏକ ସ୍ୱାଭାବିକ କଥା। ମାତ୍ର ସେ ଜାଣନ୍ତି ନିଜ ଇପସୀତ ମଣିଷକୁ ନ ପାଇ ଅନ୍ୟତ୍ର ବାହା ହେବା ପରେ ଶାଶୁଘରେ ତାଙ୍କ ସ୍ଥିତି କିଏ ଦେଖୁଛି ?

ପାଠକେ ଏଠି ଲକ୍ଷ୍ୟ କରିବେ, କାନ୍ତି ବାହା ହୋଇ ବିଧବା ହେବା ପରେ ଯେଉଁ ମାନସିକ ଉଦବେଳନରେ ବାପଘରେ ବଞ୍ଚୁଛନ୍ତି, ଅନୁରୂପ ଭାବେ ସୁମତି ମଧ ସେହି ଦୁଃଖରେ ଶାଶୁଘରେ ଉତ୍ପୀଡ଼ିତା। ଅଥଚ ସୁନା ଜୀବନରେ ଏ ସବୁ ଦୁର୍ଦ୍ଦିନ ଆସି ନାହିଁ। ପରନ୍ତୁ ସେହି ଦୁର୍ଦ୍ଦିନ କଷ୍ଟ ସେ ପାଇ ସାରିଛି। ପିଲାଦିନେ ନାଚୁଣୀକୁ ଦେଖି ମୁଁ ବି ନାଚୁଣୀ ହେବି କହିବାରୁ ମା ଦିନେ ତାକୁ ରାଗିଯାଇ କହିଲେ– "ଛି ଛି ଛି, କଣ କହିଲୁ। ଲାଜ ସରମ ନାହିଁ ତତେ। ଆଉ ଥରେ ଯଦି ସେମିତି କଥା କହିଥିବୁ ଥାପଡ଼ ମାରି ତୋ ମୁହଁ ଭାଙ୍ଗିଦେବି।" ଏ ସଂଳାପର ବଡ଼ ବିଶେଷତ୍ୱ ରହିଛି। ଯେଉଁ ଅବୋଧ ସୁନା ଏତେ କଥା ନ ଜାଣି ନାଚୁଣୀ ହେବି ବୋଲି କହିଥିଲା, ସେ ତା ଯୌବନାବସ୍ଥାରେ ବି ବିଜୟ ସହ ସଂସାର ଗଢ଼ିବାର ଯୁକ୍ତି ମଧ କରିଥିଲା। ସେ ପାଠ ପଢିନି, ତାକୁ ଭଲ ବର ମିଳିବନି, ପୁଣି ନରେଶର ପାଠପଢ଼ା ଖର୍ଚ୍ଚ ପାଇଁ ସୁନା ଭଳି ଝିଅକୁ ବିବାହ କରାଇ ନରେଶର ଭବିଷ୍ୟତକୁ ଅନ୍ଧକାର କରି ହେବ ନାହିଁ। ଏ ଦୁଇଟି କାରଣ ପାଇଁ ସୁନା କାନ୍ତି ଓ ସୁମତି ଠାରୁ ଅଧିକ ଅବହେଳିତା ଓ ରାତ୍ରିର ଗାଢ଼ ଅନ୍ଧକାର ଭିତରେ ତାର ସ୍ୱପ୍ନ ସବୁ ବଳିତା ପରି ନିର୍ବାପିତ ହୋଇଛି ସୁନାର ଜୀବନ। ବିଜୟ କରଣ ଜାତିର ପିଲା । ପୁଣି ସମ୍ବଲପୁରୀ ବସ୍ତ୍ରାଳୟର ବିକ୍ରେତାଟିଏ ମାତ୍ର। କାହିଁକି ବା ସୁନା ପାଇଁ ସେ ଯୋଗ୍ୟ ହେବ ? ମିଛ ହସର ପ୍ରହେଳିକାଟିଏ ସୃଷ୍ଟି କରି ସୁନା ଏବେ ବି ବେଶ ସୁନ୍ଦର ହସ ହସି ପାରେ। ସେଦିନ କୁଆ ଦ୍ୱାରା କ୍ଷତାକ୍ତ ଶୁଆଟିକୁ ଜୀବନଦାନ ଦେଇ ସୁନା ଘରର ପୂର୍ବ ଶୁଆ ରହୁଥିବା ପଞ୍ଜୁରୀରେ ସ୍ଥାନ ଦେଇଥିଲା। ସେ ଭାବିଥିଲା ତାକୁ ଯଦି ପଞ୍ଜୁରୀ ନ ଦେବି ପୁଣି କାଉ ଖାଇଯିବ। ତାହା ହିଁ ହେଲା ସୁନା ଜୀବନରେ। ସେ ଶାଶୁଘର ଭଳି ଗୋଟିଏ ପଞ୍ଜୁରୀ ପାଇଲା ନାହିଁ ବୋଲି ସମାଜର ଡମଣା କାଉ ତାକୁ ଗେଲ କରୁକରୁ କଥାକଥାରେ ଖାଇ ଚାଲିଛନ୍ତି କିନ୍ତୁ କ୍ଷତ ସିନା ଜଣା ପଡେ ନାହିଁ; କଷ୍ଟ ବହୁତ ହୁଏ। ଯିଏ ପଞ୍ଜୁରୀ ପାଇଲା ତାର ବି କ୍ଷତ ହୋଇଛି ମାତ୍ର ଦାଗ ଏ ଯାଏ ଲିଭି ନାହିଁ। କାନ୍ତି, ସୁମତି ଓ ହିରଣ୍ମୟୀଙ୍କ ଜୀବନରେ ଏହି ଗ୍ଲାନି ଲକ୍ଷଣୀୟ। ଅନ୍ୟ ପକ୍ଷେ ତିନି ଝିଅ ଜନ୍ମ କରି ହିରଣ୍ମୟୀ ଦେବୀ ଶାଶୁଙ୍କ ଠାରୁ ଯେଉଁ ଗଞ୍ଜଣା ସହିଥିଲେ, ସେହି ପକ୍ଷୀର ସନ୍ତାନ ଅବା କିପରି ଶାସ୍ତିରୁ ମୁକ୍ତି ପାଇ ଶାନ୍ତିରେ ଜୀବନ ନିର୍ବାହ କରି ପାରିଥାନ୍ତେ ! ସେଥିପାଇଁ ତ ହିରଣ୍ମୟୀଙ୍କ ପାଇଁ ଦିଦିଙ୍କ ପ୍ରଦତ୍ତ ବଙ୍ଗଳା

ଉପନ୍ୟାସ ଆକାଶ ପରି ସୁଖଦାୟୀ ଥିଲା। ସେଦିନ ଦିଦି ହିରଣ୍ମୟୀଙ୍କୁ କହିଥିଲେ- "ବହିକୁ ପାଠପଢ଼ାକୁ ଜୀବନରେ କେବେ ଭୁଲିଯିବ ନାହିଁ ହିରଣ୍ମୟୀ, ତମକୁ ଜୀବନରେ ବେଶୀ ଆନନ୍ଦ ଦେଇ ପାରିବ ଏହି ବହି।"

ଓଡ଼ିଆ ଘରର ରୀତି-ନୀତି, ପ୍ରଥା-ପରମ୍ପରା ଓ ଆଭିଜାତ୍ୟ ଭିତରେ ନାରୀ ସୁଲକ୍ଷଣୀ ଓ ସୁଗୃହିଣୀ ହୋଇପାରେ, କିନ୍ତୁ ସୁଭାଗିନୀ ହୋଇ ନ ପାରେ। ଯଦି ଜୀବନରେ ବଞ୍ଚିବାର ମାଦକତା ନ ଥାଏ, ଆନନ୍ଦ ନ ଥାଏ, ଆଶା ସ୍ୱପ୍ନ ବୋଲି କିଛି ନ ଥାଏ। ଯେଉଁଠି ସେ ଏତିକି ପାଏ, ପକ୍ଷୀ ଭଳି ସେ ସେହି ଡାଳରେ ବସାବାନ୍ଧି ଜୀବନ ବଞ୍ଚିବାକୁ ଇଚ୍ଛା କରେ। କାନ୍ତି ଭାଇ ବାହାଘରକୁ ଆସି ମଧ୍ୟ ଶାଶୁଘରକୁ ଯିବାକୁ ଆଉ ଇଚ୍ଛା କରି ନ ଥିଲା। ସେ ବୁଝିଥିଲେ ଏଠି ମା'ଙ୍କ ତାଗିଦ ଅଛି, ଆଇ ମାଙ୍କ ଅଟୋପ ଅଛି, ବାପାଙ୍କ ଅନୁଶାସନ ଅଛି, ଭାଇଭାଉଜଙ୍କ ଉଚ୍ଚାଙ୍ଗ ଠାଣି ଆଉ ସୁନାର ଫିଟିକିରି ଚାହାଁଣୀ ଅଛି। ଏ ସବୁ ତା'ର ଜୀବନ। ଏଠୁ ସେ ଗଲେ ଆଉ ଏହା ଠାରୁ କେଉଁ ବୈକୁଣ୍ଠପୁରର ସୁଖ ଅଛି ଯେ ତାଙ୍କ ପାଇଁ ?

ଯଶୋଧାରା ମିଶ୍ରଙ୍କ ଉପନ୍ୟାସଟିରେ ପ୍ରତ୍ୟେକ ନାରୀ ଚରିତ୍ର ଭିତରେ ଅନ୍ତତଃ ମନସ୍ତତ୍ତ୍ୱ ଚିତ୍ରଣ ଅପେକ୍ଷା ସ୍ୱପ୍ନ ଓ ଆକାଂକ୍ଷାର ଧ୍ୱଂସସ୍ତୁପ ପରିଣାମ ଦେଖିବାକୁ ମିଳେ। ଯେଉଁଠି ନାରୀ ମନର ଅଭୀପସା ଓ ଅଧିକାର ରୂପକ ଡେଣା ଛିନ୍ନ ହୋଇଯାଇଛି ପ୍ରଥା ଓ ପରମ୍ପରାର ଭିନ୍ନ ଏକ ଶିକୁଳିରେ। ପୁଣି ଆପଣାର ପରିବାର ରୂପକ ପଞ୍ଜୁରୀଟି ଭାଙ୍ଗିଯିବା ପରେ ସ୍ୱପ୍ନସବୁ ମନ ଆକାଶରେ ବିଶ୍ୱାସ ଭଗ୍ନ ଧୂଳିକଣା ସଦୃଶ ମିଳେଇ ଯାଇଛି ସମାଜର ବାତ୍ୟା ପ୍ରକୋପରେ। ପ୍ରଦୀପ ସହ କାନ୍ତିର ପ୍ରେମ ଓ ଚପଳତାର ଅଦିନ ସ୍ୱପ୍ନଭଙ୍ଗ, କୈଳାଶ ସହ ସୁମତିର ପ୍ରେମ ଓ ବିଚ୍ଛେଦଭରା କାହାଣୀ, ସୁମତିର ପରମ୍ପରା ପ୍ରତି ସଚେତନତା ଅନ୍ତରାଳରେ ଲିଭି ଯାଉଥିବା ଆଶାର ବଳିତା, ଭାଇଭାଉଜଙ୍କ ଆଗମନରେ ସୁନାର ମୁରବୀପଣ ଓ ମିଛିମିଛିକା ଅଧିକାରର ଅନ୍ତରୂପ, ନରେଶ ବାହାଘର ପାଇଁ ସୁନାର ପାଠପଢ଼ାକୁ ବଳି ଦିଆଯିବା, ଜାତିଭେଦ ଓ ଅବୈଧ ସମ୍ପର୍କ ପାଇଁ ସୁନାକୁ ସଂସାରକୁ ଗଢ଼ିବାକୁ ବଞ୍ଚିତ କରିବା- ଏସବୁ ଘଟଣା ଭିତରେ ପକ୍ଷୀର ବସା ବିହୀନ ଆଶା ଯେପରି ଧ୍ୱଂସ ହୋଇ ସ୍ତୁପ ପାଲଟିଯାଏ, ସେପରି ନାରୀଜନ୍ମ ମଧ୍ୟ ପକ୍ଷୀଜନ୍ମ ପରି ଦୁର୍ଦ୍ଦିନଗ୍ରସ୍ତ ହୋଇ ପଡ଼ିଛି। ତଥାପି ତାକୁ ସୁରକ୍ଷା ଦେଇ ପାରୁ ନ ଥିବା କ୍ଷୟଶୀଳ ପଞ୍ଜୁରୀଟି ପକ୍ଷୀ ପାଇଁ ଯେପରି ନିଜର ହୋଇ ରହିଯାଇଥାଏ। ନାରୀ ଜୀବନରେ ପିତାମାତା, ଶାଶୁଶ୍ୱଶୁର ଏପରି ଏକ ସୁନାପଞ୍ଜୁରୀଟିଏ ହୋଇ ଉଭା ହୁଅନ୍ତି ଯେ ତାକୁ ଛାଡ଼ି ଯିବାକୁ ଆଉ ଇଚ୍ଛା ହୁଏ ନାହିଁ। ସେଥିପାଇଁ କାନ୍ତି ସେଦିନ ଶାଶୁଘର ଯିବାକୁ ଅମଙ୍ଗ ହୋଇ କହିଥିଲା- ' ଏବେ ତ ମୋର ଯିବାର ହୋଇ ପାରିବ ନାହିଁ। ପରେ ଯିବି, ଏଠିକା କାମ ସରିଲେ। ବାପାଙ୍କୁ କହିଦେବ ଯାହା କରୁଛି ମୁଁ, ଟୁକୁ ଓ ରିନିଙ୍କ ଭବିଷ୍ୟତ କଥା ଭାବିକି କରୁଚି।"

ସମଗ୍ର ଉପନ୍ୟାସଟିରେ ମୁକ୍ତି ଓ ମୋହ ଦୁଇଟି ବସ୍ତୁ ନାରୀ ଜୀବନ ଓ ସ୍ୱପ୍ନର ସ୍ତୁପରୂପ ପରିଣାମ ପାଇଁ ଇନ୍ଧନ ଯୋଗାଇଛି ଯେପରି। ଏହି ମୁକ୍ତି ଓ ମୋହ ପକ୍ଷୀଟିକୁ ଯେପରି ଥରକୁ ଥର ବିଚଳିତ କରିଥାଏ, କିଛି ନ ପାଇ ବି ଆଶା ବାନ୍ଧି ରହିଥାଏ, ମନରେ ଆକାଶର ତୋଫା ଦୃଶ୍ୟ ଯେପରି ତାକୁ ମୋହାସକ୍ତ କରୁଥାଏ, ସେହିପରି କଷ୍ଟ ଓ ଯନ୍ତ୍ରଣା ଭିତରେ ବି ଅଦୃଶ୍ୟ ମୋହ ନାରୀ ମନ ଓ ଜୀବନକୁ କ୍ଷତାକ୍ତ କରିଛି। ବୋଧହୁଏ ସେଥିପାଇଁ ରୁନୁ ସେଦିନ ମିଟୁକୁ ଶିଖାଉଥାଏ- "ଚୁପ ବେ ! କହ ଚକ୍ରଧର ପକ୍ଷୀଜନ୍ମରୁ ପାରିକର।" ବଡ଼ମା ପୁଣି ଶିଖାଉଥିଲେ- "କହରେ ମିଟୁ । ଶିଖିଯା ଦୁଇପଦ ତରିଯିବୁ ପକ୍ଷୀଜନ୍ମରୁ।" ଏଠି ନା ତ ପକ୍ଷୀଜନ୍ମ ନେଇଥିବା ପକ୍ଷୀଟି ତରିପାରେ ନା ପକ୍ଷୀପରି ନାରୀଜନ୍ମ ପାଇ ଏ ସମାଜର ଅର୍ଗଳିରୁ ସେ ପାରି ହୋଇପାରେ ! କେବଳ ଶୁଆ ପରି ଚେଁ ଚେଁ ଶବ୍ଦ କରି ଅଧାଲେଖା ସ୍ୱପ୍ନର ଇତିହାସ ସବୁକୁ ନୂଆ କରି ଯୋଡୁଯୋଡୁ ଜୀବନ ସରିଯାଏ। ଯଶୋଧାରା ମିଶ୍ର ସେଥିପାଇଁ ବଡ଼ମାଙ୍କ ମୁହଁରେ କାନ୍ତି ଉଦ୍ଦେଶ୍ୟରେ ସବୁ ଦୁଃଖ ଓ ଯାତନାର ନିବାରଣ ପାଇଁ ସଂଳାପ ଭରିଛନ୍ତି- "ସେଇ ଧର୍ମକର୍ମ ଟିକକ ରହିଲା ତୋ ଜୀବନରେ। ସେଇ ଧର୍ମ ଟିକକୁ ଆଶା କରିଥା ମା', ଭରସା କରିଥା ପ୍ରଭୁଙ୍କୁ । ସେହି ଶୁଣିବେ ତୋ ଦୁଃଖ, ତାରିବେ ତୋତେ।"

ବାସ୍ତବରେ ଉପନ୍ୟାସଟି ନାରୀ ଜନ୍ମ ପାଇ ଛିନ୍ନ ଡେଣାର ଭିନ୍ନ ଶିକୁଳିରେ ଛଟପଟ ହେଉଥିବା ତା'ର ସ୍ୱପ୍ନଗୁଡ଼ିକର ଧ୍ୱଂସସ୍ତୁପ ପରିଣାମକୁ ହିଁ ପାଠକ ସାମ୍ନାରେ ଛିଡ଼ା କରାଏ। ପକ୍ଷୀଜନ୍ମ ଓ ଜୀବନ ଯେତିକି ଲୋତକପୂର୍ଣ୍ଣ, ନାରୀ ଜନ୍ମ ଓ ଜୀବନ ସେତିକି ମାର୍ମିକ ଓ ଦୟନୀୟ। ଯଶୋଧାରା ମିଶ୍ର ନାରୀ ଜୀବନ ଓ ସ୍ୱପ୍ନର ବାସ୍ତବ ରୂପକାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

❖❖❖


75 Azadi Ka Amrit Mahotsav
SMILES
TO A MILLION
ENERGY SECURITY
TO A BILLION
कोल इंडिया
Coal India
MCL
MAHANADI COALFIELDS LIMITED
(A Govt. of India Undertaking & Subsidiary of Coal India Limited)
Jagruti Vihar, Burla, Dist: Sambalpur-768020 (Odisha)
Enabling Ease of Living...
www.mahanadicoal.in | @mahanadicoal




Printed, Published, Owned and Edited by Arun Kumar Pradhan
Printed at M/s. Shree Press, Angul Town, Angul
Published at Dera, P.O.- Dera Colliery, Talcher, Angul-759103

₹ 50/-
Editor- Arun Ku. Pradhan
ସଂପାଦକ- ଅରୁଣ କୁମାର ପ୍ରଧାନ